୪୬
# ଧରିତ୍ରୀ
DHARITRI
ବ୍ରହ୍ମପୁର, ସୋମବାର, ଡିସେମ୍ବର ୨/୨୦୧୯ (୨୦ ପୃଷ୍ଠା ) Berhampur, Monday, December 2/2019 ★★★
୧୪ଶ ଭାଗ ୩୦୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-




KP GROUP
Quality Since 1965
KAMLA PASAND
ନିଆରା ସ୍ୱାଦ
NEW PACK
KAMLA PASAND
Anokha Swad
KP GROUP
PAN MASALA
Watch at: f | YouTube
ଅପ୍ରାପ୍ତବୟସ୍କଙ୍କ ପାଇଁ ନୁହେଁ। ୦% ତମାଖୁ ଓ ଅତିରିକ୍ତ ନିକୋଟିନ୍ ନାହିଁ। ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ।

ଧରିତ୍ରୀ
DHARITRI
ବ୍ରହ୍ମପୁର, ସୋମବାର, ଡିସେମ୍ବର ୨/୨୦୧୯ | Berhampur, Monday, December 2/2019 | ପୃଷ୍ଠା-୧



## ସୌରଭ ରନର୍ସଅପ୍

ଭାରତର ସୌରଭ ବର୍ମା ଲକ୍ଷ୍ନୌରେ ଅନୁଷ୍ଠିତ ସୟଦ ମୋଦି ଇଣ୍ଟରନ୍ୟାଶନାଲ ବ୍ୟାଡ଼ମିଣ୍ଟନ ଟୁର୍ଣ୍ଣାମେଣ୍ଟର ପୁରୁଷ ସିଙ୍ଗଲ୍ସ ଫାଇନାଲରେ ହାରି ରନର୍ସଅପ୍ ହୋଇଛନ୍ତି।

୧୭ ୦୯

## ରିଲିଜ୍ ପୂର୍ବରୁ ବିବାଦ ପ୍ରଥା ପାଲଟିଲାଣି

ବଲିଉଡ୍‌ରେ କୌଣସି ବଡ଼ ଫିଲ୍ମ ମୁକ୍ତିଲାଭ କରିବା ପୂର୍ବରୁ ବିବାଦ ଦେଖାଦେବା ଏକ ପ୍ରଥାରେ ପରିଣତ ହେଲାଣି ବୋଲି ସଲମାନ ଖାନ୍ କହିଛନ୍ତି।



# ଲୋକପାଳ ଦେଉଛନ୍ତି ୫୦ ଲକ୍ଷ ହୋଟେଲ ଭଡ଼ା



**ନୂଆଦିଲ୍ଲୀ,୧।୧୨**

ନୂଆଦିଲ୍ଲୀରେ ଲୋକପାଳ ମାସକୁ ୫୦ ଲକ୍ଷ ଟଙ୍କା ହୋଟେଲ ଭଡ଼ା ଦେଉଛନ୍ତି। ଶୁଣିବାକୁ ଅଡୁଆ ଲାଗୁଥିଲେ ବି ଏହା ସତ। ସୂଚନା ଅଧିକାର (ଆର୍‌ଟିଆଇ) ଆଇନ ବଳରେ ମଗାଯାଇଥିବା ତଥ୍ୟରୁ ଏହା ଜଣାପଡ଼ିଛି।

ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ପି.ସି. ଘୋଷଙ୍କୁ ଗତ ମାର୍ଚ୍ଚରେ ଭାରତର ପ୍ରଥମ ଲୋକପାଳ ନିଯୁକ୍ତ କରାଯାଇଥିଲା। ସେହିପରି ୪ ନ୍ୟାୟିକ ଓ ୪ ଅଣନ୍ୟାୟିକ ସଦସ୍ୟଙ୍କୁ ମଧ୍ୟ ଲୋକପାଳ ଅଫିସରେ ନିଯୁକ୍ତି ମିଳିଥିଲା। ସେବେଠୁ ଲୋକପାଳଙ୍କ ଅଫିସ ଦିଲ୍ଲୀର ଅଶୋକା ହୋଟେଲରେ ଭଡ଼ାରେ ଚାଲୁଛି। କାରଣ ଦେଶର ଭ୍ରଷ୍ଟାଚାର ନିରୋଧୀ ସର୍ବୋଚ୍ଚ ସଂସ୍ଥାର କୌଣସି ସ୍ଥାୟୀ ଅଫିସ ନାହିଁ। ଏଥିଯୋଗୁ ସରକାରୀ କର୍ମଚାରୀଙ୍କ ବିରୋଧରେ ଅଭିଯୋଗ ଶୁଣାଣି କରିବା ଲାଗି ସରକାରଙ୍କ ମାଲିକାନାରେ ଥିବା ହୋଟେଲ ଅଶୋକାର ସେକେଣ୍ଡ ଫ୍ଲୋର୍‌ରେ ଲୋକପାଳ ଅଫିସ ଚାଲୁଛି। ଏହି ବିଳାସପୂର୍ଣ୍ଣ ପଞ୍ଚତାରକା ହୋଟେଲର ୧୨ଟି ରୁମ୍ ପାଇଁ ଭଡ଼ା ବାବଦକୁ ମାସକୁ ପ୍ରାୟ ୫୦ ଲକ୍ଷ ଟଙ୍କା ଦିଆଯାଉଛି। ୨୦୧୯ ମାର୍ଚ୍ଚ ୨୨ରୁ ଅକ୍ଟୋବର ୩୧ ସୁଦ୍ଧା ୩ କୋଟି ୮୫ ଲକ୍ଷ ଟଙ୍କା ଭଡ଼ା ଦିଆଯାଇ ସାରିଲାଣି। କାର୍ମିକ ଓ ତାଲିମ ବିଭାଗ (ଡିଓପିଟି) ପକ୍ଷରୁ ଏହି ଅର୍ଥ ପଇଠ କରାଯାଇଛି। ଆର୍‌ଟିଆଇ କର୍ମୀ ଶୁଭମ୍ ଖତ୍ରି ଲୋକପାଳ ସେକ୍ରେଟାରିଏଟ୍‌କୁ ଏ ସମ୍ପର୍କିତ ତଥ୍ୟ ମାଗିଥିଲେ। ତାଙ୍କ ଆବେଦନର ଉପରୋକ୍ତ ଉତ୍ତର ମିଳିଛି।

ଅପରପକ୍ଷେ ଆର୍‌ଟିଆଇରେ ମିଳିଥିବା ସୂଚନାନୁସାରେ ୨୦୧୯ ଅକ୍ଟୋବର ୩୧ ସୁଦ୍ଧା ସରକାରୀ କର୍ମଚାରୀମାନଙ୍କ ବିରୋଧରେ ୧,୧୬୦ଟି ଦୁର୍ନୀତି ଅଭିଯୋଗ ଗ୍ରହଣ କରିଛନ୍ତି। ସେଗୁଡ଼ିକ ମଧ୍ୟରୁ ୧୦୦୦ ଅଭିଯୋଗର ଶୁଣାଣି ଲୋକପାଳଙ୍କ ଖଣ୍ଡପୀଠରେ ହୋଇଛି। କୌଣସି ମାମଲାରେ ପ୍ରାଥମିକ ତଦନ୍ତ ଆରମ୍ଭ ହୋଇନାହିଁ କି ତଦନ୍ତ ସମ୍ପୂର୍ଣ୍ଣ ହୋଇନାହିଁ ବୋଲି ଆର୍‌ଟିଆଇରେ ସୂଚନା ମିଳିଛି।

## ଶିଳ୍ପ ସଂସ୍ଥା ଉପରେ ୩୨୨୫ କୋଟି ଜଳକର ବାକି

........ ୩ ........

**ଆଜିର ସମ୍ପାଦକୀୟ**

ବଜାଜଙ୍କ ବାଜିମାତ୍

**ଆଜିର ମନ୍ତବ୍ୟ**

"ଏବେ ବି ହିନ୍ଦୁତ୍ୱ ବିଚାରଧାରା ସହ ରହିଛି ଏବଂ ଏହାକୁ କେବେ ତ୍ୟାଗ କରିବି ନାହିଁ।

–ଉଦ୍ଧବ ଠାକ୍‌ରେ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ

**କିଛି ତଥ୍ୟ**

ଚଳିତ ବର୍ଷ ଅକ୍ଟୋବର ସୁଦ୍ଧା ୩.୧୩ ଲକ୍ଷ ସାଇବର ନିରାପତ୍ତା ମାମଲାର ରିପୋର୍ଟ କରାଯାଇଛି।

– ଆଇଟି ମନ୍ତ୍ରଣାଳୟ


Taste the difference! Vencobb FRESH CHICKEN

01.12.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 77 | 128 | 138 |
| CTC | 75 | 126 | 136 |
| DKL | 77 | 128 | 138 |
| BDK | 76 | 127 | 137 |
| BLS | 76 | 127 | 137 |
| ANG | 77 | 128 | 138 |
| BHM | 74 | 124 | 134 |

*Conditions Apply

Issued in the Interest of Consumers


**ମହାରାଷ୍ଟ୍ର ବିଧାନସଭା**

## ପାଟୋଲ ବାଚସ୍ପତି

ଫଡ଼ନବିସ ବିରୋଧୀ ଦଳ ନେତା



**ମୁମ୍ବାଇ,୧।୧୨(ପି.ଟି.)**

ମହାରାଷ୍ଟ୍ର ବିଧାନସଭାର ବାଚସ୍ପତି ଭାବେ କଂଗ୍ରେସ ବିଧାୟକ ନାନା ପାଟୋଲ ନିର୍ବାଚିତ ହୋଇଛନ୍ତି। ରବିବାର ନିର୍ବାଚନ ପୂର୍ବରୁ ଭାଜପା ପ୍ରାର୍ଥୀ କିଷନ କାଠୋର ପ୍ରତିଦ୍ୱନ୍ଦ୍ୱିତାରୁ ଓହରିଯାଇଥିଲେ। ଫଳରେ ପାଟୋଲ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ପରେ ବାଚସ୍ପତି ପୂର୍ବତନ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସଙ୍କୁ ବିରୋଧୀ ଦଳ ନେତା ଘୋଷଣା କରିଥିଲେ।ଶନିବାର ଶିବସେନା ନେତା ଉଦ୍ଧବ ଠାକ୍‌ରେଙ୍କ ନେତୃତ୍ୱାଧୀନ ମହାବିକାଶ ଅଘାଡି ସରକାର ଆସ୍ଥାଭୋଟରେ ବିଜୟୀ ହୋଇଥିଲା। ଆସ୍ଥା ପ୍ରସ୍ତାବ ସପକ୍ଷରେ ୧୬୯ ବିଧାୟକ ଭୋଟ ଦେଇଥିଲେ। ଗୃହର ପରମ୍ପରା ରକ୍ଷା କରି ପାଟୋଲଙ୍କୁ ନିର୍ଦ୍ୱନ୍ଦ୍ୱରେ ବାଚସ୍ପତି ନିର୍ବାଚିତ କରାଇବା ଲାଗି ଭାଜପା ଏହାର ପ୍ରାର୍ଥୀଙ୍କୁ ପ୍ରତ୍ୟାହାର କରିନେଇଥିଲା। ଭାଜପାର ଏହି କାର୍ଯ୍ୟକୁ ଏନ୍‌ସିପି ମନ୍ତ୍ରୀ ଜୟନ୍ତ ପାଟିଲ ପ୍ରଶଂସା କରିଥିଲେ। ତେବେ ଫଡ଼ନବିସ ପୁଣି ଫେରିବେ ବୋଲି ନିର୍ବାଚନ ପୂର୍ବରୁ ଯେଉଁ ଦୃଢ଼ୋକ୍ତି କରିଥିଲେ, ତାହାକୁ ବିଧାନସଭାରେ ମୁଖ୍ୟମନ୍ତ୍ରୀ ଠାକ୍‌ରେ ବ୍ୟଙ୍ଗ କରିଥିଲେ। ଉଦ୍ଧବ କହିଥିଲେ, ସେ ଫେରିବି ବୋଲି କେବେ କହି ନ ଥିଲେ, କିନ୍ତୁ ବିଧାନସଭାକୁ ଆସିଲେ । ପାଟିଲ ମଧ୍ୟ ପରିହାସ କରି କହିଥିଲେ, ଫଡ଼ନବିସ ଫେରିବେ ବୋଲି କହିଥିଲେ, କିନ୍ତୁ ସେ ବିଧାନସଭାରେ କେଉଁଠି ବସିବେ କହି ନ ଥିଲେ। ଏବେ ସେ ଫେରି ମୁଖ୍ୟମନ୍ତ୍ରୀଙ୍କ ସହ ସମାନ ପାହ୍ୟା ବିରୋଧୀ ଦଳ ନେତା ପଦ ପାଇଲେ ବୋଲି ବ୍ୟଙ୍ଗ କରିଥିଲେ।

# ପୋଲିସ ଅବହେଳା ନେଲା ଜୀବନ

## ବଳାତ୍କାର ପୀଡ଼ିତା ଅଧ୍ୟାପିକାଙ୍କ ମୃତଦେହ ଉଦ୍ଧାର

**ମୟୂରଭଞ୍ଜରେ ଚାଞ୍ଚଲ୍ୟ**

- ବଳାତ୍କାରୀ ସମେତ ୩ ଅଭିଯୁକ୍ତ ଗିରଫ
- ତଦନ୍ତକାରୀ ଅଧିକାରୀ ନିଲମ୍ବିତ, ବଦଳିଲେ ଥାନା ଅଧିକାରୀ
- ହତ୍ୟା ଅଭିଯୋଗ ଆଣିଲେ ପରିବାରବର୍ଗ

**ବାରିପଦା ଅଫିସ/ ରାଇରଙ୍ଗପୁର, ୧।୧୨(ଡି.ଏନ୍.ଏ.)**

ବଳାତ୍କାରର ଶିକାର ହୋଇ ଜଣେ ଅଧ୍ୟାପିକା ପୋଲିସ ଠାରୁ ନ୍ୟାୟ ନ ପାଇ ଆତ୍ମହତ୍ୟା କରିବା ଭଳି ଘଟଣା ମୟୂରଭଞ୍ଜ ଜିଲାରେ ଆଲୋଡ଼ନ ସୃଷ୍ଟି କରିଛି। ରାଇରଙ୍ଗପୁରସ୍ଥିତ ଏକ କଲେଜ ହଷ୍ଟେଲର ଏକ କୋଠରିରୁ ତାଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଶନିବାର ରାତିରେ ଉଦ୍ଧାର କରି ସେଠାରୁ କେତେକ କାଗଜପତ୍ର ଜବତ କରିଛି। ଏଥିରେ ସୁଇସାଇଡ୍ ନୋଟ ଥିବା କୁହାଯାଉଥିଲେ ମଧ୍ୟ ପୋଲିସ କିଛି ସ୍ପଷ୍ଟ କରିନାହିଁ। ଗତ ଅକ୍ଟୋବର ୨୬ ତାରିଖରେ ବଳାତ୍କାରର ଶିକାର ହୋଇଥିବା ଏହି ଅଧ୍ୟାପିକା ଖାରପୋଖରିଆ ଥାନାରେ ସେହିମାସ ୩୦ ତାରିଖରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ହାତବାନ୍ଧି ବସି ରହିଥିଲା। ଅଭିଯୋଗ ପରଠାରୁ ମାନସିକ ଚାପ ସାଙ୍ଗକୁ ଧମକ ଓ ବ୍ଲାକମେଲିଂର ଶିକାର ହୋଇଥିଲେ ଏହି ଅଧ୍ୟାପିକା। ଶନିବାର ରାତିରେ ସେ ରହୁଥିବା ହଷ୍ଟେଲ କୋଠରିରୁ ତାଙ୍କ ମୃତଦେହ ଉଦ୍ଧାର ପରେ ପୋଲିସ ଅଡୁଆରେ ପଡ଼ି ଦୋଷ ଦୁର୍ବଳତା ଲୁଚାଇବାକୁ ତତ୍ପର ହୋଇ ଉଠିଛି। ଏହା ମଧ୍ୟରେ ତରବରିଆ ଭାବେ ରାତି ଅଧିଆ ଚଢାଉ କରି ଅଧ୍ୟାପିକାଙ୍କୁ ବଳାତ୍କାର କରିଥିବା ଅଭିଯୁକ୍ତଙ୍କୁ ଯାଜପୁର ଜିଲା ଚଣ୍ଡିଖୋଲ ନିକଟବର୍ତ୍ତୀ ଧାନମଣ୍ଡଳ ରେଳ ଷ୍ଟେଶନରୁ ଗିରଫ କରିଛି। ତଦନ୍ତ କାର୍ଯ୍ୟରେ ଅବହେଳା କରିଥିବା ଅଭିଯୋଗରେ ଖାରପୋଖରିଆ ଥାନା ଆଇଆଇସିଙ୍କୁ ଅନ୍ୟତ୍ର ବଦଳି କରାଯିବା ସହ ତଦନ୍ତକାରୀ ଅଧିକାରୀଙ୍କୁ ନିଲମ୍ବିତ କରାଯାଇଛି। ଅନ୍ୟପକ୍ଷେ ଅଧ୍ୟାପିକାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ନେଇ ପରିବାରବର୍ଗ ରାଇରଙ୍ଗପୁର ଥାନାରେ ଅଭିଯୋଗ ଆଣିବା ପରେ ପୋଲିସ ଏକ ହତ୍ୟା ମାମଲା(ନ.୧୫୪/୧୯) ରୁଜୁ କରି ତଦନ୍ତ ଚଳାଇଛି। ଏହି ଘଟଣା ସହ ସମ୍ପୃକ୍ତ ଅନ୍ୟ ଦୁଇ ଜଣଙ୍କୁ ମଧ୍ୟ ଗିରଫ କରାଯାଇଥିବା ନେଇ ମୟୂରଭଞ୍ଜ ଏସପି ପରମାର ସ୍ମିଥ ପୁରୁଷୋତ୍ତମଦାସ ସୂଚନା ଦେଇଛନ୍ତି।

ବଳାତ୍କାରର ଶିକାର ହୋଇ ଜୀବନ ହାରିଥିବା ଅଧ୍ୟାପିକାଙ୍କ ଘର ମୟୂରଭଞ୍ଜ ଜିଲା ଖାରପୋଖରିଆ ଥାନା ଅଞ୍ଚଳରେ। ସେ ରାଇରଙ୍ଗପୁରର ଏକ କଲେଜରେ ଅଧ୍ୟାପନା କରୁଥିଲେ। ଗତ ଅକ୍ଟୋବର ୨୬ ତାରିଖରେ ସେ କେନ୍ଦୁଝରସ୍ଥିତ ତାଙ୍କର ଜଣେ ସମ୍ପର୍କୀୟା ଭାଉଜଙ୍କ ଘରକୁ ଯାଇଥିଲେ। ସେହି ରାତିରେ ତାଙ୍କ ସମ୍ପର୍କୀୟା ଭାଉଜଙ୍କ ଭାଇ ତାଙ୍କୁ ବଳାତ୍କାର କରିଥିଲେ। ଅଧ୍ୟାପିକା ଜଣକ ଘରକୁ ଫେରି ସବୁ କଥା ଜଣାଇବା ସହିତ ଏନେଇ ଖାରପୋଖରିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ସେତେବେଳେ ଏକ ମାମଲା ☞ପୃଷ୍ଠା–୨

■ ହାଇଦ୍ରାବାଦ ମହିଳା ଡାକ୍ତରଙ୍କୁ ଗଣବଳାତ୍କାର, ହତ୍ୟା ଘଟଣା

**ଅଭିଯୁକ୍ତଙ୍କ ମା' କହିଲେ**

## ବଳାତ୍କାରୀ ପୁଅକୁ ଜାଳିଦିଅ

**ହାଇଦ୍ରାବାଦ,୧।୧୨**

ମୋ ପୁଅ ଯଦି ଅପରାଧ ଘଟାଇଛି, ସେ ମୋ ପାଇଁ କେହି ନୁହେଁ। ସେ ଯଦି ବଳାତ୍କାର ଓ ହତ୍ୟା କରିଛି ତାକୁ ବି ଜାଳିଦିଅ। କାରଣ ଭୁଲକୁ କେବେ ଠିକ୍ ବୋଲି କୁହାଯାଇ ପାରିବ ନାହିଁ। ଦୋଷୀକୁ ଦଣ୍ଡ ମିଳୁ। ହାଇଦ୍ରାବାଦର ମହିଳା ପ୍ରାଣୀ ଚିକିତ୍ସକଙ୍କୁ ବଳାତ୍କାର ପରେ ହତ୍ୟା ଓ ତାଙ୍କ ମୃତଦେହକୁ ପୋଡ଼ିଦେବା ଘଟଣାକୁ ନେଇ ଦେଶବ୍ୟାପୀ ବିକ୍ଷୋଭ ଜାରି ରହିଥିବାବେଳେ ଆନ୍ଦୋଳନକାରୀଙ୍କ ସହ ସ୍ୱର ମିଳାଇ ରବିବାର ଏପରି କହିଛନ୍ତି ଜଣେ ଗିରଫ ଅଭିଯୁକ୍ତଙ୍କ ମା'।

ହାଇଦ୍ରାବାଦରେ ବୁଧବାର ରାତିରେ ଜଣେ ୨୬ ବର୍ଷୀୟା ମହିଳା ପ୍ରାଣୀ ଚିକିତ୍ସକଙ୍କୁ କେତେଜଣ ଯୁବକ ବଳାତ୍କାର ପରେ ହତ୍ୟା କରିଥିଲେ। ସେମାନେ ପୀଡ଼ିତାଙ୍କୁ ଜୋରଜବରଦସ୍ତ ମଦ ପିଆଇ ଶେଷରେ ଏକ କଲ୍‌ଭର୍ଟ ତଳେ ଜାଳି ଦେଇଥିଲେ। ଏହି ଘଟଣା ତେଲଙ୍ଗାନା ସମେତ ସାରା ଦେଶରେ ଚାଞ୍ଚଲ୍ୟ ଖେଳାଇଦେଇଛି। ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ ଦାବିରେ ପଲ୍ଲୀରୁ ଦିଲ୍ଲୀ ଯାଏ ବିକ୍ଷୋଭ ଜାରି ରହିଥିବାବେଳେ ରବିବାର ଦୁଇଜଣ ଅଭିଯୁକ୍ତଙ୍କ ମା'ବାପା ମଧ୍ୟ ନିଜ ନିଜ ପୁଅମାନଙ୍କ ଘୃଣ୍ୟ କାର୍ଯ୍ୟକୁ ବିରୋଧ କରିଛନ୍ତି। ଅଭିଯୁକ୍ତ ଚେନ୍ନାକେଶବୁଲୁଙ୍କ ମା' ଜୟାମ୍ମା କହିଛନ୍ତି, ମା' ୯ ମାସ ଗର୍ଭଧାରଣ ପରେ ଝିଅକୁ ଜନ୍ମ ଦେଇଥାଏ। ମୋର ବି ଜଣେ ଝିଅ ଅଛି। ତେଣୁ ପୀଡ଼ିତାଙ୍କ ମା' କେଉଁ ପରିସ୍ଥିତି ଦେଇ ଗତି କରୁଥିବେ ସେହି କଷ୍ଟ ମୁଁ ବୁଝିପାରୁଛି। ମୋ ପୁଅ ଯଦି ଅପରାଧ ଘଟାଇଛି ତାକୁ ବି ପୀଡ଼ିତାଙ୍କ ଭଳି ନିଆଁରେ ଜାଳି ମାରିଦିଅ। ସେହିପରି ମୁଖ୍ୟ ଅଭିଯୁକ୍ତ ଆରିଫ୍‌ଙ୍କ ବାପା ହୁସେନ କହିଛନ୍ତି, ପୁଅ ଯାହା କରିଛି ସେଥିପାଇଁ ତାକୁ ଦଣ୍ଡ ମିଳିବା ଉଚିତ। ପ୍ରକାଶ ଯେ, ଏହି ଲୋମଟାଙ୍କୁରା ବର୍ବରକାଣ୍ଡ ଭିଆଇବା ଅଭିଯୋଗରେ ସାଇବରାବାଦ ପୋଲିସ ଶୁକ୍ରବାର ଜଣେ ଟ୍ରକ୍ ଡ୍ରାଇଭର ଓ କ୍ଲିନରଙ୍କ ସମେତ ୪ ଜଣଙ୍କୁ ଗିରଫ କରିଥିଲା। ସେମାନେ ସମସ୍ତେ ନାରାୟଣପେଟ୍ ଜିଲା ବାସିନ୍ଦା। ଆରିଫ୍ ଜକ୍କୁଲାରେ ଗ୍ରାମର ହୋଇଥିବାବେଳେ ଅନ୍ୟ ୩ ଅଭିଯୁକ୍ତ ଗୁଡ଼ିଗଣ୍ଡଲା ନିବାସୀ। ଅଭିଯୁକ୍ତମାନଙ୍କ ଜାମିନ ନାମଞ୍ଜୁର ହେବା ପରେ ସେମାନଙ୍କୁ ଶନିବାର ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅପରପକ୍ଷରେ ଏହି ଘଟଣାରେ କର୍ତ୍ତବ୍ୟରେ ଅବହେଳା ପାଇଁ ୩ ପୋଲିସ ଅଧିକାରୀଙ୍କୁ ନିଲମ୍ବନ କରାଯାଇଛି।

ଟ୍ରାଫିକ ନିୟମ ଭାଙ୍ଗିଲେ ନାବାଳକ

## ୬ହଜାର ଜରିମାନା ଦେଲେ ବାପା

**କଟକ ଅଫିସ, ୧।୧୨**

ରବିବାରଠାରୁ ପୁଣି ଥରେ ଆରମ୍ଭ ହୋଇଛି ସଂଶୋଧିତ ମୋଟର ଯାନ ଆଇନର ୧୦ଟି ନିୟମ। ଏ ନେଇ କଟକରେ ଜୋରଦାର ଧରପଗଡ ଆରମ୍ଭ ହୋଇଛି। ତେବେ ମଧୁପାଟଣା ନିକଟରେ ରବିବାର ଗାଡିମୋଟର ଯାଞ୍ଚବେଳେ ଜଣେ ନାବାଳକ ବାଇକ ଚଳାଇ ଧରାପଡିଥିବା ଜଣାପଡିଛି। ନାବାଳକ ଜଣଙ୍କ ବିନା ହେଲ୍‌ମେଟ୍‌ରେ ଏବଂ ମୋବାଇଲରେ କଥା ହୋଇ ବାଇକ ଚଳାଉଥିଲେ। ଟ୍ରାଫିକ ପୋଲିସ ତାଙ୍କୁ କାବୁକରି ତାଙ୍କ ବାପାଙ୍କୁ ଖବର ଦେଇଥିଲା। ନାବାଳକଙ୍କ ବାପା ଟ୍ରାଫିକ ଥାନାକୁ ଆସିଥିଲେ। ତାଙ୍କ ପୁଅ ୧୮ ବର୍ଷରୁ କମ୍ ବୟସରେ ବାଇକ ଚଳାଇବା, ବିନା ହେଲମେଟ୍ ଓ ବାଇକ ଚଳାଇବା ସମୟରେ ମୋବାଇଲରେ କଥା ହେବା ଭଳି ଟ୍ରାଫିକ ନିୟମ ଉଲ୍ଲଂଘନ କରିଥିବାରୁ ୬ ହଜାର ଟଙ୍କାର ଜରିମାନା ☞ପୃଷ୍ଠା–୨


No.-K-17

## ନୋଟିସ୍

ଏତଦ୍ୱାରା ସମସ୍ତ ପ୍ରମୁଖ ଦୁର୍ଘଟଣା ପ୍ରବଣ (MAH) କାରଖାନା ଏବଂ ଭାରତ ସରକାରଙ୍କ ସ୍ୱୀକୃତିପ୍ରାପ୍ତ କାରଖାନା ମାଲିକମାନଙ୍କୁ ଅନୁରୋଧ କରାଯାଉଅଛି କି, ସେମାନେ ଭାରତ ସରକାରଙ୍କ ଦ୍ୱାରା ଆୟୋଜିତ ବିଶ୍ୱକର୍ମା ରାଷ୍ଟ୍ରୀୟ ପୁରସ୍କାର ଓ ଜାତୀୟ ସୁରକ୍ଷା ପୁରସ୍କାର ୨୦୧୮ ବର୍ଷପାଇଁ http://dgfasli.nic. in ୱେବ୍‌ସାଇଟ୍‌ରେ ଉପଲବ୍ଧ ଫର୍ମରେ ତା୩୧।୧୨।୨୦୧୯ରିଖ ସୁଦ୍ଧା ଆବେଦନ କରିପାରିବେ ।

ସ୍ୱା./-

କାରଖାନା ଓ ବାଷ୍ପିତ୍ର ନିର୍ଦ୍ଦେଶକ, ଓଡ଼ିଶା

## NOTICE

It is to inform all the Stake Holders of Major Accident Hazard Units and Public Sector Undertaking Factories to apply for participation in "Vishwakarma Rashtriya Puraskar" and "National Safety Award" for the year 2018 in the website **http://dgfasli.nic.in/** latest by 31.12.2019.

**Sd./-**

**Director of Factories and Boilers, Odisha**

**17006/11/0001/1920**


## ଆରମ୍ଭ ହେଲା ଧରପଗଡ଼

# ଯାଞ୍ଚବେଳେ ପୋଲିସ-ଜନତା ମୁହାଁମୁହିଁ

**ରାସ୍ତାରେ ପଡ଼ିଲେ ବାଇକ୍‌ଚାଳକ, ଟ୍ରାଫିକ ପୋଲିସ**

**କଟକ ଅଫିସ,୧।୧୨**





ଡିସେମ୍ବର ପହିଲାରୁ ଟ୍ରାଫିକ ଚେକିଂ ଜୋର୍‌ଦାର ହେବ ବୋଲି ପୂର୍ବରୁ ଘୋଷଣା ହୋଇଥିଲା। ସରକାର ଗାଡ଼ି କାଗଜପତ୍ର ଯାଞ୍ଚ ଉପରେ ୩ମାସ କୋହଳ ଘୋଷଣା କରିଥିଲେ ସୁଦ୍ଧା ୧୦ଟି ନିର୍ଦ୍ଦିଷ୍ଟ ନିୟମ ଉପରେ କଟକଣା ବଳବତ୍ତର ରଖିଛନ୍ତି। ଏହି ପରିପ୍ରେକ୍ଷୀରେ ରାଜଧାନୀ ସମେତ ରାଜ୍ୟର ବିଭିନ୍ନ ସହରରେ ରବିବାର ଟ୍ରାଫିକ ଚେକିଂ ଜୋରଦାର କରାଯାଇଥିବା ଦେଖିବାକୁ ମିଳିଥିଲା। ଏହି କ୍ରମରେ କଟକ ସହର ପ୍ରବେଶର ମୁଖ୍ୟ ଛକ ଲିଙ୍କ୍‌ରୋଡ ତଥା ଟ୍ରାଫିକ ଥାନା ସମ୍ମୁଖରେ ରବିବାର ମଧ୍ୟାହ୍ନରେ ଶତାଧିକ ବାଇକ ଚାଳକଙ୍କୁ ପୋଲିସ ଯାଞ୍ଚ କରିଥିଲା। ଯାହାକୁ ନେଇ ପୋଲିସ–ଜନତା ଭିତରେ ଅପ୍ରୀତିକର ପରିସ୍ଥିତି ମଧ୍ୟ ଉପୁଜିଥିଲା। ଯାଞ୍ଚ ଦାୟିତ୍ୱରେ ଥିବା ଟ୍ରାଫିକ କର୍ମଚାରୀଙ୍କୁ ଭୁଆଁ ବୁଲାଇ ଖସିଯିବାକୁ ଉଦ୍ୟମ କରୁଥିବାବେଳେ ଜଣେ ଯୁବକ ବାଇକରୁ ଖସି ପଡ଼ିଥିଲେ। ଏଥିସହିତ ତାଙ୍କୁ ଅଟକାଇବାକୁ ଉଦ୍ୟମ କରୁଥିବା ଟ୍ରାଫିକ କର୍ମଚାରୀ ମଧ୍ୟ ପଡ଼ି ଯାଇଥିଲେ। ଯୁବକଙ୍କ ଘର ନୟାଗଡ଼ ଅଞ୍ଚଳରେ ହୋଇଥିବାବେଳେ ସେ ଦରଘାବଜାରସ୍ଥିତ ତାଙ୍କ ମାମୁଘରେ ରୁହନ୍ତି। ପୋଲିସ ତାଙ୍କୁ କାବୁ କରିବା ପରେ ଟ୍ରାଫିକ ଥାନାରେ ତାଙ୍କ ନାମରେ ଏକ ମାମଲା ରୁଜୁ କରାଯାଇଥିବା ଜଣାପଡ଼ିଛି। ଏହାଛଡ଼ା ଜଣେ ଯୁବତୀ ଓ ଟ୍ରାଫିକ କର୍ମଚାରୀଙ୍କ ମଧ୍ୟରେ ଦୀର୍ଘ ସମୟର ଯୁକ୍ତିତର୍କ ହୋଇଥିବା ଦେଖିବାକୁ ମିଳିଥିଲା।

**ଆଇଏସ୍ଆଇ ମାର୍କ ହେଲ୍‌ମେଟ୍ ନ ପିନ୍ଧିଲେ ଜରିମାନା**

କେବଳ ହେଲମେଟ୍ ପିନ୍ଧିଲେ ଟ୍ରାଫିକ ଯାଞ୍ଚରୁ ମୁକୁଳି ଯାଉଛନ୍ତି ଗାଡ଼ି ଚାଳକ। ହେଲେ ବିନା ଆଇଏସ୍ଆଇ ମାର୍କର ହେଲ୍‌ମେଟ ପିନ୍ଧିଥିବା ଗାଡ଼ି ଚାଳକଙ୍କୁ ଜରିମାନା ଦେବାକୁ ପଡୁଛି। ଟ୍ରାଫିକ ଯାଞ୍ଚରୁ ଖସି ଯିବା ଆଳରେ ଶସ୍ତା ଦରର ହେଲମେଟ୍ ବ୍ୟବହାରକାରୀ ଏଭଳି ଫସିଥିବା ରବିବାର ଦେଖିବାକୁ ମିଳିଛି। ଏ ନେଇ ଟ୍ରାଫିକ ଏସିପି ଜତୀନ କୁମାର ପଣ୍ଡା କହିଛନ୍ତି, ଲୋକଙ୍କ ସୁରକ୍ଷା ପାଇଁ ସମସ୍ତ ନିୟମ ହୋଇଛି। ହେଲେ ଜନସାଧାରଣ ଏହାକୁ ବୋଝ ଭାବୁଛନ୍ତି। ଆଗାମୀ ଦିନରେ ଟ୍ରାଫିକ ଯାଞ୍ଚ ଜୋରଦାର ହେବ ବୋଲି ଏସିପି ପଣ୍ଡା କହିଥିଲେ।

## ତୃତୀୟ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



ସ୍ମୃତିରେ
ଇଚ୍ଛାବତୀ ରଥ

ଆବିର୍ଭାବ : ତା ୧୫.୪.୧୯୨୯ ତିରୋଧାନ : ତା ୫.୧୨.୨୦୧୬
ତା. ୦୨.୧୨.୨୦୧୯, ସୋମବାର : ସ୍ମୃତିଚାରଣ କାର୍ଯ୍ୟକ୍ରମ
ସ୍ଥାନ : ଜୟଶ୍ରୀ ଅଡ଼ିଟୋରିୟମ୍, ଡ୍ରିମ୍ସ ପରିସର, ଟାଙ୍ଗୀ, କଟକ
ସମୟ : ପୂର୍ବାହ୍ନ ଘ ୧୦.୩୦
ଡ୍ରିମ୍ସ ଓ ରଥ ପରିବାର


## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ



ଅନୁଶା ଦାସ



ଆୟୁଷ ମହାପାତ୍ର

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

### କହି ଜାଣିଲେ କଥା ସୁନ୍ଦର
### ଚାଲି ଜାଣିଲେ ବାଟ ସୁନ୍ଦର ।

କଥାକୁ ବନେଇ ଚୁନେଇ, ରସେଇ ମଜେଇ କହି ଜାଣିଲେ ଅକ୍ଳେଶରେ ଅନ୍ୟର ଦୃଷ୍ଟି ଆକର୍ଷଣ କରି କାର୍ଯ୍ୟ ହାସଲ କରିବା ସହଜ ହୋଇଯାଏ । ଯଦି କଅଁଳେଇ ଦୁଇପଦ କଥା କୁହାଯାଏ ତା'ହେଲେ ଯେତେବଡ଼ ପ୍ରତାପୀ ହେଲେ ମଧ ସେ ନତମସ୍ତକ ହେବାକୁ ବାଧ ହୁଏ । ବାଣୀ ଯଦି ଅମୃତ ହେବ ତା'ହେଲେ ସେ ମଣିଷର ମନକୁ କିଣିବାରେ ସଫଳ ହେବ । କହିବାରେ ଯେମିତି ଠାଣି ଅଛି, ଚାଲିବାରେ ସେମିତି ଦୃଷ୍ଟିଭଙ୍ଗୀ ନିହିତ ରହିଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

### କଂସାରୀ ଘରର ପାରା
### ତାକୁ କୁଲା ଢାଉଁ ଢାଉଁ ଡରା ?

ଯିଏ ବହୁ ଘାତ ପ୍ରତିଘାତ ଅତିକ୍ରମ କରି ଆସିଛି ସେ ସାମାନ୍ୟ ଡରାଣରେ ଭୟଭୀତ ବା ବିଚଳିତ ହୋଇ ନ ଥାଏ । ବଡ଼ ବିପଦ ସହିଥିବା ଲୋକ ପାଖରେ ସାମାନ୍ୟ ବିପଦର ମୂଲ୍ୟ ନ ଥାଏ । ଯିଏ ଜଟିଳ ପରିସ୍ଥିତି ଦେଇ ଗତି କରି ଜାଣେ ସିଏ ସାମାନ୍ୟ ଅସୁବିଧାକୁ ଭ୍ରୂକ୍ଷେପ କରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

## ୪ରୁ ପୁରୀ-ସାଇନଗର ଶିରିଡ଼ି ସ୍ପେଶାଲ ଏକ୍ସପ୍ରେସ

ଭୁବନେଶ୍ୱର, ୧।୧୨(ବ୍ୟୁରୋ): ପୁରୀ-ସାଇନଗର ଶିରିଡ଼ି ମଧ୍ୟରେ ୪ ଡିସେମ୍ବରରୁ ୨୭ ଡିସେମ୍ବର ମଧ୍ୟରେ ସ୍ପେଶାଲ ଏକ୍ସପ୍ରେସ ଚଳାଚଳ କରିବ । ଏନେଇ ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି ।

## ସାଢ଼େ ୫ବର୍ଷରେ ସରକାର ଋଣ ନେଇଛନ୍ତି ୬୧୨୨୯.୫୮ କୋଟି ଟଙ୍କା

ଭୁବନେଶ୍ୱର,୧।୧୨(ବ୍ୟୁରୋ): ୨୦୧୯ ସେପ୍ଟେମ୍ବର ସୁଦ୍ଧା ରାଜ୍ୟ ସରକାର ମୋଟ ୮୩,୩୦୭.୧୯କୋଟି ଟଙ୍କା ଋଣ ନେଇଛନ୍ତି। ୨୦୧୪-୧୫ ଆର୍ଥିକ ବର୍ଷରୁ ୨୦୧୯-୨୦ ସେପ୍ଟେମ୍ବର ଶେଷସୁଦ୍ଧା ନେଇଥିବା ଋଣ ପରିଶୋଧ ପାଇଁ ବିଭିନ୍ନ ପଦକ୍ଷେପ ନେଉଥିବା ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଛନ୍ତି। ବିଜେଡି ସଦସ୍ୟ ଦେବୀ ରଞ୍ଜନ ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ପୂଜାରୀ କହିଛନ୍ତି, ୨୦୧୪-୧୫ ଆର୍ଥିକ ବର୍ଷରେ ସରକାର ୭୬୩୬.୫୪କୋଟି ଟଙ୍କା ଋଣ ନେଇଥିବା ବେଳେ ୩୦୨୯.୪୦କୋଟି ଟଙ୍କା ପରିଶୋଧ କରିଛନ୍ତି। ଏହିବର୍ଷ ୨୮୧୦.୨୭କୋଟି ଟଙ୍କା ସୁଧ ବାବଦରେ ପ୍ରଦାନ କରିଛନ୍ତି। ସେହିପରି ୨୦୧୫-୧୬ ଆର୍ଥିକ ବର୍ଷରେ ସରକାର ୧୧,୬୨୫.୩୨କୋଟି ଟଙ୍କା ଋଣ ଆଣିଥିବା ବେଳେ ସେଥିରୁ ୨୮୮୧.୩୭କୋଟି ଟଙ୍କା ଋଣ ପରିଶୋଧ କରିଛନ୍ତି। ଏହି ବର୍ଷ ସରକାର ୩୩୪୩.୩୦ କୋଟି ଟଙ୍କା ସୁଧ ଦେଇଛନ୍ତି। ୨୦୧୬-୧୭ ବର୍ଷରେ ୧୩,୦୮୦.୧୭କୋଟି ଟଙ୍କାର ଋଣ ନେଇଥିବାବେଳେ ୨୯୬୨.୦୫କୋଟି ଟଙ୍କାର ଋଣ ପରିଶୋଧ କରିଛନ୍ତି ଏବଂ ୪୦୩୫.୪୩କୋଟି ଟଙ୍କା ସୁଧ ବାବଦରେ ଦେଇଛନ୍ତି। ୨୦୧୭-୧୮ ଆର୍ଥିକ ବର୍ଷରେ ୧୪୪୧୯.୪୧କୋଟି ଟଙ୍କା ଋଣ ସରକାର ନେଇଥିବାବେଳେ ୨୬୨୦.୨୧ କୋଟି ଟଙ୍କା ଋଣ ପରିଶୋଧ କରିଛନ୍ତି। ସେହିବର୍ଷ ସରକାର ସୁଧ ବାବଦରେ ୪୯୮୮.୩୪କୋଟି ଟଙ୍କା ଦେଇଛନ୍ତି। ୨୦୧୮-୧୯ ଆର୍ଥିକ ବର୍ଷରେ ସରକାର ଋଣ ବାବଦରେ ୧୧,୭୫୦.୩୫କୋଟି ଟଙ୍କା ନେଇଛନ୍ତି। ସେହିବର୍ଷରେ ସରକାର ୩୯୩୯.୭୦କୋଟି ଟଙ୍କା ଋଣ ପରିଶୋଧ କରିଥିବାବେଳେ ୫୮୦୦.୩୭କୋଟି ଟଙ୍କା ସୁଧ ଦେଇଛନ୍ତି। ୨୦୧୯-୨୦ ଆର୍ଥିକ ବର୍ଷ ସେପ୍ଟେମ୍ବର ଶେଷସୁଦ୍ଧା ସରକାର ୨୭୧୭.୭୯କୋଟି ଟଙ୍କା ଋଣ ଆଣିଥିବା ବେଳେ ୧୦୮୫.୯୧କୋଟି ଟଙ୍କା ଋଣ ପରିଶୋଧ କରିଛନ୍ତି। ଏହିବର୍ଷ ସରକାର ୨୦୦୩.୪୩ କୋଟି ଟଙ୍କା ସୁଧ ବାବଦରେ ପ୍ରଦାନ କରିଛନ୍ତି। ଅର୍ଥାତ୍ ସରକାର ୨୦୧୪-୧୫ ଆର୍ଥିକ ବର୍ଷରୁ ଏବେସୁଦ୍ଧା ମୋଟ ୬୧,୨୨୯.୫୮ କୋଟି ଟଙ୍କା ଋଣ କରିଛନ୍ତି। ଏହି ସମୟ ସୁଦ୍ଧା ସରକାର୧୬,୫୮୮.୬୪କୋଟି ଟଙ୍କା ଋଣ ପରିଶୋଧ କରିଛନ୍ତି। ଅନ୍ୟପଟେ ସରକାର ସାଢ଼େ ୫ ବର୍ଷ ମଧ୍ୟରେ ୨୨,୯୮୧.୧୪କୋଟି ଟଙ୍କା ସୁଧ ବାବଦରେ ପ୍ରଦାନ କରିଛନ୍ତି।


## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ରୋହନ୍
ପରିବାରବର୍ଗ



ସାଇ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ । ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ ।


## ପ୍ରଥମ ପୃଷ୍ଠାରୁ...

### ପୋଲିସ...

(ନଂ.୧୨୫/୧୯) ରୁଜୁ କରିଥିଲେ ମଧ ଅଭିଯୁକ୍ତଙ୍କୁ ଗିରଫ କରି ନ ଥିଲା । ଫଳରେ ମାମଲା ପ୍ରତ୍ୟାହାର କରି ନେବାକୁ ଅଭିଯୁକ୍ତ ବିଭିନ୍ନ ସମୟରେ ଅଧ୍ୟାପିକାଙ୍କୁ ଧମକ ଚମକ ଦେଇ ଆସୁଥିଲେ ବୋଲି ପରିବାରବର୍ଗ ଦର୍ଶାଇଛନ୍ତି । ରବିବାର ସନ୍ଧ୍ୟାରେ ଜିଲା ପୋଲିସ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସପି ପୁରୁଷୋତ୍ତମଦାସ ଏହି ଅଧ୍ୟାପିକାଙ୍କ ଆତ୍ମହତ୍ୟା ଘଟଣା ସମ୍ପର୍କରେ ବିସ୍ତୃତ ସୂଚନା ଦେଇଛନ୍ତି । ତାଙ୍କ ସୂଚନା ଅନୁଯାୟୀ, ଅଧ୍ୟାପିକାଙ୍କ ପ୍ରତି ବଳାତ୍କାର ମାମଲାରେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ସୌମ୍ୟରଞ୍ଜନ ସାହୁଙ୍କୁ ପୋଲିସ ଧାନମଣ୍ଡଳ ରେଳ ଷ୍ଟେଶନ ନିକଟରୁ ଶନିବାର ବିଳମ୍ବିତ ରାତିରେ ଗିରଫ କରିଛି । ସୌମ୍ୟରଞ୍ଜନ ରେଳ ବିଭାଗରେ କାର୍ଯ୍ୟ କରନ୍ତି । ତେବେ ଅଧ୍ୟାପିକାଙ୍କ ପରିବାର ପକ୍ଷରୁ ରବିବାର ହତ୍ୟା ଅଭିଯୋଗ ଅଣାଯିବାରୁ ରାଇରଙ୍ଗପୁର ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି । ଅଭିଯୁକ୍ତ ସୌମ୍ୟରଞ୍ଜନ ସାହୁ ଓ ତାଙ୍କ ୫ ସମ୍ପର୍କୀୟଙ୍କ ନାମରେ ପୋଲିସ ହତ୍ୟା ମାମଲା ରୁଜୁ କରିଛି । ଏମାନଙ୍କ ମଧ୍ୟରୁ ୨ ଜଣ ଦେବବ୍ରତ ମଣ୍ଡଳ ଓ ସୁଜିତ ମଣ୍ଡଳଙ୍କୁ ପୋଲିସ ଗିରଫ କରିଛି । ଅନ୍ୟ ୩ ଜଣଙ୍କୁ ଗିରଫ କରିବା ପାଇଁ ଜିଲା ପୋଲିସର ଏକ ଟିମ୍ କେନ୍ଦୁଝର ଜିଲା ଯାଇଥିବା କହିଛନ୍ତି । ଅଧ୍ୟାପିକାଙ୍କ ମୃତଦେହ ନିକଟରୁ ମିଳିଥିବା ସୁଇସାଇଡାଲ ନୋଟ୍ ସମ୍ପର୍କରେ ଏସପିଙ୍କୁ ପଚାରିବାରୁ, ସେଠାରୁ ଲେଖା ହୋଇଥିବା ବହୁ କାଗଜପତ୍ର ସମେତ ସାଦା କାଗଜ ଓ ବହି ଜବତ କରାଯାଇଛି । ଅଧ୍ୟାପିକାଙ୍କ ମୋବାଇଲ ମଧ ମିଳିଛି । ସାଇଣ୍ଟିଫିକ ଟିମ୍ ସେଠାକୁ ଯାଇ ତଦନ୍ତ କରୁଛନ୍ତି । ତେବେ ସୁଇସାଇଡ ନୋଟ୍ ଥିବା ନେଇ ତାଙ୍କ ନିକଟରେ କିଛି ଖବର ନାହିଁ । ଜବତ କାଗଜପତ୍ରକୁ ଯାଞ୍ଚ କଲେ ସବୁ ଜଣାପଡିବ ବୋଲି ସେ କହିଛନ୍ତି ।

ଝାରପୋଖରିଆ ଥାନା ପୋଲିସ ପୂର୍ବରୁ ବଳାତ୍କାର ମାମଲା ରୁଜୁ କରି ତଦନ୍ତରେ ଶିଥିଳତା ପ୍ରଦର୍ଶନ କରିଥିବାରୁ ତଦନ୍ତକାରୀ ଅଧିକାରୀ ଏସଆଇ ପ୍ରଶାନ୍ତ କୁମାର ସ୍ୱାଇଁଙ୍କୁ ନିଲମ୍ବିତ କରାଯାଇଛି । ଥାନା ଅଧିକାରୀ ଶରତ କୁମାର ମହାଳିକଙ୍କୁ ଜିଲା ମୁଖ୍ୟାଳୟକୁ ବଦଳି କରାଯାଇ ଉଭୟଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିବା ଏସପି କହିଛନ୍ତି ।

### ୬ହଜାର...

ଦେଇଥିଲେ । ସେହିପରି ମଧୁପାଟଣା ଛକରେ ଟ୍ରାଫିକ ନିୟମ ଉଲ୍ଲଂଘନ କରି ଧରାପଡିଥିବା ଜଣେ ଯୁବତୀଙ୍କ ଦବଙ୍ଗଗିରି ଦେଖିବାକୁ ମିଳିଛି । ହେଲ୍‌ମେଟ୍ ନ ପିନ୍ଧିବାକୁ ନେଇ ଯୁବତୀ ଜଣକ ଅନେକ ସମୟ ଧରି ଟ୍ରାଫିକ ପୋଲିସ ସହ ଯୁକ୍ତି କରିଥିଲେ । ଏପରି କି ମୁଁ ହେଲ୍‌ମେଟ୍ ପିନ୍ଧେନି କି ପିନ୍ଧିବି ନାହିଁ ବୋଲି କହିଥିଲେ । ଗାଡି ନେଇଯାଅ କିନ୍ତୁ ମୁଁ ଫାଇନ ଦେବିନାହିଁ । ମୁଁ ମଲେ କ'ଣ ପୋଲିସ ଦାୟୀ ରହିବ କି ବୋଲି ଓଲଟି ପ୍ରଶ୍ନ କରିଥିଲେ । ଅନେକ ସମୟ ଯୁକ୍ତିତର୍କ ପରେ ଶେଷରେ ଯୁବତୀ ଜରିମାନା ଦେଇଥିଲେ ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ମଙ୍ଗଳଙ୍କ ଦୃଷ୍ଟି ପ୍ରଭାବରେ ଆପଣଙ୍କ ଦୈହିକ ଦୁର୍ବଳତା ସାଙ୍ଗକୁ ଧୈର୍ଯ୍ୟହରା ଓ ନୈରାଶ୍ୟ କ୍ରମଶଃ ଦୂରେଇଯିବ । କର୍ମକ୍ଷେତ୍ରରେ କୌଶଳପୂର୍ଣ୍ଣ ବ୍ୟବହାର ଅନ୍ୟମାନଙ୍କୁ ଆପଣାର କରିବାରେ ସାହାଯ୍ୟ କରିବ । ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ । ଭୁଲ୍ ବୁଝାମଣାରୁ ଅଫିସରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡା ଲାଗିପାରେ ।

**ବୃଷ** ଶୁକ୍ରଙ୍କ ପ୍ରଭାବରେ କଥାକୁ ଠିକ୍ ଭାବରେ ନ ବୁଝି କିମ୍ବା କଥା କଥାକେ ମଉଜିଆ କଥା କହିବାକୁ ନେଇ କଳହ ଲାଗିପାରେ । ଛୋଟ ଛୋଟ କଥାକୁ କେନ୍ଦ୍ରକରି ଅଫିସରେ ମନ ଭଲ ଲାଗିବ ନାହିଁ । ଦୀର୍ଘଦିନରୁ ଅଟକି ରହିଥିବା କାମର ଚିନ୍ତା ଆଜି ମନକୁ ଆନ୍ଦୋଳିତ କରିପାରେ । ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ ଓ ପରିବହନ ବେଶ୍ ଭଲରେ ଚାଲିବ ।

**ମିଥୁନ** ବନ୍ଧୁକାରକ ବୁଧଙ୍କ ଶୁଭ ସଂସ୍ଥିତି ନିଜ ବନ୍ଧୁମାନଙ୍କୁ ଆପଣେଇ ନେବାରେ ସମର୍ଥ କରାଇବ । ବିଭିନ୍ନ ଯୋଜନା, ସାଙ୍ଗଠନିକ କାର୍ଯ୍ୟ କ୍ଷେତ୍ରରେ ଅନୁକୂଳ ବାତାବରଣ ସୃଷ୍ଟି ହେବ । ପରିବାର ଭିତରେ ସମ୍ପର୍କ ହାନି ଫଳରେ ଚିନ୍ତା ପ୍ରକଟ କରିପାରନ୍ତି । ନିଜ ନିଜର କର୍ମକ୍ଷେତ୍ରରେ ସାଧାରଣ ପରିଶ୍ରମରେ ବେଶି ସଫଳତା ପାଇବେ ।

**କର୍କଟ** ସାମୟିକ ଭୁଲ୍ ବୁଝାମଣା କାରଣରୁ ଆଜି ବନ୍ଧୁଙ୍କ ସହ ବିବାଦ ଓ କିଛି ନୂତନ କାମରେ ପ୍ରତିବନ୍ଧକ ହେତୁ ଚିନ୍ତିତ ରହିବେ । ଅପେକ୍ଷା କରିଥିବା ନିର୍ଦ୍ଦିଷ୍ଟ ସ୍ଥାନରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇ ପଡିବେ । ପରିବାରରେ ପୂର୍ବ ସମସ୍ୟା ସମାଧାନ ହେବାରେ ଜଣେ ବନ୍ଧୁ ମୁଖ୍ୟ ଭୂମିକା ଗ୍ରହଣ କରିବେ । ପ୍ରତିକୂଳ ପରିସ୍ଥିତି ଯୋଗୁ ଯୋଜନାଗୁଡିକ ସମ୍ପୂର୍ଣ୍ଣ ହେବ ନାହିଁ ।

**ସିଂହ** ଆଜି ସ୍ୱରାଶିସ୍ଥ ଚନ୍ଦ୍ର ପ୍ରଭାବରୁ ଧାର୍ମିକ କାର୍ଯ୍ୟ, ସତ୍‌ସଙ୍ଗ, ଦେବାର୍ଚ୍ଚନା କରିବାକୁ ମନ ବଳାଇବେ । କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡିବେ । ଆଜି ସତକଥା କହି ବିବାଦ ଘେରରେ ପଡିପାରନ୍ତି, ଏଣୁ ଭାବିଚିନ୍ତି କୁହନ୍ତୁ । ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ ।

**କନ୍ୟା** ଭାଗ୍ୟସ୍ଥାନ ପ୍ରତି ଗ୍ରହଦୃଷ୍ଟି ଆପଣଙ୍କ ଆଶା ଓ ଅଭିଳାଷ ପୂରଣ କରିବାରେ ସମର୍ଥ ହେବ । ପ୍ରତ୍ୟେକ କ୍ଷେତ୍ରରେ ଯେତେ ଭଲ କାମ କଲେ ମଧ ଶନିଙ୍କ ପ୍ରଭାବରୁ ସନ୍ଦେହ ଘେରରେ ରହିବେ । କୌଣସି ମିଥ୍ୟା ଗୁଜବ ମନକୁ ଚହଲାଇ ଦେବା ସାଙ୍ଗକୁ ଚିତ୍ରା ନକ୍ଷତ୍ର କର୍ମକ୍ଷେତ୍ରରେ ଲକ୍ଷ୍ୟ ପୂରଣ ଦିଗରେ ଅସହଯୋଗ, ଅସମ୍ମାନ ପାଇ ଦୁଃଖିତ ହେବେ ।

**ତୁଳା** କେନ୍ଦ୍ରସ୍ଥ ଚନ୍ଦ୍ରଜନିତ ନୂତନ ବନ୍ଧୁ ସମ୍ପର୍କ ଓ ସୁଚିନ୍ତିତ କାର୍ଯ୍ୟଧାରା କାମକୁ ଅଗ୍ରଗାମୀ କରାଇବାରେ ସାହାଯ୍ୟ କରିବ । ଜଣେ ପଡୋଶୀ କିମ୍ବା ବନ୍ଧୁଙ୍କ ଜରିଆରେ ଦୀର୍ଘଦିନର ଆଶା ଫଳବତୀ ହେବ । କୌଣସି ନିର୍ଦ୍ଦିଷ୍ଟ କାରଣ ନ ଥାଇ କିମ୍ବା କୌଣସି ଅଭାବ ନ ଥାଇ ମଧ ଚିତ୍ରାର ମନଟା ଭଲ ଲାଗି ନ ପାରେ ।

**ବିଛା** ଗ୍ରହଚକ୍ରର ପରିବର୍ତ୍ତନରେ ଯାହା ଖୋଜୁଛନ୍ତି ଓ ଆଶା କରୁଛନ୍ତି ଅବଶ୍ୟ ପାଇବେ, ମାତ୍ର ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରନ୍ତୁ । ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବେ । କଳା, ସାହିତ୍ୟ, ସଭା ସମିତିରେ ଆଗ୍ରହୀ ହେବେ । ଅନୁରାଧାର ନିଜେ ରହିବା ପରିସରରେ ସାଧାରଣ କଥାକୁ କେନ୍ଦ୍ର କରି ଅପରାହ୍ନରେ ଟେନସନ୍ ବଢିପାରେ ।

**ଧନୁ** ରାଶିସ୍ଥ ଗ୍ରହ ସମ୍ପର୍କରୁ ପ୍ରତ୍ୟେକ କ୍ଷେତ୍ରରେ ଜୟଯୁକ୍ତ ହେବେ, କିନ୍ତୁ କର୍ମକ୍ଷେତ୍ରରେ ଅସନ୍ତୋଷର ମାତ୍ରା କ୍ରମଶଃ ବୃଦ୍ଧି ପାଇବ । ଅତି ଦରକାରୀ ଜିନିଷଗୁଡିକ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି । ବହୁ ଦିନରୁ ଚିନ୍ତା କରିଥିବା ଯୋଜନାଟିକୁ କାର୍ଯ୍ୟକାରୀ କରିବା ସକାଶେ ମନ ବଳାଇ ପାରନ୍ତି । ନୂତନ ସ୍ଥାନ ପରିଭ୍ରମଣ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବ ।

**ମକର** ସପ୍ତମାଧିପତି ରାଶିସ୍ଥ ହେତୁ ବନ୍ଧୁମାନଙ୍କ ସହ ଆଲୋଚନା ପରିସରରେ ନୀରବତା ଅବଲମ୍ବନ କରି ବନ୍ଧୁ କହୁଥିବା କଥାର ସତ୍ୟତାକୁ ଉପଲବ୍ଧି କରପାରିବେ । ନିକଟ ସମ୍ପର୍କୀୟମାନେ କାଳେ ଦେବାକୁ ପଡିବ,ଏହି କାରଣରୁ ପାଖ ମାଡିବେ ନାହିଁ । ପରିହାସଯୁକ୍ତ କଥା କର୍ମ କ୍ଷେତ୍ରରେ ସମସ୍ୟା ସୃଷ୍ଟି କରିବାରେ ସାହାଯ୍ୟ କରିବ ।

**କୁମ୍ଭ** ଆଜିର ଯାତ୍ରା, ଶୁଭ କାର୍ଯ୍ୟାରମ୍ଭ, ସତ୍‌ଚିନ୍ତା ଓ ଶୁଦ୍ଧଭାବନା ମନରେ ଭାବାନ୍ତର ସୃଷ୍ଟି କରିବ । ସାମାନ୍ୟ କେତେକ ସାଧାରଣ ଅସୁବିଧାକୁ ବାଦ୍ ଦେଲେ ଦିନଟିରେ ବହୁତ ଭଲ କାମ କରିବେ । ଆଶା ପୂରଣ ହେବ, ଅର୍ଥ ପାଇବେ, କାର୍ଯ୍ୟକୁ ପୂର୍ଣ୍ଣାଙ୍ଗ କରି ପାରିବେ । ନୂତନ ଜିନିଷ କ୍ରୟ କରିବା ସକାଶେ ମନ ବଳିବ ।

**ମୀନ** ଅଫିସ୍‌ରୁ ଫେରିବା ବେଳକୁ ଆଜି ଘରର ଅଶାନ୍ତ ପରିବେଶ କେତେକାଂଶରେ ଶାନ୍ତ ପଡି ଯାଇଥିବ । ଫେରନ୍ତା ବାଟରେ ବନ୍ଧୁଙ୍କୁ ଭେଟି ଆଗାମୀ କାଲିର ଯୋଜନା ପ୍ରସ୍ତୁତ କରି ପାରନ୍ତି । ବାକି ରହିଥିବା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ ତଥାପି ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ । ବ୍ୟବସାୟରେ ଲାଭ ମିଳିବ ।

ଆଜି ମାର୍ଗଶିର ଶୁକ୍ଳପକ୍ଷର ଓଡଣଷଷ୍ଠୀ ସୋମବାର,(ଆଜିଠାରୁ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କର ମାଘଶୁକ୍ଳ ୫ମୀ ପର୍ଯ୍ୟନ୍ତ ବାର ଅନୁସାରେ ବିଭିନ୍ନ ରଙ୍ଗର ଘୋଡଲାଗି ଆରମ୍ଭ), ଡିସେମ୍ବର ୨ ତାରିଖ, ରାଶି ନକ୍ଷତ୍ର-ଦିବା ଘ୧୧ ।୫୫ମି. ପର୍ଯ୍ୟନ୍ତ ଶ୍ରବଣା/ମକର, ମିଥୁନ ରାଶିର ଘାତବାର, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ଦିବା ଘ୯ ।୦୩ମି. ଗତେ ଘ୧୧ ।୧୪ମି. ମଧ୍ୟେ ଅମୃତ ବେଳା । ସକାଳ ଘ୮ ।୫୫ମି. ଗତେ ଘ୧୦ ।୧୫ମି. ମଧ୍ୟେ ମାହେନ୍ଦ୍ରବେଳା । ଦିବା ଘ୭ ।୩୧ମି. ଗତେ ଘ୮ ।୫୨ମି. ମଧ୍ୟେ ରାହୁକାଳ ।


# classifieds Everyday
0674-2580101, 2549302

automobile
SALE
HIRE

JCB Machine Excavators 38T, 21T, 10T, 8T, Excavator & Loader- 2DX, 3DX, JCB Compactor, JCB Load all available for hire/sale. Contact immediately: 9556240228, 9937292015. Email-enquiry@kttorissa.com D-15185

real estate
SALE

ଭୁବନେଶ୍ୱର ପିତାପଲ୍ଲୀଛକ ନିକଟରେ NH-16କୁ ଲାଗିକି ପ୍ଲଟ୍ ବିକ୍ରିହେଉଛି। ପ୍ରଥମେ Possession ଦିଆଯାଉଛି, ତା'ପରେ ରେଜିଷ୍ଟ୍ରିହେଉଛି। Project ଭିତରେ 30ft road ଦିଆଯାଉଛି। 8018474890. D-68431

4 Nos. plots covering with boundarywall and entrance gate. Each plot measuring approx 1500sqft. available at new Rausapatna, Cuttack, plot Nos. 169 and 457 Contact Person Mr. P.K. Panda. Mob #, 9437968283, 9668307606. D-68521

**1500sqft. (6 Nos) 2000sqft. (7 Nos) main road side plot, infront Tata Areana Ghatikia, Sankarpur, Bhubaneswar 30' road, Electricity, Supply water available: 8114744495, 8328943165.** D-15406

ଭୁବନେଶ୍ୱର ଗ୍ୟାରେଜଛକ ନିକଟରେ ପ୍ଲଟ୍ ବିକ୍ରିହେବ। possession, registration immediately. Contact: 9178660666. D-68199

**BDA Residential plots at Patia railwaystation just 3.5K.M from Big Bazar, 7008613186.** D-68518

1200sqft. land at Sundarpada rightside immediate sale (Owner), 8917399909. D-68440

**Bhubaneswar Uttarachhakaରୁ 5K.M sqft.-550/-, କଟକ ତ୍ରିଶୂଳିଆରୁ 4K.M-280/-, କଟଣୀଗେଟ୍‌ଠାରେ 200/, ନଖରା DPS ପାଖରେ 700/-ର ଘରବାରି ପ୍ଲଟ୍ ମିଳୁଅଛି। 9348020724, 7978939440.** D-68433

**New Bhubaneswar Railway station ପାଖରେ 30ft ରାସ୍ତାଥାଇ immediate ଘରକଲାଭଳି yellowzone plot sqft.1400/-ରେ ମିଳୁଅଛି। 7978286401, 9861411038.** D-68438

**2020sqft. developed gharabari boundary plot near Rangabazar 13,13,000/- 7991052183.** D-68437

to-let

2BHK Ground floor, individual house near DAV Nayapalli 1000sqft. Contact: 9437136820. D-15509

**6500 Square feet hall type 3 storied building on 100 feet Bhimtangi Main Road for office and commercial. Contact: 9958003695.** D-15405

healthcare

Rejuvenate and ayurvedic full body massage by smart therapist. 9114402304. D-68904

Refresh your mind and soul with best therapy at Orchid Salon/Spa. 9937287222. D-68708

Sai herbal spa refresh your body with smart, expert therapist. 7608062524. D-68905

Full body herbal massage with refreshment expert therapist. 7381239385, 06742540855. D-68200

Experience full body massage with us (expert). Call: 7377048581, 06742597822. D-68901

Herbal full body massage by smart / expert therapist. Contact: 8338067247. D-68902

Ayurvedic full body massage ladies/ gents smart experts therapist- 8480939300. D-68712

Summer special mesmerizing offer expert therapeutic refreshing massage appointment. 9668374480. D-68903

Newly open full body massage by ladies, gents therapist. 8018656899 D-60855

Ayurvedic full body massage by ladies, gents therapist. 7008773793 D-60856

LOST

I Baladev Sahu, Mob. 9668870290, At/ Po. Sulsulia, Bhatli, Dist- Bargarh have lost my Voter ID, Aadhaar Card, Pan Card, Smart Cart of vehicle, Driving Licence and my Wife's (Sarswati Sahu) Voter ID, Aadhaar Card, Pan Card, HSC Certificate somewhere at Bargarh town on 30.11.2019. Inspite of my strenuous search I could not locate it out. D-15528

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।




■ ୧୭ ବ୍ୟକ୍ତିତ୍ୱ, ୩ ପ୍ରତିଷ୍ଠାନକୁ 'ଓଡ଼ିଶା ଉତ୍କର୍ଷ ସମ୍ମାନ'

# ଓଡ଼ିଶା ମାଟିରେ ଉତ୍କର୍ଷତା ଭରି ରହିଛି: ରାଜ୍ୟପାଳ

ଭୁବନେଶ୍ୱର, ୧।୧୨ (ବ୍ୟୁରୋ)

ଉତ୍କଳ ପ୍ରଦେଶରେ ଉତ୍କର୍ଷତା ଭରି ରହିଛି। ଓଡ଼ିଶାର ପ୍ରତି ଘରେ, ପ୍ରତ୍ୟେକ ଲୋକଙ୍କ ମଧ୍ୟରେ ଉତ୍କର୍ଷ ଦେଖିବାକୁ ମିଳୁଛି। ଏହି ମାଟିର ସ୍ପର୍ଶରେ ଆସିଲେ ଉତ୍କର୍ଷତା ଆସିଯାଏ। ଯାହାକି ଥରେ ନୁହେଁ କି ଦୁଇଥର ନୁହେଁ, ଅନେକଥର ମୁଁ ଅନୁଭବ କରିଛି। ପ୍ରତିଭାସମ୍ପନ୍ନ ବ୍ୟକ୍ତିତ୍ୱଙ୍କୁ ସମ୍ମାନ ବା ପୁରସ୍କାର ଦେବା ତ ସାମାନ୍ୟ କଥା, ଏହାଠାରୁ ଯଦି କିଛି ବି ଅଧିକ ଦିଆଯାଏ ତାହା କମ୍ ପଡ଼ିବ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ କହିଛନ୍ତି। ରବିବାର ଦ୍ୱିତୀୟ ଓଡ଼ିଶା ଉତ୍କର୍ଷ ସମ୍ମାନ ପ୍ରଦାନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବ୍ୟକ୍ତିତ୍ୱମାନଙ୍କୁ ସମ୍ମାନିତ କରିବା ଅବସରରେ ରାଜ୍ୟପାଳ ପ୍ରଫେସର ଲାଲ ଏହା କହିଛନ୍ତି।

ପ୍ରକାଶନ ସଂସ୍ଥା ଓଡ଼ିଆ ମିଡିଆ ପକ୍ଷରୁ ଭୁବନେଶ୍ୱରସ୍ଥିତ ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଆୟୋଜିତ ଏହି ଉତ୍ସବରେ ବିଶିଷ୍ଟ କବି ପଦ୍ମବିଭୂଷଣ ସୀତାକାନ୍ତ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।



ସମ୍ମାନିତ ବ୍ୟକ୍ତିତ୍ୱଙ୍କ ସହ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ପଦ୍ମବିଭୂଷଣ ସୀତାକାନ୍ତ ମହାପାତ୍ର ଓ ଅନ୍ୟ ଅତିଥିମାନେ।

ଏହି ଅବସରରେ ଗୋସ୍ୱାମୀ ମୁରଲୀ କୃଷ୍ଣଙ୍କ ଦ୍ୱାରା ଅନୂଦିତ 'ଶ୍ରୀରାମ ଚରିତ ମାନସ' ପୁସ୍ତକ ଲୋକାର୍ପିତ ହୋଇଥିଲା। ଏଥିସହ ୧୭ଜଣ ବ୍ୟକ୍ତିତ୍ୱ ଓ ୩ ପ୍ରତିଷ୍ଠାନକୁ 'ଓଡ଼ିଶା ଉତ୍କର୍ଷ ସମ୍ମାନ' ପ୍ରଦାନ କରାଯାଇଥିଲା। ସେମାନେ ହେଲେ ସଙ୍ଗୀତରେ ପଦ୍ମଶ୍ରୀ ପ୍ରଫୁଲ୍ଲ କର, କଳାରେ ପଦ୍ମଶ୍ରୀ ସୁଦର୍ଶନ ସାହୁ, ନୃତ୍ୟରେ ପଦ୍ମଶ୍ରୀ ଇଲିଆନା ସିତାରିସ୍ତି, ସମାଜସେବାରେ ଜଗଦାନନ୍ଦ, ସାହିତ୍ୟରେ ହରପ୍ରସାଦ ଦାସ, ନାଟକରେ ଅଜିତ ଦାସ, ସିନେମାରେ ମହାଶ୍ୱେତା ରାୟ, ଲୋକସେବାରେ ଅରୁଣ ବୋଥ୍ରା, କ୍ରୀଡ଼ାରେ ଅନୁରାଧା ବିଶ୍ୱାଳ, ସାମ୍ବାଦିକତାରେ ସନ୍ଦୀପ ସାହୁ, ଉଦ୍ୟୋଗ କ୍ଷେତ୍ରରେ ଜଗଦୀଶ ପ୍ରସାଦ ନାୟକ, ପ୍ରେରଣା କ୍ଷେତ୍ରରେ ଅରୁଣ କୁମାର ସାବତ, ସ୍ୱାସ୍ଥ୍ୟ କ୍ଷେତ୍ରରେ ଡା. ଅକ୍ଷୟ କୁମାର ରାଉତ, ନେତୃତ୍ୱ କ୍ଷେତ୍ରରେ ପ୍ରିୟଦର୍ଶୀ ପାଣି, ଶିକ୍ଷା କ୍ଷେତ୍ରରେ ସବିତା ପଟ୍ଟନାୟକ, ପ୍ରଯୁକ୍ତି ବିଜ୍ଞାନ କ୍ଷେତ୍ରରେ ପ୍ରଶାନ୍ତ ସାହୁ ଓ ସମ୍ପଦ ପରିଚାଳନା କ୍ଷେତ୍ରରେ ତ୍ରିନାଥ ଲେଙ୍କା। ସେହିଭଳି କର୍ପୋରେଟ୍ ସାମାଜିକ ଦାୟିତ୍ୱ (ସିଏସ୍ଆର) ସମ୍ପାଦନ କ୍ଷେତ୍ରରେ ନାଲ୍କୋ, ପ୍ରଶିକ୍ଷଣ କ୍ଷେତ୍ରରେ ବାଜିରାଓ ଆଇଏଏସ୍ ଏକାଡେମୀ ଓ ଗୋଷ୍ଠୀ ଉନ୍ନୟନ କ୍ଷେତ୍ରରେ ସାଉଥ୍ ଓଡ଼ିଶା ଭଲ୍ୟୁଣ୍ଟାରୀ ଆକ୍ସନ (ଶୋଭା) ଏହି ସମ୍ମାନ ଲାଭ କରିଛି।

ଓଡ଼ିଆ ମିଡିଆର ନିର୍ଦ୍ଦେଶକ କଥାକାର ତଥା ଖବରଦାତା ଶୁଭ୍ରାଂଶୁ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ଉତ୍ସବରେ ଡ. ମୃତ୍ୟୁଞ୍ଜୟ ରଥ ମଞ୍ଚ ପରିଚାଳନା କରିଥିଲେ। ଉତ୍ସବରେ ବହୁ ସାହିତ୍ୟପ୍ରେମୀ, ପରିବେଶବିତ୍ ଓ କଳାକାର ଉପସ୍ଥିତ ଥିଲେ।

ଏକତରଫା ପ୍ରେମରେ ବିଫଳ ଯୁବକଙ୍କ ଉନ୍ମତ୍ତକାଣ୍ଡ

# ବାପଝିଅଙ୍କୁ ମରଣାନ୍ତକ ଆକ୍ରମଣ

ଭଦ୍ରକ ଅଫିସ/ବନ୍ତ,୧।୧୨(ଡି.ଏନ.ଏ.)

ଭଦ୍ରକ ଜିଲା ବନ୍ତ ଥାନା ନିଲୋକ ଅଞ୍ଚଳରେ ବାପଝିଅଙ୍କୁ ରାସ୍ତାରେ ଜଣେ ଯୁବକ ଶନିବାର ରାତିରେ ମରଣାନ୍ତକ ଆକ୍ରମଣ କରିଛନ୍ତି। ଗୁରୁତର ବାପଝିଅ ଏବେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ଏକତରଫା ପ୍ରେମରେ ବିଫଳ ହେବାରୁ ଯୁବକ ଜଣଙ୍କ ଏଭଳି କାଣ୍ଡ ଭିଆଇଥିବା ବନ୍ତ ଥାନା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଆକ୍ରମଣର ଶିକାର ହୋଇଥିବା ଯୁବତୀଙ୍କ ବଡ଼ବାପା ରବିବାର ଅପରାହ୍ଣରେ ଏ ନେଇ ବନ୍ତ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଭଦ୍ରକ ସହରାଞ୍ଚଳର ରାଜାରାମ ନାୟକଙ୍କ ନାଁରେ ଏକ ମାମଲା(ନଂ.୧୫୯/୧୯) ରୁଜୁ କରି ତଦନ୍ତ ଚଳାଇଛି।

ବନ୍ତ ପୋଲିସ ସୂଚନା ଅନୁଯାୟୀ, ଶନିବାର ରାତି ପ୍ରାୟ ୧୦ଟା ବେଳେ ଏହି ବାପ ଝିଅ କେନ୍ଦୁଆପଦା ଷ୍ଟେଶନରୁ ଏକ ସ୍କୁଟିରେ ଘରକୁ ଫେରୁଥିଲେ। ଶିଆଳିଆ-ଦୋଳପଦୀ ରାସ୍ତାର ଡାଳିମ୍ବଗଡିଆ କେନାଲ ଛକ ନିକଟରେ ରାଜାରାମ ପଛପଟୁ ଏକ ବାଇକ୍‌ରେ ଆସି ସ୍କୁଟିକୁ ଧକ୍କା ଦେଇଥିଲେ। ଫଳରେ ସେମାନେ ଗାଡ଼ି ଅଟକାଇବାରୁ ସେ ଏକ ଧାରୁଆ ଅସ୍ତ୍ରରେ ବାପଝିଅଙ୍କୁ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ବାପଝିଅ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତଳେ ପଡ଼ିଯାଇ ଚିତ୍କାର କରିଥିଲେ। ସ୍ଥାନୀୟ ଲୋକେ ସେଠାରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ପ୍ରଥମେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଖବର ପାଇ ବନ୍ତ ଥାନାଧିକାରୀ ମିନା ବିନ୍ଧାଣୀ ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରିବା ସହ ଭଦ୍ରକ ଡାକ୍ତରଖାନାରେ ପହଞ୍ଚି ଆହତ ବାପଝିଅଙ୍କଠାରୁ ବୟାନ ନେଇଥିଲେ। ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ପରେ କଟକ ସ୍ଥାନାନ୍ତର କରାଯାଇଛି। ଆକ୍ରମଣରେ ଆହତ ଯୁବତୀଙ୍କ ଅବସ୍ଥା ଅଧିକ ଗୁରୁତର ଥିବା ଜଣାପଡ଼ିଛି। ପୋଲିସ ଆକ୍ରମଣକାରୀ ରାଜାରାମଙ୍କ ଘରୁ ଯୁବତୀଙ୍କ କେତେକ ଫଟୋ ଜବତ କରି ଅଧିକ ତଦନ୍ତ ଜାରି ରଖିଛି।

# 'ମୋ ସରକାର'ର ଦ୍ୱିତୀୟ ପର୍ଯ୍ୟାୟ

ଭୁବନେଶ୍ୱର,୧।୧୨(ବ୍ୟୁରୋ)

**ସାମିଲ ହେଲା ଆଉ ୬ ବିଭାଗ**

ରାଜ୍ୟ ସରକାର ପ୍ରଶାସନକୁ ଅଧିକ ଲୋକକୈନ୍ଦ୍ରିକ କରିବା ପାଇଁ ଗତ ଅକ୍ଟୋବର ୨ରୁ 'ମୋ ସରକାର' କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପ୍ରଥମେ ଥାନା ଏବଂ ସ୍ୱାସ୍ଥ୍ୟ ବିଭାଗରେ ଏହାକୁ ଲାଗୁ କରାଯାଇଥିଲା। ଏପରିକି ଆଶା କରାଯାଉଥିବା ସଫଳତା ମଧ୍ୟ ମିଳିଲା। ସେହି କ୍ରମରେ ରବିବାରଠାରୁ ଅନ୍ୟ ୬ଟି ବିଭାଗ ମୋ ସରକାର କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ କରାଯାଇଛି। ସେହି ବିଭାଗଗୁଡ଼ିକ ହେଉଛି- ବାଣିଜ୍ୟ ଓ ପରିବହନ, ପଞ୍ଚାୟତିରାଜ ଓ ପାନୀୟ ଜଳ, ସମବାୟ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ମହିଳା ଓ ଶିଶୁ କଲ୍ୟାଣ ଏବଂ କୃଷି।

'ମୋ ସରକାର' କାର୍ଯ୍ୟକ୍ରମ ମାଧ୍ୟମରେ ମଣ୍ଡିରେ ଧାନ ଦେବା ପାଇଁ ଚାଷୀଙ୍କ ନାମ ପଞ୍ଜୀକରଣ ସହ ଧାନ କ୍ରୟ ପୂର୍ବରୁ ଟୋକନ୍ ପ୍ରଦାନ, ଧାନ ସଂଗ୍ରହ ପରେ ପରେ ଚାଷୀଙ୍କୁ ଅର୍ଥ ପ୍ରଦାନ, ନିୟମିତ ବ୍ୟବଧାନରେ କଲ୍ କରି ସିଧାସଳଖ ଚାଷୀଙ୍କ ସମସ୍ୟା ବୁଝିବା ଉପରେ ଗୁରୁତ୍ୱ ଦିଆଯାଇଛି। ସେହିପରି ଜାତୀୟ ଖାଦ୍ୟ ସୁରକ୍ଷା ଅଧୀନ ସମସ୍ତ ଯୋଗ୍ୟ ହିତାଧିକାରୀ ଯେପରି ସହାୟତା ପାଇବେ, ସେଥିପ୍ରତି ଦୃଷ୍ଟି ଦିଆଯିବ। ଏ ସମ୍ପର୍କିତ ଅଭିଯୋଗ ଦାଖଲ ଓ ଶୁଣାଣି ପାଇଁ ବ୍ୟବସ୍ଥାର ସରଳୀକରଣ କରାଯିବ ବୋଲି ଜଣାପଡିଛି। ଏତଦ୍‌ବ୍ୟତୀତ ଲୋକପ୍ରିୟ ୧ ଟଙ୍କିଆ ଚାଉଳ ଯୋଜନା ସହ ମିଶନ୍ ଶକ୍ତି, ପାନୀୟ ଜଳ ଯୋଗାଣ ଏବଂ କାଳିଆ ଯୋଜନା ମଧ୍ୟ ମୋ ସରକାର କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ ହୋଇଛି। ସୂଚନାନୁଯାୟୀ, କାଳିଆ ଏବଂ କୃଷି ବିଭାଗୀୟ ସମସ୍ତ ଅଭିଯୋଗର ଶୁଣାଣି ଓ ସମାଧାନ ପାଇଁ ନୂତନଭାବେ ଅନ୍‌ଲାଇନ ବ୍ୟବସ୍ଥା କରାଯିବ ବୋଲି ଜଣାପଡିଛି। ସର୍ବୋପରି କୌଣସି ଯୋଜନାରେ ଯେପରି ଯୋଗ୍ୟ ହିତାଧିକାରୀ ବଞ୍ଚିତ ନ ହେବେ, ସେଥିପ୍ରତି ସବୁସ୍ତରରେ ଦୃଷ୍ଟି ଦେବା ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

■ ଆନ୍ଧ୍ରରେ ବସ୍ ଦୁର୍ଘଟଣା

# ଓଡ଼ିଆ ଇଞ୍ଜିନିୟରଙ୍କ ମୃତ୍ୟୁ

ଜୟପୁର,୧।୧୨(ଡି.ଏନ୍.ଏ.)


ସୁଚିତ୍ରା ମହାପାତ୍ର

ଆନ୍ଧ୍ରପ୍ରଦେଶର ଅନନ୍ତପୁର ଜିଲାରେ ଶନିବାର ରାତିରେ ବସ୍ ଦୁର୍ଘଟଣାରେ ଜଣେ ଓଡ଼ିଆ କମ୍ପ୍ୟୁଟର ଇଞ୍ଜିନିୟରଙ୍କ ମୃତ୍ୟୁ ହୋଇଛି। ସେ ହେଲେ କୋରାପୁଟ ଜିଲା ଜୟପୁର ସହର ବକ୍ସିସାହିର ସୁଚିତ୍ରା ମହାପାତ୍ର (୨୫)। ହାଇଦ୍ରାବାଦର ଏକ କମ୍ପାନୀରେ କମ୍ପ୍ୟୁଟର ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିଲେ ସୁଚିତ୍ରା। ଅନ୍ୟ ଏକ ଚାକିରି ପାଇଁ ସାକ୍ଷାତକାର ଦେବାକୁ ଗତ ଶନିବାର ସନ୍ଧ୍ୟାରେ ସେ ବସ୍‌ରେ ବେଙ୍ଗାଲୁର ଯାଉଥିଲେ। ଅନନ୍ତପୁର ନିକଟରେ ରାତି ସାଢ଼େ ୨ଟାରେ ବସ୍‌ଟି ରାସ୍ତାପାର୍ଶ୍ୱକୁ ଓଲଟି ପଡ଼ିଥିଲା। ଘଟଣାସ୍ଥଳରେ ବସ୍‌ରେ ଥିବା କେତେ ଜଣ ଯାତ୍ରୀଙ୍କ ମୃତ୍ୟୁ ହୋଇଥିଲା। ସେମାନଙ୍କ ମଧ୍ୟରେ ସୁଚିତ୍ରା ମଧ୍ୟ ଥିଲେ। ସୁଚିତ୍ରା ହେଉଛନ୍ତି ନିଖିଳ ଉତ୍କଳ ପ୍ରାଥମିକ ସଂଘ ଜୟପୁର ବ୍ଲକ ସଭାପତି ସୁରେନ୍ଦ୍ର ମହାପାତ୍ରଙ୍କ ଏକମାତ୍ର ଝିଅ। ତାଙ୍କ ମର ଶରୀର ଜୟପୁରକୁ ଅଣାଯିବା ପାଇଁ ବ୍ୟବସ୍ଥା କରାଯାଉଛି।

# ଶିଳ୍ପ ସଂସ୍ଥା ଉପରେ ୩୨୨୫ କୋଟି ଜଳକର ବାକି

ଭୁବନେଶ୍ୱର,୧।୧୨(ବ୍ୟୁରୋ)

■ ଅଦାଲତରେ ଗଡୁଛି ମାମଲା
■ ପିଏସ୍‌ୟୁ ଉପରେ ୨୦୩.୯୪ କୋଟି
■ ୧୦ ନଦୀରୁ ଜଳ ନେଉଛନ୍ତି ଶିଳ୍ପ ସଂସ୍ଥା

ରାଜ୍ୟରେ ଗଢି ଉଠିଥିବା ଶିଳ୍ପ ସଂସ୍ଥାଗୁଡିକ ଦୈନିକ କେତେ ଜଳ ବ୍ୟବହାର କରିବେ, ସେଥିପାଇଁ ନିର୍ଦ୍ଦିଷ୍ଟ ନିୟମ ରହିଛି। ଶିଳ୍ପ ସଂସ୍ଥାର ଆବଶ୍ୟକତା ଦେଖି ଜଳ ବ୍ୟବହାର କରିବାକୁ ଜଳସମ୍ପଦ ବିଭାଗ ଏବଂ ସମ୍ପୃକ୍ତ ଶିଳ୍ପସଂସ୍ଥା ମଧ୍ୟରେ ଚୁକ୍ତି ହୋଇଥାଏ। ଆଉ ଜଳ ପରିମାଣ ଅନୁମତି ଅନୁଯାୟୀ ଜଳକର ଦେବାକୁ ପଡ଼ିଥାଏ। ଯଦି କୌଣସି କାରଣରୁ ଶିଳ୍ପ ସଂସ୍ଥା ଅଧିକ ଜଳ ବ୍ୟବହାର କରିଥାଆନ୍ତି, ତେବେ ତାଙ୍କୁ ଧାର୍ଯ୍ୟ ଦରର ୬ଗୁଣ ଦେୟ ପୈଠ ମଧ୍ୟ କରିବାକୁ ପଡ଼ିଥାଏ। ସେମାନେ କେତେ ପରିମାଣର ଜଳ ବ୍ୟବହାର କରନ୍ତି, ସେଥିପାଇଁ 'ଫ୍ଲୋ ମିଟର' ବ୍ୟବସ୍ଥା ରହିଛି। ଏତେସବୁ ନିୟମ ରହିଥିଲେ ମଧ୍ୟ ବିଭିନ୍ନ ଶିଳ୍ପ ସଂସ୍ଥା ଉପରେ ଜଳକର ବାବଦକୁ ପ୍ରାୟ ୩୨୨୫ କୋଟି ୪୭ ଲକ୍ଷ ଟଙ୍କା ବକେୟା ପଡ଼ି ରହିଛି।

ବକେୟା ଅର୍ଥ ଆଦାୟ ପାଇଁ ସରକାର ଚେଷ୍ଟା ଚଳାଇ ଥିବାବେଳେ କିଛି ଶିଳ୍ପସଂସ୍ଥା ଏହି ପ୍ରସଙ୍ଗରେ ଅଦାଲତରେ ଆଶ୍ରୟ ନେଇ ମାମଲାକୁ ଗଡ଼ାଇ ଚାଲିଛନ୍ତି। ତେଣୁ ମହରଗରୁ ଯାଇ କାନ୍ତାରରେ ପଡ଼ିବା ନ୍ୟାୟରେ ରାଜ୍ୟ ସରକାର କର ଅସୁଲ କରିବା ପରିବର୍ତ୍ତେ ଅଦାଲତ ମାମଲାରେ ଛନ୍ଦି ହେଉଛନ୍ତି। ଏ ବାବଦରେ ମଧ୍ୟ ସରକାରଙ୍କ ତହବିଲରୁ ଅର୍ଥଶ୍ରାଦ୍ଧ ହୋଇ ଚାଲିଛି। ସର୍ବମୋଟ ୩୨୨୫ କୋଟି ୪୭ ଲକ୍ଷ ଟଙ୍କା ମଧ୍ୟରୁ ପ୍ରାୟ ୨୪୬୧ କୋଟି ୫୭ ଲକ୍ଷ ଟଙ୍କା ସମ୍ପର୍କିତ ମାମଲା ଅଦାଲତରେ ପଡ଼ି ରହିଛି। ଏଭଳି ସ୍ଥିତିରେ ସରକାର ସମ୍ପୂର୍ଣ୍ଣ ଜଳକର ଆଦାୟ କଥା ଚିନ୍ତା କରୁନାହାନ୍ତି। କୌଣସିମତେ ମାମଲା ରୁଜୁ କରିଥିବା ସଂସ୍ଥାଗୁଡ଼ିକଠାରୁ ବକେୟା ଜଳକର ପରିମାଣର ଅର୍ଦ୍ଧେକ ଅର୍ଥାତ୍ ୫୦ ପ୍ରତିଶତ ଅସୁଲ ପାଇଁ ରାଜ୍ୟ ସରକାର ମିସ୍ କେସ୍ ଫାଇଲ କରିଛନ୍ତି। ଓଡ଼ିଶାରେ କାର୍ଯ୍ୟରତ କେନ୍ଦ୍ର/ରାଜ୍ୟ ସରକାରଙ୍କ ଅଧୀନ ସରକାରୀ ଉଦ୍ୟୋଗ (ପିଏସ୍‌ୟୁ)ଗୁଡ଼ିକ ଉପରେ ୨୦୩ କୋଟି ୯୪ ଲକ୍ଷ ଟଙ୍କାର ବକେୟା ରହିଛି। ନିକଟରେ ଜଳସମ୍ପଦ ବିଭାଗ ପକ୍ଷରୁ ସାର୍ବଜନୀନ କରାଯାଇଥିବା ତଥ୍ୟ ଅନୁଯାୟୀ, ଏମ୍‌ସିଏଲ୍‌ର ୭ ୟୁନିଟ୍ ଓ ନାଲ୍‌କୋର ୨ ୟୁନିଟ୍ ବାବଦ ବକେୟା ଜଳକର ମାମଲା ସମାଧାନ ହୋଇଛି। ଏହି ୨ ସଂସ୍ଥାର ଜଳକର ବକେୟା ଯେଉଁ ସର୍ତ୍ତାବଳୀ ଆଧାରରେ ସମାଧାନ ହୋଇଛି, ସେହି ଆଧାରରେ ଅନ୍ୟ ସଂସ୍ଥାର ସମାଧାନ ପାଇଁ ଚେଷ୍ଟା କରାଯାଉଥିବା ଜଣାପଡ଼ିଛି। ରାଜ୍ୟ ସରକାରଙ୍କ ଓଡ଼ିଶା ପବ୍ଲିକ ଡିମାଣ୍ଡ ରିକଭରି ଆକ୍ଟ-୧୯୬୨ ଅନୁଯାୟୀ ବକେୟା ଆଦାୟ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଉଲ୍ଲେଖଯୋଗ୍ୟ, ରାଜ୍ୟର ୧୦ଟି ପ୍ରମୁଖ ନଦୀରୁ ବିଭିନ୍ନ ଶିଳ୍ପସଂସ୍ଥା ଜଳ ନେଉଛନ୍ତି। କେବଳ ଭୂପୃଷ୍ଠ ଜଳ(ସରଫେସ୍) ବାବଦକୁ ୨୪୫ ଶିଳ୍ପସଂସ୍ଥାକୁ ୧୯୯୭.୪୪୮ କ୍ୟୁସେକ ଜଳ ପ୍ରଦାନ କରାଯାଉଛି, ତନ୍ମଧ୍ୟରୁ ୧୦୮୬.୦୯୭ କ୍ୟୁସେକ୍ ଜଳ ଏଯାବତ୍ ଉତ୍ତୋଳନ କରାଯାଇଛି। ଅନୁରୂପଭାବେ ବେସିନ୍‌ୱାରୀ ଛୋଟବଡ଼ ହୋଇ ୭୯୪ ଶିଳ୍ପ ସଂସ୍ଥାକୁ ୩୮.୦୨୬ କ୍ୟୁସେକ୍ ଜଳ ଆବଣ୍ଟନ କରାଯାଇଛି, ଏବେ ସୁଦ୍ଧା ତନ୍ମଧ୍ୟରୁ ୩୫.୨୭୨ କ୍ୟୁସେକ୍ ଜଳ ଉତ୍ତୋଳନ କରାଯାଇଛି। ଜଳ ପ୍ରଦାନ କରୁଥିବା ନଦୀଗୁଡିକ ହେଉଛି- ମହାନଦୀ, ବୈତରଣୀ, ବ୍ରାହ୍ମଣୀ, ବଂଶଧାରା, ବୁଢ଼ାବଳଙ୍ଗ, ଇନ୍ଦ୍ରାବତୀ, କୋଲାବ, ନାଗାବଳୀ, ଋଷିକୁଲ୍ୟା ଏବଂ ସୁବର୍ଣ୍ଣରେଖା। ବଂଶଧାରା ନଦୀ ବେସିନ୍‌ରୁ ୯୧ଟି ଶିଳ୍ପ ସଂସ୍ଥା ଭୂପୃଷ୍ଠଜଳ ନେଉଛନ୍ତି। ସେହିପରି ମହାନଦୀ ଭୂତଳ ଜଳ ବେସିନ୍‌ରୁ ଛୋଟବଡ଼ ୪୩୬ ଶିଳ୍ପସଂସ୍ଥା ଜଳ ନେଉଛନ୍ତି।







ଶିକ୍ଷିତଙ୍କ ପାଇଁ ଅଧିକ ଶିକ୍ଷା ସୁଯୋଗ

# ଏନ୍‌ପିଟିଇଏଲ୍ ବ୍ୟବସ୍ଥା କରିବ ଟିଟିପିଏସ୍

**ତାଳଚେର,୧।୧୨(ନି.ପ୍ର.):** ଏନ୍‌ଟିପିସି ପରିଚାଳନାରେ ଥିବା ତାଳଚେର ଥର୍ମାଲ (ଟିଟିପିଏସ୍) ପକ୍ଷରୁ ଏହାର ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକର ଶିକ୍ଷିତ ଯୁବତୀ ଯୁବକଙ୍କ ପାଇଁ ଜାତୀୟ ଯାନ୍ତ୍ରିକ ପରିବର୍ଦ୍ଧିତ ଶିକ୍ଷା କାର୍ଯ୍ୟକ୍ରମ (ଏନ୍‌ପିଟିଇଏଲ୍) ପ୍ରବର୍ତ୍ତନ କରାଯିବାକୁ ସ୍ଥିର କରାଯାଇଛି। ଆଇଆଇଟି ମାଡ୍ରାସ ଦ୍ୱାରା ପରିଚାଳିତ ଏହି ଏନ୍‌ପିଟିଇଏଲ୍‌କୁ ଦେଶର ପ୍ରମୁଖ ଆଇଆଇଟି ମୁମ୍ବାଇ, ଦିଲ୍ଲୀ, କାନପୁର, ଖଡଗପୁର, ମାଡ୍ରାସ, ଗୌହାଟୀ, ରୁର୍କି ଏବଂ ଆଇଆଇଏସ୍‌ସି ବାଙ୍ଗାଲୋର ପକ୍ଷରୁ ସର୍ବସାଧାରଣଙ୍କ ପାଇଁ ଅନ୍‌ଲାଇନ ବ୍ୟବସ୍ଥା କରାଯାଇଛି। ଶିକ୍ଷିତ ଯୁବତୀ ଯୁବକମାନେ ସିଭିଲ, ଇଲେକ୍ଟ୍ରିକାଲ, ମେକାନିକାଲ, ଇସିଇ, କମ୍ପ୍ୟୁଟର ଇଞ୍ଜିନିୟରିଂ ସମେତ ୨୩୫ଟି ପାଠ୍ୟକ୍ରମ ୱେବ ଓ ଭିଡିଓ ମାଧ୍ୟମରେ ଶିକ୍ଷାଲାଭ କରିପାରିବେ। ଏହି ସାର୍ଟିଫିକେଟ୍ ଆଇଆଇଟି ଦ୍ୱାରା ପ୍ରଦତ୍ତ ହେବ ଏବଂ ଇଞ୍ଜିନିୟରିଂ ଚାକିରି କ୍ଷେତ୍ରରେ ଏହା ସାହାଯ୍ୟ କରିବ ବୋଲି ଟିଟିପିଏସ୍ ପକ୍ଷରୁ କୁହାଯାଇଛି। ଯେଉଁ ଛାତ୍ରୀଛାତ୍ରମାନେ ବିଶେଷକରି ଇଞ୍ଜିନିୟରିଂ ପଢୁଛନ୍ତି କିମ୍ବା ଶିକ୍ଷା ଶେଷ କରିଛନ୍ତି ସେମାନେ ଏହାଦ୍ୱାରା ଉପକୃତ ହୋଇପାରିବେ। ଏହି ଶିକ୍ଷା ପାଇଁ କୌଣସି ରେଜିଷ୍ଟ୍ରେଶନ ଦେୟ ଦେବାକୁ ପଡିବ ନାହିଁ। ରେଜିଷ୍ଟ୍ରେଶନ ପରେ ମିଳିଥିବା ଆଇଡି ଓ ପାସ୍‌ୱାର୍ଡ ବ୍ୟବହାର କରି ଛାତ୍ରୀଛାତ୍ରମାନେ ଅନ୍‌ଲାଇନରେ ଏହି ଶିକ୍ଷାଗ୍ରହଣ କରି ପାରିବେ ବୋଲି ଟିଟିପିଏସ୍ ମାନବ ସମ୍ବଳ ଡିଜିଏମ୍ ସମିତ ଦେବ ଜଣାଇଛନ୍ତି।

# ବଜାଜଙ୍କ ବାଜିମାତ୍

ଭାରତରେ ୨୦୧୯ ଜୁଲାଇ-ସେପ୍ଟେମ୍ବର ତ୍ରୈମାସରେ ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ୪.୫ ପ୍ରତିଶତକୁ ଖସିଆସିଥିବା ରିପୋର୍ଟ ନିକଟରେ ପ୍ରକାଶ ପାଇଛି। ଏ ଦେଶରେ ସବୁ ତଥ୍ୟ ବା ଡାଟା ପ୍ରକାଶ ପାଇବା ପରେ ତାହାକୁ ମୋଡ଼ି ବଙ୍କେଇ କେନ୍ଦ୍ର ସରକାର ଲୋକଙ୍କ ସମ୍ମୁଖକୁ ଆଣୁଛନ୍ତି। ଏପରି ବିକୃତ କାର୍ଯ୍ୟ ସତ୍ତ୍ୱେ ଯେତେବେଳେ ଏଭଳି ଜିଡିପି ତଥ୍ୟ ପ୍ରକାଶ ପାଉଛି, ତାହା ନିଶ୍ଚିତ ଭାବେ ଚିନ୍ତାର ବିଷୟ। କେବଳ ସେତିକି ନୁହେଁ, ଅତି ବିଳମ୍ବ ପରେ ସବୁ ତଥ୍ୟ ଯୋଗାଡ଼ ହେଉଥିବା ହେତୁ ସମ୍ଭବତଃ ୪.୫ ପ୍ରତିଶତ ଜିଡିପି ଅଭିବୃଦ୍ଧି ଡାଟା ପୁରୁଣା। ଆଜି ହୁଏତ ବାସ୍ତବ ପରିସ୍ଥିତି କେହି ଜାଣିନାହାନ୍ତି। ସରକାରଙ୍କ ପାଖରେ ଥିବା ତଥ୍ୟ ଅଧିକ ଭୟଙ୍କର ହୋଇଥାଇପାରେ। କାରଣ ବଜାର ପରିସ୍ଥିତି ଦେଖିଲେ ଜିଡିପି ଅଭିବୃଦ୍ଧି ୪.୫ ପ୍ରତିଶତଠାରୁ ମଧ୍ୟ ହ୍ରାସ ପାଇଥାଇପାରେ।

ବାସ୍ତବ ଦୃଷ୍ଟିକୋଣରୁ ଦେଖିଲେ ଭାରତୀୟ ଅର୍ଥନୀତିରେ ମାନ୍ଦାବସ୍ଥା ଦୀର୍ଘଦିନ ହେବ ଦେଖାଦେଇଆସିଲାଣି। ହେଲେ ସରକାରଙ୍କ ନୀତିକୁ ସେଭଳି କେହି ସମାଲୋଚନା କରିବାକୁ ଚେଷ୍ଟା କରୁ ନ ଥିଲେ। କାରଣ ସମାଲୋଚନାକାରୀଙ୍କୁ କେନ୍ଦ୍ରର ଭାଜପା ସରକାର ଦେଶଦ୍ରୋହୀ ଆଖ୍ୟା ଦେଇଥିବା ଅତୀତରେ ଦେଖିବାକୁ ମିଳିଛି। ନିକଟରେ ମହାରାଷ୍ଟ୍ରରେ ଭାଜପା ସରକାର ଗଢ଼ିବାରେ ବିଫଳ ହେବା ଏବଂ ପୂର୍ବରୁ ଯେଉଁସବୁ ରାଜ୍ୟରେ ଦଳର କାଟ୍‌ତି ଥିଲା, ତାହା କମିବାର ଲକ୍ଷଣ ଦେଖାଦେବାରୁ କେନ୍ଦ୍ର ସରକାରଙ୍କ କାର୍ଯ୍ୟ ଓ ପଦକ୍ଷେପକୁ ନାପସନ୍ଦ କରିବାକୁ ଆରମ୍ଭମାତ୍ର ହୋଇଛି। ନିକଟରେ ଅର୍ଥନୀତି ସମ୍ପର୍କିତ ଜାତୀୟ ଖବରକାଗଜ 'ଦି ଇକୋନମିକ୍ ଟାଇମ୍ସ' ପକ୍ଷରୁ ମୁମ୍ବାଇଠାରେ ଅନୁଷ୍ଠିତ ଇଟି ଆୱାର୍ଡ କାର୍ଯ୍ୟକ୍ରମରେ ଶିଳ୍ପପତି ରାହୁଲ ବଜାଜ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଥିବା ଦେଖିବାକୁ ମିଳିଥିଲା। ସେ କହିଥିଲେ ଯେ, ମୋଦି ସରକାରଙ୍କ ବିରୋଧରେ ଲୋକେ କହିବାକୁ ଭୟ କରୁଛନ୍ତି। ସମାଲୋଚନାକୁ ସରକାର ସକାରାତ୍ମକ ଭାବେ ଗ୍ରହଣ କରିବା ନେଇ ସେ ନିଶ୍ଚିତ ହୋଇପାରୁ ନାହାନ୍ତି। ମନମୋହନ ସିଂଙ୍କ ସରକାର ଅମଳରେ ଯେକୌଣସି ବ୍ୟକ୍ତିଙ୍କୁ ସମାଲୋଚନା କରିବାର ସ୍ୱାଧୀନତା ଥିଲା। ତେବେ ରାହୁଲ ବଜାଜଙ୍କ ଭିଡିଓ ଯେଉଁମାନେ ଦେଖିଥିବେ, ସେମାନେ ବୁଝିପାରୁଥିବେ ଯେ ତାଙ୍କ ଭଳି ଧନୀ ଓ ଶକ୍ତିଶାଳୀ ବ୍ୟକ୍ତି ମଧ୍ୟ ଭୟଭୀତ ହୋଇ ଏଭଳି ମନ୍ତବ୍ୟ ଦେଉଛନ୍ତି। ଅର୍ଥାତ୍ ଦେଶର ବାତାବରଣ ଭୟରେ ବୁଡ଼ି ରହିଛି। ଉଲ୍ଲେଖଯୋଗ୍ୟ, ଉକ୍ତ କାର୍ଯ୍ୟକ୍ରମର ମଞ୍ଚ ଉପରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଏବଂ ରେଳ ମନ୍ତ୍ରୀ ପୀୟୂଷ ଗୋଏଲ ଉପସ୍ଥିତ ଥିଲେ। ବଜାଜଙ୍କ ଏଭଳି ସମାଲୋଚନାର ଉତ୍ତରରେ ଅମିତ ଶାହା କହିଥିଲେ ଯେ, କେହି ଭୟଭୀତ ହେବା ଠିକ୍ ନୁହେଁ। ତେବେ ଶାହା, ସୀତାରାମନ ଏବଂ ଗୋଏଲଙ୍କ ଉପସ୍ଥିତିରେ ବଜାଜ ଏଭଳି କହିବା ଦର୍ଶାଉଛି ଯେ, ଭାରତବର୍ଷର ଏବକାର ପରିସ୍ଥିତିରେ ପରିବର୍ତ୍ତନ କୌଣସି ରାଜନୈତିକ ଦଳ ବା ବ୍ୟକ୍ତି ଆଣୁନାହାନ୍ତି। ପରିବର୍ତ୍ତନ ଆସୁଛି କାରଣ ଜନସାଧାରଣ ଅର୍ଥନୈତିକ ପରିସ୍ଥିତିକୁ ସମ୍ଭାଳିବାରେ ମୋଦି ସରକାର ସମ୍ପୂର୍ଣ୍ଣ ବିଫଳ ହେଲା ବୋଲି ବୁଝିସାରିଲେଣି।

ଶିଳ୍ପପତି ରାହୁଲ ବଜାଜଙ୍କ ଭଳି ଜଣେ ଶକ୍ତିଶାଳୀ ବ୍ୟକ୍ତି ଯେତେବେଳେ ଏ ଦେଶରେ ଭୟ କଥା ଉଲ୍ଲେଖ କରୁଛନ୍ତି, ସେତେବେଳେ ସାଧାରଣ ଲୋକଙ୍କ ଡରିବାର ସ୍ତର କେଉଁଭଳି ସ୍ଥିତିରେ ଥିବ ବୁଝାପଡ଼ିଯାଉଛି। ରାହୁଲ ବଜାଜ ସମ୍ଭବତଃ ପ୍ରଥମ ଶିଳ୍ପପତି, ଯିଏ ମୋଦି ସରକାରଙ୍କୁ ସିଧାସଳଖ ସମାଲୋଚନା କରିଛନ୍ତି। କେହି କହିପାରନ୍ତି, ଗାଡ଼ିମୋଟର ଶିଳ୍ପ ଦୁର୍ଦ୍ଦିନ ଦେଇ ଗତି କରୁଥିବାରୁ ଅଟୋମୋବାଇଲ କ୍ଷେତ୍ରରେ ଅନ୍ୟତମ ପ୍ରମୁଖ ନିର୍ମାତା ବଜାଜ ନିଜ କ୍ରୋଧ ପ୍ରକାଶ କରିଛନ୍ତି। କିନ୍ତୁ ତାଙ୍କ ଭାଷଣରେ ବଜାଜ କହିଥିଲେ ଯେ, ତାଙ୍କର ପୁତ୍ର ଦୁହେଁ ବ୍ୟବସାୟରେ ସଫଳତା ପାଇଛନ୍ତି।

ପ୍ରକୃତରେ ଅର୍ଥନୀତିରେ ମାନ୍ଦାବସ୍ଥା ପରିସ୍ଥିତି ଦେଖାଦେଲେ ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ବୃହତ୍ ବ୍ୟବସାୟୀଙ୍କ ଉପରେ ଏହାର ପ୍ରଭାବ ପଡ଼ିବ। କାରଣ ଚାହିଦା ହ୍ରାସ ପାଉଥିବାରୁ କାରଖାନାରୁ ଅଧିକ ଉତ୍ପାଦ ବାହାର କରିବାକୁ ଶିଳ୍ପପତିମାନେ ଭୟ କରୁଛନ୍ତି। ନିକଟ ଅତୀତକୁ ଦେଖିଲେ ଅପର୍ଯ୍ୟାପ୍ତ ଗାଡ଼ି ବଜାରରେ ଆସି ହାଉଯାଉ ହେଉଥିଲେ ମଧ୍ୟ ସେସବୁକୁ କିଣିବାକୁ ଗ୍ରାହକଙ୍କ ଘୋର ଅଭାବ ଦେଖାଦେଇଛି। ଯେହେତୁ ଶିଳ୍ପଗୁଡ଼ିକର ଅଭିବୃଦ୍ଧି ଘଟୁ ନାହିଁ, ସେଥିପାଇଁ ସେଗୁଡ଼ିକ ତିଷ୍ଠି ରହିବା ଲାଗି ସନ୍ଦେହ ଉପୁଜିଲାଣି। ଏଭଳି ସ୍ଥଳେ ନକାରାତ୍ମକ ପ୍ରତିକ୍ରିୟା ପ୍ରକାଶ ପାଇବା ସ୍ୱାଭାବିକ। ବିଶ୍ଳେଷକଙ୍କ ମତରେ ସରକାର ଇକୋନମିକ୍ ଆକ୍ଟିଭିଟି ବା ଅର୍ଥନୈତିକ କାର୍ଯ୍ୟକୁ ତ୍ୱରାନ୍ୱିତ କରି କିଭଳି ବଜାରରେ ଚାହିଦା ସୃଷ୍ଟି କରାଯାଇପାରିବ, ସେହି ଦିଗରେ ଚିନ୍ତନ କରିବା ଆବଶ୍ୟକ। ବଜାରରେ ଖର୍ଚ୍ଚ କିଭଳି ବଢ଼ିବ, ସେଥିଲାଗି ଅର୍ଥନୀତିଜ୍ଞ ଓ ବଜାର ବିଶେଷଜ୍ଞଙ୍କ ପରାମର୍ଶ ଲୋଡ଼ାଯିବା ଉଚିତ। ଯେଉଁମାନେ ସରକାରଙ୍କ ନୀତିକୁ ସମାଲୋଚନା କରୁଛନ୍ତି, ସେମାନଙ୍କୁ ହତାଦର କରା ନ ଯାଇ ପରାମର୍ଶ ନିଆଗଲେ ଏହାର ସୁଫଳ ମିଳିପାରନ୍ତା। ସରକାର କାହା କଥା ନ ଶୁଣି ଏକଶିଙ୍ଗିଆ ନିଷ୍ପତ୍ତି ନେଲେ ଦେଶର ଆର୍ଥିକ ସ୍ୱାସ୍ଥ୍ୟ ଆହୁରି ବିଗିଡ଼ିଯିବ। କିନ୍ତୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କହୁଛନ୍ତି ଯେ, ଭାରତୀୟ ଅର୍ଥନୀତିର ଗତି ଧିମା ହୋଇଯାଇଥିଲେ ମଧ୍ୟ ମାନ୍ଦାବସ୍ଥା ଦେଖାଦେଇ ନାହିଁ। ଯଦି ଆବଶ୍ୟକ ପଡ଼େ ସରକାର ତାଙ୍କ ନୀତି ପରିବର୍ତ୍ତନ କରିବେ। ଏଠାରେ ମନେପଡ଼େ ଆମେରିକାର ପୂର୍ବତନ ରାଷ୍ଟ୍ରପତି ରୋନାଲ୍ଡ ରେଗାନ୍‌ଙ୍କ କଥା। ରେଗାନ୍ କହିଥିଲେ ଯେ, ମାନ୍ଦାବସ୍ଥା ବା ରିସେସନ୍ ଜଣାପଡ଼େ, ଯେତେବେଳେ ପଡ଼ୋଶୀର ରୋଜଗାର ବନ୍ଦ ହୁଏ। ବିଷାଦ ବା ଡିପ୍ରେସନ୍ ଜଣାପଡ଼େ, ଯେତେବେଳେ ନିଜର ରୋଜଗାର ବନ୍ଦ ହୋଇଯାଏ। ଦେଶର ପରିସ୍ଥିତି ବଦଳିବାକୁ ଆରମ୍ଭ କରୁଛି ବୋଲି ସେତିକିବେଳେ ଜଣାପଡ଼େ, ଯେତେବେଳେ ଦେଶର ମୁଖ୍ୟ କ୍ଷମତାରୁ ବିଦା ହୁଏ।

# ମୋଦି ୨.୦ ସରକାରଙ୍କ ଅଭୂତପୂର୍ବ ୬ ମାସ



ପ୍ରକାଶ ଜାଭଡେକର

ନଭେମ୍ବର ୩୦, ୨୦୧୯ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାରଙ୍କ ଦ୍ୱିତୀୟ ପାଳି କାର୍ଯ୍ୟକାଳକୁ ୬ ମାସ ପୂରିଛି। ଏହି ୬ ମାସ ମଧ୍ୟରେ ମୋଦି ୨.୦ ସରକାର ବିଭିନ୍ନ ଐତିହାସିକ ଓ ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରିଛନ୍ତି। ବିଶେଷ କରି ଗରିବ, ବଞ୍ଚିତ, କୃଷକ, ମହିଳା, ଯୁବକ, ମଧ୍ୟବିତ୍ତ, ଅନୁସୂଚିତ ଜାତି, ଜନଜାତିଙ୍କ ଜୀବନ ଉପରେ ଏହାର ସକାରାତ୍ମକ ପ୍ରଭାବ ପଡ଼ିଛି। ମୋଦି ସରକାରଙ୍କ ବ୍ୟାପକ ନୀତି ଓ ସମସ୍ତ ନିଷ୍ପତ୍ତି ପଛରେ ''ଭାରତ ପ୍ରଥମ'' ଭାବନା ରହିଆସିଛି। ଦ୍ୱିତୀୟ ବାର ଦେଶବାସୀଙ୍କ ବିଶ୍ୱାସ ଓ ବିପୁଳ ଜନାଦେଶକୁ ସମ୍ମାନ ଜଣାଇ ନିର୍ବାଚନୀ ଇସ୍ତାହାରରେ ଦେଇଥିବା ପ୍ରତିଶ୍ରୁତିକୁ ପୂରଣ କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରଗତିଶୀଳ ନେତୃତ୍ୱରେ ସରକାର କାର୍ଯ୍ୟ କରୁଛନ୍ତି। ''ସବ୍‌କା ସାଥ୍ ସବ୍‌କା ବିକାଶ''ର ବ୍ୟାପକ ଦୃଷ୍ଟିକୋଣ ନେଇ ମୋଦି ୨.୦ ସରକାର ଦ୍ରୁତ ଗତିରେ ''ସବ୍‌କା ବିଶ୍ୱାସ'' ଲକ୍ଷ୍ୟ ହାସଲ ଦିଗରେ କାର୍ଯ୍ୟ କରୁଛନ୍ତି। ଭାଜପା ପକ୍ଷରୁ ଦିଆଯାଇଥିବା କେତେକ ମୂଳ ପ୍ରତିଶ୍ରୁତି ପୂରଣ କରାଯାଇସାରିଲାଣି। ଏଥିମଧ୍ୟରୁ ପ୍ରମୁଖ ହେଉଛି ସମ୍ବିଧାନର ଅନୁଚ୍ଛେଦ ୩୭୦ ଓ ୩୫ଏର ଉଚ୍ଛେଦ ଏବଂ ତିନି ତଲାକ୍ ନିଷେଧ ବିଲ ଜରିଆରେ ମୁସଲିମ ମହିଳାମାନଙ୍କୁ ଲିଙ୍ଗଗତ ନ୍ୟାୟ ପ୍ରଦାନ, ଯାହାକୁ ସମସ୍ତେ ସ୍ୱାଗତ କରିଛନ୍ତି।

ମୋଦି ୨.୦ ସରକାରଙ୍କ ଏହି ୬ ମାସର କାର୍ଯ୍ୟକାଳ ମଧ୍ୟରେ ଅଯୋଧ୍ୟା ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟ ଐତିହାସିକ ରାୟ ଦେଇଛନ୍ତି, ଯାହା ''ରାମ ଜନ୍ମଭୂମି''ରେ ଏକ ଭବ୍ୟ ରାମ ମନ୍ଦିର ନିର୍ମାଣ ପାଇଁ ମାର୍ଗ ପ୍ରଶସ୍ତ କରିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବିରୋଧୀ ଦଳଗୁଡ଼ିକ ଅଯୋଧ୍ୟା ରାୟକୁ ବିଳମ୍ବିତ କରିବା ଲାଗି ସବୁମତେ ଚେଷ୍ଟା କରିଥିଲେ ହେଁ ଭାଜପା ଓ ଏହାର ସହଯୋଗୀ ସଂଗଠନଗୁଡ଼ିକ ଗଠନମୂଳକ ଭୂମିକା ନିର୍ବାହ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ''ମନ୍ କୀ ବାତ୍'' ରେଡିଓ କାର୍ଯ୍ୟକ୍ରମରେ ଏ ସମ୍ପର୍କରେ କହିଥିଲେ ଯେ ଅଯୋଧ୍ୟା ରାୟ ଆସିବା ପରେ ଦେଶବାସୀ ଶାନ୍ତି ଓ ସୌହାର୍ଦ୍ଦ୍ୟର ଯେଉଁ ଭାବନା ପ୍ରଦର୍ଶନ କରିଛନ୍ତି ତାହା ''ଭାରତୀୟ ଗଣତନ୍ତ୍ର''ର ଦୃଢ଼ତାକୁ ପ୍ରଦର୍ଶିତ କରୁଛି। ମୋଦି ସରକାରଙ୍କ ଅଧୀନରେ ଗୋଟିଏ ରାଷ୍ଟ୍ର, ଗୋଟିଏ ପତାକା, ଗୋଟିଏ ସମ୍ବିଧାନର ସ୍ୱପ୍ନ ବାସ୍ତବ ରୂପ ନେଇଛି। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ନେତୃତ୍ୱରେ ଧାରା ୩୭୦ ଉଚ୍ଛେଦ ପ୍ରସ୍ତାବ ସଂସଦରେ ଅନୁମୋଦନ ଲାଭ କରିବା ଥିଲା ଏକ ଐତିହାସିକ ମୁହୂର୍ତ୍ତ। ୫ ଲକ୍ଷ କୋଟି ଆମେରିକୀୟ ଡଲାର ଅର୍ଥବ୍ୟବସ୍ଥାରେ ପରିଣତ ହେବା ଲାଗି ଭାରତ ଠିକଣା ପଥରେ ରହିଛି। ରାଷ୍ଟ୍ରାୟତ୍ତ ଉଦ୍ୟୋଗରୁ ରଣନୈତିକ ପୁଞ୍ଜି ପ୍ରତ୍ୟାହାର ଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଏବଂ ଟିକସ, ଶ୍ରମ ଓ ବ୍ୟାଙ୍କିଙ୍ଗ କ୍ଷେତ୍ରରେ ସଂସ୍କାରମୂଳକ ପଦକ୍ଷେପ ଯୋଗୁ ଭାରତୀୟ ଅର୍ଥବ୍ୟବସ୍ଥା ସୁଦୃଢ଼ ହେଉଛି। କର୍ପୋରେଟ ଟିକସ ହ୍ରାସ କରାଯାଇ ପୂର୍ବରୁ ଥିବା ଉତ୍ପାଦନ ଭିତ୍ତିକ କମ୍ପାନୀଗୁଡ଼ିକ ପାଇଁ ୨୨ % ଏବଂ ନୂଆ କମ୍ପାନୀ ପାଇଁ ୧୫% କରିଦିଆଯାଇଛି। ଭାରତରେ ବର୍ତ୍ତମାନ ଟିକସ ଦର ସର୍ବନିମ୍ନ ଥିବାରୁ ଏହା ବିଶ୍ୱର ସବୁଠୁ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ବୈଶ୍ୱିକ ଅର୍ଥବ୍ୟବସ୍ଥାରେ ପରିଣତ ହୋଇଛି। ବ୍ୟାଙ୍କିଙ୍ଗ କ୍ଷେତ୍ରରେ ସୁଧାର ଆଣିବା ଲାଗି ବୃହତ୍ ବ୍ୟାଙ୍କ ସମ୍ମିଶ୍ରଣ ପ୍ରକ୍ରିୟା ଆରମ୍ଭ କରାଯାଇଛି। ଏ ଦିଗରେ ପଦକ୍ଷେପ ସ୍ୱରୂପ ୧୦ଟି ବ୍ୟାଙ୍କର ସମ୍ମିଶ୍ରଣ କରାଯାଇଛି। ବ୍ୟାଙ୍କିଙ୍ଗ ବ୍ୟବସ୍ଥାର ସ୍ୱାସ୍ଥ୍ୟରେ ସୁଧାର ଆଣିବା ଲାଗି ପ୍ରୟାସ କରାଯାଇଛି। ଏହାଛଡା ୨୦୧୯-୨୦ ଆର୍ଥିକ ବର୍ଷରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକରେ ୭୦ ହଜାର କୋଟି ଟଙ୍କାର ପୁଞ୍ଜିନିବେଶ କରାଯିବ।

ଦେବାଳିଆ ଓ ଦେବାଳିଆପଣ ସଂହିତା ଅଧୀନରେ ମାମଲା ସମାଧାନ ପ୍ରକ୍ରିୟାକୁ ମୋଦି ସରକାର ଆହୁରି ସରଳ କରିଛନ୍ତି। ଏଥିଯୋଗୁ ହାରାହାରି ୩୭୪ ଦିନ ମଧ୍ୟରେ ବିବାଦର ସମାଧାନ ହେବା ସହ ବ୍ୟବସ୍ଥା ସ୍ୱଚ୍ଛ ହୋଇପାରୁଛି। ବିଶ୍ୱମଞ୍ଚରେ ଭାରତ ନିଜର ପ୍ରଭାବ ପକାଇବାରେ ସଫଳ ହୋଇଛି। ବ୍ୟବସାୟିକ ସୁଗମତା, ବୈଶ୍ୱିକ ନବୋନ୍ମେଷ ସୂଚକାଙ୍କ ଆଦି ବିଭିନ୍ନ ବୈଶ୍ୱିକ ମାନକରେ ଭାରତର ଉଲ୍ଲେଖନୀୟ ପ୍ରଗତି ଏହାର ପ୍ରମାଣ ଦେଉଛି। ବିଶ୍ୱବ୍ୟାଙ୍କ ବ୍ୟବସାୟିକ ସୁଗମତା ମାନ୍ୟତାରେ ସ୍ଥାନିତ ବିଶ୍ୱର ୧୯୦ଟି ଦେଶ ମଧ୍ୟରେ ଭାରତ ୬୩ତମ ସ୍ଥାନ ହାସଲ କରିପାରିଛି। ଗତ ତିନି ବର୍ଷ ମଧ୍ୟରେ ଭାରତ ବ୍ୟବସାୟିକ ସୁଗମତା ମାନ୍ୟତାରେ ୬୭ଟି ସ୍ଥାନ ଉପରକୁ ଉଠିବାରେ ସଫଳ ହୋଇଛି। ୨୦୧୧ ପରେ କୌଣସି ବଡ ଦେଶ ପାଇଁ ଏହା ହେଉଛି ସର୍ବୋଚ୍ଚ ଉନ୍ନତି। ଭାରତ ନିକଟରେ ବର୍ତ୍ତମାନ ବିଶ୍ୱରେ ତୃତୀୟ ସର୍ବବୃହତ୍ ଷ୍ଟାର୍ଟଅପ୍ ପରିସଂସ୍ଥାନ( ଇକୋସିଷ୍ଟମ) ରହିଛି। ବିଶ୍ୱ ନବୋନ୍ମେଷ ସୂଚକାଙ୍କ-୨୦୧୯ରେ ଭାରତ ଉନ୍ନୀତ ହୋଇ ୫୨ ତମ ସ୍ଥାନରେ ପହଞ୍ଚିଛି। ୨୦୧୫ରେ ଭାରତ ଏହି ସୂଚକାଙ୍କର ୮୧ତମ ସ୍ଥାନରେ ରହିଥିଲା। ଆଇଏମ୍‌ଡିର ବିଶ୍ୱ ଡିଜିଟାଲ ପ୍ରତିଦ୍ୱନ୍ଦ୍ୱିତା ସୂଚକାଙ୍କ-୨୦୧୮ରେ ଭାରତ ୪୮ତମ ସ୍ଥାନରେ ଥିବାବେଳେ ୨୦୧୯ରେ ୪୪ତମ ସ୍ଥାନରେ ପହଞ୍ଚିଛି। କେବଳ ସେତିକି ନୁହେଁ ଡବ୍ଲ୍ୟୁଇଏଫ୍‌ର ଭ୍ରମଣ ଓ ପର୍ଯ୍ୟଟନ ପ୍ରତିଦ୍ୱନ୍ଦ୍ୱିତା ସୂଚକାଙ୍କ-୨୦୧୯ରେ ଭାରତ ୩୪ତମ ସ୍ଥାନରେ ପହଞ୍ଚିଛି। ୨୦୧୫ରେ ଭାରତ ଏହି ମାନ୍ୟତାର ୫୨ତମ ସ୍ଥାନରେ ରହିଥିଲା।

ଦେଶର କୃଷକମାନଙ୍କ ଆୟ ଦ୍ୱିଗୁଣିତ କରିବା ଦିଗରେ ଏକ ବୃହତ୍ ପଦକ୍ଷେପ ସ୍ୱରୂପ ମୋଦି ୨.୦ ସରକାର ଏକ ଅଭିନବ ପଦକ୍ଷେପ ଗ୍ରହଣ କରିଛନ୍ତି। 'ପିଏମ କିଷାନ ଯୋଜନା'ରେ ପ୍ରତିବର୍ଷ ସମସ୍ତ ଚାଷୀଙ୍କୁ ୬ ହଜାର ଟଙ୍କାର ଇନ୍‌ପୁଟ ସହାୟତା ଯୋଗାଇ ଦିଆଯାଉଛି। ବର୍ତ୍ତମାନ ଦେଶର ୧୪.୫ କୋଟି କୃଷକ ଏହି ଯୋଜନା ଦ୍ୱାରା ଲାଭବାନ ହେଉଛନ୍ତି। ସ୍ୱଚ୍ଛ ଏବଂ ପାରଦର୍ଶୀ ପ୍ରକ୍ରିୟା ଅବଲମ୍ବନ କରି ମୋଦି ସରକାର ଭାରତୀୟ ବାୟୁ ସେନା ପାଇଁ ରାଫେଲ ଯୁଦ୍ଧ ବିମାନ କ୍ରୟ କରିଛନ୍ତି। ଏଥିସହିତ ସରକାରଙ୍କ ବିରୋଧରେ ହୋଇଥିବା ସଂଖ୍ୟାଧିକ ମିଥ୍ୟା ଅଭିଯୋଗ ଧୂଳିସାତ୍ ହୋଇଯାଇଛି। ମୋଦି ସରକାର ଜନ ଭାଗୀଦାରିରେ ବିଶ୍ୱାସ କରନ୍ତି, ଯାହାଦ୍ୱାରା ଅଭ୍ୟାସରେ ପରିବର୍ତ୍ତନ ଆସିପାରିବ। ସ୍ୱଚ୍ଛ ଭାରତ ଅଭିଯାନ ଓ ଶୌଚାଳୟର ବ୍ୟବହାର ମାମଲାରେ ସେ ଏହା ପ୍ରମାଣିତ କରିସାରିଛନ୍ତି। ବର୍ତ୍ତମାନ ସେ ''ଏକକ ବ୍ୟବହାର ପ୍ଲାଷ୍ଟିକ'' ବର୍ଜନ କରିବା ଲାଗି ଆହ୍ୱାନ ଦେଇଛନ୍ତି। ଏହି ଅଭିଯାନର ମାତ୍ର ୧୫ ଦିନ ମଧ୍ୟରେ, ୧୩ ହଜାର ଟନ୍ ପ୍ଲାଷ୍ଟିକ ବର୍ଜ୍ୟ ଏକତ୍ର କରାଯାଇସାରିଲାଣି। ଏହା ଖୁବ୍ ଅଧିକ। ସେ ମଧ୍ୟ ଲୋକମାନଙ୍କୁ 'ପ୍ଲଗିଂ' ବା ଚାଲି ଚାଲି ଯିବା ସମୟରେ କିମ୍ବା ପ୍ରାତଃଭ୍ରମଣ କରିବା ସମୟରେ ରାସ୍ତାରେ ପଡ଼ିଥିବା ପଲିଥିନକୁ ନଷ୍ଟ ହେବା ପାଇଁ ଯଥାସ୍ଥାନରେ ରଖି ଦେବା ଲାଗି ଅନୁରୋଧ କରିଛନ୍ତି। ଯଦିଓ ୬ ମାସ ଖୁବ୍ କମ୍ ସମୟ, କିନ୍ତୁ ପଛକୁ ଫେରି ଚାହିଁଲେ ମୋଦି ୨.୦ ସରକାର ଅନେକ ଉଲ୍ଲେଖନୀୟ ଉପଲବ୍ଧି ହାସଲ କରିଛନ୍ତି ବୋଲି କହିହେବ।

(ଲେଖକ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ; ସୂଚନା ଓ ପ୍ରସାରଣ ; ଭାରି ଶିଳ୍ପ ଓ ସାଧାରଣ ଉଦ୍ୟୋଗ ମନ୍ତ୍ରୀ)

# ଦୁଇଟି ନଗରୀର କାହାଣୀ



ଡ. ରମେଶ ଚନ୍ଦ୍ର ପରିଡ଼ା

ମଧ୍ୟପ୍ରଦେଶର ରାଜଧାନୀ ଭୋପାଳ। ତେବେ ସମଗ୍ର ବିଶ୍ୱ ପାଇଁ ତାହା ପାଲଟିଛି ଶିଳ୍ପ ଦୁର୍ଘଟଣା ଭୟାବହତାର ପ୍ରତୀକ। ୩୫ ବର୍ଷ ପୂର୍ବେ ସେଠାରେ ଥିବା ୟୁନିୟନ୍ କାର୍ବାଇଡ୍ ଇଣ୍ଡିଆ ଲିମିଟେଡ୍ (ଆମେରିକୀୟ କମ୍ପାନୀ କାର୍ବାଇଡ୍ କର୍ପୋରେଶନ ନିୟନ୍ତ୍ରିତ)ର କୀଟାଣୁନାଶକ ଉତ୍ପାଦନକାରୀ ଶିଳ୍ପସଂସ୍ଥାରୁ ଘଟିଥିଲା ବାଷ୍ପୀୟ ନିର୍ଗମନ। ଏହାର ବିଷାକ୍ତ ପ୍ରଭାବରେ ସରକାରୀ ଆକଳନ ଅନୁସାରେ ମାତ୍ର କେତେ ଘଣ୍ଟା ମଧ୍ୟରେ ପ୍ରାୟ ୩୦୦୦ ବ୍ୟକ୍ତି ମୃତ୍ୟୁବରଣ କରିଥିଲେ (ବେସରକାରୀ ସଂସ୍ଥାଗୁଡ଼ିକ ଏ ସଂଖ୍ୟା କିଛିଦିନ ମଧ୍ୟରେ ୧୫,୦୦୦ ଅତିକ୍ରମ କରିଥିଲା ବୋଲି ଦାବି କରନ୍ତି) ଏବଂ ୫ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ଦୀର୍ଘକାଳୀନ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହୋଇଥିଲେ।

ପ୍ରଥମେ ୧୯୮୪ ଡିସେମ୍ବର ୨-୩ର ଗଭୀର ରାତ୍ରିରେ ବାଷ୍ପ ନିର୍ଗତ ହୋଇଥିଲା, ଯାହା ରାସାୟନିକ ଯୁଦ୍ଧରେ ବ୍ୟବହୃତ ମାରାତ୍ମକ 'ଫସଜେନ୍' ଏବଂ କମ୍ପାନୀ ଏହାକୁ ଗୋପନରେ ପ୍ରସ୍ତୁତ କରୁଥିଲା ବୋଲି ସନ୍ଦେହ କରାଯାଉଥିଲା। ତେବେ ଏହା ପ୍ରକୃତରେ ସେଥିସହିତ ଅନେକ ସାମଞ୍ଜସ୍ୟ ଥିବା 'ମିଥାଇଲ୍ ଆଇସୋ ସିୟାନେଟ୍' ବୋଲି ଜଣାପଡ଼ିଲା। ସେଭିନ୍, ଟେମିକ୍ ବାଇଗନ୍ ଏବଂ ଫୁରାଡନ୍ ଭଳି କୀଟାଣୁ ନାଶକର ପ୍ରସ୍ତୁତି ଲାଗି ତାହା ଗଚ୍ଛିତ ରଖାଯାଇଥିଲା। ଏ ବାଷ୍ପ ଅତ୍ୟନ୍ତ ବିଷାକ୍ତ। ବାୟୁରେ ଏହାର ଘନତ୍ୱ ନିୟୁତ ପ୍ରତି ୨୧ ଭାଗକୁ ସ୍ପର୍ଶକଲେ ତାହା ମାତ୍ର କେତେ ମିନିଟ୍ ମଧ୍ୟରେ ଆଘ୍ରାଣକାରୀର ମୃତ୍ୟୁ ଘଟାଇଥାଏ। ଏହା ବ୍ୟତୀତ ଅପେକ୍ଷାକୃତ କମ୍ ମାତ୍ରାରେ ଏହା ଶ୍ୱାସରୋଗ, ଚକ୍ଷୁରୋଗ, ନିମୋନିଆ, ଦୃଷ୍ଟିଶକ୍ତିହୀନତା ଆଦିଠାରୁ ଆରମ୍ଭ କରି କର୍କଟ ରୋଗ, ଜିନୀୟ ଧ୍ରୁବୀକରଣ ଇତ୍ୟାଦିର କାରଣ ହୋଇପାରେ। ପରିବେଶ ଓ ପରିସଂସ୍ଥା ଉପରେ ଏହାର ଘାତକ ପ୍ରଭାବ ଦୀର୍ଘସ୍ଥାୟୀ, ଯାହାକି ଏବେ ମଧ୍ୟ ଭୋପାଳରେ ଅନୁଭୂତ ହେଉଛି।

ୟୁନିୟନ କାର୍ବାଇଡ୍ ଇଣ୍ଡିଆ ଲିମିଟେଡ୍ ଶିଳ୍ପକେନ୍ଦ୍ରରୁ ନିର୍ଗତ ହୋଇଥିଲା ପ୍ରାୟ ୪୦ ଟନ୍ 'ମିଥାଇଲ୍ ଆଇସୋ ସିୟାନେଟ୍'। ଏହାର ଚତୁଃପାର୍ଶ୍ୱରେ ପ୍ରାୟ ୫ କିଲୋମିଟରରୁ ଅଧିକ ବ୍ୟାସାର୍ଦ୍ଧ ପରିମିତ ଅଞ୍ଚଳର ବାୟୁରେ ଏ ବାଷ୍ପର ଘନତ୍ୱ ଥିଲା ଘାତକ ମାତ୍ରାଠାରୁ ଅନେକ ଗୁଣ ଅଧିକ। ଏଣୁ ପରଦିନ (ଡିସେମ୍ବର ୩, ୧୯୮୪) ସକାଳେ ହଜାର ହଜାର ପ୍ରଭାବିତ ଲୋକ ବିଭିନ୍ନ ଡାକ୍ତରଖାନାରେ ଭିଡ଼ ଜମାଇଲା ବେଳେ ଆହୁରି ଅଧିକ ଲୋକ କୌଣସି ଚିକିତ୍ସା ପାଇ ନ ପାରି ଛଟପଟ ହୋଇ ଜୀବନ ସହିତ ସଂଘର୍ଷ କରୁଥିଲେ। ଅନ୍ୟପକ୍ଷରେ କମ୍ପାନୀ ଚାପରେ ତଦାନୀନ୍ତନ ରାଜ୍ୟ ସରକାର ଘୋଷଣା କରିଦେଲେ ଯେ, ଏ ବାଷ୍ପର କୁପ୍ରଭାବ ୮ ଘଣ୍ଟା ଭିତରେ ନିୟନ୍ତ୍ରିତ ହୋଇସାରିଛି। ଅତଏବ ଅଧିକ କିଛି କ୍ଷୟକ୍ଷତିର ସମ୍ଭାବନା ନାହିଁ। ପ୍ରକୃତରେ ଆଜି ୩୫ ବର୍ଷ ପରେ ମଧ୍ୟ ପରିବେଶ ଓ ଜନସ୍ୱାସ୍ଥ୍ୟ ଉପରେ ଏହାର ପ୍ରଭାବ ପରିଲକ୍ଷିତ ହେଉଛି। ଧନ୍ୟ ଆମର ଜନହିତକାରୀ ଗଣତାନ୍ତ୍ରିକ ସରକାର!

ଦୁର୍ଘଟଣା ଘଟିବା ପରେ ଏହାକୁ ନେଇ ସମଗ୍ର ଦେଶରେ ପ୍ରକଟିତ ହେଲା କ୍ରୋଧିତ ଜନମତ। ଏଣୁ ମଧ୍ୟପ୍ରଦେଶ ସରକାର ତାହା ପ୍ରଶମିତ କରିବା ପାଇଁ ୟୁନିୟନ କାର୍ବାଇଡ୍‌ର ମୁଖ୍ୟଙ୍କୁ ଦିନକ ଲାଗି ପୋଲିସ ହେପାଜତରେ ରଖିଲେ। ପରଦିନ କ୍ଷତିପୂରଣର ପ୍ରତିଶ୍ରୁତି ନେଇ ତାଙ୍କୁ ମୁକ୍ତ କରିଦେଲେ ଏବଂ ତାଙ୍କ ଦେଶକୁ ଫେରିଯିବାର ଅନୁମତି ଦେଲେ। ତେବେ ସେ ପ୍ରତିଶ୍ରୁତି ପାଲଟିଗଲା ପାଣିର ଗାର। ଏଣୁ ସରକାର ଲୋକଦେଖାଣିଆ ଭାବେ ଏବଂ କେତେକ ସ୍ୱେଚ୍ଛାସେବୀ ସଙ୍ଗଠନ କମ୍ପାନୀ ବିରୋଧରେ ନ୍ୟାୟାଳୟର ଆଶ୍ରୟ ନେଲେ। ମାତ୍ର ତାହାର କିଛି ଫଳ ବାହାରିଲା ନାହିଁ।

ଇତିମଧ୍ୟରେ ୨୦୦୧ ମସିହାରେ ୟୁନିୟନ କାର୍ବାଇଡ୍ ଅଫ୍ ଇଣ୍ଡିଆ ଲିମିଟେଡ୍‌କୁ ହାତକୁ ନେଲା ଆମେରିକାର ଡୋ କେମିକାଲ୍‌ସ କମ୍ପାନୀ। ସେ ସମୟରେ ଏହା ମଧ୍ୟ ଦୁର୍ଘଟଣାରେ କ୍ଷତିଗ୍ରସ୍ତଙ୍କୁ ଉପଯୁକ୍ତ କ୍ଷତିପୂରଣ ଦେବାର ଏବଂ ଭୋପାଳର ବିପର୍ଯ୍ୟସ୍ତ ପରିବେଶକୁ ସୁଧାରିବାର ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ ଅଦ୍ୟାବଧି ସେ ଦିଗରେ କୌଣସି ଆଖିଦୃଷ୍ଟିଆ ପଦକ୍ଷେପ ଆରମ୍ଭ ହୋଇନାହିଁ। ଅତଏବ ସାରା ଦୁନିଆରେ ପ୍ରମାଣିତ ହୋଇପାରିଛି ଯେ ଭାରତୀୟମାନଙ୍କ ଜୀବନ ଅତି ଶସ୍ତା। ସରକାରରେ ଥିବା ଲୋକଙ୍କୁ ହାତେଇ ପାରିଲେ ଏହାକୁ ବିନା ମୂଲ୍ୟରେ ନଷ୍ଟ କରାଯାଇପାରିବ। ବୋଧହୁଏ ସେଇଥିପାଇଁ ବଡ଼ବଡ଼ ବିଦେଶୀ କମ୍ପାନୀ ଏଠାରେ ପ୍ରଦୂଷଣକାରୀ ଶିଳ୍ପ ପ୍ରତିଷ୍ଠା ଲାଗି ଆଗ୍ରହ ପ୍ରକାଶ କରୁଛନ୍ତି। ସେମାନଙ୍କ ଦେଶରେ ଏହା କରିବା କେବଳ ଯେ ବ୍ୟୟବହୁଳ ତା' ନୁହେଁ, ସେଥିସହିତ ତାହା କିପରି ସମସ୍ୟାବହୁଳ ତାହାର ଏକ ଦୃଷ୍ଟାନ୍ତ ଏଠାରେ ଦିଆଗଲା।

ଆମେରିକାର ମିଚିଗାନ୍ ରାଜ୍ୟରେ ଅବସ୍ଥିତ ମିଡ୍‌ଲାଣ୍ଡଠାରେ ରହିଛି ଡୋ କେମିକାଲ କମ୍ପାନୀର କିଛି ରାସାୟନିକ କାରଖାନା। ତହିଁରୁ ନିର୍ଗତ ହୋଇଥାଏ ଅନ୍ୟାନ୍ୟ ପ୍ରଦୂଷକ ସମେତ ବିଷାକ୍ତ 'ଡାଇଅକ୍‌ସିନସ୍'। ତାହା ସେଠାର ସ୍ତନ୍ୟପାୟୀ ତଥା ଅନ୍ୟାନ୍ୟ ପ୍ରାଣୀ, ମାଛ ଓ ପକ୍ଷୀଙ୍କ ସ୍ୱାସ୍ଥ୍ୟଠାରୁ ଆରମ୍ଭକରି ଦୁଇଟି ନଦୀ, ସେଗୁଡ଼ିକର ଉପତ୍ୟକା ଏବଂ ଗୋଟିଏ ହ୍ରଦର ପରିବେଶ ଓ ପରିସଂସ୍ଥାକୁ ଗଭୀରଭାବେ ପ୍ରଭାବିତ କରୁଛି। ଏଣୁ ଏହି ଅଞ୍ଚଳ ପରିବେଶର ବିଶୁଦ୍ଧୀକରଣ ଲାଗି ସେଠାର ସରକାରଙ୍କ ଦାବି ନିକଟରେ ମୁଣ୍ଡ ନୁଆଁଇ ଏ କମ୍ପାନୀ ଚୁକ୍ତିଟିଏ ସ୍ୱାକ୍ଷର କରିଛି ଏବଂ ତଦନୁଯାୟୀ ଆରମ୍ଭ କରିଛି ଏକ ୭୭ ଲକ୍ଷ ନିୟୁତ ଡଲାରର ପୁନରୁଦ୍ଧାର ଯୋଜନା। ତନ୍ମଧ୍ୟରେ ଅଗ୍ରାଧିକାର ପାଇଛି ପ୍ରଦୂଷିତ ନଦୀ ଦୁଇଟି। ଏହାର ବିଶୋଧନ ପ୍ରକ୍ରିୟା ଆରମ୍ଭ ହୋଇଗଲାଣି ଏବଂ ଆଗାମୀ ୨୦୨୧ ସୁଦ୍ଧା ତାହା ସମ୍ପୂର୍ଣ୍ଣ ହେବାର ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଏହାବ୍ୟତୀତ ମିଡ୍‌ଲାଣ୍ଡର ଆଖପାଖ ଅଞ୍ଚଳ, ଜଳାଶୟ, ନଦନଦୀ ଆଦି ୧୩ଟି ପ୍ରାକୃତିକ ସମ୍ପଦର ସୁରକ୍ଷା ଓ ବିଶୋଧନକୁ ମଧ୍ୟ ଏହି ଚୁକ୍ତିର ଅନ୍ତର୍ଭୁକ୍ତ କରାଯାଇଛି। ପୁନଶ୍ଚ ସେଗୁଡ଼ିକର ସଦୁପଯୋଗ ମାଧ୍ୟମରେ ସ୍ଥାନୀୟ ଲୋକଙ୍କ ଜୀବନ ଓ ଜୀବିକାର ବିକାଶ ଲାଗି ମଧ୍ୟ ଏଥିରେ ବ୍ୟବସ୍ଥା ରହିଛି।

ମିଡ୍‌ଲାଣ୍ଡ ସହ ତୁଳନା କଲେ ଭୋପାଳରେ ଧନଜୀବନ ହାନି ତଥା ପରିବେଶ ଓ ପରିସଂସ୍ଥାର ଅପଚୟ କାହିଁ କେତେ ଗୁଣ ଅଧିକ। କିନ୍ତୁ ଏହାକୁ ବିନା କ୍ଷତିପୂରଣରେ ଏବଂ ବିନା ଦଣ୍ଡବିଧାନରେ ଏଡାଇଦେବା ସମ୍ଭବ ହେଲା। ସେହି ବିଦେଶୀ କମ୍ପାନୀ କିମ୍ବା ଆମ ଜନମଙ୍ଗଳ ରାଷ୍ଟ୍ରର ଗଣତାନ୍ତ୍ରିକ ସରକାରଙ୍କ ଦୃଷ୍ଟିରେ ଆମ ଜୀବନ ଓ ପରିବେଶର କିଛି ମୂଲ୍ୟ ଥିଲେ ଏପରି ଘଟିଥାନ୍ତା କି? ଅନ୍ୟପକ୍ଷରେ ଆମେରିକୀୟ ଧନଜୀବନ ଓ ପରିବେଶ ସେଠାର ସରକାରଙ୍କ ପାଇଁ ମୂଲ୍ୟବାନ୍। ସେଥିପାଇଁ ତାହା ଡୋ କେମିକାଲ୍‌ସକୁ ତଦ୍ଦ୍ୱାରା ଉତ୍ପନ୍ନ ପରିବେଶୀୟ ସମସ୍ୟାର ସମାଧାନ କରିବା ଲାଗି ବାଧ୍ୟ କରିପାରିଲା।

ଭୁବନେଶ୍ୱର, ମୋ:୯୯୩୭୯୮୫୭୬୭

## ଏଇ ଭାରତରେ

ଦୃଷ୍ଟିବାଧିତ ବରକନ୍ୟାଙ୍କ ବାହାଘର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେଉଥିଲେ ବି ଛତିଶଗଡ଼ର କୋରିଆ ଜିଲ୍ଲାରେ ଜାତିବାଦକୁ ପଛକରି ଅନୁଷ୍ଠିତ ହୋଇଥିବା ନିଆରା ବାହାଘର ଏବେ ଚର୍ଚ୍ଚାର ବିଷୟ ପାଲଟିଛି। କୋରିଆ ଜିଲାର ଟୁମରିଆ ଗାଁରେ ହୋଇଛି ଏହି ବାହାଘର। ଏହି ବାହାଘରର ବର ଓ କନ୍ୟା ଉଭୟ ଦୃଷ୍ଟିବାଧିତ। ଟୁମରିଆ ଗାଁର ଦାଦୁରାମଙ୍କ ବଡ଼ଝିଅ ଗୁଞ୍ଜାଙ୍କ ସହ ସୁରଜଙ୍କର ବାହାଘର ହୋଇଛି। ଗୁଞ୍ଜା ପିଲାଦିନୁ ଦୃଷ୍ଟିବାଧିତ। ସୁରଜ ଓ ଗୁଞ୍ଜାଙ୍କ ଜାତି ଅଲଗା ଅଲଗା। ବରବେଶରେ ସୁରଜ ମଧ୍ୟପ୍ରଦେଶର ଗ୍ୱାଲିୟରରୁ ଆସିଥିଲେ। ତାଙ୍କ ସହ ସାମିଲ ହୋଇଥିବା ସମସ୍ତ ବରଯାତ୍ରୀ ଥିଲେ ଦୃଷ୍ଟିବାଧିତ। ବରାତରେ ମାଧବ ଦୃଷ୍ଟିବାଧିତ ଆଶ୍ରମର ବିଦ୍ୟାର୍ଥୀମାନେ ବରଯାତ୍ରୀ ହୋଇ ଆସିଥିଲେ। ଏହି ଆଶ୍ରମରେ ସୁରଜ ସଙ୍ଗୀତ ଶିକ୍ଷା ପ୍ରଦାନ କରନ୍ତି। ଟୁମରିଆ ଗାଁ ଲୋକମାନଙ୍କ ପାଇଁ ଉକ୍ତ ବାହାଘର ବି ସ୍ୱତନ୍ତ୍ର ରହିଥିଲା। ପୂରା ଗାଁ ଲୋକେ ବାହାଘର ଦେଖିବା ଲାଗି ଦାଦୁରାମଙ୍କ ଘରେ ପହଞ୍ଚି ଯାଇଥିଲେ। ଗୁଞ୍ଜା କଳାରେ ଡିଗ୍ରୀ ହାସଲ କରିଛନ୍ତି। ସୁରଜ ସଙ୍ଗୀତ କଳାରେ ଆଇଟିଆଇ କରିଛନ୍ତି। ଚିତ୍ରକୂଟର ରାମଭଦ୍ରାଚାର୍ଯ୍ୟ ବିଶ୍ୱବିଦ୍ୟାଳୟରେ ପଢୁଥିବା ସମୟରେ ଏହି ଦୁହିଁଙ୍କର ସାକ୍ଷାତ ହୋଇଥିଲା। ଏହି ବାହାଘରରେ ନବଦମ୍ପତିଙ୍କୁ ଆଶୀର୍ବାଦ ଦେବା ପାଇଁ କେତେକ ନେତା ବି ପହଞ୍ଚିଥିଲେ।

## ଚିରନ୍ତନୀ

ଅବିଚ୍ଛିନ୍ନ ସୈନ୍ୟଶ୍ରେଣୀ ପାତାଳୁଁ ଉଠାଏ ଜୟସ୍ୱର
ଆକାଶ ମଥିତ କରେ ବିପ୍ଳବର ଦାବି
ସହସ୍ର ଭାଷାରେ ଲେଖେ ଏକ ପତ୍ରେ ଚରମ ସ୍ୱାକ୍ଷର
ଅଘଟ-ଘଟନା ପଟୁ ନବୀନ ଶତାବ୍ଦୀ!
(ଶତାବ୍ଦୀ-ସୈନିକ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨ ଡିସେମ୍ବର ୧୯୯୪

- ରୁଆଣ୍ଡା ସମ୍ପର୍କରେ ଜାତିସଂଘ ନିରାପତ୍ତା ପରିଷଦର ଗୃହୀତ ନିଷ୍ପତ୍ତି ମିଆଦକୁ ଆସନ୍ତା ବର୍ଷ ଜୁନ ୬ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି।
- ବିଶ୍ୱର ପ୍ରଥମ ଆନ୍ତର୍ଜାତିକ ଏଡ୍‌ସ ସମ୍ମିଳନୀ ପ୍ୟାରିସରେ ଆରମ୍ଭ ହୋଇଛି।

## ସାପ୍ତାହିକ ପଞ୍ଜିକା

ନଭେମ୍ବର ୨୫- ମଧ୍ୟପ୍ରଦେଶର ବହୁଚର୍ଚ୍ଚିତ ବ୍ୟାପମ୍ ନିଯୁକ୍ତି ଦୁର୍ନୀତି ମାମଲାରେ ସ୍ୱତନ୍ତ୍ର ସିବିଆଇ କୋର୍ଟ ୩୧ ଜଣଙ୍କୁ ଜେଲଦଣ୍ଡାଦେଶ ଦେଇଛନ୍ତି।

୨୬- ମହାରାଷ୍ଟ୍ରରେ ଆସ୍ଥାଭୋଟର ସମ୍ମୁଖୀନ ହେବା ପୂର୍ବରୁ ଉପମୁଖ୍ୟମନ୍ତ୍ରୀ ପଦରୁ ଅଜିତ ପାୱାର ଓ ପରେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ ଇସ୍ତଫା ଦେଇଛନ୍ତି।

୨୭- ହକି ବିଶ୍ୱକପ ଆୟୋଜନର ବର୍ଷପୂର୍ତ୍ତି ଅବସରରେ ଆସିଛି ଆଉ ଏକ ବଡ଼ ଖବର। ୨୦୨୩ ପୁରୁଷ ହକି ବିଶ୍ୱକପ ମଧ୍ୟ ଓଡ଼ିଶାରେ ଆୟୋଜନ ହେବ।

* ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ମହାକାଶ କେନ୍ଦ୍ରରୁ ପିଏସ୍‌ଏଲ୍‌ଭି-୪୭ ସହାୟତାରେ ମହାକାଶକୁ ସଫଳତାର ସହ କାର୍ଟୋସାଟ-୩କୁ ଉତ୍କ୍ଷେପଣ କରାଯାଇଛି। କାର୍ଟୋସାଟ ସହ ଆମେରିକାର ୧୩ ନାନୋ ସାଟେଲାଇଟକୁ ମଧ୍ୟ ପ୍ରେରଣ କରାଯାଇଛି।

୨୮- ଶିବସେନା ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେ ମହାରାଷ୍ଟ୍ରର ଅଷ୍ଟାଦଶ ମୁଖ୍ୟମନ୍ତ୍ରୀ ଭାବେ ଶପଥଗ୍ରହଣ କରିଛନ୍ତି।

୨୯- ଚଳିତ ଆର୍ଥିକ ବର୍ଷ ଜୁଲାଇ-ସେପ୍ଟେମ୍ବର ତ୍ରିମାସରେ ଦେଶର ଜିଡିପି ଅଭିବୃଦ୍ଧି ୬ ବର୍ଷର ସର୍ବନିମ୍ନ ସ୍ତର ୪.୫%କୁ ଖସିଛି।

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | | | | D | | | C | | 4 | |
| C | | | | 1 | 8 | | | | | 2 | A | | | 3 |
| D | | | 3 | | | | 5 | | 9 | | | | | 8 |
| | | | | | | 6 | 8 | 0 | | | | | 9 | |
| | | | E | 4 | 7 | | B | | | | 5 | A | | |
| | | | | | 6 | | | | E | | B | 9 | 2 | |
| 1 | | | | | | E | | | 2 | | | | 6 | A |
| | | | | 9 | E | | | 1 | | 5 | | | | |
| B | | | D | | 0 | 3 | | 8 | | | 9 | | | 4 |
| | E | | | 2 | B | | A | 4 | 0 | 1 | | 8 | | |
| 6 | | 2 | | 5 | | | | | 4 | | E | B | | |
| | | | 7 | | | 4 | 0 | | 5 | 6 | | 1 | | |
| 5 | | | 4 | | | 1 | | | | 7 | | C | 0 | |
| | | E | | D | | | 9 | 2 | | C | | | 8 | 7 |
| 7 | | 3 | | | | | | | 8 | | | | A | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 8 | A | 2 | 5 | 9 | E | 3 | 7 | 1 | C | D | 4 | 0 | B | 6 |
| D | 1 | 3 | 2 | B | A | E | 9 | 0 | 6 | 7 | 8 | C | 5 | 4 |
| 0 | C | 9 | 1 | 8 | 6 | 4 | 5 | 2 | 3 | A | B | E | 7 | D |
| E | 6 | 4 | 7 | 0 | 3 | C | B | D | 1 | 5 | 2 | A | 8 | 9 |
| B | 7 | 5 | 4 | C | D | 8 | A | 6 | 9 | 0 | E | 3 | 1 | 2 |
| 6 | E | D | C | 3 | 2 | 9 | 8 | 5 | 0 | 1 | A | B | 4 | 7 |
| 5 | 2 | 8 | 9 | 4 | B | A | D | 7 | E | C | 3 | 6 | 0 | 1 |
| 4 | B | C | 0 | D | 1 | 6 | 3 | E | 8 | 2 | 7 | 5 | 9 | A |
| 9 | 0 | 1 | 8 | A | 7 | B | 2 | C | 4 | 6 | 5 | D | 3 | E |
| 7 | 3 | A | E | 6 | 5 | 1 | 0 | 4 | D | B | 9 | 2 | C | 8 |
| 3 | 8 | 0 | B | 5 | 4 | D | 6 | A | 2 | 9 | 1 | 7 | E | C |
| A | 5 | E | 3 | 2 | C | 7 | 1 | 8 | B | 4 | 6 | 9 | D | 0 |
| 2 | 4 | 7 | D | 1 | 9 | 5 | C | 3 | A | E | 0 | 8 | 6 | B |
| C | 9 | 6 | A | E | 8 | 0 | 4 | B | 7 | 3 | D | 1 | 2 | 5 |
| 1 | D | B | 6 | 7 | 0 | 2 | E | 9 | 5 | 8 | C | 4 | A | 3 |

ଗତକାଲିର ଉତ୍ତର

## ଆମ ସମସ୍ୟା

### ଅଘୋଷିତ ବିଦ୍ୟୁତ୍ କାଟ

ମହାଶୟ,

ସାକ୍ଷୀଗୋପାଳରେ ସକାଳୁ ରାତିଯାଏ ମନଇଚ୍ଛା ବିଦ୍ୟୁତ୍ କାଟ ହେଉଛି। ଫଳରେ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପଚାରିଲେ ବିଦ୍ୟୁତ୍ ବିଭାଗ କର୍ତ୍ତୃପକ୍ଷ କୌଣସି ସନ୍ତୋଷଜନକ ଉତ୍ତର ଦେଉନାହାନ୍ତି। ଲୋକମାନେ ଉପଯୁକ୍ତ ବିଦ୍ୟୁତ୍ ସେବା ନ ପାଇ ମଧ୍ୟ ମାସକୁ ମାସ ବିଲ୍ ଦେବାକୁ ବାଧ୍ୟ ହେଉଛନ୍ତି। ଉଚ୍ଚ କର୍ତ୍ତୃପକ୍ଷ ଏହାର ପ୍ରତିକାର କରନ୍ତୁ।

ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

### ପରମହଂସ ପୀଠର ବିକାଶ ହେଉ

କଟକ ସଦର ଅନ୍ତର୍ଗତ ପରମହଂସ ପୀଠକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ମିଳିଥିଲେ ମଧ୍ୟ କୌଣସି ଉନ୍ନତି ହୋଇନାହିଁ। ଚାରିପାର୍ଶ୍ୱରେ ପାଚେରି, ସଭାଗୃହ, ଧର୍ମଶାଳା ଏବଂ ରୋଷେଇ ଶାଳା ଉନ୍ନତ ଧରଣର କରାଯାଉ। ପିଲାଙ୍କ ପାଇଁ ଉଦ୍ୟାନ କରାଯାଉ। ମାଛଗାଁ କେନାଲ ରାସ୍ତାରୁ ପୀଠ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ରାସ୍ତା ନିର୍ମାଣ ପ୍ରତି ଦୃଷ୍ଟି ଦିଆଯାଉ।

ରମେଶଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ


ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# MGM

FOR PEOPLE,
PROGRESS AND
A BETTER TOMORROW





Head Office : MGM Minerals Ltd., 5A Forest Park, Bhubaneswar, Odisha - 751009, India

email : info@mgmmin.in | web : www.mgmm.in



“ କର୍ନାଟକରେ ଉପନିର୍ବାଚନ ପରବର୍ତ୍ତୀ ସମ୍ଭାବ୍ୟ ମେଣ୍ଟକୁ ନେଇ ହେଉଥିବା ଚର୍ଚ୍ଚା ନିରର୍ଥକ। ଭାଜପା ପ୍ରାର୍ଥୀ ସମସ୍ତ ୧୫ ଆସନରେ ଜିତିବେ।

-ବି.ଏସ୍. ୟେଦୁରପ୍ପା, କର୍ନାଟକ ମୁଖ୍ୟମନ୍ତ୍ରୀ



# ଦେଶରେ ଥମୁନି ଲଜ୍ଜା

**ଦୁଇବର୍ଷ ବିଳମ୍ବ ପରେ ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ପକ୍ଷରୁ ଗତ ଅକ୍ଟୋବର ୨୮ରେ ପ୍ରକାଶ ପାଇଥିଲା ଭାରତର ବାର୍ଷିକ ଅପରାଧ ରିପୋର୍ଟ-୨୦୧୭। ଉକ୍ତ ରିପୋର୍ଟ ଅନୁସାରେ ୨୦୧୭ରେ ମୋଟ ୩,୫୯,୮୪୯ଟି ମହିଳା ବିରୋଧୀ ଅପରାଧ ମାମଲା ରୁଜୁ ହୋଇଥିଲା। ୨୦୧୬ରେ ଏହି ସଂଖ୍ୟା ୩.୩୮ ଲକ୍ଷ ଥିବାବେଳେ ୨୦୧୫ରେ ଥିଲା ୩.୨ ଲକ୍ଷ। ଅର୍ଥାତ୍ ମହିଳାଙ୍କୁ ବଳାତ୍କାର, ହତ୍ୟା, ଅପହରଣ, ଯୌତୁକ ନିର୍ଯାତନା, ଏସିଡ୍ ଆକ୍ରମଣ ଓ ଆତ୍ମହତ୍ୟା ପାଇଁ ଉସୁକାଇବା ଭଳି ଜଘନ୍ୟ କାଣ୍ଡ ଦେଶରେ ବଢ଼ିବାରେ ଲାଗିଛି। ୨୦୧୭ରେ ରୁଜୁ ହୋଇଥିବା ମୋଟ ବଳାତ୍କାର ମାମଲା ସଂଖ୍ୟା ହେଉଛି ୩୨,୫୫୯। ସେଥିରୁ ୯୩.୧% ମାମଲାରେ ପୀଡ଼ିତା ନିଜ ବନ୍ଧୁ ସମ୍ପର୍କୀୟ, ପରିବାର ସଦସ୍ୟଙ୍କ ଭଳି ଜଣାଶୁଣା ଲୋକଙ୍କ ଦ୍ୱାରା ବଳାତ୍କାରର ଶିକାର ହୋଇଥିବା ରିପୋର୍ଟରେ ସ୍ପଷ୍ଟ କରାଯାଇଛି। ୨୦୧୯ ଶେଷ ହେବାକୁ ଯାଉଥିବାବେଳେ ଚଳିତ ବର୍ଷର ଅପରାଧ ପରିସଂଖ୍ୟାନ ଆନୁଷ୍ଠାନିକ ଭାବେ ପ୍ରକାଶ ପାଇବାକୁ ହୁଏତ ଆଉ ଦୁଇବର୍ଷ ଲାଗିଯାଇପାରେ। ତେବେ ସମ୍ପ୍ରତି ଘଟୁଥିବା ମହିଳା ବିରୋଧୀ ଅପରାଧ ସଭ୍ୟ ସମାଜର ମୁଣ୍ଡ ତଳକୁ କରିଦେଇଛି।**





## ଜନ୍ମଦିନରେ ଛାତ୍ରୀଙ୍କୁ ଗଣବଳାତ୍କାର

## ମହିଳାଙ୍କୁ ବଳାତ୍କାର ପରେ ମାରିଦେଲେ ଯୁବକ

## ୭ ବର୍ଷୀୟାଙ୍କୁ ବଳାତ୍କାର, ତଣ୍ଟିରେ ସ୍କୁଲ ବେଲ୍ଟ ଭିଡ଼ି ହତ୍ୟା

**ନୂଆଦିଲ୍ଲୀ,୧।୧୨**

୨୦୧୨ ଡିସେମ୍ବର ୧୬। ରାଜଧାନୀ ଦିଲ୍ଲୀରେ ଚଳନ୍ତା ବସ୍‌ରେ ପାରା ମେଡିକାଲ ଛାତ୍ରୀ 'ନିର୍ଭୟା'ଙ୍କୁ ଗଣବଳାତ୍କାର ଘଟଣା ସାରା ଦେଶକୁ ସ୍ତବ୍ଧ କରିଦେଇଥିଲା। ସେବେଠୁ ବଳାତ୍କାରୀଙ୍କୁ କଡ଼ା ଦଣ୍ଡ ଦେବା ପାଇଁ ଅନେକ ଆଇନ ପ୍ରଣୟନ ହେଲାଣି। ହେଲେ ସେହି ଛାତିଥରା ଘଟଣାର ୭ ବର୍ଷ ପରେ ବି ଦଣ୍ଡ ପାଇନାହାନ୍ତି ନିର୍ଭୟାଙ୍କ ଦୋଷୀ। ସମ୍ଭବତଃ ଏଇଥିପାଇଁ ଦେଶରେ ଲଜ୍ଜା ଥମୁନାହିଁ ବୋଲି ଅନେକ ବୁଦ୍ଧିଜୀବୀ ମତବ୍ୟକ୍ତ କରନ୍ତି। ବୁଧବାର ରାତିରେ ହାଇଦ୍ରାବାଦର ଜଣେ ମହିଳା ପ୍ରାଣୀ ଚିକିତ୍ସକଙ୍କୁ ଗଣବଳାତ୍କାର ପରେ ହତ୍ୟା ଓ ତାଙ୍କ ମୃତଦେହକୁ ପୋଡ଼ିଦିଆଯିବା ନେଇ ଦେଶବ୍ୟାପୀ ବିକ୍ଷୋଭ ଜାରି ରହିଛି। ଏହାସହ ସାମ୍ନାକୁ ଆସିବାରେ ଲାଗିଛି ଗୋଟିଏ ପରେ ଗୋଟିଏ ବଳାତ୍କାର ମାମଲା।

ତାମିଲନାଡୁର କୋଏମ୍ବାଟୁରସ୍ଥିତ ଈଶ୍ୱର ନଗର ପାର୍କରେ ଜଣେ ଏକାଦଶ ଶ୍ରେଣୀ ଛାତ୍ରୀଙ୍କୁ ଗଣବଳାତ୍କାର କରାଯାଇଛି। ଛାତ୍ରୀଙ୍କ ୧୭ତମ ଜନ୍ମଦିନରେ ତାଙ୍କର ବୟଫ୍ରେଣ୍ଡଙ୍କ ସମେତ ୬ ଜଣ ଏଭଳି ବର୍ବରତାର ସୀମା ଲଂଘିଛନ୍ତି। କେବଳ ଏତିକି ନୁହେଁ, ବଳାତ୍କାର ବେଳ ଦୃଶ୍ୟର ଭିଡିଓ ଶୁଟିଂ କରିବାକୁ ମଧ୍ୟ ପଛାଇ ନାହାନ୍ତି। ନଭେମ୍ବର ୨୬ରେ ଏହି କାଣ୍ଡ ଘଟାଇଥିବା ଅଭିଯୁକ୍ତମାନଙ୍କୁ ପୋଲିସ ଗତ ଶୁକ୍ରବାର ଗିରଫ କରିଛି। ଅଭିଯୁକ୍ତମାନଙ୍କ ବୟସ ୨୨ରୁ ୩୦ ବର୍ଷ ମଧ୍ୟରେ। ସେହିପରି ରାଜସ୍ଥାନସ୍ଥିତ ଟୋଙ୍କ୍ ଜିଲାର ଜଣେ ୬ ବର୍ଷର ଝିଅ ଶନିବାର ନିଖୋଜ ହୋଇଯାଇଥିଲେ। ରବିବାର ତାଙ୍କର ମୃତଦେହ ମିଳିଛି। କ୍ରୀଡ଼ା ପ୍ରତିଯୋଗିତାରେ ଭାଗନେବା ପାଇଁ ଯାଇଥିବା ଛାତ୍ରୀଙ୍କୁ ବଳାତ୍କାର ପରେ ତାଙ୍କ ସ୍କୁଲ ବେଲ୍ଟରେ ତଣ୍ଟିକୁ ଭିଡ଼ି ହତ୍ୟା କରାଯାଇଥିବା ତଦନ୍ତରୁ ଜଣାପଡ଼ିଛି। ପୋଲିସ ଘଟଣାସ୍ଥଳକୁ କେତେକ ମଦ ବୋତଲ ଓ ସ୍ନାକ୍ସ ଜବତ କରିଛି। ହେଲେ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇନାହିଁ। ସେହିପରି ଦିଲ୍ଲୀର ଗୁଲାବୀ ବାଗ୍‌ରେ ଜଣେ ୫୫ ବର୍ଷୀୟା ମହିଳାଙ୍କୁ ଜଣେ ଯୁବକ ବଳାତ୍କାର କରିବା ପରେ ତଣ୍ଟିଚିପି ହତ୍ୟା କରିଛନ୍ତି। ୨୨ ବର୍ଷୀୟ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ମହିଳା ଜଣକ ଘରେ ଏକୁଟିଆ ରହୁଥିଲେ। ସେ ଏକ ପୂଜା ସାମଗ୍ରୀ ଦୋକାନ ଦେଇଥିଲେ। ଯୁବକଙ୍କ ସହ ତାଙ୍କର ବିବାଦ ହେବାରୁ ମହିଳା ତାଙ୍କ ମୁହଁରେ ଛେପ ପକାଇଥିଲେ। ଏହାର ପ୍ରତିଶୋଧ ନେବା ପାଇଁ ସେ ମହିଳାଙ୍କୁ ବଳାତ୍କାର କରି ଶେଷରେ ଜୀବନ ନେଇଯାଇଥିବା ଡେପୁଟି ପୋଲିସ କମିଶନର (ଉତ୍ତର) ମୋନିକା ଭରଦ୍ୱାଜ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ବିମାନ ଦୁର୍ଘଟଣାରେ ୯ ମୃତ

**ୱାଶିଂଟନ,୧।୧୨(ଏଏଫ୍‌ପି):** ଆମେରିକାର ସାଉଥ୍ ଡାକୋଟାରେ ଏକ ବିମାନ ଦୁର୍ଘଟଣାରେ ୨ ଶିଶୁଙ୍କ ସମେତ ୯ ଜଣଙ୍କ ମୃତ୍ୟୁ ହେବା ସହ ୩ ଜଣ ଆହତ ହୋଇଛନ୍ତି। ଶନିବାର ଚାମ୍ବରଲେନ୍ ବିମାନବନ୍ଦରରୁ ପିଲାଟସ୍ ପିସି-୧୨ ନାମକ ଏକକ ଇଞ୍ଜିନ ବିଶିଷ୍ଟ ବିମାନଟି ଉଡାଣ ଆରମ୍ଭ କରିବାର କିଛି ସମୟ ପରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ବିମାନରେ ମୋଟ ୧୨ ଜଣ ଥିଲେ। ମୃତକଙ୍କ ମଧ୍ୟରେ ପାଇଲଟ ଅଛନ୍ତି। ଆହତମାନଙ୍କୁ ସିଓକ୍ସ ଫଲ୍‌ସସ୍ଥିତ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଉକ୍ତ ଅଞ୍ଚଳରେ ଶୀତଦିନିଆ ଝଡ଼ର ସତର୍କ ସୂଚନା ଜାରି ହୋଇଥିଲା ବୋଲି ଜଣେ ଅଧିକାରୀ କହିଛନ୍ତି।

### ନ୍ୟୁ ଓର୍ଲିନ୍‌ରେ ଗୁଳିକାଣ୍ଡ ୧୧ ଆହତ

**ୱାଶିଂଟନ,୧।୧୨:** ଆମେରିକାର ନ୍ୟୁ ଓର୍ଲିନ୍ ସହରରେ ରବିବାର ଗୁଳିକାଣ୍ଡ ଘଟି ୧୧ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଦୁଇଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡିଛି। ଏହି ସହରକୁ ସାରା ବିଶ୍ୱରୁ ପର୍ଯ୍ୟଟକ ଆସିଥାନ୍ତି। ବିଶ୍ୱବିଦ୍ୟାଳୟ ଫୁଟବଲ୍ ମ୍ୟାଚ୍ ଥ୍ୟାଙ୍କସ୍ ଗିଭିଙ୍ଗ୍ ଉତ୍ସବ ଥିବାରୁ ସହରରେ ଅତିରିକ୍ତ ପାଟ୍ରୋଲ ବ୍ୟବସ୍ଥା କରାଯାଇଥିଲା। ସ୍ଥାନୀୟ ସମୟ ଭୋର ୩ଟାରେ ଗୁଳିକାଣ୍ଡ ହୋଇଥିଲା। ଘଟଣାସ୍ଥଳରେ ଜନଗହଳି ଥିବାରୁ କିଏ ଗୁଳି ଚଳାଇଲା ତାହା ଜଣାପଡିନାହିଁ। ତଦନ୍ତ ଜାରି ରହିଛି, କାହାକୁ ଗିରଫ କରାଯାଇ ନ ଥିବା ନ୍ୟୁ ଓର୍ଲିନ୍ ପୋଲିସ କହିଛି।

### ଲଣ୍ଡନ ବ୍ରିଜ୍ ଆକ୍ରମଣ ପାଇଁ ଆଇଏସ୍ ନିଜକୁ ଦାୟୀ କଲା

**ଲଣ୍ଡନ,୧।୧୨(ପି.ଟି.):** ଲଣ୍ଡନ ବ୍ରିଜ୍‌ରେ ହୋଇଥିବା ଆକ୍ରମଣ ପାଇଁ ଇସ୍‌ଲାମିକ ଷ୍ଟେଟ୍ (ଆଇଏସ୍) ଆତଙ୍କବାଦୀ ସଂଗଠନ ନିଜକୁ ଦାୟୀ କରିଛି। ଆତଙ୍କବାଦୀ ପୋଲିସ ଗୁଳିରେ ନିହତ ହେବା ପୂର୍ବରୁ ଛୁରାମାଡ଼ରେ ୨ ଜଣଙ୍କୁ ହତ୍ୟା କରିଥିଲା। ଆଇଏସ୍ ଯୋଦ୍ଧା ଏହି ଆକ୍ରମଣ କରିଥିଲେ ବୋଲି ଉକ୍ତ ସଂଗଠନ ପକ୍ଷରୁ ଆମାକ୍ ନ୍ୟୁଜ୍ ଏଜେନ୍ସି ଜରିଆରେ କୁହାଯାଇଛି। ମେଣ୍ଟ ରାଷ୍ଟ୍ରର ନାଗରିକମାନଙ୍କୁ ଟାର୍ଗେଟ କରିବା ଲାଗି ଏହା ଏକ ଆହ୍ୱାନ ବୋଲି ଏଥିରେ କୁହାଯାଇଛି। ଆକ୍ରମଣକାରୀ ଉସ୍‌ମାନ ଖାନ୍ ଜଣେ ଦୋଷୀସାବ୍ୟସ୍ତ ଆତଙ୍କବାଦୀ, ଯିଏ ଲଣ୍ଡନ ଷ୍ଟକ୍ ଏକ୍ସଚେଞ୍ଜ ବୋମାମାଡ଼ ଘଟଣାରେ ୭ ବର୍ଷ ଜେଲ୍ ଯାଇଥିଲେ। ପାକ୍ ଅଧିକୃତ କଶ୍ମୀର (ପିଓକେ)ରେ ତାଙ୍କ ପରିବାରର ଏକ ଜମିରେ ଆତଙ୍କବାଦୀ ପ୍ରଶିକ୍ଷଣ ଶିବିର ନିର୍ମାଣ କରାଯାଇଛି।

### ବାରମୁଲ୍ଲାରେ ଆତଙ୍କବାଦୀ ଆଡ୍ଡା ଠାବ

**ଶ୍ରୀନଗର,୧।୧୨(ପି.ଟି.):** ଜମ୍ମୁ-କଶ୍ମୀରର ବାରମୁଲ୍ଲା ଜିଲାରୁ ସୁରକ୍ଷା ବଳ ଆତଙ୍କବାଦୀଙ୍କ ଏକ ଗୁପ୍ତ ଆଡ୍ଡାକୁ ଠାବ କରିଛି। ସେଠାରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର, ଗୁଳିଗୋଳା ଓ ସାଟେଲାଇଟ୍ ଫୋନ ଜବତ ହୋଇଛି। ସୋପୋରର ରଫିଆବାଦ ଅଞ୍ଚଳରେ ଥିବା ଉକ୍ତ ଆଡ୍ଡାରୁ ଦୁଇଟି ଏକେ ରାଇଫଲ୍ସ, ୨୦୦୦ ଗୁଳି, ୩ଟି ଆର୍‌ପିଜି ଗୁଳି, ଦୁଇଟି ୱେୟାରଲେସ୍ ସେଟ ଏବଂ ସାଟେଲାଇଟ ଫୋନ ଜବତ ହୋଇଥିବା ଜଣେ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି। ପୋଲିସ ମାମଲା ରୁଜୁ କରିବା ସହ ଅଧିକ ତଦନ୍ତ ଜାରି ରଖିଛି।

**[ଇତିହାସର ଆଇନାରେ]**

### ଡିସେମ୍ବର ୨ର ପ୍ରମୁଖ ଘଟଣା

୧୯୧୧ ଡିସେମ୍ବର ୨ରେ ବ୍ରିଟେନ ରାଜା ପଞ୍ଚମ ଜର୍ଜ ଓ ରାଣୀ ମେରୀ ଭାରତ ଗସ୍ତରେ ଆସିଥିଲେ। ଭାରତ ଆସିବାରେ ସେ ପ୍ରଥମ ବ୍ରିଟେନ ରାଜା ଓ ରାଣୀ। ତାଙ୍କ ଆଗମନକୁ ସ୍ମରଣୀୟ କରିବା ଲାଗି ବମ୍ବେ (ବର୍ତ୍ତମାନର ମୁମ୍ବାଇ)ରେ ଗେଟ୍ ୱେ ଅଫ୍ ଇଣ୍ଡିଆ ନିର୍ମାଣ କରାଯାଇଥିଲା।

୧୯୮୮ ଡିସେମ୍ବର ୨ରେ ପିପିପି ନେତ୍ରୀ ବେନଜିର ଭୁଟ୍ଟୋ ପାକିସ୍ତାନ ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ। ସେ ଏହି ପଦରେ ୧୯୯୦ ଅଗଷ୍ଟ ୬ ପର୍ଯ୍ୟନ୍ତ ରହିଥିଲେ। ପରେ ସେ ୧୯୯୩ରୁ ୧୯୯୬ ପ୍ରଧାନମନ୍ତ୍ରୀ ରହିଥିଲେ। ୨୦୦୭ ଡିସେମ୍ବର ୨୭ରେ ରାୱଲପିଣ୍ଡିଠାରେ ଏକ ବିସ୍ଫୋରଣରେ ତାଙ୍କର ପରଲୋକ ହୋଇଥିଲା।

# ସୀମାରେ ବଢୁଛି ଅନୁପ୍ରବେଶ ଉଦ୍ୟମ: ବିଏସ୍‌ଏଫ୍ ଡିଜି

**ନୂଆଦିଲ୍ଲୀ,୧।୧୨(ପି.ଟି.)**

**ଜମ୍ମୁ-କଶ୍ମୀର ବିଭାଜନ ପରେ ଅଧିକ ସମ୍ବେଦନଶୀଳ ହୋଇଛି ସୀମାନ୍ତ**

ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ଓ ରାଜ୍ୟକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରାଯିବା ପରେ ଭାରତ-ପାକ୍ ସୀମାନ୍ତ ଅଧିକ ସମ୍ବେଦନଶୀଳ ହୋଇଥିବା ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍) ମହାନିର୍ଦ୍ଦେଶକ କହିଛନ୍ତି। କଶ୍ମୀର ସଂଲଗ୍ନ ନିୟନ୍ତ୍ରଣ ରେଖା ଏବଂ ଜମ୍ମୁ ଓ ପଞ୍ଜାବକୁ ଲାଗି ରହିଥିବା ଅନ୍ତର୍ଜାତୀୟ ସୀମା ଦେଇ ଭାରତକୁ ଅନୁପ୍ରବେଶ ଉଦ୍ୟମ ବୃଦ୍ଧି ପାଇଥିବା ବିଏସ୍‌ଏଫ୍ ମୁଖ୍ୟ ଭି.କେ. ଜୋହରି କହିଛନ୍ତି। ବିଏସ୍‌ଏଫ୍‌ର ୫୫ତମ ପ୍ରତିଷ୍ଠା ଦିବସ ଅବସରରେ ଯବାନମାନଙ୍କୁ ଉଦ୍‌ବୋଧନ ଦେଇ ଜୋହରି କହିଥିଲେ, ଯେକୌଣସି ମୂଲ୍ୟ ଦେଇ ସୀମାରେ ପବିତ୍ରତା ସୁନିଶ୍ଚିତ କରିବା ଲାଗି ତାଙ୍କ ବାହିନୀ ପ୍ରତିଜ୍ଞାବଦ୍ଧ। ପ୍ରତିଷ୍ଠା ଦିବସରେ ବିଏସ୍‌ଏଫ୍ ଯବାନ ଓ ସେମାନଙ୍କ ପରିବାର ସଦସ୍ୟମାନଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଭିନନ୍ଦନ ଜଣାଇଛନ୍ତି। ଏହି ବାହିନୀ ସୀମାକୁ ସୁରକ୍ଷିତ ରଖିବା ସହ ପ୍ରାକୃତିକ ବିପର୍ଯ୍ୟୟ ଓ ସଙ୍କଟ ସମୟରେ ନାଗରିକଙ୍କୁ ସେବା ଯୋଗାଇ ଆସିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି।

ପାକିସ୍ତାନ ସହ ରହିଥିବା ୭୦୦ କିଲୋମିଟରରୁ ଉର୍ଦ୍ଧ୍ୱ ନିୟନ୍ତ୍ରଣ ରେଖା ଏବଂ ୨୨୮୯ କିଲୋମିଟର ଦୀର୍ଘ ଅନ୍ତର୍ଜାତୀୟ ସୀମାକୁ ବିଏସ୍‌ଏଫ ଜଗୁଛି। ଏହି ଅନ୍ତର୍ଜାତୀୟ ସୀମା ଜମ୍ମୁ, ପଞ୍ଜାବ, ରାଜସ୍ଥାନ ଏବଂ ଗୁଜରାଟକୁ ଲାଗି ରହିଛି। ୧୯୬୫ର ଆଜିର ଦିନରେ ୨.୫ ଲକ୍ଷ ଯବାନଙ୍କୁ ନେଇ ବିଏସ୍‌ଏଫ୍ ପ୍ରତିଷ୍ଠା କରାଯାଇଥିଲା ଏବଂ ଏହାକୁ ଭାରତ-ପାକ୍ ସୀମା ଜଗିବା ଦାୟିତ୍ୱ ଦିଆଯାଇଥିଲା। ଏହା ବ୍ୟତୀତ ଆଭ୍ୟନ୍ତରୀଣ ସୁରକ୍ଷାରେ ମଧ୍ୟ ଏହି ବାହିନୀ ବିଭିନ୍ନ ଭୂମିକା ନିଭାଇ ଆସିଛି।

# ତାମିଲନାଡୁରେ ପ୍ରବଳ ବର୍ଷା: ୫ ମୃତ



**ଚେନ୍ନାଇ,୧।୧୨**

ତାମିଲନାଡୁରେ ଦୁଇଦିନ ହେଲା ପ୍ରବଳ ବର୍ଷା ଲାଗିରହିଥିବାବେଳେ ୫ ଜଣଙ୍କ ମୃତ୍ୟୁ ଘଟିଛି। ଆଉ ଦୁଇଦିନ ବର୍ଷା ଜାରି ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏଥିସହିତ ୬ଟି ଜିଲା ଥିରୁଭାଲୁର, ଭେଲୋର, ଥିରୁଭନମାଲାଇ, ଥୁଥୁକୁଡି, ରାମନାଥପୁରମ୍ ଏବଂ ତିରୁନେଲଭେଲିରେ ରେଡ୍ ଆଲର୍ଟ ଜାରି କରାଯାଇଛି। ଲାକ୍ଷାଦ୍ୱୀପ ନିକଟରେ ଲଘୁଚାପ ଯୋଗୁ ଦୁଇଦିନ ହେଲା ବର୍ଷା ଲାଗିରହିଛି। ଗତ ୨୪ ଘଣ୍ଟା ମଧ୍ୟରେ ଥୁଥୁକୁଡି ଜିଲାର ସଥକୁଲମ ସହରରେ ସର୍ବାଧିକ ୧୯ ସେଣ୍ଟିମିଟର ବର୍ଷା ହୋଇଛି। ସୋମବାର ସ୍କୁଲ ଛୁଟି ରଖିବାକୁ ପୁଡୁଚେରି ସରକାର ଘୋଷଣା କରିଛନ୍ତି। ପ୍ରବଳ ବର୍ଷା ଯୋଗୁ ଚେନ୍ନାଇର ସହରତଳି ଅଞ୍ଚଳଗୁଡିକ ଜଳାର୍ଣ୍ଣବ ହୋଇଯାଇଛି। ଚେନ୍ନାଇ ଉପକଣ୍ଠର ଶତାଧିକ ଘରେ ପାଣି ପଶିଛି। ଘରୁ ବର୍ଷାଜଳ ନିଷ୍କାସନ ପାଇଁ ସିଟି କର୍ପୋରେଶନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି।

# କ୍ଷମା ଆବେଦନ ଖାରଜ ଲାଗି ସୁପାରିସ

**ନିର୍ଭୟା ମାମଲା**

**ନୂଆଦିଲ୍ଲୀ,୧।୧୨(ପି.ଟି.)**

୨୦୧୨ ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାରେ ଦୋଷୀସାବ୍ୟସ୍ତ ହୋଇ ମୃତ୍ୟୁଦଣ୍ଡାଦେଶ ପାଇଥିବା ୪ ଅପରାଧୀଙ୍କ ମଧ୍ୟରୁ ଜଣକ କ୍ଷମା ଆବେଦନକୁ ଖାରଜ କରିଦେବା ଲାଗି ଦିଲ୍ଲୀ ସରକାର ସୁପାରିସ କରିଛନ୍ତି। ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ସୁପାରିସ ସହ ଦିଲ୍ଲୀ ଗୃହମନ୍ତ୍ରୀ ସତ୍ୟେନ୍ଦର ଜୈନ ଉକ୍ତ ଫାଇଲକୁ ଉପରାଜ୍ୟପାଳ ଅନିଲ ବୈଜଲଙ୍କ ପାଖକୁ ପଠାଇଦେଇଛନ୍ତି। ମୃତ୍ୟୁଦଣ୍ଡାଦେଶ ପାଇଥିବା ବିନୟ ଶର୍ମା ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ପାଖରେ କ୍ଷମା ଆବେଦନ କରିଥିଲେ। ନିର୍ଭୟା ମାମଲାର ଅପରାଧୀ କ୍ଷମାଯୋଗ୍ୟ ନୁହନ୍ତି ବୋଲି ଜୈନ କହିଛନ୍ତି।

# ୨୦ ମିନିଟ ବନ୍ଦ ରହିଲା ବାଲାଜୀ ମନ୍ଦିର

**ହାଇଦ୍ରାବାଦ,୧।୧୨:** ତେଲଙ୍ଗାନାର ୨୬ ବର୍ଷୀୟା ପ୍ରାଣୀ ଚିକିତ୍ସକ ଗଣବଳାତ୍କାର ଓ ହତ୍ୟା ଘଟଣାର ଶାନ୍ତିପୂର୍ଣ୍ଣ ପ୍ରତିବାଦ ସ୍ୱରୂପ ଚିଲ୍‌କୁର ବାଲାଜୀ ମନ୍ଦିରର ପୂଜକମାନେ ଭକ୍ତମାନଙ୍କ ଲାଗି ଦର୍ଶନ ୨୦ ମିନିଟ ବନ୍ଦ କରିଦେଇଥିଲେ।



ସମସ୍ତ ଶ୍ରଦ୍ଧାଳୁ ଓ ପୂଜକ ମନ୍ଦିର ବାହାରେ ସମବେତ ହୋଇ ମହିଳା ଓ ଝିଅମାନଙ୍କ ସୁରକ୍ଷା ଲାଗି 'ମହାପ୍ରଦକ୍ଷିଣମ୍' କରିଥିଲେ।


# CLASSIFIED DISPLAY

**TARIFF — MORE SPACE • SAME PRICE — GST 5%**

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ATC TOWER COMPANY (REGD.)
All Odisha
ଖାଲି ଜମି, ଚାଷ ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ, ଅଗ୍ରିମ ୨୦ ଲକ୍ଷ/- ଭଡ଼ା - ୨୦ ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ + ମୋବାଇଲ + ବାଇକ୍ + ମାସିକ 30,000ର ଅନ୍ୟାନ୍ୟ ସୁବିଧା। ମହିଳାଙ୍କ ପାଇଁ ବିଶେଷ ରିହାତି।
Address : - Head Office G-79, Adarsh Nagar, Karol Bagh
7082322494
7496805598

FINANCE

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ। ସମସ୍ତ ପ୍ରକାର LOAN BARSA FINANCE ଯୋଗାଇ ଦେଉଛି। ସୁଧ=1%
MOB -9853098838
7656825259
7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

ଋଣ...ଋଣ...ଋଣ...
1 ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ଛାଡ଼
!! ନମୋ ନମୋ ଫାଇନାନ୍ସ !!
E-mail : - namonamoonlinem.p@gmail.com
9911321841
Add : - 41/14, Sec-1 Pushp Vihar, Delhi

ASTROLOGY

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋତାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋତାଧନ, ସଟ୍ଟା, ଜୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
9599320079

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍ ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

EDUCATION

LISAS'IAS CELEBRATES 27th YEAR OF SUCCESS
FREE MOCK INTERVIEW SESSIONS FOR OAS (VIVA-VOCE)
JOIN IMMEDIATELY
LISAS' SUCCESS IN OAS
2017 : 41 (5 in Top 20)
2016 : 58 (4 in Top 20)
2015 : 155 (6 in Top 20)
2011 : 154 (Topper, 5 in Top 10 & 10 in Top 20)
2010 : 180 (Lady Topper & 6 in Top 10)
2000 : 93 (Topper, Lady Topper & 6 in Top 10)
1997 : 55 (Topper, Lady Topper)
1996 : 7 (Topper)
1995 : 7
LISAS'IAS
2, Budha Nagar (Near Kalpana Chowk), BBSR-6
9338222113
9337594620
CORRESPONDENCE COURSE ALSO AVAILABLE

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi

ASTRO / VASTU
ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
କ'ଣ ଆପଣ ଚିନ୍ତିତ କି ?
2 ଘଣ୍ଟାରେ ୧୦୦% ସମାଧାନ। ତନ୍ତ୍ର ମନ୍ତ୍ରର ସମ୍ରାଟ
ଇଚ୍ଛାନୁସାରେ ବଶୀକରଣ, ପ୍ରେମ ବିବାହ ପାଇଁ ଘରଲୋକଙ୍କୁ ମନାଇବା, ପତିପତ୍ନୀ ମନାନ୍ତର, ସନ୍ତାନ ପ୍ରାପ୍ତି, ବେପାର ବୃଦ୍ଧି, ଶତ୍ରୁ ଦମନ, ବାରମ୍ବାର ବିବାହ ପ୍ରସ୍ତାବ ଭାଙ୍ଗୁଥିଲେ, ପୁରୁଣା ରୋଗର ଔଷଧ କାମ ନ କରିବା ଆଦି ସମସ୍ୟାର ତୁରନ୍ତ ସମାଧାନ କରନ୍ତୁ।
ଯଦି କାହାର ପତି ଓ ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ।
9938991467
BHUBANESWAR-09

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡ଼ା 45,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ।
ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9479667248


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ସଂକ୍ଷେପରେ**

## ୨ ଗୋଷ୍ଠୀ ମଧ୍ୟରେ ଆକ୍ରମଣ ଘଟଣା, ୬ ଅଟକ

**ବ୍ରହ୍ମପୁର ଅଫିସ,୧।୧୨:** ବ୍ରହ୍ମପୁର ମହାନଗର ନିଗମରେ ସଫେଇ କାମ ପାଇଁ ନିୟୋଜିତ ଥିବା ୨ ଜମାଦାର ଗୋଷ୍ଠୀ ମଧ୍ୟରେ ଶନିବାର ଗଣ୍ଡଗୋଳ ଘଟିଥିଲା। ଏଥିରେ ୬ଜଣଙ୍କୁ ପୋଲିସ ଅଟକ ରଖିଛି। ସେମାନେ ନାବାଳକ ବୋଲି ପୋଲିସ ଅନୁମାନ କରୁଛି। ସେମାନେ ନାବାଳକ ନା ସାବାଳକ ସେନେଇ ତନାଘନା ଚଳାଇଛି। ଆହତ ଜମାଦାର ଏସ୍.ଜଗନ୍ନାଥ ରାଓଙ୍କ ଅଭିଯୋଗ କ୍ରମେ ମାମଲା ନଂ.୨୧୨/୧୯ରେ ୨ ଅଭିଯୁକ୍ତଙ୍କୁ ଧରିଥିବା ବେଳେ ଅନ୍ୟପଟେ ଜମାଦାର ରଞ୍ଜିତ ନାୟକଙ୍କ ଭାଇ ଅଜିତଙ୍କ ଅଭିଯୋଗକ୍ରମେ ମାମଲା ନଂ. ୨୧୩/୧୯ରେ ୪ ଅଭିଯୁକ୍ତଙ୍କୁ ଧରିଥିବା ଥାନାଧିକାରୀ ପ୍ରଶାନ୍ତ ଭୂପତି ସୂଚନା ଦେଇଛନ୍ତି। ସେହିପରି ଆହତ ଜଗନ୍ନାଥ ପୋଲିସ ନିକଟରେ ଧାରା ୧୬୧ରେ ଜଣେ ବିଜେଡି ନେତାଙ୍କ ପ୍ରରୋଚନାରେ ତାଙ୍କୁ ଆକ୍ରମଣ କରାଯାଇଛି ବୋଲି ବୟାନ ଦେଇଛନ୍ତି। ପୋଲିସ ଏବେ ଘଟଣାର ତଦନ୍ତ ଚାଲିଥିବା କହିଛି। ଶନିବାର ସଂଘଟିତ ଆକ୍ରମଣରେ ଉଭୟ ଗୋଷ୍ଠୀର ଜଣେ ଲେଖାଏ ୨ ଜଣ ଆହତ ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ୨ ଜମାଦାରଙ୍କ ଅଧୀନରେ ରହୁଥିବା ସଫେଇ କର୍ମଚାରୀଙ୍କ ଡ୍ୟୁଟି ବଣ୍ଟା ଓ ଉପସ୍ଥାନକୁ କେନ୍ଦ୍ରକରି ଶନିବାର ପ୍ରେମନଗର ଛକରେ ପ୍ରଥମେ ଗଣ୍ଡଗୋଳ ହୋଇଥିଲା। ପରେ ଲୁହାରଡ୍‌ରେ ଉଭୟ ଗୋଷ୍ଠୀର କର୍ମଚାରୀଙ୍କ ମଧ୍ୟରେ ଆକ୍ରମଣ ଓ ପ୍ରତିଆକ୍ରମଣ ହୋଇଥିଲା।

## ମୋବାଇଲ ଫୋନ ସହ ଚୋର ଗିରଫ

**ବ୍ରହ୍ମପୁର ଅଫିସ,୧।୧୨:** ଟ୍ରେନ ଯାତ୍ରୀଙ୍କ ମୋବାଇଲ ଫୋନ ଝାମ୍ପି ନେଇ ଚମ୍ପଟ ମାରୁଥିବା ବେଳେ ଜିଆରପି ହାବୁଡ଼ରେ ରବିବାର ଜଣେ ଚୋର ଧରାପଡ଼ିଛନ୍ତି। ଅଭିଯୁକ୍ତ ଜଣକ ଆନ୍ଧ୍ରପ୍ରଦେଶର ପଶ୍ଚିମ ଗୋଦାବରୀ ପାଲାଭରମ୍ ଥାନା ଅଞ୍ଚଳର ବାଣ୍ଡି ସୁରୀ (୨୮) ବୋଲି ପୋଲିସ କହିଛି। ପୋଲିସ ତାଙ୍କ ନିକଟରୁ ଲୁଟି ନେଇଥିବା ମୋବାଇଲ ଫୋନ ଜବତ କରିଛି । ମାମଲା ନଂ. ୧୧୭/୧୯ରେ ଅଭିଯୁକ୍ତଙ୍କୁ ରବିବାର କୋର୍ଟଚାଲାଣ କରାଯାଇଛି ବୋଲି ଥାନାଧିକାରୀ ସୁକାନ୍ତ ଭୋଇ ସୂଚନା ଦେଇଛନ୍ତି।
ଘଟଣାରୁ ପ୍ରକାଶ, ପଶ୍ଚିମବଙ୍ଗ ନୈହାଟି ଅଞ୍ଚଳର ବି.ଆର. କାଲାଲ ଗତ କିଛିଦିନ ତଳେ ଜଗତପୁରର ଏକ ଆଶ୍ରମକୁ ଯାଇଥିଲେ ।
ସେ ପୁରୁଲିଆରୁ କଟକ ଟ୍ରେନ ଯୋଗେ ଫେରୁଥିଲେ । ସେ ସାଧାରଣ ବଗିରେ ଯାତ୍ରା କରୁଥିବା ବେଳେ ରବିବାର ସକାଳେ ଜଣେ ଚୋର ତାଙ୍କ ମୋବାଇଲ ଫୋନ ଝାମ୍ପି ନେଇଯାଇଥିଲେ । ଚିତ୍କାର କରିବା ପରେ ରେଳଷ୍ଟେଶନରେ ପାଟ୍ରୋଲିଂ କରୁଥିବା ପୋଲିସ ତାଙ୍କୁ କାବୁ କରିଥିଲା ।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ମା'ଠୁ ଶିଶୁଙ୍କୁ ସଂକ୍ରମଣରୁ ରୋକାଯାଇଛି

**ଜିଲାସ୍ତରୀୟ ଏଡ୍ସ ଦିବସ ପାଳିତ**

ବ୍ରହ୍ମପୁର ଅଫିସ୍,୧।୧୨

ବ୍ରହ୍ମପୁର ପ୍ରଜ୍ଞାନ ହଲ୍‌ରେ ରବିବାର ଜିଲାସ୍ତରୀୟ ଏଡ୍ସ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଯୋଗ ଦେଇଥିଲେ। ଚଳିତ ବର୍ଷର ବାର୍ତ୍ତା 'ଗୋଷ୍ଠୀ ହିଁ ପରିବର୍ତ୍ତନର ନିର୍ମାତା' ଉପରେ ନିଜର ମତ ରଖିଥିଲେ । ଏଡ୍ସକୁ ନେଇ ଆମ ସମାଜରେ ଭୟ ରହିଛି। ଆକ୍ରାନ୍ତଙ୍କୁ ଏକ ପ୍ରକାର ସାମାଜିକ ବାସନ୍ଦ କରାଯାଉଛି। ଏଣୁ ଥରେ କିଏ ଯଦି ଆକ୍ରାନ୍ତ ହେଉଛନ୍ତି, ତେବେ ଭୟରେ କାହାକୁ କହୁନାହାନ୍ତି କି ଚିକିତ୍ସିତ ହେଉନାହାନ୍ତି। ଫଳରେ ତାଙ୍କର ମୃତ୍ୟୁ ହେଉଛି। ଏଡ୍ସକୁ ନେଇ ନକରାତ୍ମକ ଭାବନାକୁ ବଦଳାଇବାକୁ ପଡ଼ିବ। ଆକ୍ରାନ୍ତଙ୍କୁ ଭଲ ବ୍ୟବହାର ଦେଖାଇବା। ରୋଗର କାରଣ ଏବଂ ନିରାକରଣ ବିଷୟରେ ଜାଣିବା। ତେବେ ଯାଇ ଆମ ଦେଶରୁ ଏଡ୍ସକୁ ହଟେଇ ଦେଇପାରିବ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ ।

କେବଳ ସରକାର କିମ୍ବା ସ୍ୱେଚ୍ଛାସେବୀ ସଂଗଠନ ନୁହଁ, ସମାଜର ପ୍ରତ୍ୟେକ ବର୍ଗର ଏ ଦିଗରେ କର୍ତ୍ତବ୍ୟ ରହିଛି ବୋଲି ସେ ପ୍ରକାଶ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଜୟ କୁମାର ପାଣିଗ୍ରାହୀ କହିଥିଲେ, ଗଞ୍ଜାମ ଏକ ଏଡ୍ସ ପ୍ରବଣ ଜିଲା। ଗର୍ଭବତୀଙ୍କଠାରୁ ଶିଶୁଙ୍କୁ ଆକ୍ରାନ୍ତ ହାର ଏକଦା ଅତ୍ୟନ୍ତ ଚିନ୍ତାଜନକ ସ୍ଥିତିରେ ଥିଲା। କିନ୍ତୁ ଗଞ୍ଜାମ ଜିଲାରେ ଗର୍ଭବତୀଙ୍କ ଏଚ୍ଆଇଭି ପରୀକ୍ଷାକୁ କଡ଼ାକଡ଼ି କରାଗଲା। ଗର୍ଭାବସ୍ଥାରେ ରୋଗ ଚିହ୍ନଟ ହେଲେ ଆବଶ୍ୟକ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଛି। ଏଣୁ ନବଜାତକ ଆଉ ଏଚ୍ଆଇଭି ସଂକ୍ରମିତ ହେଉନାହାନ୍ତି। ମା' ଠାରୁ ଶିଶୁଙ୍କୁ ସଂକ୍ରମଣ, ଗଞ୍ଜାମରେ ଏହାକୁ ସମ୍ପୂର୍ଣ୍ଣ ରୋକାଯାଇପାରିଛି ବୋଲି ସେ ପ୍ରକାଶ କରିଥିଲେ। ଜିଲାରେ ଏଡ୍ସ ଏବଂ ଟିବି ନିରାକରଣ ଏବଂ ସଚେତନତା ଦିଗରେ ଅବଦାନ ପାଇଁ ଡାକ୍ତର ଏବଂ ମେଡ଼ିକାଲ୍ କର୍ତ୍ତୃପକ୍ଷ ଯଥା ଡା. ରବି କୁମାର ଶତପଥୀ, ଡା. ପ୍ରତାପ ଚନ୍ଦ୍ର ମଣ୍ଡଳ, ଡା. ଗୋପାଳକୃଷ୍ଣ ବେହେରା, ବିଦେଶୀ ଜେନା, ସନ୍ତୋଷ କୁମାର, ଶ୍ରଦ୍ଧାଞ୍ଜଳି ମିଶ୍ର, ମନୋଜ କୁମାର ସାହୁ, ରଞ୍ଜନା ପଣ୍ଡା, ସନୋଜ କୁମାର ମହାନ୍ତିଙ୍କୁ ପୁରସ୍କୃତ କରାଯାଇଥିଲା। ଏଥି ସହ ଏକ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଏଡ୍ସ ସଚେତନତା ରଥ 'ପରିବର୍ତ୍ତନ ଯାତ୍ରା'କୁ ଜିଲାପାଳ କୁଲାଙ୍ଗେ ଶୁଭାରମ୍ଭ କରିଥିଲେ। ଉପଜିଲାପାଳ ସିନ୍ଦେ ଦତ୍ତାତ୍ରେୟ ଭାଉସାହେବ, ଜିଲା ମ୍ୟାଲେରିଆ ଅଧିକାରୀ ଡା. ଆର୍. ଜଗଦୀଶ ପଟ୍ଟନାୟକ, ଜିଲା ଯକ୍ଷ୍ମା ଅଧିକାରୀ ଡା. ମନୋଜ କୁମାର ପଣ୍ଡା, ଡିଏପିସିୟୁ ଜିଲା ପ୍ରକଳ୍ପ ଅଧିକାରୀ ହେମନ୍ତ କୁମାର ଦାଶ, ଜିଲା ଟିଭି ସେଲ୍‌ର ବିଦେଶୀ ଜେନା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

# ହୋଟେଲରେ ଚଢ଼ାଉ, ସେକ୍ସ ରାକେଟ ଠାବ

ଭୁବନେଶ୍ୱର,୧।୧୨(ବ୍ୟୁରୋ)/ ପାତ୍ରପଡ଼ା(ଡି.ଏନ୍.ଏ.)

- ୬ ବଙ୍ଗୀୟ ଯୁବତୀ ଉଦ୍ଧାର, ବିମାନରେ ଆସିଥିଲେ
- ଜଣେ ଗ୍ରାହକ, ୨ ଦଲାଲ ଓ ହୋଟେଲ ମ୍ୟାନେଜର ଗିରଫ
- ଚଢ଼ାଉବେଳେ ଦେହ ଦଲାଲ ମୁନା ଫେରାର

ଖଣ୍ଡଗିରି ଥାନା ଅନ୍ତର୍ଗତ ଏମ୍ସ ନଗରଠାରେ ଥିବା ହୋଟେଲ ସନ୍‌ସିପ୍‌ରେ ଚାଲିଥିଲା ସେକ୍ସ ରାକେଟ। ରବିବାର ଉକ୍ତ ହୋଟେଲରେ ପୋଲିସ ଚଢ଼ାଉ କରି ୬ଜଣ ବଙ୍ଗୀୟ ଯୁବତୀଙ୍କୁ ଉଦ୍ଧାର କରିବା ସହ ଜଣେ ଗ୍ରାହକ, ଦୁଇ ଜଣ ଦଲାଲ ଓ ହୋଟେଲ ମ୍ୟାନେଜରଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପଶ୍ଚିମବଙ୍ଗର ଦୁଇ ଦଲାଲ ମହମ୍ମଦ ନିହାର, ମହମ୍ମଦ ସେହେୱାଜ୍, ଗ୍ରାହକ ତଥା ଇଞ୍ଜିନିୟର ସୁନ୍ଦରଗଡ଼ ରାଜଗାଙ୍ଗପୁରର ଦିବ୍ୟାଂଶୁ ଘୋଷ ଓ ହୋଟେଲ ମ୍ୟାନେଜର ଗଞ୍ଜାମ ପାଟପୁରର ଦୀପକ ନାହାକ। ପୋଲିସ ସେଠାରୁ ୧୫ ହଜାର ଟଙ୍କା, ଏକ କାର ଓ ଏକାଧିକ ଆପତ୍ତିଜନକ ସାମଗ୍ରୀ ଜବତ କରିଛି। ଉଦ୍ଧାର ଯୁବତୀଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଡାକ୍ତରୀମାଇନା କରାଯିବା ପରେ ଶର୍ଟ ଷ୍ଟେ ହୋମ୍‌ରେ ଛାଡ଼ିଦିଆଯାଇଛି। ଅଭିଯୁକ୍ତମାନଙ୍କୁ ଡାକ୍ତରୀମାଇନା ପରେ ସୋମବାର କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ସୂଚନା ଦେଇଛି।

# ଇଂଲିଶ ବିଭାଗ ଅନ୍ତର୍ଜାତୀୟ ଆଲୋଚନାଚକ୍ର ଉଦ୍‌ଘାଟିତ



ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି ।

ବ୍ରହ୍ମପୁର ଅଫିସ,୧।୧୨

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଇଂଲିଶ ବିଭାଗ ପକ୍ଷରୁ ଦୁଇ ଦିନିଆ ଅନ୍ତର୍ଜାତୀୟ ଆଲୋଚନାଚକ୍ର ରବିବାର ଉଦ୍‌ଘାଟିତ ହୋଇଯାଇଛି। 'ମାନବ ପ୍ରଭାବରେ ପରିବେଶ ଓ ସଂସ୍କୃତିର ପରିବର୍ତ୍ତନ' ଶୀର୍ଷକ ଆଲୋଚନାଚକ୍ରରେ ବିଶ୍ୱବିଦ୍ୟାଳୟ ନୂତନ ସମ୍ମିଳନୀ କକ୍ଷରେ ଆୟୋଜିତ ଆଲୋଚନାଚକ୍ରକୁ କୁଳପତି ପ୍ରଫେସର ଗୋବିନ୍ଦ ଜେ. ଚକ୍ରପାଣି ଉଦ୍‌ଘାଟନ କରିଥିଲେ। ସମ୍ମିଳନୀ ସଂଯୋଜିକା ପ୍ରଫେସର ଡ. ଜାଗୃତି ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଆମେରିକାର ଅନ୍ତଃରାଷ୍ଟ୍ରୀୟ ମାନବ ଅଧିକାର କମିଟି ପରିବେଶ ବିଶେଷଜ୍ଞ ଡ. ଦେବଦତ୍ତ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ସମାଜ ବିକାଶରେ ପ୍ରକୃତିର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଇଂଲିଶ ସାହିତ୍ୟର ପରିବେଶ ଓ ସଂସ୍କୃତି ପ୍ରତି ଅବଦାନ ଥିବା ମୁଖ୍ୟଅତିଥି ମତବ୍ୟକ୍ତ କରିଥିଲେ । ଗିଲ୍ଡ ଅଫ ଇଣ୍ଡିଆନ ଇଂଲିଶ ରାଇଟର, ଏଡିଟର ଓ କ୍ରିଟିକ୍ସ ସଭାପତି ଟି. ଭି. ରେଡ୍ଡୀ, ସମ୍ପାଦକ କେ. ଭି. ଡୋମିନିକ୍ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଭାଗ ସ୍ମରଣିକା ଉନ୍ମୋଚିତ ହୋଇଥିଲା । ଏଥିରେ ଅଷ୍ଟ୍ରେଲିଆ, ଶ୍ରୀଲଙ୍କା, ନେପାଳ, ଆମେରିକା ଓ ମରିସସ୍ ଆଦି ୧୪ ଏବଂ ଭାରତର ବିଭିନ୍ନ ରାଜ୍ୟର ଶିକ୍ଷାନୁଷ୍ଠାନରୁ ୧୪୦ ଅତିଥି ଯୋଗ ଦେଇଥିଲେ । ଡ. ଟି. ଈଶ୍ୱର ରାଓ, ଅନିଲ କୁମାର ତରିଆଙ୍କ ସମେତ ସମସ୍ତ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଭାଗୀୟ ମୁଖ୍ୟ ଡ. ବଳଭଦ୍ର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ ।

## ଶବ୍ଦାଲୋକ, ଚିତ୍ରାଳୟ କାରିଗର ସଂଘ ବୈଠକ

ବ୍ରହ୍ମପୁର ଅଫିସ,୧।୧୨

ଗଞ୍ଜାମ ଜିଲା ଶବ୍ଦାଲୋକ ଓ ଚିତ୍ରାଳୟ କାରିଗର ସଂଘ ବୈଠକ ଗୋଳନ୍ଥରା ସ୍ଥିତ ଈଶାଣେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଶ୍ରୀକାନ୍ତ କୁମାର ଦଳେଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସଂଘର ପଞ୍ଜୀକରଣ ଉପରେ ତ୍ୱରାନ୍ୱିତ କରିବା ଦିଗରେ ଗୁରୁତ୍ୱାରୋପ କରାଯାଇଥିଲା । ଏହି ଅବସରରେ ନୂତନ ଭାବେ ଯୋଗ ଦେଇଥିବା ୬ ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରବୀନ୍ଦ୍ର ପ୍ରଧାନ, କାଳିଆ ନାହାକ, ଶିବରାଜ ସେଠୀ, ବିନାୟକ ସେଠୀ, ବସନ୍ତ କୁମାର ସେଠୀ, ଡମ୍ବରୁଧର ପ୍ରଧାନ ଓ ଚନ୍ଦ୍ରଶେଖର ରଣା ପ୍ରମୁଖ ଉପସ୍ଥିତ ଥିଲେ । ସଂଘ ସମ୍ପାଦକ ଶିବରାମ ସେଠୀ ଧନ୍ୟବାଦ ଦେଇଥିଲେ।

**ଟ୍ରେନରୁ ଖସି ଯୁବକଙ୍କ ମୃତ୍ୟୁ ଘଟଣା**

# ଆସାମରେ ହତ୍ୟା ଅଭିଯୋଗ

ବ୍ରହ୍ମପୁର ଅଫିସ,୧।୧୨

ବ୍ରହ୍ମପୁର ଜିଆରପି ଥାନା ଅଞ୍ଚଳରେ ୨୦୧୨ ନଭେମ୍ବର ୭ରେ ଜଣେ ଯୁବକ ଟ୍ରେନରୁ ଖସି ପଡ଼ିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ ଯୁବକ ଆସାମ ଦୟାଲପୁର ଗ୍ରାମର ପ୍ରଫୁଲ୍ଲ ମୁଚ୍ଛାହାରି ବୋଲି ଜିଆରପି ପୋଲିସ ସୂଚନା ଦେଇଥିଲା। ଏହି ଘଟଣାର ତଦନ୍ତ ପୁଣିଥରେ ଆରମ୍ଭ ହେବ ବୋଲି ଜଣାପଡ଼ିଛି। ଆସାମର ମୃତ ଯବକଙ୍କ ଭାଇ ନକୁଳ ମୁଚ୍ଛାହାରି ସେଠାକାର ମେରାପାଣି ଥାନାରେ ଭାଇଙ୍କୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ କରିଥିଲେ। ଗତ ୨୩ ତାରିଖରେ ଆସାମ କୋଲାଘାଟ ମୁଖ୍ୟ ବିଚାର ବିଭାଗ ମାଜିଷ୍ଟ୍ରେଟଙ୍କ ନିର୍ଦ୍ଦେଶକ୍ରମେ ବ୍ରହ୍ମପୁର ଜିଆରପିକୁ ମାମଲା ସ୍ଥାନାନ୍ତର କରାଯାଇଛି। ଏନେଇ ବ୍ରହ୍ମପୁର ଜିଆରପିରେ ନଂ.୧୧୧/୧୯ରେ ଏକ ହତ୍ୟା ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିବା ନେଇ ଥାନାଧିକାରୀ ସୁକାନ୍ତ ଭୋଇ ସୂଚନା ଦେଇଛନ୍ତି।
ଘଟଣାରୁ ପ୍ରକାଶ, ପ୍ରଫୁଲ୍ଲ ଚେନ୍ନାଇରେ କାମ କରିବା ପାଇଁ ତାଙ୍କ ସାଙ୍ଗମାନଙ୍କ ସହ ଡିବ୍ରୁଗଡ଼ ଚେନ୍ନାଇ ଟ୍ରେନରେ ଯାଉଥିଲେ । ୨୦୧୨ ନଭେମ୍ବର ୭ରେ ହୁମ୍ମା-ରମ୍ଭା ରେଳଧାରଣାରୁ ତାଙ୍କ କ୍ଷତାକ୍ତ ମୃତଦେହ ଜିଆରପି ପୋଲିସ ଉଦ୍ଧାର କରିଥିଲା। ମୃତଦେହ ଜବତ କରି ନଂ.୯୩/୧୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ଅନ୍ୟପଟେ ପ୍ରଫୁଲ୍ଲଙ୍କ ଭାଇ ନକୁଳ ଆସାମ ମେରାପାଣି ଥାନାରେ ଭାଇଙ୍କୁ ଟ୍ରେନରୁ ଠେଲି ହତ୍ୟା କରାଯାଇଥିବା ନେଇ ଅଭିଯୋଗ କରିଥିଲେ। ମେରାପାଣି ପୋଲିସ ନଂ.୨୨୮/୧୨ରେ ଏକ ହତ୍ୟା ମାମଲା ରୁଜୁ କରିଥିଲା। ଏବେ କୋଲାଘାଟ ସିଜେଏମ୍ ଏହି ଘଟଣାର ତଦନ୍ତ କରିବା ପାଇଁ ବ୍ରହ୍ମପୁର ଜିଆରପିକୁ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ନିର୍ଦ୍ଦେଶ ଅନୁସାରେ ବ୍ରହ୍ମପୁର ଜିଆରପି ମାମଲାର ତଦନ୍ତ କରିଥିବା ନେଇ ଥାନାଧିକାରୀ ଭୋଇ ସୂଚନା ଦେଇଛନ୍ତି।

**ପ୍ରେମିକଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା**

# ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକ

ବ୍ରହ୍ମପୁର ଅଫିସ,୧।୧୨

ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଆଙ୍କୁଲିରେ ଶନିବାର ଜଣେ ଯୁବକଙ୍କର ସନ୍ଦେହଜନକ ମୃତ୍ୟୁ ଘଟିଥିଲା। ପ୍ରେମ ବ୍ୟାପାରକୁ ନେଇ ଏହା ଘଟିଥିବା ସନ୍ଦେହ କରାଯାଉଛି । ପ୍ରେମିକା ସମ୍ପର୍କୀୟଙ୍କ ଘରେ ଚୁନି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡିଛି। ଏ ନେଇ ରବିବାର ମୃତ ଯୁବକଙ୍କ ବାପା ମୋହନା ଥାନା ଲୁଡୁରୁ ଗ୍ରାମର ବିଶାନ୍ତି ନାୟକ ମୋ ପୁଅ ସମୀର କୁମାର ନାୟକ(୨୩)ଙ୍କୁ ହତ୍ୟା କରାଯାଇଥିବା ନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଯୁବକଙ୍କ ମୃତଦେହ ଜବତ କରି ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପଞ୍ଚନାମା କରିଛି। ପରେ ଏନେଇ ନଂ.୬୨୮/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ଏହାର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଥାନାଧିକାରୀ ସାରଦା ପ୍ରସନ୍ନ ଦାଶ ସୂଚନା ଦେଇଛନ୍ତି । ଘଟଣାରୁ ପ୍ରକାଶ, ଗଜପତି ଜିଲା ମୋହନା ଥାନା ଲୁଡୁରୁ ଗ୍ରାମର ସମୀର ଶିକୁଳିପଦର ଅଞ୍ଚଳର ଜଣେ ଯୁବତୀଙ୍କ ସହ ଗତ କିଛିବର୍ଷ ହେଲା ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଉଭୟେ ଭୁବନେଶ୍ୱରରେ ଏୟାର ହୋଷ୍ଟେଜ ତାଲିମ ନେଉଥିଲେ । ଝିଅର ପରିବାର ବର୍ଗ ଏହାକୁ ପସନ୍ଦ କରୁ ନ ଥିଲେ । ତେଣୁ ମୋ ପୁଅକୁ ବ୍ରହ୍ମପୁର ଡ଼ାକି ଝିଅଙ୍କ ପରିବାର ଲୋକେ ହତ୍ୟା କରି ଆତ୍ମହତ୍ୟାର ରୂପ ଦେଉଥିବା ସମୀରଙ୍କ ବାପା ଥନାରେ ଅଭିଯୋଗ କରିଛନ୍ତି ।

# ପ୍ରିୟଙ୍କାଙ୍କୁ ନ୍ୟାୟ ପ୍ରଦାନ ଦାବି



ଛାତ୍ରୀଛାତ୍ରମାନେ କ୍ୟାଣ୍ଡେଲ୍ ରାଲି କରୁଛନ୍ତି ।

ବ୍ରହ୍ମପୁର ଅଫିସ୍,୧।୧୨

ବଳାତ୍କାର ଏବଂ ହତ୍ୟାର ଶିକାର ହୋଇଥିବା ହାଇଦ୍ରାବାଦର ଡା. ପ୍ରିୟଙ୍କା ରେଡ୍ଡୀଙ୍କୁ ନ୍ୟାୟ ଦେବା ପାଇଁ ଦେଶବ୍ୟାପି ଅଭିଯାନ ଚାଲିଛି। ଏହି କ୍ରମରେ ରବିବାର ସନ୍ଧ୍ୟାରେ ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ପ୍ରିୟଙ୍କାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଏକ କ୍ୟାଣ୍ଡେଲ୍ ରାଲିରେ କଲେଜଠାରୁ ବାହାରି ଗାନ୍ଧିଙ୍କ ପ୍ରତିମୂର୍ତ୍ତି ପାଖକୁ ଯାଇଥିଲେ। ଅଭିଯୁକ୍ତଙ୍କୁ କଠୋରରୁ କଠୋର ଦଣ୍ଡ ଦେବାକୁ ଦାବି କରିଥିଲେ। ରାଧାକ୍ରିଷ୍ଣନ୍ ଏବଂ ଝାନ୍‌ସିରାଣୀ ହୋଷ୍ଟେଲ୍‌ର ଅନ୍ତେବାସୀମାନେ ଏଥିରେ ଭାଗ ନେଇଥିଲେ। ସଚ୍ଚିନ କୁମାର ପଣ୍ଡା, ଡେଭିଡ୍ ମାଲି, କେ.ଯଶବନ୍ତ, ସତ୍ୟ ପୁରୋହିତ, ହରପ୍ରିୟା ପାଣିଗ୍ରାହୀ ଓ ଶୁଭସ୍ମିତା ମାଝି ପ୍ରମୁଖ ପରିଚାଳନା କରିଥିଲେ ।

## ଓଡ଼ିଶା ସାହିତ୍ୟ ଏକାଡେମୀର 'ମୋ ଗାଁ ମୋ ସାହିତ୍ୟ' କାର୍ଯ୍ୟକ୍ରମ

ବ୍ରହ୍ମପୁର ଅଫିସ,୧।୧୨

ଓଡିଶା ସାହିତ୍ୟ ଏକାଡେମୀର ମୋ ଗାଁ ମୋ ସାହିତ୍ୟ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି । କରଞ୍ଜେଇ ପୀଠରେ ଆୟୋଜିତ କାର୍ଯ୍ୟକ୍ରମକୁ ପ୍ରଫେସର ଅରବିନ୍ଦ ପଣ୍ଡା ଉଦ୍‌ଘାଟନ କରିଥିଲେ। ବରିଷ୍ଠ ସାହିତ୍ୟିକ ରଜନୀକାନ୍ତ ପାଢୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଲୋକ କଳା ଓ ଲୋକ ସାହିତ୍ୟ ଉପରେ ଆଲୋକପାତ କରିଥିଲେ । କବି ସଞ୍ଜୟ କୁମାର ଷଡ଼ଙ୍ଗୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାହିତ୍ୟିକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ଯୋଗଦେଇ ଗ୍ରାମୀଣ ସାହିତ୍ୟ ଓଡିଆ ସାହିତ୍ୟର ପ୍ରମୁଖ ଉତ୍ସ ବୋଲି ମତବ୍ୟକ୍ତ କରିଥିଲେ । ସାହିତ୍ୟ ଏକାଡେମୀ ସଦସ୍ୟ କବି ସୁଶାନ୍ତ ଦାଶ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବା ବେଳେ ଯୁବ କବି ଚିନ୍ମୟ ରଞ୍ଜନ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ । ଏହି ଅବସରରେ ଆୟୋଜିତ କବିତା ପାଠୋତ୍ସବରେ କପିଳ ଚନ୍ଦ୍ର ମହାନ୍ତି ଅତିଥି ଭାବେ ଯୋଗ ଦେଇଥିବା ବେଳେ ପ୍ରଫୁଲ୍ଲ କୁମାର ତ୍ରିପାଠୀ ସମ୍ମାନିତ ଅତିଥି ଥିଲେ । ସୁଧାଞ୍ଜଳୀ ମିଶ୍ର, ଯୁଗଳ କିଶୋର ସାହୁ, ଦୀପ୍ତିଲେଖା ମିଶ୍ର ପ୍ରମୁଖ କବିତାଗୁଡିକୁ ସଂଯୋଜନା କରିଥିଲେ । କବିତା ପାଠୋତ୍ସବରେ ୫୦ କବି କବିତା ପାଠ କରିଥିଲେ । ଦୀପ୍ତିମିତା ମହାପାତ୍ର ଧନ୍ୟବାଦ ଦେଇଥିଲେ ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।

**ଗଞ୍ଜାମ ମୁସ୍‌ଲିମ୍ କଲ୍‌ଚରାଲ୍ ଆସୋସିଏଶନ୍‌ର ମହତ୍ କାର୍ଯ୍ୟକ୍ରମ**

# ୧୧ ମୁସଲିମ୍, ୪ ହିନ୍ଦୁ ଯୋଡ଼ିଙ୍କ ସମୂହ ବିବାହ

ବ୍ରହ୍ମପୁର ଅଫିସ୍,୧।୧୨

ବିବାହରେ ବ୍ୟବହାର ହେଉଥିବା ସାମଗ୍ରୀଠାରୁ ଆରମ୍ଭ କରି ଭୋଜି ଖର୍ଚ୍ଚ, ଏବେ ପ୍ରାୟତଃ ସବୁ ଦ୍ରବ୍ୟର ଦର ଆକାଶଛୁଆଁ ରହିଛି। ସାହିଭାଇ ଓ ବନ୍ଧୁବାନ୍ଧବଙ୍କୁ ଭୋଜି ଦେବା ଏବଂ ରୀତିନୀତିର ଖର୍ଚ୍ଚ ପାଇଁ ଅର୍ଥାଭାବ ଯୋଗୁ ଅନେକ ସମୟରେ ବୟସ ଗଡ଼ି ଯାଉଥିଲେ ମଧ୍ୟ ଝିଅ ପୁଅମାନେ ବିବାହ କରିପାରୁନାହାନ୍ତି । ଏଭଳି ସମୟରେ ଆର୍ଥିକ ଅନଗ୍ରସର ଝିଅପୁଅଙ୍କୁ ସହାୟ ହୋଇଛି ଗଞ୍ଜାମ ମୁସ୍‌ଲିମ୍ କଲ୍‌ଚୁରାଲ୍ ଆସୋସିଏଶନ୍। ରବିବାର ଖାଜାସାହି ନିକଟସ୍ଥ ଇନ୍ଦିରା ପ୍ରିୟଦର୍ଶିନୀ ପାର୍କରେ ଏକ ସମୂହ ବିବାହ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ୧୧ ମୁସଲିମ୍ ଏବଂ ୪ ହିନ୍ଦୁ ଯୋଡ଼ା ବରକନ୍ୟା ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ । ବିବାହ କରିଥିବା ଝିଅପୁଅମାନେ ମୁଖ୍ୟତଃ ଗରିବ ଶ୍ରେଣୀର। ଅର୍ଥାଭାବ ଏବଂ ଅନ୍ୟାନ୍ୟ କାରଣ ଯୋଗୁ ସେମାନେ ବିବାହ କରିପାରୁ ନ ଥିଲେ। ଆସୋସିଏଶନ୍ କର୍ମକର୍ତ୍ତାମାନେ ସେମାନଙ୍କ ତାଲିକା ପ୍ରସ୍ତୁତ କରିବା ସହ ବିବାହ ଦିଗରେ ପଦକ୍ଷେପ ନେଇଛନ୍ତି।



କନ୍ୟାମାନଙ୍କ ସହ ଉପସ୍ଥିତ ଅତିଥିମାନେ ।

ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା, ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଏସ୍‌ପି ପିନାକ୍ ମିଶ୍ର, ଉପଜିଲାପାଳ ସିନ୍ଦେ ଦତ୍ତାତ୍ରୟ ଭାଉସାହେବ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଏଥି ସହ ନବଦମ୍ପତିଙ୍କୁ ଉପହାର ବାଣ୍ଟିଥିଲେ । କେବଳ ଏତିକି ନୁହଁ, ନବଦମ୍ପତିଙ୍କୁ ଘରକରଣା ସାମଗ୍ରୀ ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଉପକରଣ ପ୍ରଦାନ କରାଯାଇଥିଲା । ନିଜ ପରିବାର ସଦସ୍ୟଙ୍କ ଭଳି ନବଦମ୍ପତିଙ୍କୁ ବିଦାୟ ଦିଆଯାଇଥିଲା । ପୂର୍ବତନ ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ସିପିଆଇ(ଏମ୍) ରାଜ୍ୟ ସାଧାରଣ ସମ୍ପାଦକ ଅଳିକିଶୋର ପଟ୍ଟନାୟକ, ଅତିରିକ୍ତ ଏସ୍‌ପି ପ୍ରଭାତ କୁମାର ରାଉତରାୟ, ଟାଉନ୍ ଥାନା ଆଇଆଇସି ସୁରେଶ କୁମାର ତ୍ରିପାଠୀ, ଭାଜପା ଜିଲା ସଭାପତି କାହ୍ନୁଚରଣ ପତି, ପୂର୍ବତନ କର୍ପୋରେଟର ଆର୍. ମୁରଲୀମୋହନ, ବିଜେଡ଼ି ନେତା ମୁକୁନ୍ଦ ଗୌଡ଼, ତେଜେଶ୍ୱର ସ୍ୱାମୀ, ତ୍ରମ୍ବନାଥ ପଣ୍ଡା, ବନମାଳୀ ସେଠୀ, ମଦନ ଦଳେଇ, ରଜନୀଶ ମିଶ୍ରଙ୍କ ସମେତ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ । ସମସ୍ତଙ୍କ ପାଇଁ ଭୋଜିର ଆୟୋଜନ କରାଯାଇଥିଲା। ଆସୋସିଏଶନ୍ ସଭାପତି ସଇଦ ଇସ୍‌ମାଇଲ୍, ଚେୟାରମ୍ୟାନ ମହମ୍ମଦ ସଲିମ୍, ସମ୍ପାଦକ ରହିମ୍ ଖାନ୍, ଅବଦୁଲ ସତାର, ଇଲିଆସ୍ ଅହମ୍ମଦ ଖାନ୍, ତାହିଦ ଅହମ୍ମଦ, ସେକ୍ ଇଲିୟାସ,ମହମ୍ମଦ ଏ.କେ.ଜିଲାନ୍, ଏମ୍. ସମିର, ଏମ୍.ଏ. ରଜାକ୍, ସୟଦ ମମତାଜ୍, ଯୁଗ୍ମ ସମ୍ପାଦକ ମହମ୍ମଦ ଅସଲାମ୍, ଏସ୍.ଏ. ଖଲିଲ୍, ଏମ୍.ଏ. ରଜାକ, ଏସ୍.ଏ.ରହିମ୍, ଫିରୋଜ ଖାନ୍, ମହମ୍ମଦ ଫଜିଉଲ୍ଲାଖାନ୍, ମହମ୍ମଦ ଜାମିଲ, ଏମ୍.ଏ.ଲତିଫ୍, ଏମ୍.ଏସ୍.କେ.ସଦ୍‌ମଣି, ସୟିକ୍ ସବିର, ସଲିମ ଖାନ ଓ ଶେଖ ଇକ୍‌ବାଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

■ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଉଦ୍‌ଘାଟିତ

# ତିନିଦିନ ଧରି ପ୍ରତିଭା ପ୍ରଦର୍ଶନ କରିବେ ଦିବ୍ୟାଙ୍ଗ



ଉତ୍ସବ ଉଦ୍‌ଘାଟନ ଅବସରରେ ମନ୍ତ୍ରୀ ଅଶୋକଚନ୍ଦ୍ର ପଣ୍ଡା ଜଣେ ଦିବ୍ୟାଙ୍ଗଙ୍କ ସହ କଥା ହେଉଛନ୍ତି।

ଭୁବନେଶ୍ୱର, ୧।୧୨(ବ୍ୟୁରୋ)

ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳନ ଅବସରରେ ରବିବାରଠାରୁ ସ୍ଥାନୀୟ ଆଦିବାସୀ ପଡ଼ିଆରେ ଆରମ୍ଭ ହୋଇଛି ରାଜ୍ୟସ୍ତରୀୟ ଉତ୍ସବ। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଆୟୋଜିତ ଏହି ଉତ୍ସବକୁ ବିଭାଗୀୟ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଛନ୍ତି। ଦିବ୍ୟାଙ୍ଗଙ୍କ ଉତ୍ପାଦନ କ୍ଷମତା ଓ ସୃଜନଶୀଳତା ବୃଦ୍ଧି ଲକ୍ଷ୍ୟ ନେଇ ବିଭାଗ ପକ୍ଷରୁ ଏଭଳି କାର୍ଯ୍ୟକ୍ରମର ଆରମ୍ଭ କରାଯାଇଛି। ତିନିଦିନ ଧରି ଚାଲିବାକୁ ଥିବା ଏହି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଦିବ୍ୟାଙ୍ଗମାନେ ନିଜର ପ୍ରତିଭା ଦେଖାଇବେ। ଏଥିରେ ରାଜ୍ୟର ବିଭିନ୍ନ ଜିଲାରୁ ଦିବ୍ୟାଙ୍ଗମାନେ ଯୋଗଦେଇଥିବାବେଳେ ସେମାନଙ୍କ ପାଇଁ କାର୍ଯ୍ୟ କରୁଥିବା ସ୍ୱୟଂ ସହାୟକ ଗୋଷ୍ଠୀ ଓ ସଂସ୍ଥା ସାମିଲ ହୋଇଛି। ଦିବ୍ୟାଙ୍ଗମାନେ ନିଜ ହାତ ତିଆରି ସାମଗ୍ରୀ ପ୍ରଦର୍ଶନ କରିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରତିଭା ଦେଖାଉଛନ୍ତି। ପ୍ରଦର୍ଶନୀରେ ୬୨ଟି ଷ୍ଟଲ୍ ରହିଛି।

# ବଜେଟର ୩୬ ପ୍ରତିଶତ ଅର୍ଥ ଖର୍ଚ୍ଚ କରିଛନ୍ତି ସରକାର

ଭୁବନେଶ୍ୱର,୧।୧୨(ବ୍ୟୁରୋ)

ରାଜ୍ୟ ସରକାର ୨୦୧୮-୧୯ ଆର୍ଥିକ ବର୍ଷ ପାଇଁ ବିଭିନ୍ନ ବିଭାଗ ନିମନ୍ତେ ୧,୩୫,୫୧୩.୫୯ କୋଟି ଟଙ୍କାର ଅନୁଦାନ ଦେଇଥିବାବେଳେ ସେଥିରୁ ୧,୧୬,୨୪୩.୬୪କୋଟି ଟଙ୍କା (୮୫ ପ୍ରତିଶତ) ଖର୍ଚ୍ଚ ହୋଇଛି। ଉକ୍ତ ବର୍ଷରେ ପରିବହନ ବିଭାଗ ସବୁଠାରୁ କମ୍ ଅର୍ଥ ବ୍ୟୟ କରିଥିବା ଜଣାପଡିଛି। ଧର୍ମଗଡ଼ ବିଧାୟକ ମୌଷଧୀ ବାଗ୍ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଛନ୍ତି, ଉକ୍ତ ବର୍ଷରେ ପରିବହନ ବିଭାଗ ପାଇଁ ଦିଆଯାଇଥିବା ଅନୁଦାନରୁ ମାତ୍ର ୩୪.୪୩ ଶତକଡା ଅର୍ଥ ଖର୍ଚ୍ଚ ହୋଇଛି। ସେହିପରି ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ୧,୪୬,୦୬୧.୦୯ କୋଟି ଟଙ୍କାର ବଜେଟ ଅଟକଳ କରାଯାଇଥିଲା। ଗତ ସେପ୍ଟେମ୍ବର ଶେଷସୁଦ୍ଧା ସରକାର ମାତ୍ର ୫୩,୨୬୫.୮୧କୋଟି ଟଙ୍କା ଖର୍ଚ୍ଚ କରିପାରିଛନ୍ତି, ଯାହାକୁ ନେଇ ବିରୋଧୀ ନିକଟରେ ଶେଷ ହୋଇଥିବା ବିଧାନସଭା ଶୀତ ଅଧିବେଶନରେ ସରକାରଙ୍କ ଉପରେ ପ୍ରବଳ ବର୍ଷିଥିଲେ। ବିରୋଧୀଙ୍କ ଏଭଳି ସମାଲୋଚନା ପରେ ସରକାର ମଧ୍ୟ ଏହାକୁ ସ୍ୱୀକାର କରିଥିଲେ।

ପୂଜାରୀ ଉଲ୍ଲେଖ କରିଥିବା ଉତ୍ତରରେ ଦର୍ଶାଇଛନ୍ତି ଯେ, ଚଳିତ ଆର୍ଥିକ ବର୍ଷର ସେପ୍ଟେମ୍ବର ଶେଷ ସୁଦ୍ଧା ସରକାର ମୋଟ ବଜେଟର ମାତ୍ର ୩୬.୪୭ ପ୍ରତିଶତ ଅର୍ଥ ଖର୍ଚ୍ଚ କରିପାରିଛନ୍ତି। ଇଲୋକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ ସବୁଠାରୁ କମ୍ ଅର୍ଥାତ୍ ମୋଟ ବଜେଟର ମାତ୍ର ୧.୫୨ ପ୍ରତିଶତ ଅର୍ଥ ଖର୍ଚ୍ଚ କରିପାରିଛି। ଏହି ବିଭାଗ ଲାଗି ସରକାର ୧୧୮.୯୨କୋଟି ଟଙ୍କା ଅନୁଦାନ ଦେଇଥିବା ବେଳେ ଖର୍ଚ୍ଚ କିନ୍ତୁ ମାତ୍ର ୧.୮୧କୋଟି ଟଙ୍କା ହୋଇଛି। ସେହିପରି ପରିବହନ ବିଭାଗ ମଧ୍ୟ ପାଇଥିବା ଅନୁଦାନର ବର୍ତ୍ତମାନ ସୁଦ୍ଧା କେବଳ ୫.୮୧ ପ୍ରତିଶତ ଅନୁଦାନ ଖର୍ଚ୍ଚ କରିବାରେ ସକ୍ଷମ ହୋଇଛି। ଏହି ଆର୍ଥିକ ବର୍ଷ ଲାଗି ପରିବହନ ବିଭାଗକୁ ୬୪୦କୋଟି ଟଙ୍କା ଦିଆଯାଇଥିବା ବେଳେ ଖର୍ଚ୍ଚ କିନ୍ତୁ ମୋଟ ୩୭.୫୭କୋଟି ଟଙ୍କା ହୋଇଛି। କେବଳ ସାଧାରଣ ଅଭିଯୋଗ ଓ ପେନ୍‌ସନ ପ୍ରଶାସନ ବିଭାଗ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ପାଇଁ ବରାଦ ହୋଇଥିବା ଅର୍ଥର ୫୦ପ୍ରତିଶତରୁ ଅଧିକ ଅର୍ଥ ଖର୍ଚ୍ଚ ହୋଇପାରିଛି। ଅନ୍ୟ ବିଭାଗ ଗୁଡିକ ପାଇଁ ଅଟକଳ ହୋଇଥିବା ବଜେଟର ୫୦ ପ୍ରତିଶତ ଅର୍ଥ ମଧ୍ୟ ଖର୍ଚ୍ଚ କରିପାରି ନ ଥିବା ବିଧାନସଭା ଉତ୍ତରରେ ଅର୍ଥମନ୍ତ୍ରୀ ପୂଜାରୀ ଉଲ୍ଲେଖ କରିଛନ୍ତି।

ଏନେଇ କଂଗ୍ରେସ ସଦସ୍ୟ ସନ୍ତୋଷ ସିଂ ସାଲୁଜା କହିଛନ୍ତି, ସରକାର ୨୦୧୯-୨୦ ବର୍ଷ ପାଇଁ ବଜେଟର ୩୬ ପ୍ରତିଶତ ଅର୍ଥ ଖର୍ଚ୍ଚ କରିଛନ୍ତି। ତେବେ ସରକାର କିଭଳି ବାକି ୬ ମାସ ମଧ୍ୟରେ ୭୦ପ୍ରତିଶତ ଅର୍ଥ ଖର୍ଚ୍ଚ କରିବେ ତାହା ସନ୍ଦେହ। ଅତିବେଶି ହେଲେ ଏମାନେ କେବଳ ଆଉ ୩୦ପ୍ରତିଶତ ଅର୍ଥ ଖର୍ଚ୍ଚ କରିପାରିବେ। ସରକାର ଯଦି ବଜେଟ ଅର୍ଥ ଖର୍ଚ୍ଚ ନ କରିପାରନ୍ତି ତେବେ ରାଜ୍ୟରୁ ଅଧିକ ଲୋକ ଦାଦନ ଖଟିବାକୁ ଯିବେ। ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝୀ କହିଛନ୍ତି, ରାଜ୍ୟରେ ତ ସରକାରୀ ଅଧିକାରୀ ଯେତିକି ରହିବା କଥା ନାହାନ୍ତି ଏହି ଅର୍ଥ ଖର୍ଚ୍ଚ କିପରି ହୋଇପାରିବ ବୋଲି ସେ କହିଛନ୍ତି।

























ନିଜ କମିକ୍ ରୋଲ୍ ପାଇଁ ଜଣାଶୁଣା ଅଭିନେତା ଜାଭେଦ୍ ଜାଫ୍ରି ୧୯୯୫ର ହିଟ୍ ଫିଲ୍ମ 'କୁଲି ନମ୍ବର ୧'ରେ ନଜର ଆସିବେ। ବରୁଣ ଧୱନ ଓ ସାରା ଅଲି ଖାନ୍ ଅଭିନୟ କରୁଥିବା ଏହି ନୂଆ ସଂସ୍କରଣର ରିଲିଜ୍ ୨୦୨୦ ମେ' ୧ରେ କରିବାକୁ ନିଷ୍ପତ୍ତି ନେଇଛନ୍ତି ନିର୍ଦ୍ଦେଶକ ଡେଭିଡ୍ ଧୱନ।



# ଜାତୀୟ ପ୍ରଦୂଷଣ ନିୟନ୍ତ୍ରଣ ଦିବସ




# ସଚେତନ ହେଲେ ଜୀବନ ସୁରକ୍ଷିତ ରହିବ

ପ୍ରତିବର୍ଷ ୨ ଡିସେମ୍ବରରେ 'ରାଷ୍ଟ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ଦିବସ' ପାଳନ କରାଯାଉଛି। ପ୍ରଦୂଷଣ ବୃଦ୍ଧିପାଇବା ଦ୍ୱାରା ସୃଷ୍ଟି ହେଉଥିବା ବିଭିନ୍ନ ସମସ୍ୟା ଉପରେ ସଚେତନ କରିବା ଲାଗି ଏହା ପାଳନ କରାଯାଉଛି। ନିଃସନ୍ଦେହ,ଭାରତ କାହିଁକି ସାରା ବିଶ୍ୱରେ ପ୍ରଦୂଷଣ ଏକ ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଛି। ମୁଖ୍ୟତଃ ଶିଳ୍ପାନୁଷ୍ଠାନଗୁଡିକ ଯୋଗୁ ପରିବେଶ କିପରି ପ୍ରଦୂଷିତ ନ ହେବ ସେଥିପ୍ରତି ପଦକ୍ଷେପ ନେବା ତଥା ଲଢେଇ ଜାରି ରଖିବା ଏହି ଦିବସ ପାଳନର ଏକ ଲକ୍ଷ୍ୟ। ୧୯୮୪ ମସିହା ଡିସେମ୍ବର ୨ ଓ ୩ ତାରିଖରେ ଭୋପାଳ ଗ୍ୟାସ ଦୁର୍ଘଟଣାର ଭୟାବହତାକୁ କେବେ ବି ଭୁଲି ହେବନି। ଏଥିରେ ହଜାର ହଜାର ଲୋକଙ୍କର ମୃତ୍ୟୁ ଘଟିଥିଲା। ମୃତକମାନଙ୍କୁ ସମ୍ମାନ ଦେବା ଓ ସ୍ମରଣ କରିବା ଲାଗି ଭାରତରେ ପ୍ରତିବର୍ଷ ଏହି ଦିନକୁ ରାଷ୍ଟ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ଦିବସ ଭାବେ ପାଳନ କରାଯାଉଛି। ପରିବେଶକୁ ଅଣଦେଖା କରିବା ଦ୍ୱାରା କେତେ ଭୟଙ୍କର ପରିସ୍ଥିତି ଉପୁଜେ ଓ ଆମେ ପ୍ରଦୂଷଣକୁ ନିୟନ୍ତ୍ରଣରେ ରଖିବା କେତେ ଆବଶ୍ୟକ ତାହା ଏହି ଦିବସ ସ୍ମରଣ କରାଇଦିଏ। ଔଦ୍ୟୋଗିକ ଦୁର୍ଘଟଣାର ନିୟନ୍ତ୍ରଣ ତଥା ପରିଚାଳନା ସମ୍ପର୍କରେ ଏହି ଦିବସ ସଚେତନ କରାଏ। ଏହା ସହ ଔଦ୍ୟୋଗିକ ପ୍ରକ୍ରିୟା କିମ୍ବା ଲୋକମାନଙ୍କ ଦ୍ୱାରା କରାଯାଉଥିବା ମାଟି,ପାଣି, ପବନର ପ୍ରଦୂଷଣକୁ ରୋକିବା ଲକ୍ଷ୍ୟ ନେଇ ଏହା ପାଳନ କରାଯାଉଛି। ମଧ୍ୟପ୍ରଦେଶ ଭୋପାଳର ୟୁନିୟନ୍ କାର୍ବାଇଡ ଇଣ୍ଡିଆ ଲିମିଟେଡ୍(ୟୁସିଆଇଏଲ୍) କାରଖାନାରୁ ମିଥାଇଲ୍ ଆଇସୋ ସିୟାନେଟ(ଏମ୍ଆଇସି) ସହ ଅନ୍ୟ କିଛି ବିଷାକ୍ତ ଗ୍ୟାସ ନିର୍ଗମନ ଯୋଗୁ ଏଭଳି ଦୁର୍ଘଟଣା ଘଟିଥିଲା। ଏହି ଗ୍ୟାସ ପ୍ରଭାବରେ ୫ ଲକ୍ଷରୁ ଅଧିକ ପ୍ରଭାବିତ ହୋଇଥିଲେ। ପ୍ରାୟ ୩ ହଜାର ବ୍ୟକ୍ତିଙ୍କର ସାଙ୍ଗେ ସାଙ୍ଗେ ମୃତ୍ୟୁ ଘଟିଥିଲା ପରେ ଏହି ସଂଖ୍ୟା ବୃଦ୍ଧି ପାଇଥିଲା। ଏହା ବିଶ୍ୱର ସବୁଠୁ ବଡ଼ ଔଦ୍ୟୋଗିକ ପ୍ରଦୂଷଣଜନିତ ଦୁର୍ଘଟଣା। ଜାତୀୟ ସ୍ତରରେ ପ୍ରଦୂଷଣ ରୋକିବା ଲାଗି ଅନେକ ନିୟମ ପ୍ରଣୟନ କରାଯାଇଛି। ଏହି ଦିବସ ପ୍ରଦୂଷଣ ନିୟନ୍ତ୍ରଣ ଅଧିନିୟମର ଆବଶ୍ୟକତା ଓ ପାଳନ କରିବା ଉପରେ ଅଧିକ ଗୁରୁତ୍ୱ ଦେଇଥାଏ। ଶିଳ୍ପାନୁଷ୍ଠାନଗୁଡ଼ିକୁ ପ୍ରଦୂଷଣ ସମ୍ପର୍କରେ ସଚେତନ କରିବା ବି ଏହି ଦିବସର ଏକ ପ୍ରମୁଖ ଲକ୍ଷ୍ୟ। ଶିଳ୍ପାନୁଷ୍ଠାନଗୁଡିକର ଦ୍ରୁତ ବିକାଶ ହେବା ସହ ଏହା ପ୍ରାକୃତିକ ପରିବେଶ( ମାଟି, ପାଣି ଓ ପବନ)କୁ ବିଷାକ୍ତ କରୁଛି। ଏହାଦ୍ୱାରା ମଣିଷ , ପଶୁ ଓ ପକ୍ଷୀ ପ୍ରଭାବିତ ହେଉଛନ୍ତି। ଏଣୁ ଏହା ଉପରେ ଅଙ୍କୁଶ ଆଣିବା ଲାଗି ରାଷ୍ଟ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବାର୍ଡ(ଏନ୍ପିସିବି) ଦ୍ୱାରା ଯାଞ୍ଚ କରାଯାଉଛି। ତଥାପି ପରିବେଶ ଔଦ୍ୟୋଗିକ ଅନୁଷ୍ଠାନଗୁଡିକ ଏହାକୁ ପାଳନ କରିବାରେ ବ୍ୟତିକ୍ରମ ପରିଲକ୍ଷିତ ହେଉଛି। ଏଣୁ ଶିଳ୍ପାନୁଷ୍ଠାନଗୁଡିକ ପ୍ରଦୂଷଣ କମ୍ କରିବା ସହ ଜୀବନକୁ ସୁରକ୍ଷିତ ରଖିବା ପାଇଁ ପ୍ରାଧିକରଣ ଦ୍ୱାରା ଲାଗୁ କରାଯାଇଥିବା ସମସ୍ତ ନିୟମକୁ ପାଳନ କରିବା ଦ୍ୱାରା ଏହି ଦିବସର ଲକ୍ଷ୍ୟ ସାଧିତ ହୋଇପାରିବ।

# ମହିଳା ଡାକ୍ତରଙ୍କୁ ଗଣବଳାତ୍କାର ଘଟଣା ନେଇ ଅକ୍ଷୟଙ୍କ ଟୁଇଟ୍

**ମୁମ୍ବାଇ:** ହାଇଦ୍ରାବାଦ୍‌ରେ ଜଣେ ମହିଳା ଡାକ୍ତରଙ୍କୁ ଗଣବଳାତ୍କାର ପରେ ନୃଶଂସ ହତ୍ୟା ଘଟଣା ସାରା ଦେଶରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏଭଳି ଏକ ଜଘନ୍ୟ କାଣ୍ଡକୁ ନେଇ ସାରା ଦେଶରେ ପ୍ରତିକ୍ରିୟା ସୃଷ୍ଟି ହୋଇଥିବାବେଳେ ଅପରାଧୀମାନଙ୍କୁ ମୃତ୍ୟୁଦଣ୍ଡ ଦିଆଯାଉ ବୋଲି ଲୋକେ ଦାବି ଉଠାଉଛନ୍ତି। ତେବେ ବଲିଉଡ୍ ସୁପର୍‌ଷ୍ଟାର୍ ଅକ୍ଷୟ କୁମାର ମଧ୍ୟ ଏନେଇ ସୋସିଆଲ୍ ମିଡିଆରେ ନିଜ ପ୍ରତିକ୍ରିୟା ରଖିଛନ୍ତି। ଅକ୍ଷୟ ମହିଳା ଡାକ୍ତରଙ୍କ ଗଣବଳାତ୍କାର ଘଟଣା ନେଇ ନିଜ ଅଫିସିଆଲ୍ ଟୁଇଟର ହ୍ୟାଣ୍ଡେଲ୍‌ରେ ଲେଖିଛନ୍ତି, ଯାହାର ଗଣବଳାତ୍କାର ହୋଇଛି ସେ ହାଇଦ୍ରାବାଦର ମହିଳା ଡାକ୍ତର ହୁଅନ୍ତୁ, ତାମିଲନାଡୁର ରୋଜା ହୁଅନ୍ତୁ କିମ୍ବା ରାଞ୍ଚିର ଲ' ଷ୍ଟୁଡେଣ୍ଟ୍। ନିର୍ଭୟା ଗଣବଳାତ୍କାର ମାମଲାକୁ ୭ ବର୍ଷ ପୂରିସାରିଛି ଆଉ ଆମ ନୈତିକତା ଖଣ୍ଡ ବିଖଣ୍ଡିତ ହୋଇଛି। ଲାଗୁଛି ଯେପରି ଆମେ ଏକ ସମାଜ ହିସାବରେ ସବୁ ହରାଇ ଚାଲିଛୁ। ଆମକୁ କଠୋର ଆଇନର ଆବଶ୍ୟକତା ରହିଛି। ଏ ସବୁ ଖୁବ୍‌ଶୀଘ୍ର ସମାପ୍ତ କରିବା ଆବଶ୍ୟକ ବୋଲି ଅକ୍ଷୟ ନିଜ ଟୁଇଟର୍‌ରେ ଲେଖିଛନ୍ତି।

ତେବେ ଅକ୍ଷୟଙ୍କ ଏହି ଟୁଇଟ୍ ପରେ ଜଣେ ୟୁଜର୍ ତାଙ୍କ ଉପରେ ବର୍ଷିଛନ୍ତି। ସେ ଫିଲ୍ମ 'ହାଉସ୍‌ଫୁଲ-୪' ପ୍ରସଙ୍ଗ ଉଠାଇ ଅକ୍ଷୟଙ୍କୁ ଟାର୍ଗେଟ୍ କରିଛନ୍ତି। ୟୁଜର ଜଣକ ଫିଲ୍ମର କିଛି ଡାଏଲଗ୍ ଶେୟାର କରି ଲେଖିଛନ୍ତି, ଏହା ଆପଣଙ୍କ ଫିଲ୍ମ 'ହାଉସ୍‌ଫୁଲ-୪'ର ଡାଏଲଗ୍ ଅଟେ। ଆପଣଙ୍କୁ ଏତେ ଶସ୍ତା କମେଡି ନେଇ କୌଣସି ସମସ୍ୟା ଦେଖାଯାଉନାହିଁ? ହଁ ଆମକୁ କଡ଼ା ଆଇନ ଦରକାର କିନ୍ତୁ ଆମକୁ ଭଲ ହିରୋ ମଧ୍ୟ ଦରକାର ବୋଲି ୟୁଜର ଜଣକ ଅକ୍ଷୟଙ୍କ ଉଦ୍ଦେଶ୍ୟରେ ଲେଖିଛନ୍ତି।



# ବିବାଦରେ ଦବଙ୍ଗ-୩



**ମୁମ୍ବାଇ:** ବଲିଉଡ୍ ସୁପର୍‌ଷ୍ଟାର୍ ସଲ୍‌ମାନ ଖାନ୍‌ଙ୍କ କହିବା ହେଲା, ବଲିଉଡ୍‌ରେ ଯଦି କୌଣସି ବଡ଼ ଫିଲ୍ମ ରିଲିଜ୍ ହେବାକୁ ଯାଉଛି, ତାହା ନିଶ୍ଚିତ ବିବାଦରେ ଫସିବ। ଏ ଭଳି ଏକ ପ୍ରଥା ଫିଲ୍ମ ଇଣ୍ଡଷ୍ଟ୍ରିରେ ସୃଷ୍ଟି ହୋଇସାରିଲାଣି। ତେବେ ଭାଇଜାନ୍ ସଲ୍‌ମାନ ଏ କଥା ନିଜ ଅପ୍‌କମିଂ ଫିଲ୍ମ 'ଦବଙ୍ଗ-୩'କୁ ନେଇ ଉଠିଥିବା ବିବାଦର ପ୍ରତିକ୍ରିୟାରେ କହିଛନ୍ତି। କିଛି ହିନ୍ଦୁ ସଂଗଠନ ଫିଲ୍ମର ଟାଇଟେଲ୍ ଗୀତରେ ରହିଥିବା ଏକ ଦୃଶ୍ୟକୁ ନେଇ ଆପତ୍ତି ଉଠାଇଛନ୍ତି। ଏପରି କି ସୋସିଆଲ୍ ମିଡିଆରେ ଫିଲ୍ମକୁ ବୟକଟ୍ କରିବାକୁ ମଧ୍ୟ ଅଭିଯାନ ଆରମ୍ଭ ହୋଇଯାଇଛି।

ଭାଇଜାନ୍‌ଙ୍କ ସୁପରହିଟ୍ ସିକ୍ୱେଲ୍ 'ଦବଙ୍ଗ-୩' ରିଲିଜ୍ ହେବାକୁ ଯାଉଛି। ଏହାର ଟାଇଟେଲ୍ ଟ୍ରାକ୍ 'ହୁଡ୍ ହୁଡ୍ ଦବଙ୍ଗ ଦବଙ୍ଗ'ରେ କିଛି ଗେରୁଆ ବସ୍ତ୍ରଧାରୀ ସାଧୁ ଗିଟାର୍ ବଜାଉଥିବା ଦୃଶ୍ୟ ରହିଛି। ଏହି ଦୃଶ୍ୟକୁ ବିରୋଧ କରି କିଛି ସଂଗଠନ ଟୁଇଟର୍‌ରେ ପ୍ରତିକ୍ରିୟା ରଖିଲେ ଏବଂ ହ୍ୟାଶ୍‌ଟ୍ୟାଗ୍ ସହ 'ବୟକଟ୍ ଦବଙ୍ଗ' ଟ୍ରେଣ୍ଡ୍ କରିଥିଲା। ଶନିବାର ଫିଲ୍ମର ଆଉ ଏକ ଗୀତ 'ମୁନ୍ନା ବଦ୍‌ନାମ୍ ହୁଆ'ର ରିଲିଜ୍ ଅବସରରେ ଏହି ବିବାଦ ନେଇ ପ୍ରତିକ୍ରିୟା ରଖିଥିଲେ ସଲ୍‌ମାନ। ସେ କହିଥିଲେ, ଯେତେବେଳେ କୌଣସି ବଡ଼ ଫିଲ୍ମ ଆସେ, ତା'କୁ ନେଇ କିଛି ନା କିଛି ବିବାଦ ଉପୁଜିଥାଏ। ଅତିକମ୍‌ରେ ମୋ ଫିଲ୍ମକୁ ବଡ଼ ଫିଲ୍ମରେ ଗଣାହେଲା। ସେଥିପାଇଁ ମୁଁ ବହୁତ ଖୁସି ବୋଲି ସଲ୍‌ମାନ କହିଛନ୍ତି।

ଅନ୍ୟପକ୍ଷରେ 'ମୁନ୍ନା ବଦ୍‌ନାମ୍ ହୁଆ' ଗୀତରେ ଭାଇଜାନ୍ ଫିଲ୍ମ 'ଲଭ୍‌ରାତ୍ରୀ'ର ହିରୋଇନ୍ ୱରୀନା ହୁସେନ୍‌ଙ୍କ ସହ ନଜର ଆସିଛନ୍ତି। ଏନେଇ ସେ ପୁଣି କହିଛନ୍ତି, ୱରୀନାଙ୍କ ସହ ଫିଲ୍ମ କରିବା ସମୟରେ ମଧ୍ୟ ବିବାଦ ଉଠିଥିଲା। ଏବେ ବିବାଦ ଆଉ ନାହିଁ, ସମାଧାନ ହୋଇଗଲା। ତେଣୁ ବିବାଦ ଉପୁଜିବ, ତା'ର ସମାଧାନ ମଧ୍ୟ ହୋଇଯିବ। ମୋତେ ଲାଗୁନି 'ଦବଙ୍ଗ-୩' ଫିଲ୍ମରେ କିଛି ବିବାଦୀୟ ରହିଛି। କିଛି ଲୋକ ଲୋକପ୍ରିୟତା ପାଇବାକୁ 'ହୁଡ୍ ହୁଡ୍ ଦବଙ୍ଗ ଦବଙ୍ଗ' ଗୀତ ନାଁରେ ବିବାଦ ସୃଷ୍ଟି କରୁଛନ୍ତି ବୋଲି ଭାଇଜାନ୍ ସଲ୍‌ମାନ କହିଛନ୍ତି। ତେବେ ଫିଲ୍ମଟି ଡିସେମ୍ବର ୨୦ରେ ରିଲିଜ୍ ହେବ।

# ଦିନକୁ ୩୨୦ ଶିଶୁଙ୍କ ଜୀବନ ନେଉଛି ଏଡ୍‌ସ

**ନ୍ୟୁୟର୍କ:** ଏଡ୍‌ସ। ପୃଥିବୀର ସବୁଠୁ ମାରାତ୍ମକ ରୋଗ ମଧ୍ୟରୁ ଗୋଟିଏ ହେଉଛି ଏଡ୍‌ସ, ଯାହାର ନିରାକରଣ ପାଇଁ ଏ ପର୍ଯ୍ୟନ୍ତ କୌଣସି ସଫଳ ଔଷଧ ବାହାରି ପାରିନାହିଁ। ଏହି ରୋଗ ଆନୁବଂଶିକ ହୋଇଥିବାରୁ ନବଜାତକ ମଧ୍ୟ ଏହାର ଶିକାର ହୋଇଥାଆନ୍ତି। ଏଥିପାଇଁ ବିଶ୍ୱରେ ଅନେକ ଶିଶୁ ଏଡ୍‌ସ ଦ୍ୱାରା ସଂକ୍ରମିତ ହୋଇ ମୃତ୍ୟୁବରଣ କରୁଛନ୍ତି। ୟୁନିସେଫ୍ ପକ୍ଷରୁ କିଛି ଦିନ ପୂର୍ବେ ଜାରି କରାଯାଇଥିବା ଏକ ରିପୋର୍ଟରୁ ଜଣାପଡ଼ିଛି ଯେ, ଏଡ୍‌ସ ଯୋଗୁ ପ୍ରତି ଘଣ୍ଟାରେ ୧୩ ଜଣ ଶିଶୁଙ୍କ ମୃତ୍ୟୁ ଘଟୁଛି, ଏବଂ ଗୋଟିଏ ଦିନରେ ପାଖାପାଖି ୩୨୦ ଶିଶୁ ପ୍ରାଣ ହରାଉଛନ୍ତି। ତେବେ ଉପଯୁକ୍ତ ଚିକିତ୍ସା ଅଭାବରୁ ଶିଶୁ ମୃତ୍ୟୁ ସଂଖ୍ୟା ବଢୁଛି ବୋଲି ୨୬ ନଭେମ୍ବରରେ ଜାରି କରାଯାଇଥିବା ରିପୋର୍ଟରେ ଦର୍ଶାଇଛି ୟୁନିସେଫ୍। ଆଣ୍ଟିରିଟ୍ରୋଭାଇରାଲ ଡ୍ରଗ୍ ଏଡ୍‌ସ ରୋଗୀଙ୍କ ଶରୀରରେ ଏଚ୍‌ଆଇଭି ଭାଇରସ୍ ସଂଖ୍ୟା କମାଇଥାଏ। ଏଡ୍‌ସ ସଂକ୍ରମିତଙ୍କୁ ସମ୍ପୂର୍ଣ୍ଣ ସୁସ୍ଥ କରିବା ସମ୍ଭବ ନ ହେଲେ ବି ଠିକ୍ ସମୟରେ ଚିକିତ୍ସା କରାଗଲେ ସେମାନେ ଦୀର୍ଘଦିନ ସୁସ୍ଥ ଜୀବନ ବିତାଇ ପାରିବେ। ଅନ୍ୟପକ୍ଷରେ ଏ ସମ୍ପର୍କରେ ଅନେକ ଲୋକ ସଚେତନ ହେଉ ନ ଥିବା ବେଳେ ଅନେକଙ୍କ ନିକଟରେ ଚିକିତ୍ସା ସୁବିଧା ପହଞ୍ଚିପାରୁନି। ୟୁନିସେଫ୍ ରିପୋର୍ଟ ମୁତାବକ, ୨୦୧୮ରେ ଏଡ୍‌ସ ଆକ୍ରାନ୍ତ ୦ରୁ ୧୪ ବର୍ଷ ବୟସର ପିଲାଙ୍କ ମଧ୍ୟରୁ ମାତ୍ର ୫୪ ପ୍ରତିଶତ (ପାଖାପାଖି ୭ ଲକ୍ଷ ୯୦ ହଜାର) ଚିକିତ୍ସା ସୁବିଧା ପାଇଥିଲେ। ୟୁନିସେଫ୍‌ର ଏକ୍ଜିକ୍ୟୁଟିଭ୍ ଡାଇରେକ୍ଟର ହେନ୍‌ରିଏଟା ଫୋର୍ କୁହନ୍ତି, ଏଡ୍‌ସ ଓ ଏଚ୍‌ଆଇଭି ସହ ଲଢ଼ିବା ପାଇଁ ସାରା ଦୁନିଆ ପ୍ରସ୍ତୁତ। କିନ୍ତୁ ଛୋଟ ପିଲା ଓ କିଶୋରାବସ୍ଥାରେ ଏଡ୍‌ସ ଚିହ୍ନଟ ଓ ଏହାର ଚିକିତ୍ସା ସମ୍ପର୍କରେ ସଚେତନ ହେବା ଜରୁରୀ। ଏଥିସହିତ ଏଡ୍‌ସର ଶିକାର ହୋଇଥିବା ମହିଳାଙ୍କଠାରୁ ଜନ୍ମିତ ଶିଶୁଙ୍କୁ ଏହି ରୋଗ କିପରି ନ ବ୍ୟାପିବ, ସେଥିପାଇଁ ସେମାନଙ୍କୁ ରିଟ୍ରୋଭାଇରାଲ ଥେରାପି ଦିଆଯାଉଛି। ୧୦ବର୍ଷ ପୂର୍ବରୁ ଏହି ଥେରାପି କେବଳ ୪୪% ମହିଳାଙ୍କୁ ଦିଆଯାଇ ପାରୁଥିବା ବେଳେ ଏବେ ଏହାକୁ ୮୨% ମହିଳାଙ୍କୁ ଦିଆଯାଇପାରୁଛି। ଏହାଯୋଗେ ୫ ବର୍ଷରୁ କମ୍ ବୟସର ୧୦ଲକ୍ଷରୁ ଊର୍ଦ୍ଧ୍ୱ ଶିଶୁଙ୍କୁ ବଞ୍ଚାଇ ଦିଆଯାଇପାରିଛି ବୋଲି ହେନ୍‌ରିଏଟା ଫୋର୍ କହିଛନ୍ତି।

## ସଚେତନତା ଅଭାବ




# ୧୨୦ ବର୍ଷର ପୁରୁଣା ଖେଳ 'ଅନୋଖି ଡାଲି'

**ଶିମ୍‌ଲା:** ଖେଳର ନାମ ଥୋଡା । ୧୨୦ ବର୍ଷର ପୁରୁଣା ଏହି ଖେଳ ଖେଳାଯାଉଛି ହିମାଚଳ ପ୍ରଦେଶରେ। ଖେଳ ଧନୁତୀର କୌଶଳ ପ୍ରଦର୍ଶନ ଉପରେ ପର୍ଯ୍ୟବସିତ। ଏହା ପଛରେ ବି ଧାର୍ମିକ ବିଶ୍ୱାସ ରହିଛି। ଦୁଇଦିନ ବ୍ୟାପୀ'ଅନୋଖି ଡାଲି' ମେଳା ଅବସରରେ ଏହା ଅନୁଷ୍ଠିତ ହୋଇଥାଏ। ଶିମ୍‌ଲା ପାଖ ଜୁଦ୍ଦରହାଟି ଅଞ୍ଚଳରେ ଏହି ଖେଳ ଅନୁଷ୍ଠିତ ହୋଇଥାଏ । ଅଲିଭ ବଂଶର ଅନୋଖି ଡାଳି ନାମକ ଗଛର ରକ୍ଷଣାବେକ୍ଷଣା ପାଇଁ ଥୋଡା ଖେଳନ୍ତି ଲୋକମାନେ। ଏହି ଗଛକୁ ଲୋକମାନେ ପୂଜା କରନ୍ତି ଓ ଏଥିରେ ଭଗବାନ ନରସିଂହ ବାସ କରନ୍ତି ବୋଲି ଲୋକମାନଙ୍କର ବିଶ୍ୱାସ ରହିଛି। ଉକ୍ତ ଗଛ ଜଙ୍ଗଲର ସବୁ ଗଛଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଜନଶ୍ରୁତିରୁ ଜଣାପଡେ ଯେ,ଏହି ଖେଳ ପାଇଁ ନରସିଂହ ଅବତାର ରୂପରେ( ଭଗବାନ ବିଷ୍ଣୁଙ୍କର ଚତୁର୍ଥ ଅବତାର)ସେହି ଅଞ୍ଚଳରେ ଥିବା ମନ୍ଦିରର ପୂଜକଙ୍କୁ ସ୍ୱପ୍ନାଦେଶ ଦେଇଥିଲେ। ସେବେଠାରୁ ଏହା ଅନୁଷ୍ଠିତ ହେଉଛି। ଖେଳ ଆରମ୍ଭ ହେବା ପୂର୍ବରୁ ତୀରନ୍ଦାଜମାନଙ୍କୁ ଦୁଇଟି ଦଳରେ ବିଭକ୍ତ କରାଯାଏ। ଗୋଟିଏ ଦଳ କୌରବ ଓ ଅନ୍ୟଟି ପାଣ୍ଡବ ଭାବେ ନାମିତ ହୋଇଥାନ୍ତି। ଏହି ଦୁଇପକ୍ଷ ପରସ୍ପରଙ୍କୁ ତୀରରେ ଆଣ୍ଠୁ ତଳକୁ ଆଘାତ କରିଥାନ୍ତି। ତୀର ମୁନରେ ଧାର କମ୍ କରିବା ଲାଗି ଏକ ଗୋଲାକାର କାଠ ଲଗାଯାଇଥିବାରୁ ଖେଳର ନାମ ଥୋଡା ରଖାଯାଇଛି।



# ଛଡ଼ାଫୁଲରୁ ଅଗରବତି

**ଜମ୍ମୁ:** ଦେବଦେବୀଙ୍କୁ ଥରେ ଫୁଲ ଚଢ଼ାଇବା ପରେ ତାହାକୁ ଫିଙ୍ଗି ଦିଆଯାଏ। କିନ୍ତୁ ଜମ୍ମୁ ସହରର ମନ୍ଦିରଗୁଡିକରୁ ବାହାରୁଥିବା ଛଡ଼ାଫୁଲରୁ ପ୍ରସ୍ତୁତ ହେଉଛି ସୁଗନ୍ଧିତ ଅଗରବତି। ଜମ୍ମୁ ନଗରନିଗମ ସହରର ପ୍ରାୟ ୨୦ଟି ମନ୍ଦିରରୁ ଫୁଲ ସଂଗ୍ରହ କରି ସେଥିରୁ ପୀରକୋହସ୍ଥିତ ଶ୍ରୀରାମ ଆଶ୍ରମ ଓ ବାଗ-ଏ-ବାହୁର ପ୍ରେସ୍‌ମୋଡ୍‌ରେ ଅଗରବତି ତିଆରି କରିବା ପାଇଁ ୟୁନିଟ୍ ସ୍ଥାପନ କରିଛି। ପ୍ରତିଦିନ ଜମ୍ମୁ ନଗର ନିଗମ ମନ୍ଦିରଗୁଡିକରୁ ଫୁଲ ସଂଗ୍ରହ କରିବା ପରେ ତାହାକୁ ଏକାଠି କରି ଏହି ଦୁଇଟି ୟୁନିଟ୍‌କୁ ନିଆଯାଉଛି। ଏଠାରେ ରେଡ୍‌କ୍ରସ ସାହାଯ୍ୟରେ ଅଗରବତି ତିଆରି କରିବା ପାଇଁ ମେଶିନ ଲଗାଯାଇଛି। ଅଗରବତି ତିଆରି କରିବା ଲାଗି ଦୁଇଟି ୟୁନିଟ୍‌ରେ ୩୦ ଜଣ ମହିଳାମାନଙ୍କୁ ନିଯୁକ୍ତି ମଧ୍ୟ ଦିଆଯାଇଛି। ପ୍ରତି ପ୍ୟାକେଟ୍‌ରେ ୧୨ଟି ଅଗରବତୀ ରଖାଯାଉଛି ଓ ତାହାର ଦାମ୍ ରଖାଯାଇଛି ୧୦ ଟଙ୍କା।



# ୨୫ କି.ମି. ସାଇକେଲରେ ଗଲେ ବର

**ବଠିଣ୍ଡା:** ଏମିତି ଏକ ବାହାଘର କଥା କେବେ ବି ଭାବି ନ ଥିବେ ଯାହା ଅନୁଷ୍ଠିତ ହୋଇଛି ପଞ୍ଜାବର ବଠିଣ୍ଡାରେ। କନ୍ୟା ରମଣଦୀପଙ୍କ ଗାଁ ଠୁଠିୟାର ଗୁରୁଦ୍ୱାରା ସାହେବରେ ଦେଖିବାକୁ ମିଳିଛି ନିଆରା ବରାତ। ବର ୨୫ କିଲୋମିଟର ଦୂରରୁ ସାଇକେଲରେ ପହଞ୍ଚିଥିଲେ ଏହି ଗାଁରେ। ବର ବେଶରେ ଗୁରୁବକ୍ସିସ ମୌଡମଣ୍ଡି ଥାନା ଅନ୍ତର୍ଗତ ରାମନଗରରୁ ଯାଇ ପହଞ୍ଚିଥିଲେ କନ୍ୟାଙ୍କ ଗାଁରେ। ତାଙ୍କ ସାଙ୍ଗରେ ଥିଲେ ୧୨ ଜଣ ବରଯାତ୍ରୀ। ବାହାଘର ଶେଷ ହେବା ପରେ କନ୍ୟାଙ୍କୁ ବି ସାଇକେଲରେ ଗୁରୁବକ୍ସିସ ତାଙ୍କ ଘରକୁ ଆଣିଛନ୍ତି। ଏହି ବାହାଘରରେ ସେ କିଛି ଯୌତୁକ ବି ନେଇନାହାନ୍ତି। କରଜ କରି ଯାକଜମକରେ ବାହା ହେବା ବଦଳରେ ସେହି ଟଙ୍କାର ଠିକ୍ ଉପଯୋଗ କରାଯିବା ଉଚିତ ଓ ବହାଘର ଏଭଳି ନିରାଡମ୍ବର ହୋଇପାରିଲେ ସମାଜରେ କିଛି ପରିବର୍ତ୍ତନ ଆସିପାରିବ ବୋଲି କହିଛନ୍ତି ଗୁରୁବକ୍ସିସ୍।




ବିଜୁ ଜନତା ଦଳ
ଅରବିନ୍ଦ ସାମଲ
ସଭାପତି, ବିଜୁ ଜନତା ଦଳ, ବଡ଼ଚଣା
ଗଣେଶ୍ୱର ବରାଳ
ଯୁବ ବିଜେଡ଼ି ସଭାପତି, ବଡ଼ଚଣା
ମିହିର କୁମାର ସାଇଁ
କୋଷାଧକ୍ଷ, ବିଜୁ ଜନତା ଦଳ, ବଡ଼ଚଣା


ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଉତ୍ସବ
ଶୁଭ ଅବସରରେ ଅଭିନନ୍ଦନ...
ଡ. ଚିତ୍ତରଞ୍ଜନ ମହାନ୍ତି
ସମ୍ପାଦକ
ମୋ: ୯୪୩୭୧୨୫୦୦୯
ସରୋଜିନୀ ସ୍ମୃତି ସଂସଦ
ଶାନ୍ତିବଜାର କଲୋନୀ, ଜାରକା, ଯାଜପୁର


ଧରିତ୍ରୀର ୪୬ତମ ଜନ୍ମବାର୍ଷିକ ଉପଲକ୍ଷେ ମୋରଡା ବ୍ଲକର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ତଥା ଛାତ୍ରଛାତ୍ରୀଙ୍କ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଏବଂ ଶୁଭେଚ୍ଛା ।
ସୁଦାମ ଚନ୍ଦ୍ର ଧଳ
ଗୋଷ୍ଠୀ ଶିକ୍ଷା ଅଧିକାରୀ, ମୋରଡା


With Best Compliments From:
JAGANNATH JEW JUNIOR & DEGREE COLLEGE & STAFF
Sj. Ajay Kumar Mishra
Principal, Jagannath Jew College
Chadeidhara, Jajpur


ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଉପଲକ୍ଷେ
ନୀଳାଚଳ ସେବା ପ୍ରତିଷ୍ଠାନ
ପକ୍ଷରୁ ଶୁଭେଚ୍ଛା ଏବଂ ଜଗନ୍ନାଥଙ୍କ ନିକଟରେ ଦୀର୍ଘ ଜୀବନ କାମନା କରୁଛୁ।
ଅନୁଷ୍ଠାନ ପକ୍ଷରୁ ସଦା ସର୍ବଦା ଅସହାୟ,
ସଦ୍ୟଜାତ ଶିଶୁ ପାଳନ, ବାଳାଶ୍ରମ, ସ୍ୱାମୀ ପରିତ୍ୟକ୍ତା ମହିଳା, ଜରାନିବାସ,
ସ୍ୱାଧାର, ଉଜ୍ଜଳା, ମୂକ, ବଧିର, ମାନସିକ
ଅନଗ୍ରସର ପିଲାମାନଙ୍କ ମୁହଁରେ ହସ ଫୁଟାଇବା ପାଇଁ
ଦୀର୍ଘଦିନ ହେଲା କାର୍ଯ୍ୟ କରି ଆସୁଅଛି। ଯଦି କୌଣସି ଅସହାୟ
ବ୍ୟକ୍ତି ଆପଣଙ୍କ ନଜରରେ ପଡନ୍ତି ତେବେ ତୁରନ୍ତ ଅନୁଷ୍ଠାନ
ସହିତ ଯୋଗାଯୋଗ କରିବାକୁ ସମ୍ପାଦକ ନିବେଦନ କରିଛନ୍ତି।


ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଉତ୍ସବ ଶୁଭ ଅବସରରେ
ଅଭିନନ୍ଦନ ଜଣାଉଛି...
Sj. Manas Ranjan Samal
'B' Class Contractor
At/PO: Belarpur, Dist.: Jajpur
Special Work in Irrigation, R&B, RD, RWS&S Department


ଧରିତ୍ରୀର ୪୬ତମ
ଜନ୍ମବାର୍ଷିକ
ଅବସରରେ ଅଭିନନ୍ଦନ।
ଆସନ୍ତୁ ସହରକୁ ସ୍ୱଚ୍ଛ ଓ ପରିଷ୍କାର ରଖିବା।
ଜଣେ ଶୁଭେଚ୍ଛୁ, ନୟାଗଡ


'ଧରିତ୍ରୀ'ର ସ୍ୱନକ୍ଷତ୍ର ଅବସରରେ ଶୁଭକାମନା ।
BABA BHAIRABANANDA MAHAVIDYALAYA
୧- କଳା, ବାଣିଜ୍ୟ ଓ ବିଜ୍ଞାନରେ ସ୍ନାତକ ପାଠ୍ୟକ୍ରମ।
୨- ଉତ୍କଳବିଶ୍ୱବିଦ୍ୟାଳୟର ଗ୍ରାମୀଣ ଅସ୍ଥାୟୀ ପରିସର
୩- ଧନ୍ଦାମୂଳକ ସ୍ନାତକ ପାଠ୍ୟକାର୍ଯ୍ୟକ୍ରମ (ପର୍ଯ୍ୟଟନ, ଆତିଥ୍ୟ ପରିଚାଳନା ଓ ବିକ୍ରୟ ପରିଚାଳନା)
୪- ବାଣିଜ୍ୟରେ ସ୍ନାତକୋତ୍ତର ପାଠ୍ୟକ୍ରମ।
୫- ଇଗ୍ନୋଦ୍ୱାରା ଦୂରଶିକ୍ଷା ପାଠ୍ୟକ୍ରମ।
ସୌଜନ୍ୟ :
ଅଧକ୍ଷ, ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀ ଛାତ୍ର ବୃନ୍ଦ
ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ, ଚଣ୍ଡିଖୋଲ, ଯାଜପୁର


ମହାପୁରୁଷ ହାଡ଼ିଦାସ ମହାବିଦ୍ୟାଳୟ, ଛତିଆ, ଯାଜପୁର
NAAC ACREDITED
ଧରିତ୍ରୀର ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଶୁଭେଚ୍ଛା
ସୌଜନ୍ୟ - ଅଧକ୍ଷ, ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ବୃନ୍ଦ


ଧରିତ୍ରୀର ୪୬ତମ ଜନ୍ମବାର୍ଷିକ
ଉପଲକ୍ଷେ ଅଭିନନ୍ଦନ
ସେବା, ନୟାଗଡ


ଧରିତ୍ରୀର ସ୍ୱନକ୍ଷତ୍ର
ଦିବସ ଅବସରରେ
ବଡ଼ଚଣାବାସୀଙ୍କୁ ଶୁଭେଚ୍ଛା
ବିଜୁ ଜନତା ଦଳ
ଅମର ପ୍ରସାଦ ଶତପଥୀ
ବିଧାୟକ, ବଡ଼ଚଣା


ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟ, ନୂଆହାଟ, ଅରଖପୁର, ଯାଜପୁର
NAAC ACREDITED
ଗ୍ରାମାଞ୍ଚଳରେ ଛାତ୍ର ଛାତ୍ରୀମାନଙ୍କୁ ସ୍ୱଳ୍ପମୂଲ୍ୟରେ ଏକ ଶୈକ୍ଷିକ ବାତାବରଣ ସୃଷ୍ଟି କରି
ଉଚ୍ଚଶିକ୍ଷା ମାଧ୍ୟମରେ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ଗଢିବା ପାଇଁ ନିରନ୍ତର ପ୍ରୟାସ ଜାରି ରଖିଛି ।
ଶ୍ରୀଯୁକ୍ତ ଅମର ପ୍ରସାଦ ଶତପଥୀ
ସଭାପତି, ପରିଚାଳନା ସମିତି
ଶ୍ରୀଯୁକ୍ତ ସତ୍ୟବ୍ରତ ପୃଷ୍ଟି
ଅଧକ୍ଷ
ସ୍ୱନକ୍ଷତ୍ର ଅବସରରେ ଅଗଣିତ ପାଠକ, ପାଠିକା, ଛାତ୍ରୀ ଛାତ୍ର ଏବଂ ଅଭିଭାବକ ମାନଙ୍କୁ
ଶୁଭେଚ୍ଛା ଜଣାଇବା ସହିତ 'ଧରିତ୍ରୀ'ର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଅଛୁ ।
-ଅଧକ୍ଷ, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ବୃନ୍ଦ

## ସଂକ୍ଷେପରେ

### ୫ ଜୁଆଡ଼ି ଗିରଫ

**ପୁରୁଷୋତ୍ତମପୁର,୧।୧୨(ଡି.ଏନ୍.ଏ.):** ପୁରୁଷୋତ୍ତମପୁର ଥାନା ଶିଖରପୁର ଗ୍ରାମରେ ଚାଲିଥିବା ଜୁଆ ଆଡ୍ଡା ଉପରେ ରବିବାର ରାତିରେ ପୋଲିସ ଚଢ଼ାଉ କରି ୫ ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୩ ମୋବାଇଲ, ୧୪ ହଜାର ୬୦ ଟଙ୍କା ଜବତ ହୋଇଛି। ଏ ନେଇ ନଂ. ୨୯୭/୧୯ରେ ପୋଲିସ ମାମଲା ରୁଜୁ କରିଛି। ସୋମବାର ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଆଇଆଇସି ଜଗନ୍ନାଥ ମଲ୍ଲିକଙ୍କ କହିଛନ୍ତି।

### ଆମ ପୋଲିସ ସମିତି ବୈଠକ

**ଖଲ୍ଲିକୋଟ,୧।୧୨(ଡି.ଏନ.ଏ.)-** ଖଲ୍ଲିକୋଟ ଥାନା ପରିସରରେ ଆଇଆଇସି ସତ୍ୟରଞ୍ଜନ ପ୍ରଧାନଙ୍କ ପୌରୋହିତ୍ୟରେ ଆମ ପୋଲିସ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲା ପରିଷଦ ଅଧକ୍ଷା ପ୍ରତିନିଧି କିଶୋର ପଲେଇ, ଏସଆଇ ସିଲୁ ଧଳ, ଟିଲୁ ପିଡ଼ିକା ପ୍ରମୁଖ ମଞ୍ଚାସୀନ ଥିଲେ। ଅଞ୍ଚଳର ବହୁ ଠିକାଦାର ଉପସ୍ଥିତ ଥିଲେ। ଆଇଆଇସି ସମସ୍ତ ଠିକାଦାର ଲେବର ଲାଇସେନ୍ସ କରିବା ସହ ଦାଦନ ଶ୍ରମିକଙ୍କ ନାମ ପଞ୍ଜୀକରଣ କରି ସେମାନଙ୍କ ସବିଶେଷ ତଥ୍ୟ ଜଣାଇବାକୁ ପରାମର୍ଶ ଦେଇଥିଲେ। ଏସ୍ଆଇ ଟ୍ରାଫିକ ନିୟନ୍ତ୍ରଣରେ ଏବଂ ଅଞ୍ଚଳରେ ଆଇନ ଶୃଙ୍ଖଳା ଉପରେ ପୋଲିସ ସହଯୋଗ ସମ୍ପର୍କ ରଖିବା ପାଇଁ କହିଥିଲେ। ବଜାରରେ ଟ୍ରାଫିକ ଆୱାରନେସ କାର୍ଯ୍ୟକ୍ରମ କରିବା ପାଇଁ ନିଷ୍ପତ୍ତି ହୋଇଥିଲା।

### ମହାଲକ୍ଷ୍ମୀ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ସମାପନ

**ବ୍ରହ୍ମପୁର ଅଫିସ,୧।୧୨:** ସ୍ଥାନୀୟ ଲାଞ୍ଜିପଲ୍ଲୀ ରାମନଗରସ୍ଥ ବିବେକ ବିହାରରେ ନବନିର୍ମିତ ମହାନଗରର ପ୍ରଥମ ଭଗବତୀ ମହାଲକ୍ଷ୍ମୀ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି । ୮ ଦିନ ଧରି ମହୋତ୍ସବ ଅବସରରେ ଚାଲିଥିବା ଯଜ୍ଞ ମଧ ପୂର୍ଣ୍ଣାହୁତି ଦିଆଯାଇଛି । ଅନ୍ତିମ ଦିବସରେ ମନ୍ଦିର ପାର୍ଶ୍ୱଦ୍ୱାର, ଚକ୍ର, ଧ୍ୱଜ ସ୍ଥାପନ ସହ ମହାଲକ୍ଷ୍ମୀଙ୍କ ରତ୍ନ ସିଂହାସନ ଆହୋରଣ ଓ ମହାଧ୍ୱଜ ଭ୍ରମଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜଗନ୍ନାଥ ସଂସ୍କୃତି ପ୍ରବଚକ ଜ୍ଞାନାନନ୍ଦ ସାଗର, ପ୍ରଫେସର ହରେକୃଷ୍ଣ ଶତପଥୀ, ବ୍ରହ୍ମାନନ୍ଦ ସରସ୍ୱତୀ ମହାରାଜଙ୍କ ସମେତ ସାଧୁସନ୍ଥମାନେ ଯୋଗ ଦେଇଥିଲେ । ମନ୍ଦିରରେ ମହାଲକ୍ଷ୍ମୀ ଓ ଯଜ୍ଞ ପୂର୍ଣ୍ଣାହୁତି ଦର୍ଶନ ପାଇଁ ଶହ ଶହ ମହିଳା ଓ ପୁରୁଷ ଶ୍ରଦ୍ଧାଳୁ ଭିଡ଼ ଜମାଇଥିଲେ । ପଣ୍ଡିତ ଅଶୋକ କୁମାର ପାଢ଼ୀଙ୍କ ତତ୍ତ୍ୱାବଧାନରେ ପୁରୋହିତମାନେ ପ୍ରତିଷ୍ଠା ମହୋତ୍ସବ ଓ ଯଜ୍ଞ ପରିଚାଳନା କରିଥିଲେ ।

# ମାରାଥନ୍, ପଦଯାତ୍ରାରେ ଏଡ୍‌ସ ସଚେତନତା

**ବ୍ରହ୍ମପୁର ଅଫିସ୍,୧।୧୨**

ବିଶ୍ୱ ଏଡ୍‌ସ ଦିବସ ରବିବାର ବିଭିନ୍ନ ସ୍ଥାନରେ ପାଳିତ ହୋଇଯାଇଛି। ସକାଳେ ବ୍ରହ୍ମପୁର ବଡ ମେଡିକାଲରେ ଏହି ଅବସରରେ ମାରାଥନ୍ ଆୟୋଜିତ ହୋଇଥିଲା। ଛାତ୍ର ସଂସଦ ପକ୍ଷରୁ ଆୟୋଜିତ ଏହି ମାରାଥନ୍‌ରେ ଡିନ୍ ତଥା ଅଧକ୍ଷ ଡା. ରାଧାମାଧବ ତ୍ରିପାଠୀ ଏବଂ ମେଡ଼ିସିନ୍ ବିଭାଗର ଆସୋସିଏଟ୍ ପ୍ରଫେସର ଡା. ଗଣେଶ୍ୱର ସେଠୀ ଉପସ୍ଥିତ ଥିଲେ। ମାରାଥନ୍‌ରେ ଏଡ୍‌ସ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା। ସିଟି ସର୍ଜରୀ ବିଭାଗ ପ୍ରଫେସର ଡ. ସୁରେଶ ଚନ୍ଦ୍ର ମିଶ୍ର ଏବଂ ଆଇଏମ୍ଏ ବ୍ରହ୍ମପୁର ଶାଖା ଅଧକ୍ଷ ଡା. କମଳାକାନ୍ତ ପାଣିଗ୍ରାହୀ ଉପସ୍ଥିତ ଥିଲେ। ସର୍ଜରୀ ବିଭାଗର ଛାତ୍ର ଡା. ଅନୁପମ ମିଶ୍ର ଏବଂ ଡା. ଶୁଭମ୍ ରଞ୍ଜନ ନରେନ୍ଦ୍ର, ନାରୀ ଏବଂ ପ୍ରସୂତି ବିଭାଗର


ଡାକ୍ତରୀ ଛାତ୍ରୀଛାତ୍ରମାନେ ମାରାଥନ୍‌ରେ ଦୌଡ଼ୁଛନ୍ତି ।

ଛାତ୍ର ଡା. ରଞ୍ଜିତ କୁମାର, ଏକାଡେମିକ୍ ସେକ୍ରେଟାରୀ ସଂଯୋଗ କୁମାର, ସହକାରୀ ଏକାଡେମିକ୍ ସେକ୍ରେଟାରୀ ଦିଶା ମାଝି ଏବଂ ଅଧ୍ୟୟନରତ ବହୁ ଛାତ୍ରୀଛାତ୍ର ଏଥିରେ ଭାଗ ନେଇଥିଲେ। ସେହିଭଳି ଅରୁଣା ପକ୍ଷରୁ ଖଲ୍ଲିକୋଟ କଲେଜ ନିକଟରେ ଏକ ସଚେତନତା ପଦଯାତ୍ରା ସହ ଦସ୍ତଖତ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ୨୦୩୦ ସୁଦ୍ଧା ସମଗ୍ର ବିଶ୍ୱକୁ ଏଡ୍‌ସ କବଳରୁ ରକ୍ଷା କରିବା ପାଇଁ ମିଳିତ ଜାତିସଂଘ ତରଫରୁ ପରାମର୍ଶ ଦିଆଯାଇଛି। ଏହାକୁ ଦୃଷ୍ଟିରେ ଚଳିତବର୍ଷ 'ଗୋଷ୍ଠୀ ହିଁ ପରିବର୍ତ୍ତନର ନିର୍ମାତା' ବାର୍ତ୍ତାକୁ ବ୍ୟାପକ ରୂପେ ପ୍ରଚଳିତ କରାଯାଉଛି। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ପତାକା ଦେଖାଇ ସଚେତନତା ରଥକୁ ଉଦ୍‌ଘାଟନ କରିଥିବା ବେଳେ ବ୍ରହ୍ମପୁର ଉପଜିଲାପାଳ ସିନ୍ଧେ ଦତ୍ତାତ୍ରେୟ ଭାଉସାହେବ ପଦଯାତ୍ରାକୁ ଉଦ୍‌ଘାଟନ କରିଥିଲେ । ପୂର୍ବତନ ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ଦସ୍ତଖତ ଅଭିଯାନର ଶୁଭାରମ୍ଭ କରିବା ସହ ନିୟମିତ ଔଷଧ ସେବନ ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଜୟ କୁମାର ପାଣିଗ୍ରାହୀ, ଜଗନମୋହନ ମହାପାତ୍ର, କିନ୍ନର ସଙ୍ଘ ସଭାପତି ସୁଇଟି ସାହୁ, ଜିଏନପି ସଭାପତି ସନ୍ତୋଷ ପ୍ରଧାନ, ଅରୁଣା ନିର୍ଦ୍ଦେଶକ ଲୋକନାଥ ମିଶ୍ର, ସମ୍ପାଦିକା ସୌଦାମିନି ରଥ, ସୁକାନ୍ତ ଆଚାର୍ଯ୍ୟ ଏବଂ ଦେବୀଦତ୍ତ ରଥ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବ୍ଲକସ୍ତରୀୟ ଶିଶୁ ଉତ୍ସବ



କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ରମାନେ।

**ପୋଲସରା,୧।୧୨**

ପୋଲସରା ବ୍ଲକ ଅନ୍ତର୍ଗତ କଳମ୍ବ ପୁରୁଷୋତ୍ତମ ଉଚ୍ଚ ବିଦ୍ୟାଳୟରେ ଓଷ୍ଟା ପକ୍ଷରୁ ବ୍ଲକସ୍ତରୀୟ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ତଥା ପୋଲସରା ବ୍ଲକ ଓଷ୍ଟାର ସଭାପତି ପ୍ରଭାକର ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ କଳମ୍ବ ସରପଞ୍ଚ ପ୍ରଶାନ୍ତ କୁମାର ପ୍ରଧାନ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଓଷ୍ଟାର କାର୍ଯ୍ୟକାରୀ ସଭ୍ୟ ଅଶୋକ କୁମାର ଦଳେଇ, ଅତିଥି ଭାବେ ସହ ସମ୍ପାଦକ ସୂର୍ଯ୍ୟମଣି ମାହାନ୍ତି, ସମ୍ମାନିତ ଅତିଥି ଭାବେ ପୂର୍ବତନ ସମ୍ପାଦକ ଦିଗାମ୍ବର ପଟ୍ଟନାୟକ, ଲିଙ୍ଗରାଜ ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସଞ୍ଜିତା ପ୍ରଧାନ, ହିଞ୍ଜିଳିକାଟୁ ବ୍ଲକ ଅବସରପ୍ରାପ୍ତ ସହକାରୀ ବ୍ଲକ ଶିକ୍ଷାଧିକାରୀ ସୁଧୀର କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅନ୍ତର୍ଗତ ୧୧ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ତର୍କ, ଦେଶାତ୍ମବୋଧକ ସଂଗୀତ, କବିତା, ପତ୍ରଲିଖନ, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀମାନେ ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଶିକ୍ଷକ ପର୍ଶୁରାମ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ତାମ୍ପରାରେ ୱାଟର ସ୍ପୋର୍ଟ୍ସ ଶୁଭାରମ୍ଭ

**ଛତ୍ରପୁର,୧।୧୨(ଡି.ଏନ.ଏ)**

ଛତ୍ରପୁର ଉପକଣ୍ଠ ହୁମ୍ମୁରୀ ତାମ୍ପରାରେ ରବିବାର ୱାଟର ସ୍ପୋର୍ଟ୍ସ ଶୁଭାରମ୍ଭ ହୋଇଛି। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଏହାର ଶୁଭାରମ୍ଭ କରିବା ସହ ୱାଟର ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରଏ, ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ପୋଡାପଦର ସରପଞ୍ଚ ପୀତାମ୍ବର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ଅମରାବତୀ ବୋଟିଂ କ୍ଲବ ସହ ଏଠାରେ ୱାଟର ସ୍ପୋର୍ଟ୍ସ ପାଇଁ ଚୁକ୍ତି ହୋଇଛି।

ତାମ୍ପରାକୁ ଜିଲା, ରାଜ୍ୟ ତଥା ଦେଶ ବାହାରୁ ପର୍ଯ୍ୟଟକ ଆସିଥାନ୍ତି। ପୂର୍ବରୁ ଏଠାରେ ଚାଲିଥିବା ବୋଟିଂ ବ୍ୟବସ୍ଥା ବନ୍ଦ ହୋଇଯାଇଥିବାରୁ ପର୍ଯ୍ୟଟକ ନିରାଶରେ ଫେରୁଥିଲେ। ତେଣୁ ପର୍ଯ୍ୟଟନର ବିକାଶ ଓ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଏଠାରେ ୱାଟର ସ୍ପୋର୍ଟ୍ସ ବ୍ୟବସ୍ଥା ହୋଇଛି। ଅନ୍ୟପକ୍ଷରେ ଗଞ୍ଜାମ ଜିଲା ଉପକଣ୍ଠ ଖୋର୍ଦ୍ଧା ଜିଲା ବରକୁଲଠାରେ ଚିଲିକାରେ ଗତ ଅକ୍ଟୋବର ୨୪ ତାରିଖରୁ ଏହି ୱାଟର



ଜିଲାପାଳ, ଏସ୍‌ପି, ବିଧାୟକ ବୋଟିଂ କରୁଛନ୍ତି।

ସ୍ପୋର୍ଟ୍ସ ଆରମ୍ଭ ହୋଇଛି। ତାମ୍ପରାଠାରେ ଜାତୀୟ ଓ ଅନ୍ତର୍ଜାତୀୟସ୍ତରର ୱାଟର ସ୍ପୋଟର୍ସ ଟୁର୍ନାମେଣ୍ଟ ଆୟୋଜନ କରାଯିବ ବୋଲି ସୂଚନା ମିଳିଛି। ଅଲିମ୍ପିକ୍ ଆସୋସିଏଶନ, ସ୍ପୋର୍ଟସ ଅଥରିଟି ଅଫ୍ ଇଣ୍ଡିଆ ଓ ରୋଇଙ୍ଗ ଫେଡେରେଶନ ଅଫ୍ ଇଣ୍ଡିଆ ସହଯୋଗରେ ଅମରାବତୀ ବୋଟିଂ କ୍ଲବ୍ ଟୁର୍ନାମେଣ୍ଟ ଆୟୋଜନ କରିବ ବୋଲି ସୂଚନା ଦିଆଯାଇଛି। ଏଥିସହ ଏଠାରେ ଗଞ୍ଜାମ ଜିଲାର ସ୍ଥାନୀୟ ଯୁବକମାନଙ୍କୁ ଲାଇଫ୍ ଗାର୍ଡ ଓ ଲାଇଫ୍ ସେଭିଂ ତାଲିମ ପ୍ରଦାନ କରାଯିବ। ଏହାଫଳରେ ସ୍ଥାନୀୟ ଯୁବକ ମାନେ ବିଭିନ୍ନ ହୋଟେଲ, ରେସର୍ଟ, ସୁଇମିଂ କମ୍ପ୍ଲେକ୍ସରେ ନିଯୁକ୍ତି ପାଇପାରିବେ। ଭାରତ ସରକାରଙ୍କ ଦ୍ୱାରା ମାନ୍ୟତାପ୍ରାପ୍ତ ବୋଟ୍ ପାୱାର୍ ଡ୍ରାଇଭର୍ସ ନିଯୁକ୍ତି କରାଯାଇଛି। ୱାଟର ସ୍ପୋର୍ଟ୍ସ ଦାୟିତ୍ୱରେ ଥିବା ସଂସ୍ଥାର ଶ୍ରୀଧର ରେଡ୍ଡୀ, ତରୁଣ କାକାନି, ସୁଧାକର ବେରିଗା ପ୍ରମୁଖ ଉପସ୍ଥିତ ଥିଲେ। ବୋଟିଂ ପାଇଁ ନିର୍ଦ୍ଧାରିତ ଦରକୁ ଅଧା କରିବାକୁ ପୋଡାପଦର ସରପଞ୍ଚ ଦାବି କରିଥିଲେ।

## କ୍ଷୋହଳଖଣ୍ଡ ଗୋପାଳ ସମାଜ ବୈଠକ

### ବ୍ରହ୍ମପୁର ମହାନଗର ନୂତନ ତାଲୁକା ଗଠିତ

**ବ୍ରହ୍ମପୁର ଅଫିସ,୧।୧୨**

ଗଞ୍ଜାମ ଜିଲା କ୍ଷୋହଳଖଣ୍ଡ ଗୋପାଳ ସମାଜ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ କଳା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକକୁ ଜିଲା ସଭାପତି ନନ୍ଦ କିଶୋର ମହାଙ୍କୁଡ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକାରୀ ସଭାପତି ଧୋବ ଗୌଡଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବ୍ରହ୍ମପୁର ମହାନଗର ନାମରେ ଏକ ନୂତନ ତାଲୁକା ଗଠନ କରାଯାଇଥିଲା। ଏହି ନୂତନ ତାଲୁକା ସଭାପତି ଭାବେ ଧୋବା ଗୌଡଙ୍କୁ ମନୋନୀତ କରାଯାଇଥିଲା। ଦେବରାଜ ମହଙ୍କୁଡ ଉପସଭାପତି, କବିରାଜ ଗୌଡ ସମ୍ପାଦକ, ରମେଶ ଚନ୍ଦ୍ର ଗୌଡ ସହ ସମ୍ପାଦକ, ବିନୋଦ ଚନ୍ଦ୍ର ଗୌଡ କୋଷାଧକ୍ଷ, ରାମଚନ୍ଦ୍ର ଗୌଡ ଉପଦେଷ୍ଟା, ମହେଶ୍ୱର ଗୌଡ ସମୀକ୍ଷକ ଭାବେ ମନୋନୀତ ହୋଇଥିଲେ। ଜିଲା ଉପଦେଷ୍ଟା ଉଲ୍ଲାସ ଗୌଡ ନୂତନ କର୍ମକର୍ତ୍ତାଙ୍କୁ ଶପଥ ପାଠ କରାଇଥିଲେ। ବୈଠକରେ ସହ ସମ୍ପାଦକ ଅନ୍ତର୍ଯ୍ୟାମୀ ଗୌଡ, ବିଜୟ କୁମାର ଗୌଡ, ସମୀକ୍ଷକ କାମେଶ୍ୱର ଗୌଡ, ଉପଦେଷ୍ଟା କଲୋନେଲ ରାମଚନ୍ଦ୍ର ଗୌଡ, ଜିଲା ସାଂସ୍କୃତିକ କମିଟି ଅଧକ୍ଷ ରମେଶ ଚନ୍ଦ୍ର ଗୌଡ ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲା ସାଧାରଣ ସମ୍ପାଦକ ନାରାୟଣ ମହାଙ୍କୁଡ ଧନ୍ୟବାଦ ଦେଇଥିଲେ।

# ୩୫ ଦିବ୍ୟାଙ୍ଗଙ୍କୁ ତିନିଚକିଆ ସାଇକେଲ୍ ପ୍ରଦାନ

**ବ୍ରହ୍ମପୁର ଅଫିସ୍,୧।୧୨**

ବିଶ୍ୱ ଭିନ୍ନକ୍ଷମ ଦିବସ ପାଳନ ଅବସରରେ ରବିବାର ୩୫ ଭିନ୍ନକ୍ଷମଙ୍କୁ ତିନିଚକିଆ ସାଇକେଲ୍ ପ୍ରଦାନ କରାଯାଇଛି। ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଏହା ଆୟୋଜିତ ହୋଇଥିଲା। ବ୍ୟାସରାଜୁ ଚାରିଟେବୁଲ୍ ଫାଉଣ୍ଡେଶନ୍ ତରଫରୁ ସମସ୍ତ ସାଇକେଲ ପ୍ରଦାନ କରାଯାଇଥିବା ବେଳେ ରୋଟାରି କ୍ଲବ ପକ୍ଷରୁ ସହଯୋଗ କରାଯାଇଥିଲା। କ୍ଲବ ଜିଲା ଗଭର୍ନର ଦେବାଶିଷ ମିଶ୍ର ଏବଂ ନାରାୟଣ ପଣ୍ଡା ଅତିଥିଭାବେ ଯୋଗଦେଇ ସାଇକେଲ୍ ବଣ୍ଟନ କରିଥିଲେ। ଟ୍ରଷ୍ଟ ପ୍ରତିଷ୍ଠାତା ଭି.ତେଜେଶ୍ୱର ରାଜୁ ଏବଂ ଭି.ପ୍ରମିଳା ରାଜୁ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ରୋଟାରି କ୍ଲବ ସଭାପତି ଭି.ଅଜୟ କୁମାରଙ୍କ ସମେତ ବହୁ ସଦସ୍ୟା ସଦସ୍ୟ ଉପସ୍ଥିତ ଥିଲେ।


ଦିବ୍ୟାଙ୍ଗମାନଙ୍କୁ ତିନିଚକିଆ ସାଇକେଲ୍ ପ୍ରଦାନ କରାଯାଉଛି।

# ତ୍ରିଧାରା ସାହିତ୍ୟ ସଂସଦର ମାସିକ ଆସର

**ବ୍ରହ୍ମପୁର ଅଫିସ,୧।୧୨**

ତ୍ରିଧାରା ସାହିତ୍ୟ ସଂସଦର ମାସିକ ସାହିତ୍ୟ ଆସର ରବିବାର ଅନୁଷ୍ଠିତ ହୋଇଯାଇଛି। ନିମାଇଁ କିଙ୍କର ଦାଶ ଗୋସ୍ୱାମୀ ଆସରକୁ ଉଦ୍‌ଘାଟନ କରିଥିଲେ। ସଂସଦ ସଭାପତି ଡ. ପ୍ରକାଶ ଚନ୍ଦ୍ର ଦାଶଙ୍କ ସଭାପତିତ୍ୱରେ ଆୟାଜିତ କାର୍ଯ୍ୟକ୍ରମରେ ଭେଙ୍କଟ ବିହାରୀ ପ୍ରହରାଜ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ପାଦକ ଡ. ଲକ୍ଷ୍ମୀ ନାରାୟଣ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ଚନ୍ଦ୍ରଶେଖର ମହାପାତ୍ର, ଜ୍ୟୋତ୍ସ୍ନାରାଣୀ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଆୟୋଜିତ କବିତା ପାଠୋତ୍ସବରେ ପ୍ରମୋଦିନୀ ଦେବୀ ଅଧ୍ୟକ୍ଷତା କରିଥିଲେ। ଉମାଚରଣ ମିଶ୍ର, ଲୋକନାଥ ନାୟକ ପ୍ରମୁଖ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ସମ୍ପାଦକ ଡ. ଦାଶ କବିତାଗୁଡ଼ିକୁ ସମୀକ୍ଷା କରିଥିଲେ। ଡା.ପ୍ରଦୀପ୍ତ ଚନ୍ଦ୍ର ସିଂ, ମନୋଜ ପାଣିଗ୍ରାହୀ, ହୃଷୀକେଶ ଦାଶ, କାଳନ୍ଦୀଚରଣ ନାୟକ ଓ ସଦାଶିବ ନାୟକଙ୍କ ସମେତ ୨୫ ରୁ ଉର୍ଦ୍ଧ୍ୱ କବୟିତ୍ରୀ କବି ଯୋଗଦେଇ ନିଜସ୍ୱ ରଚିତ କବିତା ପାଠ କରିଥିଲେ। ସୁଜାତା ଶତପଥୀ ଧନ୍ୟବାଦ ଦେଇଥଲେ।

# ଗଞ୍ଜେଇ ଗଛ ପୋଡ଼ିଲା ପ୍ରଶାସନ

**କ.ନୂଆଗାଁ, ୧।୧୨(ଡି.ଏନ୍.ଏ.)**

କ.ନୂଆଗାଁ ଥାନା ଅଞ୍ଚଳର ସିର୍ତ୍ତିଗୁଡା ପଞ୍ଚାୟତର ବିଭିନ୍ନ ଅଞ୍ଚଳରେ ଚାଷ ହୋଇଥିବା ପ୍ରାୟ ୧୫୦ ଏକରର ଗଞ୍ଜେଇ ଗଛକୁ ପୋଡି ନଷ୍ଟ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ୧୫କୋଟି ଟଙ୍କା ହେବ ବୋଲି ଥାନା ଅଧିକାରୀ କହିଛନ୍ତି। ସେହିପରି ଶନିବାର ସାଇନପଡା ପଞ୍ଚାୟତ ଜାଉଙ୍ଗିଆ ଓ ବିକାଙ୍ଗିଆର ୨୨୦ ଏକର ଜମିରେ ହୋଇଥିବା ଗଞ୍ଜେଇ ଗଛ କାଟି ପୋଡିଥିଲେ। ଯାହାର ମୂଲ୍ୟ ୨୨କୋଟି ହେବ ବୋଲି ଥାନା ଅଧିକାରୀ ଶ୍ରୀନିବାସ ସାମଲ ସୂଚନା ଦେଇଥିବାବେଳେ ଅବକାରୀ ଅଧିକାରୀ ମାଧବ କୌଶଲ୍ୟା, କ.ନୂଆଗାଁ ସବ୍‌ଇନ୍ସପେକ୍ଟର ପ୍ରକାଶ ଚନ୍ଦ୍ର ପ୍ରଧାନଙ୍କ ସମେତ ଥାନା ଓ ଅବକାରୀ ବିଭାଗର କର୍ମଚାରୀ ଯୋଗ ଦେଇଥିଲେ। କ.ନୂଆଗାଁ ତହସିଲଦାର ଶଶାଙ୍କ ଶେଖର ଦାସ ମାଜିଷ୍ଟ୍ରେଟ ଦାୟିତ୍ୱ ତୁଲାଇଥିଲେ।

# ଛାତ୍ରୀଙ୍କୁ ବଳାତ୍କାର ଅଭିଯୋଗ, ଯୁବକ ଗିରଫ

**ଗୋପାଳପୁର,୧।୧୨**

ଜନୈକା ଛାତ୍ରୀଙ୍କୁ ଧମକ ଦେଇ ବଳାତ୍କାର ଅଭିଯୋଗରେ ଗୋଳନ୍ଥରା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଶଙ୍କର ନାୟକ। ଏହି ଥାନା ଅଞ୍ଚଳର ସମ୍ପୃକ୍ତା ଛାତ୍ରୀଙ୍କୁ ଧମକଦେଇ ବଳାତ୍କାର କରିଥିବା ନେଇ ୨ଦିନ ତଳେ ଛାତ୍ରୀ ଜଣଙ୍କ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ନଂ.୩୦୬/୧୯ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଥିଲା। ଶଙ୍କର ଗ୍ରାମରେ ଥିବାବେଳେ ପୋଲିସ ଚଢ଼ାଉ କରି ଗିରଫ କରିଛି।

# ଆଇଆର୍‌ଇ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

**ଛତ୍ରପୁର,୧।୧୨(ଡି.ଏନ୍.ଏ.)**

ଛତ୍ରପୁର ଉପକଣ୍ଠରେ ଥିବା ଭାରତୀୟ ବିରଳ ମୃତ୍ତିକା (ଆଇଆର୍‌ଇ) ପ୍ଲାଣ୍ଟ ପକ୍ଷରୁ ଅଗସ୍ତିନୂଆଗାଁ, ମାଟିଖାଲ ଓ କଣମଣା ଗାଁରେ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରଗୁଡ଼ିକୁ ଆଇଆର୍‌ଇର ସିଜିଏମ୍ ଏ.ଜେ. ଜନାର୍ଥନନ୍ ଉଦ୍‌ଘାଟନ କରିଥିଲେ। ପ୍ଲାଣ୍ଟର ଜିଏମ୍ ଏ. କେ. ପାଣି, ଡିଜିଏମ୍ ଜି. କେ. ନାୟକ ଉପସ୍ଥିତ ଥିଲେ। ପ୍ରତି ଶିବିରରେ ୧୫୦ ଜଣଙ୍କ ଚିକିତ୍ସା କରାଯାଇ ମାଗଣାରେ ଔଷଧ ଦିଆଯାଇଥିଲା। ଚିଫ୍ ମ୍ୟାନେଜର ଏସ. ଏସ. ମଲ୍ଲିକ, ସୁରେଶ ଚନ୍ଦ୍ର ପାତ୍ର, ଡା. ଅର୍ଦ୍ଧେନ୍ଦୁ ପାଲ, ଡା. ପ୍ରଶାନ୍ତ କର, ଆର୍. କେ. ପାତ୍ର, ଟି. ଏଚ୍. ଆଚାର୍ଯ୍ୟ, କେ. ସି. ପ୍ରଧାନ, ନର୍ସ ଗୀତାଞ୍ଜଳି ପାହି, ଭାରତୀ ବେହେରା, ଏସ୍ ନାୟକ, ମେଡିକାଲ ଆସିଷ୍ଟାଣ୍ଟ ଏସ୍. ଏନ୍ ପ୍ରଧାନ, ଏନ୍. କେ. ପଟ୍ଟନାୟକ, ସୃଜନା ପଣ୍ଡା ପ୍ରମୁଖ ଶିବିର ପରିଚାଳନା କରିଥିଲେ।



ସ୍ୱାସ୍ଥ୍ୟ ଶିବିର।

# ବିଭିନ୍ନ ସ୍ଥାନରେ ବିଶ୍ୱ ଏଡ୍‌ସ ଦିବସ

**ଦିଗପହଣ୍ଡି,୧।୧୨(ଡି.ଏନ.ଏ.)**

ବିଶ୍ୱ ଏଡ୍‌ସ ଦିବସ ଅବସରରେ ବିଭିନ୍ନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ ହୋଇଯାଇଛି। ଦିଗପହଣ୍ଡି ତାଲୁକ ଆଇନ ସେବା କମିଟି ପକ୍ଷରୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଆୟୋଜିତ ସଭାରେ କମିଟି ଅଧକ୍ଷ ତଥା ମାଜିଷ୍ଟ୍ରେଟ ସଞ୍ଜୀୟ କୁମାର ଶୁଭବ୍ରତ ଆଚାର୍ଯ୍ୟ ଅଧ୍ୟକ୍ଷତା କରିଥିଲେ। ଏଡ୍‌ସ ରୋଗର କାରଣ, ନିରାକରଣ, ଗୋଷ୍ଠୀଗତ ପ୍ରତିବଦ୍ଧତା ଏବଂ ଏଡସ ନିରାକରଣ ଆଇନ-୨୦୧୭ ଉପରେ ସଚେତନ କରାଯାଇଥିଲା। ଭାରପ୍ରାପ୍ତ ମେଡିକାଲ ଅଫିସର ଡା. ପାର୍ଥସାରଥି ନାୟକ, ଖେମୁଣ୍ଡି ଓକିଲ ସଂଘର ସଭାପତି ରସାନନ୍ଦ ରାଉତ, ସମ୍ପାଦକ ହରପ୍ରସାଦ ରଥ, ସାନଖେମୁଣ୍ଡି ଓକିଲ ସଂଘ ସଭାପତି ସଞ୍ଜୀୟ କୁମାର ପଣ୍ଡା, ଆଇନସେବା କମିଟି ସମ୍ପାଦକ ନୃସିଂହ ଚରଣ ଦାଶ, ଆଇସିଟିସି ପରାମର୍ଶଦାତା ବିମଳା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।


ଗ୍ରାସୀମ ଇଣ୍ଡଷ୍ଟ୍ରିଜ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ନେଇ ବାହାରିଥିବା ସଚେତନତା ଶୋଭାଯାତ୍ରା।


ଦାରିଙ୍ଗବାଡି ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ରେଡ୍ ରିବନ୍।

**ଗଞ୍ଜାମ:** ଗଞ୍ଜାମ ସହରସ୍ଥିତ ଗ୍ରାସୀମ ଇଣ୍ଡଷ୍ଟ୍ରିଜ ପକ୍ଷରୁ ବିଶ୍ୱ ଏଡ୍‌ସ ଦିବସ ଅବସରରେ ଜୟଶ୍ରୀ ସ୍କୁଲ ଓ ଶିଶୁ ମନ୍ଦିର ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା। ଗ୍ରାସୀମ ଇଣ୍ଡଷ୍ଟ୍ରିଜ (ସିଏସଆର) ଡିଜିଏମ ରବୀନ୍ଦ୍ର କୁମାର ମାହାନ୍ତି ଏହାକୁ ଉଦ୍‌ଘାଟନ କରିଥିଲେ। ସରସ୍ୱତୀ ଶିଶୁ ମନ୍ଦିରଠାରେ ଅନୁଷ୍ଠିତ ସଚେତନତା ସଭାରେ ମୁଖ୍ୟଅତିଥି ଭାବେ ଶ୍ରୀରାମ ହସ୍ପିଟାଲ ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ସାହୁ (ବ୍ରହ୍ମପୁର), ସିଡିଏମ୍‌ଓ କାର୍ଯ୍ୟାଳୟର ଅଧିକାରୀ ପ୍ରଶାନ୍ତ କୁମାର କର ମୁଖ୍ୟବକ୍ତା ଏବଂ ସମ୍ମାନିତ ଅତିଥି ଭାବେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିଚାଳନା କମିଟି ସଭାପତି ବିନୋଦ ଚନ୍ଦ୍ର ମହାପାତ୍ର, ଗିରିଶ ଆଚାର୍ଯ୍ୟ, ପୂର୍ଣ୍ଣଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।

**ଛତ୍ରପୁର:** ଛତ୍ରପୁର ବିଜ୍ଞାନ କଲେଜ ରେଡ୍ ରିବନ୍ କ୍ଲବ ଓ ଯୁବ ରେଡକ୍ରସ ପକ୍ଷରୁ ଛାତ୍ରୀଛାତ୍ରମାନେ ରାଲିରେ ବାହାରି ନିକଟସ୍ଥ ତରେଇପାଟପୁର ଗାଁ ପର୍ଯ୍ୟନ୍ତ ଯାଇ ଲୋକଙ୍କୁ ଏଡ୍‌ସ ରୋଗର କାରଣ ଓ ଏହାକୁ କିପରି ନିୟନ୍ତ୍ରିତ କରାଯାଇପାରିବ ସେ ସମ୍ପର୍କରେ ସଚେତନ କରାଇଥିଲେ। କଲେଜ ଅଧକ୍ଷା ଡ. ପିଙ୍କିରାଣୀ ଦେଇ ଏହାର ଶୁଭାରମ୍ଭ କରିଥିଲେ। ଅଧାପକ ମନୋରଞ୍ଜନ ମହାରଣା, ରେଡକ୍ରସ୍‌ର ରଞ୍ଜିତ କୁମାର ପଣ୍ଡା, ତୋଫାନ ବେହେରା, ପଦ୍ମା ରେଡ୍ଡୀ, ପ୍ରେମ୍ କୁମାର, ସୋନାଲି ସାହୁ, ରାଜେଶ୍ୱରୀ ରେଡ୍ଡୀ, କେ. ଅନିତା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ଚିକିଟି:** ଚିକିଟି କଲେଜ ୟୁଥ୍ ରେଡକ୍ରସ ସୋସାଇଟ୍ ଓ ରେଡରିବନ୍ କ୍ଲବ୍ ପକ୍ଷରୁ ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ବିଭିନ୍ନ ସାହି ପରିକ୍ରମା କରିବା ସହ ଏଡସ୍ ସମ୍ପର୍କରେ ସଚେତନ କରିଥିଲେ। ଭାରପ୍ରାପ୍ତ ଅଧକ୍ଷ ଡ. ବି ଦେବରାଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ସିଟି ମେଡିକାଲର ଅସ୍ଥିଶଲ୍ୟ ବିଶେଷଜ୍ଞ ଡ.ଶଙ୍କର୍ଷଣ ପାତ୍ର, ସମ୍ମାନିତ ଅତିଥି ଭାବେ ପ୍ରାଧାପକ ଡ. ଭବାନି ପ୍ରସାଦ ପଣ୍ଡା, ଅଧାପକ ସନାତନ ଗୌଡ ପ୍ରମୁଖ ଯୋଗଦେଇଥିଲେ।

**କବିସୂର୍ଯ୍ୟନଗର:** କବିସୂର୍ଯ୍ୟନଗର ଆଇନ ସେବା କମିଟି ପକ୍ଷରୁ ବିଶ୍ୱ ଏଡ୍‌ସ ଦିବସ ଅବସରରେ ସଚେତନ କାର୍ଯ୍ୟକ୍ରମ ରାଲି ଆୟୋଜିତ ହୋଇଥିଲା। ଏଥିରେ ତାଲୁକା ଆଇନ ସେବା କମିଟିର ସଭାପତି ମୋନିତା ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏଡ୍‌ସ ଭୟାବହତା ଓ ସଚେତନତା ସମ୍ବନ୍ଧରେ କହିଥିଲେ। କବିସୂର୍ଯ୍ୟନଗର ଓକିଲ ସଂଘ ସଭାପତି ଲାଲବାହାଦୁର ପଟ୍ଟନାୟକ, ତାଲୁକା ଆଇନ ସେବା କମିଟି ସମ୍ପାଦକ ରାକେଶ ପ୍ରସାଦ ନାୟକ ଓ ଓକିଲମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ଚନ୍ଦ୍ରଶେଖର ହାଇସ୍କୁଲ ପ୍ରଧାନ ଶିକ୍ଷକ ମିହିର କୁମାର ଶତପଥୀଙ୍କ ତତ୍ତ୍ୱାବଧାନରେ ଛାତ୍ରମାନେ ସଚେତନତା ପ୍ଲାକାର୍ଡ ଧରି ସହର ପରିକ୍ରମା କରିଥିଲେ।

**ଦାରିଙ୍ଗବାଡି:** ଦାରିଙ୍ଗବାଡି ବ୍ଲକ ଓଡିଶା ଆଦର୍ଶ ବିଦ୍ୟାଳୟ ପରିସରରେ ରବିବାର ବିଶ୍ୱ ଏଡ୍‌ସ ଦିବସ ଅଧକ୍ଷ ଶିବ ସେଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସମସ୍ତ ଛାତ୍ରୀଛାତ୍ରଙ୍କୁ ନେଇ ସଭା ଓ ଶୋଭାଯାତ୍ରା କରାଯାଇ ଏଡ୍‌ସ ରୋଗର ଭୟାବହତା ଏବଂ ଏହାର ନିରାକରଣ ସମ୍ପର୍କରେ ଜନସଚେତନ କରାଯାଇଥିଲା। ଏ ସମ୍ପର୍କୀତ ପ୍ରତିଯୋଗିତାରେ କୁଇଜ, ବକ୍ତୃତା ଏବଂ ଚିତ୍ରାଙ୍କନ ଆଦି କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ରଙ୍କ ସହ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।





































See Career Appointment on every Wednesday & Saturday

# ଲାଇଫ୍ ଲାଇନ୍ କ୍ଲିନିକ୍ ଆଣ୍ଡ ନର୍ସିଂହୋମ୍

ଜଗତ୍‌ସିଂହପୁରର ନମ୍ବର-୧
ନିର୍ଭରଯୋଗ୍ୟ ସ୍ୱାସ୍ଥ୍ୟ ଅନୁଷ୍ଠାନ

ଏଠାରେ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟବୀମା ଓ ବିଜୁ କୃଷକ କଲ୍ୟାଣ ସ୍ୱାସ୍ଥ୍ୟ ବୀମାର ମାଗଣା ଚିକିତ୍ସା ଉପଲବ୍ଧ

ହାଟବଜାର, ଜଗତ୍‌ସିଂହପୁର
ଫୋନ୍: ୦୬୭୨୪-୨୨୧୧୧୦, ମୋ: ୯୭୭୭୬୭୨୨୩୬

ବିଶେଷ ଆକର୍ଷଣ: ଡାକ୍ତର ପ୍ରିୟବ୍ରତ ସାହୁ, ହୃଦରୋଗ ବିଶେଷଜ୍ଞ
ଆପୋଲୋ ହସ୍ପିଟାଲ















## ସଂକ୍ଷେପରେ

### ଅଟୋ ଓଲଟି ଚାଳକ ମୃତ

**ଭଞ୍ଜନଗର,୧।୧୨(ଡି.ଏନ୍.ଏ.)**- ତାରସିଂ ଥାନା ଗୋଲାପଡ଼ା ନିକଟରେ ରବିବାର ସକାଳେ ଏକ ଅଟୋ ଓଲଟି ଚାଳକଙ୍କ ମୃତ୍ୟୁ ଘଟିଛି। ମୃତ ଚାଳକ ଗଜାପଦରର ଶଙ୍କର ନାୟକ। ତାରସିଂ ପୋଲିସ ନଂ.୧୮୧/୧୯ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ହସ୍‌ପିଟାଲକୁ ପଠାଇଛି। ପ୍ରକାଶ ଯେ, ଶଙ୍କର ରବିବାର ସକାଳେ ଗଜାପଦରରୁ ଏକ ଭଡ଼ା ଧରି ତୁଳସିପଲ୍ଲୀ ଆସିଥିଲେ। ଫେରିବା ବାଟରେ ନଦୀ ଆଡ଼ିରେ ଭାରସାମ୍ୟ ହରାଇ ୩୦ ଫୁଟ ତଳକୁ ଅଟୋଟି ଖସିପଡ଼ିଥିଲା। ଫଳରେ ଘଟଣାସ୍ଥଳରେ ଶଙ୍କରଙ୍କ ମୃତ୍ୟୁ ହୋଇଥିଲା।

### ସୁରଟ ଫେରନ୍ତା ଯୁବକଙ୍କ ଆତ୍ମହତ୍ୟା

**ଭଞ୍ଜନଗର,୧।୧୨(ଡି.ଏନ୍.ଏ.)**- ଭଞ୍ଜନଗର ଥାନା ବାରୁଡ଼ା ନୂଆସାହିର ନାରାୟଣ ପ୍ରଧାନ (୩୫) ଶନିବାର ରାତିରେ ଆତ୍ମହତ୍ୟା କରିଛନ୍ତି। ପାରିବାରିକ ଅଶାନ୍ତିରୁ ସେ ଆତ୍ମହତ୍ୟା କରିଥିବା କୁହାଯାଉଛି। ଭଞ୍ଜନଗର ପୋଲିସ ନଂ.୫୧/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି। ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ହସ୍‌ପିଟାଲକୁ ପଠାଇଦେଇଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ଠିକ୍ କାରଣ ଜଣାପଡ଼ିବ। ପ୍ରକାଶ ଯେ, ନାରାୟଣ ସୁରଟରେ କାମ କରୁଥିଲେ। ସେଠାରେ କର୍ମଚାରୀମାନଙ୍କ ଆନ୍ଦୋଳନ ଯୋଗୁ ୨ଦିନ ପୂର୍ବେ ନାରାୟଣ ସ୍ତ୍ରୀ ଓ ୩ ପୁଅକୁ ଧରି ଗ୍ରାମକୁ ଫେରିଥିଲେ। ବଡ଼ ପୁଅ ଶ୍ୱଶୁର ଘର ଖଣ୍ଡରାବଳିରେ ଥିବାବେଳେ ରାତିରେ ନାରାୟଣ ସ୍ତ୍ରୀ, ଦୁଇ ପୁଅ ଏବଂ ମା' ବାପା ଘରେ ଥିଲେ। ରାତିରେ ନାରାୟଣ ନିଜ ରୁମ୍‌ର ପଙ୍ଖାରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ରବିବାର ସକାଳେ ପୋଲିସ ମୃତଦେହ ଜବତ କରିଥିଲା।

### ସହଯୋଗ ତାଲିମ ଶିବିର

**ଶଙ୍କରାଖୋଲ,୧।୧୨(ଡି.ଏନ୍.ଏ.)**- ଚକାପାଦ ବ୍ଲକ ଶଙ୍କରାଖୋଲ ଅଡାବାଡି ଓ ବାଡେଗୁଡା ଠାରେ କେନ୍ଦ୍ରସ୍ତରୀୟ ସହଯୋଗ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଶଙ୍କରାଖୋଲ ନୋଡାଲ ଉଚ୍ଚ ବିଦ୍ୟାଳୟ, ବାଡେଗୁଡା ପ୍ରାଥମିକ ବିଦ୍ୟାଳୟ ଓ ଅଡାବାଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ୯ଟି ବିଦ୍ୟାଳୟର ପରିଚାଳନା କମିଟି ସଦସ୍ୟଙ୍କୁ ନେଇ ବିଦ୍ୟାଳୟର ବିକାଶ ଯୋଜନା, ଗୁଣାତ୍ମକ ଶିକ୍ଷା, ବିଦ୍ୟାଳୟ ପରିଚ୍ଛନ୍ନତା, ମଧ୍ୟାହ୍ନଭୋଜନ, ବିଭିନ୍ନ ଅନୁଦାନ ଓ ବିନିଯୋଗ, ଛାତ୍ରୀଛାତ୍ରଙ୍କ ସୁରକ୍ଷା ଉପରେ ତାଲିମ ପ୍ରଦାନ କରାଯାଇଥିଲା। ତାଲିମଦାତା ଭାବେ ଗୋବିନ୍ଦ ଚନ୍ଦ୍ର ନାୟକ, ରଞ୍ଜିତ ମଲ୍ଲିକ, ରବି ନାରାୟଣ ବେହେରା, ସନାତନ ପ୍ରଧାନ, ସୁଚିତ୍ରା ଦିଗାଳ, ସୁରେଶ ପାତ୍ର ଯୋଗ ଦେଇଥିଲେ। ଏବିଇଓ ବୁଲୁ ଦେଶୀ ନାୟକ ଉପସ୍ଥିତ ଥିବାବେଳେ ସିଆର୍‌ସିସି ବିକ୍ରମ କୁମାର ଦିଗାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### କୃଷିଜିଲା ଅଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**କ.ନୂଆଗାଁ,୧।୧୨(ଡି.ଏନ୍.ଏ.)**- କ.ନୂଆଗାଁ କୃଷିଜିଲା ଅଧିକାରୀ ଅଚ୍ୟୁତାନନ୍ଦ ନାହାକଙ୍କୁ କାର୍ଯ୍ୟାଳୟ ପରିସର ସଭାଗୃହରେ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଅତିରିକ୍ତ କୃଷିଜିଲା ଅଧିକାରୀ ପବିତ୍ର ମୋହନ ସାହୁ କାର୍ଯ୍ୟାଳୟର ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିବା ସହ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ କନ୍ଧମାଳ ସିଡିଏଓ ରୁଦ୍ର ନାରାୟଣ ନାୟକ, ଅନ୍ୟତମ ଅତିଥି ଭାବେ କନ୍ଧମାଳ ଫର୍ଟିଲାଇଜର ଡିଡିଏ ଅଭୟ କୁମାର ସେଠୀ, ଆତ୍ମା କନ୍ଧମାଳ ଡିପିଓ ହେମନ୍ତ କୁମାର ଦାସ ପ୍ରମୁଖ ଯୋଗ ଦେଇଥିଲେ। ଅତିରିକ୍ତ କୃଷି ଜିଲା ଅଧିକାରୀ ସଂଗ୍ରାମ କୁମାର ସେନାପତି ଅବସରପ୍ରାପ୍ତ କୃଷି ଜିଲା ଅଧିକାରୀ ନାହାକଙ୍କୁ ଉପଢୌକନ ପ୍ରଦାନ କରି ଅବସରକାଳୀନ ସମ୍ବର୍ଦ୍ଧନା ଜଣାଇଥିଲେ।

# ଏଡ୍‌ସ ନିରାକରଣ ପାଇଁ ସଚେତନତା ଆବଶ୍ୟକ

**ଫୁଲବାଣୀ ଅଫିସ, ୧।୧୨**



ଜିଲା ମୁଖ୍ୟଚିକିତ୍ସାଳୟରୁ ବାହାରିଥିବା ସଚେତନତା ରାଲି।

କନ୍ଧମାଳ ଜିଲାରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ପୂର୍ବାହ୍ନରେ ଏକ ସଚେତନତା ରାଲି ସହର ପରିକ୍ରମା କରିଥିଲା। ପରେ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସର ଜିଏନ୍‌ଏମ୍ ସଭାଗୃହରେ ଏକ ସଭା ହୋଇଥିଲା। ଏଥିରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ରାଜଶ୍ରୀ ପଟ୍ଟନାୟକ ଯୋଗଦେଇ ଏଡ୍‌ସର ଭୟାବହତା ଉପରେ ଆଲୋଚନା କରିଥିଲେ। ଜିଲାରେ ୧୯୫ ଜଣ ଏଚ୍‌ଆଇଭି ଏଡ୍‌ସରେ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୪ ପୁରୁଷ, ୧୧ ମହିଳା ଓ ୬ ଶିଶୁ ଓ ଜଣେ ଟ୍ରାନ୍ସଜେଣ୍ଡର ଏପରି ମୋଟ ୩୨ ଜଣଙ୍କର ମୃତ୍ୟୁ ଘଟିଛି। ବର୍ତ୍ତମାନ ଆକ୍ରାନ୍ତଙ୍କ ମଧ୍ୟରେ ୮୬ ପୁରୁଷ, ୬୭ ମହିଳା ଓ ୧୦ ଶିଶୁ ଅଛନ୍ତି। ଜନସାଧାରଣ ସଚେତନ ହେଲେ ଏଡ୍‌ସରୁ ଦୂରେଇ ରହିପାରିବେ। ନିଜେ ସଚେତନ ହୋଇ ଏ ସମ୍ପର୍କରେ ଆଖପାଖ, ସାହିପଡିଶାଙ୍କୁ ମଧ ସଚେତନ କରିବା ଆବଶ୍ୟକ ବୋଲି ମୁଖ୍ୟ ଚିକିତ୍ସା ଅଧିକାରୀ କହିଥିଲେ। ସଭାରେ ଅତିରିକ୍ତ ଜିଲା ଚିକିତ୍ସାଧିକାରୀ(ପରିବାର ମଙ୍ଗଳ) ପ୍ରସନ୍ନ କୁମାର ତ୍ରିପାଠୀ, ଜିଲା ପ୍ରୋଗ୍ରାମ ପରିଚାଳକ ମନୋରଞ୍ଜନ ସାହୁ, ସ୍ୱାତୀର ସମ୍ପାଦକ ଇଂ. ହରିଶଙ୍କର ସାହୁ ପ୍ରମୁଖ ଉପସ୍ଥିତ ରହି ଏଡ୍‌ସର କାରଣ ଓ ନିରାକରଣ ଉପରେ ମତ ରଖିଥିଲେ। ଏହି ଅବସରରେ ସମନ୍ୱିତ ପରାମର୍ଶ ଏବଂ ପରୀକ୍ଷା କେନ୍ଦ୍ର-୨ର କାଉନସେଲର ଗୋବିନ୍ଦ ଚନ୍ଦ୍ର ଜେନାଙ୍କୁ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସମନ୍ୱିତ ପରାମର୍ଶ ଏବଂ ପରୀକ୍ଷା କେନ୍ଦ୍ର-୧ର କାଉନସେଲର ଦେବାଷିଶ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସେହିପରି ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ସ୍ଥାନୀୟ ବିଶିପଡ଼ା ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ଏହି ଦିବସ ପାଳିତ ହୋଇଯାଇଛି। ଭିଜିଲାନ୍ସ ସ୍ୱତନ୍ତ୍ର ବିଚାରପତି ସତ୍ୟପୀର ମିଶ୍ର ଏଥିରେ ଅଧକ୍ଷତା କରି ଏଡସ ସଚେତନତା ସମ୍ପର୍କରେ କହିଥିଲେ। ଗୁମାଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଜନସ୍ୱାସ୍ଥ୍ୟ ଅଧିକାରୀ ଡା. କଳ୍ପନା ଦଳାଇ, ଡା. ଜିତେନ୍ କୁମାର ଜେନା ଏଚ୍‌ଆଇଭି ଉପରେ ସମ୍ୟକ ଧାରଣା ଦେଇଥିଲେ। ଅତିରିକ୍ତ ଜିଲା ଦୌରାଜଜ୍ ସମର ବିଳାସ ବେହେରା, ଜିଲା ଆଇନସେବା ପ୍ରାଧିକରଣ ସମ୍ପାଦିକା ପତଞ୍ଜଳୀ ସାହୁ, ଫ୍ୟାମିଲି ଜଜ୍ ନିରଞ୍ଜନ ପଣ୍ଡା, ରେଜିଷ୍ଟ୍ରାର୍ ସୌଭାଗ୍ୟ ରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ।

## ଅନାସ୍ଥା ପ୍ରସ୍ତାବ ଉପରେ ହାଇକୋର୍ଟଙ୍କ ରହିତାଦେଶ

**ଜି.ଉଦୟଗିରି,୧।୧୨(ଡି.ଏନ.ଏ.)**

ଜି.ଉଦୟଗିରି ପଞ୍ଚାୟତ ସମିତି ଅଧକ୍ଷାଙ୍କ ବିରୋଧରେ ଗୁରୁବାର ପାରିତ ହୋଇଥିବା ଅନାସ୍ଥା ପ୍ରସ୍ତାବ ଉପରେ ହାଇକୋର୍ଟ ରହିତାଦେଶ ଦେଇଛନ୍ତି। ହାଇକୋର୍ଟ ଡିସେମ୍ବର ୨୩ ତାରିଖ ପର୍ଯ୍ୟନ୍ତ ରହିତାଦେଶ ଦେଇଛନ୍ତି ବୋଲି ଅଧକ୍ଷା ଦୀପ୍ତିରେଖା ପ୍ରଧାନ କହିଛନ୍ତି। ଗୁରୁବାର ଅନୁଷ୍ଠିତ ଅନାସ୍ଥା ପ୍ରସ୍ତାବ ବୈଠକରେ ଉପସ୍ଥିତ ୧୨ ଜଣ ସଦସ୍ୟ ଭୋଟ ଦେଇଥିଲେ । ଚକାପାଦ ବିଡିଓ ଅନିଲ କୁମାର ପଟ୍ଟନାୟକ ପ୍ରିଜାଇଡିଂ ଅଫିସର ଭାବେ ଯୋଗଦେଇ କନ୍ଧମାଳ ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିବା ପରେ ଜିଲାପାଳ ଗତ ୨୮ ତାରିଖରେ ଅଧକ୍ଷା ଅନାସ୍ଥା ଭୋଟରେ ନିଜର ଆସ୍ଥା ହରାଇଥିବା ବିଜ୍ଞପ୍ତି ପ୍ରକାଶ କରିଥିଲେ।

# ସୁରଟରେ ପ୍ରବାସୀ ଓଡ଼ିଆଙ୍କ ବୈଠକ

**ଭଞ୍ଜନଗର,୧।୧୨(ଡି.ଏନ.ଏ)**

### ରାଶନ, ସ୍ୱାସ୍ଥ୍ୟବୀମା କାର୍ଡ଼ ନେଇ ଆଲୋଚନା

ସୁରାଟର ଜୀବନ ଭାରତି ସ୍କୁଲ ପଡ଼ିଆରେ ଶନିବାର ପ୍ରବାସି ଓଡ଼ିଆଙ୍କ ଏକ ବୈଠକ ହୋଇଥିଲା। ସୁରଟରେ ଲକ୍ଷ ଲକ୍ଷ ଓଡ଼ିଆ ବହୁବର୍ଷ ଧରି ବସବାସ କରୁଛନ୍ତି। କିନ୍ତୁ ସେମାନଙ୍କ ମଧ୍ୟରେ ସଚେତନତା ଏବଂ ଏକତାର ଅଭାବ ଯୋଗୁ ସେଠାକାର ସରକାରଙ୍କ ଠାରୁ ବିଭିନ୍ନ ସୁବିଧାସୁଯୋଗ ପାଇବାରୁ ବଞ୍ଚିତ ହେଉଛନ୍ତି। ଅଧିକାଂଶ ଲୋକଙ୍କ ପାଖରେ ରାଶନ କାର୍ଡ଼, ସ୍ୱାସ୍ଥ୍ୟବୀମା କାର୍ଡ଼ ମଧ୍ୟ ନାହିଁ। ଅଧିକାଂଶ ଓଡ଼ିଆ ସେଠାରେ ଶ୍ରମିକ ଭାବେ କାମ କରୁଥିବାବେଳେ ସ୍ୱାସ୍ଥ୍ୟ ଖରାପ ହେଲେ ଟଙ୍କା ଅଭାବରୁ ଉପଯୁକ୍ତ ଚିକିତ୍ସା ପାଇପାରୁନାହାନ୍ତି। ଏଭଳି ପରିସ୍ଥିତିରେ ପ୍ରବାସୀ ଓଡ଼ିଆ ସମାଜର ଉଦ୍ୟମକ୍ରମେ ଓଡ଼ିଆମାନଙ୍କୁ ନେଇ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଗଠନ କରାଯାଇଛି। ବିଗତ କିଛିମାସ ମଧରେ ଶତାଧିକ ସ୍ୱୟଂ ସହାୟିକା ଗୋଷ୍ଠୀ ଗଠନ କରାଯାଇଛି। ସେମାନଙ୍କ ଉଦ୍ୟମକ୍ରମେ ରାଶନ କାର୍ଡ଼ ଓ ସ୍ୱାସ୍ଥ୍ୟ ବୀମା କାର୍ଡ଼ କିଭଳି ପ୍ରଦାନ କରାଯିବ ସେନେଇ ପଦକ୍ଷେପ ନିଆଯାଉଛି। ଆୟୋଜିତ ସଭାରେ ଯୋଗଦେଇ ବକ୍ତାମାନେ ତାହା ମତବ୍ୟକ୍ତ କରିଥିଲେ। ପ୍ରବାସୀ ଓଡ଼ିଆ ସମାଜର ସଭାପତି ପ୍ରଦୀପ କୁମାର ସାହୁ ବୈଠକରେ ଅଧକ୍ଷତା କରିଥିଲେ। ଉପ ସଭାପତି ବିଦ୍ୟାଧର ସମୁଦ୍ର ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଏହି ଅବସରରେ ସେଠାରେ ଅବସ୍ଥାପିତ ଓଡ଼ିଆ ଆଇଏଏସ୍ ଅଧିକାରୀ ଡ଼. ଏସ୍. କେ. ନନ୍ଦ, ବରିଷ୍ଠ ବ୍ୟକ୍ତି ଆର.ଜି. ପଟେଲ, ବି. ଆର. ଆହିର ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଭିନ୍ନ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ଗଠିତ

### ସାଧାରଣ ପରିଷଦ ବୈଠକ

**ଶେରଗଡ,୧।୧୨(ଡି.ଏନ୍.ଏ.)**


ବୈଠକରେ ଯୋଗ ଦେଇଥିବା ଶିକ୍ଷକ ଓ ଶିକ୍ଷୟିତ୍ରୀ।

ଶେରଗଡ ବ୍ଲକ ନାଥେଶ୍ୱର ଉଚ୍ଚ ବିଦ୍ୟାଳୟରେ ଶନିବାର ବ୍ଲକ ଶିକ୍ଷକ ମହାସଂଘର ସାଧାରଣ ପରିଷଦର ବୈଠକ ଅନୁଷ୍ଠିତ ହୋଇଥିଲା। ସଂଘ ସଭାପତି କାଳୀଚରଣ ଚୌଧୁରୀ ଅଧକ୍ଷତା କରିଥିଲୋ। ସମସ୍ତ ଶିକ୍ଷକମାନଙ୍କୁ ନେଇ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ଗଠନ କରାଯାଇ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ପ୍ରଫୁଲ୍ଲ କୁମାର ପଣ୍ଡା, ଉପସଭାପତି ଭାବେ ରଶ୍ମୀ କୁମାର ଚୌଧୁରୀ, ଆଲୋକ କୁମାର ଷଡଙ୍ଗୀ, ସମ୍ପାଦକ ବିଜୟ କୁମାର ଦାଶ, ସହସମ୍ପାଦକ ଶଶିଭୂଷଣ ସ୍ୱାଇଁ, ଅରୁଣ କୁମାର ସ୍ୱାଇଁ, ଅଜୟ କୁମାର ପଟ୍ଟନାୟକ, କୋଷାଧକ୍ଷ ଭାବେ ଜୟ ପ୍ରକାଶ ଜେନା, ଜିଲା ପ୍ରତିନିଧି ଦେବବ୍ରତ ପଟ୍ଟନାୟକ, ଅଜିତ କୁମାର ପାଢୀ, ମାଧବ ସେଠୀ, ଉପଦେଷ୍ଟା ଭାବେ ସୀମାଞ୍ଚଳ ପ୍ରଧାନ, ନବୀନ ଚନ୍ଦ୍ର ପାଢୀ, ପ୍ରଫୁଲ୍ଲ କୁମାର ସାହୁ ଓ ସଂଯୋଜକ ଭାବେ କାଳୀଚରଣ ଚୌଧୁରୀଙ୍କୁ ମନୋନିତ କରାଯାଇଥିଲା। ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ଜିଲା ସଭାପତି ଶଶାଙ୍କ କୁମାର ପ୍ରଧାନ, ସମ୍ପାଦକ ହରେକୃଷ୍ଣ ପାତ୍ର, ଛତ୍ରପୁର ଆଞ୍ଚଳିକ ସଭାପତି ପୂର୍ଣ୍ଣଚନ୍ଦ୍ର ମହାରଣାଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଟ୍ରାକ୍ଟରରୁ ଅଲଗା ହେଲା ଚକା, ବର୍ତ୍ତିଲେ ଲୋକେ

**ଜି.ଉଦୟଗିରି,୧।୧୨(ଡି.ଏନ୍.ଏ.)**



ଦୁର୍ଘଟଣାଗ୍ରସ୍ତ ଟ୍ରାକ୍ଟର।

ଜି.ଉଦୟଗିରି ବରାଳିନୀ ମାର୍କେଟ ତହସିଲ ଗେଟ୍ ସମ୍ମୁଖରେ ରବିବାର ପୂର୍ବାହ୍ନ ପ୍ରାୟ ୯ଟାରେ ଏକ ମାଟି ବୋଝେଇ ଟ୍ରାକ୍ଟରର ଏକ୍ସିଲ ଭାଙ୍ଗି ବଡଚକ ଅଲଗା ହୋଇଯାଇଥିଲା। ସୌଭାଗ୍ୟବଶତଃ ଚକାଟି ପାଖରେ ଯାଉଥିବା ଟ୍ରଲି ଚକାରେ ଲାଗି ଅଟକି ଯାଇଥିଲା। ଫଳରେ ନିକଟରେ ଥିବା ଲୋକେ ଓ ଟ୍ରାକ୍ଟର ଚାଳକ ଏକ ବଡ ଦୁର୍ଘଟଣାରୁ ବର୍ତ୍ତୀ ଯାଇଥିଲେ। ଘଟଣାବେଳେ ଗୋଟିଏ ପାର୍ଶ୍ୱରେ ଏକ ଘରୋଇ ବସ ଅଟକି ରହିଥିବା ବେଳେ ଅନ୍ୟ ଏକ ପାର୍ଶ୍ୱରେ କାର ମଧ ପାର୍କିଂ ହୋଇଥିଲା। ପରେ ଜେସିବି ଡ଼ାକି ଟ୍ରାକ୍ଟରକୁ ସ୍ଥାନାନ୍ତର କରାଯିବାପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

## ବାର୍‌ହା ଆକ୍ରମଣରେ ବୃଦ୍ଧ ଗୁରୁତର

**ପାତ୍ରପୁର,୧।୧୨(ଡି.ଏନ୍.ଏ.)**

ପାତ୍ରପୁର ବ୍ଲକ ସାମନ୍ତିଆପଲ୍ଲୀ ଗ୍ରାମରେ ରବିବାର ବାର୍‌ହା ଆକ୍ରମଣରେ ଜଣେ ବୃଦ୍ଧ ଗୁରୁତର ହୋଇଛନ୍ତି। ଗୁରୁତର ଜଣକ ହେଲେ କାପା ଆପଲ୍ଲାସ୍ୱାମୀ (୭୦)। ସକାଳେ କାପା ଓ ତାଙ୍କ ଝିଅ ଧାନ ବିଲକୁ ଯାଇଥିବାବେଳେ ବାର୍‌ହା ଆକ୍ରମଣର ଶିକାର ହୋଇଥିଲେ। ନିକଟରେ ଥିବା ଚାଷୀ ଓ ସ୍ଥାନୀୟ ଲୋକେ ପହଞ୍ଚି କାପାଙ୍କୁ ଉଦ୍ଧାର କରି ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ।

## ଜାତୀୟସ୍ତରୀୟ ମୁଷ୍ଟି ପ୍ରତିଯୋଗିତା
# ଚାମ୍ପିୟନ୍ ସାଗରଙ୍କୁ ସମ୍ବର୍ଦ୍ଧନା

**କନିଷି,୧।୧୨(ଡି.ଏନ.ଏ.)**

କନିଷି ହାଟସ୍ଥିତ ବାଲାଜୀ ବିଦ୍ୟାପୀଠର ଛାତ୍ର ସାଗର ମଲ୍ଲିକ ହରିୟାନାରେ ଅନୁଷ୍ଠିତ ଜାତୀୟସ୍ତରୀୟ ମୁଷ୍ଟି (ବକ୍ସିଂ) ପ୍ରତିଯୋଗିତାରେ ଭାଗନେଇ ଚାମ୍ପିୟନ ହୋଇଛନ୍ତି। ରବିବାର ସେ ବ୍ରହ୍ମପୁର ରେଲଷ୍ଟେଶନରେ ପହଞ୍ଚିବାପରେ ସ୍ଥାନୀୟ ପ୍ରଧାନ ଶିକ୍ଷକ ମୃତ୍ୟୁଞ୍ଜୟ ମିଶ୍ର, ଗଣେଶ ପାଣିଗ୍ରାହୀ, ବାବୁନି ପାଢ଼ୀ ପ୍ରମୁଖ ସାଗରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସାଗର ୧୭ ବର୍ଷରୁ କମ୍ ସ୍କୁଲ ଲେଭଲ କମ୍ପିଟେଶନରେ ଭାଗ ନେଇ ଏହି ସଫଳତା ପାଇଛନ୍ତି। ତାଙ୍କୁ ସ୍ୱତନ୍ତ୍ର ତାଲିମ ମିଳିଲେ ସେ ଆହୁରି ଭଲ ପ୍ରଦର୍ଶନ କରିବେ ବୋଲି ପ୍ରଧାନ ଶିକ୍ଷକ ମିଶ୍ର କହିଛନ୍ତି।



ଛାତ୍ର ସାଗର ମଲ୍ଲିକ।

## ହେଉନି ଆଧାର କାର୍ଡ
# ବିଭିନ୍ନ ଯୋଜନାରୁ ବଞ୍ଚିତ ଜିତେନ୍ଦ୍ର

**ଖଜୁରିପଡ଼ା/ବଲସକୁମ୍ପା, ୧।୧୨(ଡି.ଏନ.ଏ.)**



ସରକାର ଜନସାଧାରଣଙ୍କ ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। କିନ୍ତୁ କେତେକ କ୍ଷେତ୍ରରେ ଏହି ଯୋଜନା କାର୍ଯ୍ୟକାରୀ ହେଉଛି ତ ଆଉ କେଉଁଠି ଏଥିରୁ ବଞ୍ଚିତ ହେଉଛନ୍ତି ଲୋକେ। ଏହା ଦେଖିବାକୁ ମିଳିଛି ଖଜୁରିପଡ଼ା ବ୍ଲକ ଅଧୀନ ବଲସକୁମ୍ପା ଗ୍ରାମପଞ୍ଚାୟତର କ୍ଷେତାପାଜୁ ଗାଁରେ।

ଗ୍ରାମର ଜିତେନ୍ଦ୍ର କୁମାର ସେଠୀଙ୍କ କହିବାନୁସାରେ, ସରକାରଙ୍କ ନିୟମ ପ୍ରକାରେ ବର୍ତ୍ତମାନ ରାଶନ କାର୍ଡ, ଆବାସ ଯୋଜନା, ବ୍ୟାଙ୍କ ଆକାଉଣ୍ଟ ପରି ସମସ୍ତ କ୍ଷେତ୍ରରେ ଆଧାର କାର୍ଡକୁ ସଂଯୋଗ କରିବା ବାଧ୍ୟତାମୂଳକ ହୋଇଛି। ହେଲେ ଆଜି ପର୍ଯ୍ୟନ୍ତ ଜିତେନ୍ଦ୍ରଙ୍କ ଆଧାର କାର୍ଡ ନାହିଁ। ଆଧାର ହେଉଥିବା କାର୍ଯ୍ୟାଳୟକୁ ସେ ଯାଇ ବାରମ୍ବାର ଆବେଦନ କଲେ ମଧ ପ୍ରତ୍ୟେକ ଥର କୌଣସି କାରଣରୁ ରିଜେକ୍ଟ ହୋଇଯାଉଛି। ଏ ନେଇ ସେ ଜିଲାପାଳଙ୍କୁ ୩ ଥର ଲିଖିତ ଓ ମୌଖିକ ଭାବେ ଜଣାଇଥିଲେ। ଏହା ଶୁଣି ଜିଲାପାଳଙ୍କ କାର୍ଯ୍ୟାଳୟରେ ହେଉଥିବା ଆଧାର କାର୍ଡ ସେଣ୍ଟରରେ ଫଟୋ ଉଠାଉଥିବା କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶରେ ଉକ୍ତ କର୍ମଚାରୀ ୫ ଥର ଫଟୋ ଉଠାଇଥିଲେ କିନ୍ତୁ ପ୍ରତ୍ୟେକ ଥର ଭଳି ରିଜେକ୍ଟ ହୋଇଯାଇଛି। ଫଳରେ ଜେତେନ୍ଦ୍ରଙ୍କୁ ବିଭିନ୍ନ ଅସୁବିଧା ହେଉଛି। ପଞ୍ଚାୟତରେ ଚାଉଳ, କିରୋସିନ, କାଳିଆ ଯୋଜନା, ଆବାସ ଯୋଜନା ପାଇବାରେ ଜିତେନ୍ଦ୍ର ବଞ୍ଚିତ ହେଉଛନ୍ତି। ତେବେ ଏହି ସମସ୍ୟାର ସମାଧାନ ପାଇଁ ସେ ସରକାରଙ୍କୁ ଅନୁରୋଧ କରିଛନ୍ତି।

## ତହସିଲଦାରଙ୍କ ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ

**କୋଦଳା,୧।୧୨(ଡି.ଏନ୍.ଏ.)**

କୋଦଳା ଏନଏସିରେ ଥିବା ଅଙ୍ଗନୱାଡି କେନ୍ଦ୍ରରେ ଛତୁଆ ବଣ୍ଟନ ଚାଲିଥିବା ବେଳେ ରବିବାର ସ୍ଥାନୀୟ ତହସିଲଦାର ପ୍ରଭାତ କୁମାର ପରିଡା ପରିଦର୍ଶନ କରି ଠିକରେ ପିଲା ଓ ଗର୍ଭବତୀଙ୍କୁ ଛତୁଆ ବଣ୍ଟା ଯାଉଛି କି ନାହିଁ ଦେଖିଥିଲେ। ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଓ ବେଗୁନିଆପଡା ବ୍ଲକ ସିଡିପିଓ ସନ୍ଧ୍ୟାରାଣୀ ପାଣିଗ୍ରାହୀଙ୍କ ନିର୍ଦ୍ଦେଶକ୍ରମେ ପ୍ରତ୍ୟେକ ମାସର ୧ ତାରିଖରେ ବ୍ଲକ ଓ ଏନଏସିର ସମସ୍ତ ୨୦୯ଟି ଅଙ୍ଗନୱାଡି କେନ୍ଦ୍ର ଓ ଚାରୋଟି ମିନି ଅଙ୍ଗନୱାଡି କେନ୍ଦ୍ରରେ ଛତୁଆ ଓ ଅଣ୍ଡା ବଣ୍ଟନ କରାଯାଉଛି। କୋଦଳା ସେକ୍ଟରର ଡେରାସାହି ଓ ହଜ୍‌ସାହି କେନ୍ଦ୍ରରେ ତହସିଲଦାର ପହଞ୍ଚି କର୍ମୀ ସବିତା କୁମାରୀ ପାଢୀ, ସୁନୀତା ମହାନ୍ତିଙ୍କ ସହିତ ଆଲୋଚନା କରିବାପରେ ଗର୍ଭବତୀ ଏବଂ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ଦେଖି ଠିକ୍‌ରେ ଅଣ୍ଡା ଛତୁଆ ମିଳୁଛି କି ନାହିଁ ପଚାରି ବୁଝିଥିଲେ। ଗୋଲାସାହି କର୍ମୀ ସମସ୍ତ ସାମଗ୍ରୀ ଠିକ୍‌ରେ ବଣ୍ଟନ କରୁଥିଲେ ମଧ ରେକର୍ଡ ଠିକ୍ ନଥିବା ଦେଖି ତାଗିଦ୍ କରିଥିଲେ ଓ ପିଲାମାନଙ୍କ ପାଇଁ ଆସୁଥିବା ଖାଦ୍ୟର ମେନୁଚାର୍ଟ କେନ୍ଦ୍ର ସମ୍ମୁଖରେ ମାରିବାକୁ ନିର୍ଦ୍ଦେଶ ଦେଇଥିଲେ।

## ୨ ନିଶାସକ୍ତ ଚାଳକଙ୍କୁ କୋର୍ଟଚାଲାଣ

**ବୁଗୁଡ଼ା,୧।୧୨(ଡି.ଏନ.ଏ.)**

ବୁଗୁଡ଼ା ପୋଲିସ ପୁଣି ୨ ନିଶାସକ୍ତ ବାଇକ୍ ଚାଳକଙ୍କୁ କୋର୍ଟଚାଲାଣ କରିଥିବା ଆଇଆଇସି ଚିତ୍ତରଞ୍ଜନ ବେହେରା କହିଛନ୍ତି। ବୁଗୁଡ଼ା ବଡ଼ଶଙ୍ଖ ନିକଟରେ ଯାନବାହନ ଯାଞ୍ଚ ବେଳେ ଝୋଲରୀ ଗ୍ରାମର ମୁନା ସେଠୀ ଓ ବାଲିପଦର ଗ୍ରାମର ପିଣ୍ଟୁ ଗୌଡ଼ଙ୍କୁ ଏସ୍‌ଆଇ ତନୁଶ୍ରୀ ସାହୁ ଧରିଥିଲେ। ସେମାନଙ୍କୁ ବେଥ୍‌ଏନାଲାଇଜର ମେଶିନ ଦ୍ୱାରା ପରୀକ୍ଷା କରିବାରେ ସେମାନେ ନିଶାପାନ କରିଥିବା ଜଣାପଡ଼ିଥିଲା।

## ଯୁବକଙ୍କ ହତ୍ୟା ପଛରେ ପୂର୍ବଶତ୍ରୁତା
# ମାସେ ପରେ ଜଣେ ଅଭିଯୁକ୍ତ ଗିରଫ

**ଫିରିଙ୍ଗିଆ/କେଳାପଡା,୧।୧୨**–ଫିରିଙ୍ଗିଆ ବ୍ଲକ କେଳାପଡା ପଞ୍ଚାୟତ ଗେରୁପଡ଼ାର ଏକ ଦୋକାନ ବାରଣ୍ଡାରେ ପାଙ୍ଗା ଉପରସାହି ପଞ୍ଚାୟତ ଡ଼େଡ଼ିସରୁ ଗ୍ରାମର କୃଷ୍ଣଚନ୍ଦ୍ର ବଗର୍ତ୍ତିଙ୍କୁ ହତ୍ୟା ଘଟଣାର ମାସକ ପରେ ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ବେହେଙ୍ଗିଆର ସିମନ କହଁର। ଅନ୍ୟ ଜଣେ ଫେରାର ଅଛନ୍ତି। ପୂର୍ବଶତ୍ରୁତା ଏବଂ ଗୁଣିଗାରେଡି ହତ୍ୟାକାଣ୍ଡର କାରଣ ବୋଲି ଥାନାଧିକାରୀ ପି.ଶ୍ୟାମ ସୁନ୍ଦର ରାଓ କହିଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ବର୍ଷକ ତଳେ ବେହେଙ୍ଗିଆର ସିମନଙ୍କ ବଡ ଭାଇଙ୍କ ପୁଅର ମୃତ୍ୟୁ ଘଟିଥିଲା। ଡ଼େଡ଼ିସରୁ ଗ୍ରାମର କୃଷ୍ଣ ଗୁଣିଗାରେଡି କରି ପୁତୁରାଙ୍କୁ ମାରିଥିଲେ ବୋଲି ସିମନ ସନ୍ଦେହ କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧରେ ଶତ୍ରୁତା ଲାଗି ରହିଥିଲା। ଘଟଣାଦିନ କୃଷ୍ଣ ତାଙ୍କ ବଡ ଝିଅ ଘର ଗେରୁପଡାକୁ ଆସିଥିଲେ। ସେଠାରେ ରାତିରେ ଉଭୟଙ୍କ ଦେଖା ହେବା ପରେ ପାଟିତୁଣ୍ଡ ହୋଇଥିଲା। ସିମନ ରାଗି ଯାଇ ଟାଙ୍ଗିଆରେ କୃଷ୍ଣଙ୍କୁ ହାଣି ପଳାଇଥିଲେ। ପରଦିନ ସକାଳେ କୃଷ୍ଣଙ୍କ ମୃତଦେହ ପଡିଥିବା ଦେଖାଯାଥିଲା। ଏ ନେଇ ଥାନାରେ ନଂ.୧୦୭/୧୯ରେ ମାମଲା ରୁଜୁ ହୋଇଥିଲା।

**ଆଲ୍ଲାହାବାଦ ବ୍ୟାଙ୍କ**
(ଭାରତ ସରକାରଙ୍କ ଉପକ୍ରମ)
**ଭୁବନେଶ୍ୱର ମୁଖ୍ୟ ଶାଖା,** ୧୫୯, ବାପୁଜୀ ନଗର, ଭୁବନେଶ୍ୱର-୭୫୧୦୦୯

**ଦଖଲ ନୋଟିସ୍**
(ସ୍ଥାବର / ଅସ୍ଥାବର ସମ୍ପତ୍ତି ନିମନ୍ତେ)

କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ (ସିକ୍ୟୁରିଟି) ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୩ ଅନୁଯାୟୀ କ୍ଷମତା ପ୍ରୟୋଗ କରି ନିମ୍ନଲିଖିତ ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ବକେୟା ରାଶି ଏବଂ ସେବାବଦ ସୁଧ ନୋଟିସ୍ ପାଇବାର **୬୦ ଦିନ** ମଧରେ ପଇଠ କରିବାକୁ କୁହାଯାଇଥିଲା।
ଯେହେତୁ ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନେ ସେମାନଙ୍କର ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧମରେ ଋଣଗ୍ରହୀତା ଓ ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ନିୟମର ଧାରା ୧୩(୪) ଅନ୍ତର୍ଗତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ଆକାଉଣ୍ଟର ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି।
ଏତଦ୍ ଦ୍ୱାରା ବିଶେଷ କରି ଋଣଗ୍ରହୀତା, ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ନିମନ୍ତେ **ଆଲ୍ଲାହାବାଦ ବ୍ୟାଙ୍କ, ଭୁବନେଶ୍ୱର ମୁଖ୍ୟ ଶାଖା** ନିକଟରେ ଉତ୍ତରଦାୟୀ ରହିବେ।
***ଏତଦ୍ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।***

| ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା/ସମ୍ପତ୍ତି ମାଲିକଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡ଼ିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ଡ଼ିମାଣ୍ଡ ନୋଟିସ୍ ତାରିଖ ଅନୁଯାୟୀ ବକେୟା ଦେୟ |
|---|---|---|---|---|
| **ଋଣଗ୍ରହୀତା: ଶ୍ରୀମତୀ ଦେବସ୍ମିତା ସାମନ୍ତରାୟ,** ସ୍ୱା: ବିଶ୍ୱରଞ୍ଜନ ଖଟେଇ, ପ୍ଲଟ ନଂ.: ୭୬(ଟ୍ରିପଲେକ୍ସ), ମେଟ୍ରୋ ସାଟେଲାଇଟ୍ ସିଟି, ଫେଜ୍-୨, ରୁଦ୍ରପୁର, ହଂସପାଳ ଛକ, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, **ଜାମିନ୍‌ଦାର: (୧)ସୂର୍ଯ୍ୟ ନାରାୟଣ ସ୍ୱାଇଁ,** ପ୍ଲଟ ନଂ.: ଇବି-୫୮୪, ବରଗଡ ବ୍ରିଟ୍ କଲୋନୀ, ପୋ-ବରଗଡ ବ୍ରିଟ୍ କଲୋନୀ, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, **(୨)ପଞ୍ଚାନନ ପଟ୍ଟନାୟକ,** ପିତା-୰ଲୋକନାଥ ପଟ୍ଟନାୟକ, ପ୍ଲଟ ନଂ.-ଡି୩/୧୨, ମଧୁସୂଦନ ନଗର, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, **ସମ୍ପତ୍ତିର ମାଲିକ: ଶ୍ରୀମତୀ ଦେବସ୍ମିତା ସାମନ୍ତରାୟ।** | ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ ନଂ.: ୭୬(ଟ୍ରିପଲେକ୍ସ), ମେଟ୍ରୋ ସାଟେଲାଇଟ୍ ସିଟି, ଫେଜ୍-୨, ହାଲ ଖାତା ନଂ.: ୪୧୨/୩୯୫, ରେଭିନ୍ୟୁ ପ୍ଲଟ ନଂ-୭୪୩(ପି), ମୌଜା- ରୁଦ୍ରପୁର, ଥାନା-ବାଲିଅନ୍ତା, ଥାନା ନଂ.-୧୪, ତହସିଲି- ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ଏରିଆ-ଏକର୦.୦୩୪.୪୪ ଡିସିମିଲି, ଚଉହଦି: ଉତର-ସବ୍ ପ୍ଲଟ ନଂ.-୭୭, ଦକ୍ଷିଣ/ପୂର୍ବ-ରାସ୍ତା, ପଶ୍ଚିମ-ସବ୍ ପ୍ଲଟ ନଂ.-୭୫। | ୧୬.୦୮.୨୦୧୯ | ୩୦.୧୧.୨୦୧୯ | ତା.୧୫.୦୮.୨୦୧୯ ସୁଦ୍ଧା ଟ.୪୫,୨୧,୦୨୮/- + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ |

ସ୍ଥାନ-ଭୁବନେଶ୍ୱର, ତାରିଖ-୩୦.୧୧.୨୦୧୯
କ୍ଷମତାପ୍ରାପ୍ତ ଅଧିକାରୀ, ଆଲ୍ଲାହାବାଦ ବ୍ୟାଙ୍କ

**OFFICE OF THE CHIEF EXECUTIVE CHILIKA DEVELOPMENT AUTHORITY**
**PLOT NO.493(P), PALLASPALLI, BHUBANESWAR-751020**
**BID INVITATION NOTICE NO.04 / CDA**
**Dated: 28th November, 2019**

Chilika Development Authority, Bhubaneswar invites sealed tenders for procurement of chemicals to be used at WRTC, Laboratory, Barkul for the Financial Year-2019-2020

| | | | |
|---|---|---|---|
| 1. | Nature of work | - | Supply of Chemicals for Chemistry Biotech and Microbiolozy Laboratory of Chilika Development Authority to be consumed at WRTC Laboratory, Barkul of Khurda District. |
| 2. | Eligibility | - | Bidders should have minimum 5 years experience for supply of the Laboratory chemicals to any Govt. organizations. |
| 3. | Earnest Money | - | 1% of Bid value in shape of Demand Draft from any Nationalized Bank pledged in favour of CHILIKA DEVELOPMENT AUTHORITY, BHUBANESWAR. |
| 4. | Receipt & opening of bids | - | Upto 2.30 P.M. on 16.12.2019 & opening on 17.12.2019 at 3.00 P.M. in the O/O CHIEF EXECUTIVE CHILIKA DEVELOPMENT AUTHORITY, BHUBANESWAR-751014 |
| 5. | Supply & Chemicals | - | Upto |

Further detailed informations are available at official website of Chilika Development Authority, Bhubaneswar (www.chilika.com). The Authority reserves the rights to reject any or all tenders & so received without assigning any reason thereof.

Sd./-
**ADDL., CHIEF EXECUTIVE**
**CHILIKA DEVELOPMENT AUTHORITY**
**BHUBANESWAR**



ଡା. ଦ୍ୱିଜେଶ କୁମାର ପଣ୍ଡା

# ଫାଇଲେରିଆର ପ୍ରାଦୁର୍ଭାବ

''ଫାଇଲେରିଆ ଗୋଟିଏ ମଶା ବାହକ ରୋଗ। ଅସ୍ୱାସ୍ଥ୍ୟକର ପରିବେଶ ଓ ଢାଙ୍କୁଣି ନ ଥିବା ନର୍ଦ୍ଦମା ପାଣିରେ ମଶାମାନେ ଅଣ୍ଡା ଦେଇ ବଂଶ ବିସ୍ତାର କରନ୍ତି। ଏହି ରୋଗରେ ମୃତ୍ୟୁହାର ନଗଣ୍ୟ ହୋଇଥିବାରୁ ପ୍ରଶାସନ ଉଦାସୀନ। ରୋଗୀ ସାରା ଜୀବନ ଜ୍ୱର ଓ ଯନ୍ତ୍ରଣା ଭୋଗ କରେ। ଗୋଦର ଗୋଡ଼ରୁ ଜୀବିକା ହରାଏ। ଆର୍ଥିକ ଅନଟନ, ପାରିବାରିକ ଅବହେଳା ଓ ସାମାଜିକ ବାସନ୍ଦ ଜୀବନକୁ ଦୁର୍ବିଷହ କରିପକାଏ।''

ଫାଇଲେରିଆ ଗୋଟିଏ ମଶା ବାହକ ରୋଗ। ଅସ୍ୱାସ୍ଥ୍ୟକର ପରିବେଶ ଓ ଢାଙ୍କୁଣି ନ ଥିବା ନର୍ଦ୍ଦମା ପାଣିରେ ମଶାମାନେ ଅଣ୍ଡା ଦେଇ ବଂଶ ବିସ୍ତାର କରନ୍ତି। ଏହି ରୋଗରେ ମୃତ୍ୟୁହାର ନଗଣ୍ୟ ହୋଇଥିବାରୁ ପ୍ରଶାସନ ଉଦାସୀନ। ରୋଗୀ ସାରା ଜୀବନ ଜ୍ୱର ଓ ଯନ୍ତ୍ରଣା ଭୋଗ କରେ। ଗୋଦର ଗୋଡ଼ରୁ ଜୀବିକା ହରାଏ। ଆର୍ଥିକ ଅନଟନ, ପାରିବାରିକ ଅବହେଳା ଓ ସାମାଜିକ ବାସନ୍ଦ ଜୀବନକୁ ଦୁର୍ବିଷହ କରିପକାଏ। ଏହି ରୋଗ ଭାରତରୁ ୨୦୨୫ ସୁଦ୍ଧା ନିରାକରଣ କରିବା ପାଇଁ ସରକାର ଓ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ଯୋଜନା ସ୍ଥିର କରିଛନ୍ତି। ଏହାର ସଫଳତା ସମୟ ହିଁ କହିବ। ସ୍ଥାୟୀ ଭାବରେ ଅସୁସ୍ଥ ରୋଗୀମାନଙ୍କ ପାଇଁ କୌଣସି ବ୍ୟବସ୍ଥା ନାହିଁ। ସେମାନଙ୍କର ଚିକିତ୍ସା, ଥଇଥାନ, ଆର୍ଥିକ ସହାୟତା ଓ ସମାଜରେ ସାଧାରଣ ନାଗରିକ ଭାବରେ ବଞ୍ଚିବାର ଅଧିକାର ପାଇଁ ପ୍ରଶାସନ ଚିନ୍ତା କରୁନାହାନ୍ତି। ଆମ ଦେଶରେ ଏହିପରି ୧୫ ନିୟୁତ ରୋଗୀ ମୁମୂର୍ଷୁ ଅବସ୍ଥାରେ ଅଛନ୍ତି। ସେମାନେ ଅବହେଳିତ ଓ ନିକ୍ଷେପିତ ଜୀବନଯାପନ କରୁଛନ୍ତି। ପାଦରେ ଘା' ହୋଇ ସବୁବେଳେ ପୂଜ ଓ ପାଣି ବାହାରୁଛି। ପୋକ ବାହାରୁଛନ୍ତି। ଘା' ଶୁଖୁ ନାହିଁ। ଚାଲିବାରେ କଷ୍ଟ ହେଉଛି। ଡାକ୍ତରଖାନାରେ ରହି ଚିକିତ୍ସା ପାଇଁ ବ୍ୟବସ୍ଥା ନାହିଁ। ମନ୍ଦିର ପାଖରେ ଓ ରାସ୍ତା କଡ଼ରେ ଭିକ ମାଗି ଜୀବନ ନିର୍ବାହ କରୁଛନ୍ତି।



ଗୋଡ଼-ହାତ ଫୁଲା କେବଳ ଫାଇଲେରିଆ ରୋଗର ଲକ୍ଷଣ ନୁହେଁ। ଧଳା ଓ ରକ୍ତ ପରିସ୍ରା, ଶୁକ୍ରରେ ରକ୍ତ ପଡ଼ିବା, ଶୁଖିଲା କାଶ ସହିତ ଛାତିରେ ଯନ୍ତ୍ରଣା ହେବା, ଅଣ୍ଟା ଓ ପିଠିର ତଳ ଭାଗରେ କଷ୍ଟ ହେବା, ଗଣ୍ଠି ଦରଜ ହୋଇ ବିନ୍ଧିବା ଇତ୍ୟାଦି ଏହି ରୋଗର ନିଦାନ। ଫୁସ୍‌ଫୁସ୍‌ରେ ଏହି ରୋଗର ପରଜୀବୀ ରହି ପ୍ରଦାହ କରେ ଓ ଆଲର୍ଜି ହୋଇ ସବୁବେଳେ ଶୁଖିଲା କାଶ ଲାଗିରହେ। ଆଣ୍ଟିବାୟୋଟିକ୍ ଚିକିତ୍ସା ଦ୍ୱାରା ରୋଗୀ ସୁସ୍ଥ ହୁଏ ନାହିଁ। ଏମାନେ ଶରୀରରେ ୧୦ବର୍ଷ ପର୍ଯ୍ୟନ୍ତ ବଞ୍ଚି ରହନ୍ତି। ତେଣୁ ଚିକିତ୍ସା ଦୀର୍ଘଦିନ କରିବା ଆବଶ୍ୟକ।

ପୁରୁଷମାନଙ୍କର ଅଣ୍ଡକୋଷ, ଶୁକ୍ରବାହୀ ନଳୀ ଏବଂ ମହିଳାମାନଙ୍କର ସ୍ତନରେ ପ୍ରଦାହ ବହୁଦିନ ଲାଗି ରହିବା ଫଳରେ ଆକାର ଧୀରେ ଧୀରେ ବୃଦ୍ଧିହୁଏ। ଶୁକ୍ରବାହୀ ନଳୀ ସଙ୍କୁଚିତ ହୋଇ ଏହାର ଭିତର ରନ୍ଧ୍ର ବନ୍ଦ ହୋଇଯାଏ। ଫଳରେ ଶୁକ୍ର ନିର୍ଗତ ହୋଇପାରେ ନାହିଁ। ଏହା ପୁରୁଷ ବନ୍ଧ୍ୟାର କାରଣ। ଗୋଦର



ଗୋଡ଼କୁ ଅପରେଶନ କରିବା ଅନୁଚିତ। ଏହା କଲେ ସବୁଦିନ ପାଇଁ ହସିକା ନଳୀ ଓ ଗ୍ରନ୍ଥିଗୁଡ଼ିକ ନଷ୍ଟ ହୋଇଯାଏ। ଇସିକା ପ୍ରଦାହ ବନ୍ଦ ହୋଇଯିବାରୁ ଗୋଡ଼ର ଫୁଲା କ୍ରମାନ୍ୱୟେ ବୃଦ୍ଧି ହୋଇ ହାତୀଗୋଡ଼ ଆକାର ହୋଇଯାଏ। ତେଣୁ ଏହାକୁ 'ଏଲିଫାଣ୍ଟଏଡ଼' ଗୋଡ଼ କୁହାଯାଏ। ଘା' ନ ଶୁଖି ସବୁବେଳେ ପାଣି ଓ ପୂଜ ବାହାରି ଦୁର୍ଗନ୍ଧ ହୁଏ। ତେଣୁ ଏହି ରୋଗୀମାନେ ସମାଜରେ ବାସନ୍ଦ ହୋଇଯାଆନ୍ତି।

ପ୍ରଶାସନକୁ ଅନୁରୋଧ, ପୁରାତନ ଫାଇଲେରିଆ ରୋଗୀମାନଙ୍କ ପାଇଁ ସୁଚିକିତ୍ସା ଓ ଥଇଥାନର ବ୍ୟବସ୍ଥା କରନ୍ତୁ। ରୋଗ ନିରାକରଣ ସହିତ ଦୀର୍ଘସ୍ଥାୟୀ ମୁମୂର୍ଷୁ ରୋଗୀମାନଙ୍କର ସ୍ଥାୟୀ ସେବା ଓ ଫଳପ୍ରଦ ଚିକିତ୍ସା ହେଉ।

*-ଫାଇଲେରିଆ ଓ ନିଦାନ ବିଶେଷଜ୍ଞ,*
*ବରିଷ୍ଠ ବୈଜ୍ଞାନିକ*
*ଆଚାର୍ଯ୍ୟ ବିହାର, ଭୁବନେଶ୍ୱର,*
*ଫୋନ: (୦୬୭୪) ୨୫୪୨୯୩୪*

# ମଙ୍ଗଳ ଗ୍ରହରେ ଜୀବସତ୍ତା ସମ୍ଭବ



ମଙ୍ଗଳ ଗ୍ରହକୁ ନେଇ ବିଭିନ୍ନ ଦେଶରେ ମହାକାଶବିଜ୍ଞାନୀ ଗବେଷଣା ଜାରି ରଖିଛନ୍ତି। ସେଠାରେ ଲୁକ୍କାୟିତ ବିଭିନ୍ନ ତଥ୍ୟକୁ ଲୋକଲୋଚନକୁ ଆଣିବାକୁ ବେଶ କିଛି ବର୍ଷ ଧରି ନିଜର ପ୍ରୟାସ ଜାରି ରଖିଛି ଆମେରିକାର ମହାକାଶ ଗବେଷଣା ସଂସ୍ଥା 'ନାସା'। ଏହି ସଂସ୍ଥା ପକ୍ଷରୁ ମଙ୍ଗଳ ଗ୍ରହର ଜଳବାୟୁ ସମ୍ପର୍କିତ ନୂଆ ତଥ୍ୟ ଜାଣିବାକୁ ଖୁବ୍ ଶୀଘ୍ର ଏକ ଉପଗ୍ରହ ପ୍ରେରଣ କରାଯିବ ବୋଲି ସୂଚନା ଦିଆଯାଇଛି। ବିଶେଷଭାବରେ ସେଠାକାର ଜଳବାୟୁରେ ଜୀବସତ୍ତା ସମ୍ଭବ କି ନାହିଁ ତା' ଉପରେ ଅଧିକ ଗୁରୁତ୍ୱ ଦିଆଯିବ। ମଙ୍ଗଳ ଗ୍ରହର ପରିବେଶ, ସେଠାରେ ପାଣି ଅଛି କି ନାହିଁ ଏବଂ ସେପରି ଅଞ୍ଚଳରେ ମଣିଷ ବସବାସ କରିପାରିବ କି ନାହିଁ ତା' ଉପରେ ତର୍ଜମା କରାଯିବ। ନିକଟରେ ମଙ୍ଗଳ ଗ୍ରହରେ 'ନାସା' ଚାରୋଟି ବଡ ବଡ ପର୍ବତର ସନ୍ଧାନ ପାଇଛି। ଏହି ଗ୍ରହରେ ଜୀବସତ୍ତାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି 'ନାସା'ର ମହାକାଶବିଜ୍ଞାନୀମାନେ। ତେବେ ଏପରି ପ୍ରଚେଷ୍ଟା କେତେ ଫଳପ୍ରସୂ ହେଉଛି ତାହା ଆଗକୁ ହିଁ ଜଣାପଡିବ।

## ସ୍ୱାସ୍ଥ୍ୟ ସୂଚନା

- ରାତିରେ ଶୋଇବାକୁ ଯିବା ପୂର୍ବରୁ ଉଜ୍ଜ୍ୱଳ ଆଲୋକ ସଂସ୍ପର୍ଶରେ ଆସନ୍ତୁ ନାହିଁ। କାରଣ ଏହାଦ୍ୱାରା ନିଦ୍ରା ପ୍ରଭାବିତ ହୋଇଥାଏ।
- ଦୈନନ୍ଦିନ ଖାଦ୍ୟ ତାଲିକାରେ ଭିଟାମିନ୍ ଡି-୩ ଖାଦ୍ୟ ସାମିଲ କରନ୍ତୁ। ଏହା ଅସ୍ଥିକୁ ମଜଭୂତ ରଖିଥାଏ।
- ପ୍ରତିଦିନ ତଟକା ଫଳମୂଳ ଖାଆନ୍ତୁ। ଏହା ହୃତପିଣ୍ଡକୁ ଆହୁରି ସୁସ୍ଥ ରଖିଥାଏ।
- ବ୍ୟାୟାମ କରୁଥିଲେ ଆରୋବିକ୍ ଏକ୍ସରସାଇଜ କରିବାକୁ ଭୁଲନ୍ତୁ ନାହିଁ। ଏହା ପେଟରୁ ଚର୍ବି କମାଇବାରେ ଅନେକାଂଶରେ ସହାୟକ ହୋଇଥାଏ।
- ଅତ୍ୟଧିକ ପରିମାଣର ମିଠାଜାତୀୟ ଖାଦ୍ୟ ଖାଉଥିଲେ ଏପରି ଅଭ୍ୟାସରୁ ନିବୃତ୍ତ ରହନ୍ତୁ। କାରଣ ଏହାଦ୍ୱାରା ମେଦବହୁଳତା, ଟାଇପ-୨ ଡାଇବେଟିସ ଏପରିକି ହୃଦ୍‌ଜନିତ ରୋଗ ହେବାର ଆଶଙ୍କା ରହିଛି।
- ପ୍ରୋସେସଡ ଜଙ୍କ ଫୁଡ୍‌ଜାତୀୟ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ।

## ଓରାଲ ଆଣ୍ଟିବାୟୋଟିକ ଓ ପାର୍କିନସନସ



କେତେକ ଓରାଲ ଆଣ୍ଟିବାୟୋଟିକ ଦୀର୍ଘ ବର୍ଷ ଧରି ଖାଇଲେ ତାହାର ଖରାପ ପ୍ରଭାବ ଶରୀର ଉପରେ ପଡିଥାଏ। ଓ୍ୱାଶିଂଟନ୍ ୟୁନିଭର୍ସିଟିର ସ୍ନାୟୁଶଲ୍ୟ ବିଶେଷଜ୍ଞମାନେ ଏପରି ସତର୍କ ସୂଚନା ଦେଇଛନ୍ତି। ଦୀର୍ଘ ବର୍ଷ ଧରି ଓରାଲ ଆଣ୍ଟିବାୟୋଟିକ ଖାଇବା ଦ୍ୱାରା ଆମ ଶରୀର ଉପରେ ତାହାର କି ପ୍ରକାର ଖରାପ ପ୍ରଭାବ ପଡୁଛି ସେ ସମ୍ପର୍କରେ ସେମାନେ ଏକ ଗବେଷଣା କରିଥିଲେ। ଏହି ସମୟରେ ସେମାନେ ଏପରି କେତୋଟି ଓରାଲ ଆଣ୍ଟିବାୟୋଟିକର ସନ୍ଧାନ ପାଇଥିଲେ ଯାହାକୁ ଦୀର୍ଘ ବର୍ଷ ଧରି ଖାଇଲେ ସ୍ନାୟୁଗୁଡିକ ଦୁର୍ବଳ ହେବା ସହ ପାର୍କିନସନ ରୋଗଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ରହିଛି। ତେବେ କୌଣସି ଓରାଲ ଆଣ୍ଟିବାୟୋଟିକ ଖାଇବା ସମୟରେ ନିୟମିତ ସମୟ ଅନ୍ତରାଳରେ ଡାକ୍ତରଙ୍କ ସହ ପରାମର୍ଶ କରିବା ଉଚିତ ବୋଲି ସେମାନେ ମତବ୍ୟକ୍ତ କରିଛନ୍ତି।




୪୬ତମ ସ୍ୱନକ୍ଷତ୍ର ଅବସରରେ ଧରିତ୍ରୀ ପରିବାରକୁ ଅଭିନନ୍ଦନ ସହ କଟକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ବିଞ୍ଝାରପୁର ଶାଖା ଅଧୀନରେ ଥିବା ସମସ୍ତ ସମବାୟର କୃଷକଭାଇମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ।
**ଜାନକୀକାନ୍ତ ମହାନ୍ତି**
ଶାଖା ପରିଚାଳକ, କଟକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଲିଃ, ବିଞ୍ଝାରପୁର



୪୬ତମ ସ୍ୱନକ୍ଷତ୍ର ଅବସରରେ ଧରିତ୍ରୀ ପରିବାରକୁ ଅଭିନନ୍ଦନ ସହ ବିଞ୍ଝାରପୁର ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ଅଭିନନ୍ଦନ।
**ରଞ୍ଜନ କୁମାର ଜେନା**
ସମ୍ପାଦକ, ଯୁବ ବିଜେଡି, ବିଞ୍ଝାରପୁର

ଧରିତ୍ରୀର 'ସ୍ୱନକ୍ଷତ୍ର ଦିବସ' ପାଳନ ଅବସରରେ ସାଲେପୁର ବ୍ଲକ୍ ପକ୍ଷରୁ ଧରିତ୍ରୀ ଖବରକାଗଜର ଶୁଭକାମନା କରୁଅଛି।
ଆପଣଙ୍କର
**ଶୁଭଚିନ୍ତକ, ସାଲେପୁର**



ଦୈନିକ ଖବରକାଗଜ 'ଧରିତ୍ରୀ'ର ୪୬ତମ ସ୍ୱନକ୍ଷତ୍ର ଦିବସ ଅବସରରେ ବାଲିସାହି ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ସହ ଅଭିନନ୍ଦନ ଜଣାଉଛି।
**ସରସ୍ୱତୀ ବେହେରା**
ସରପଞ୍ଚ, ବାଲିସାହି ପଞ୍ଚାୟତ, ସାଲେପୁର ବ୍ଲକ



୪୬ତମ ସ୍ୱନକ୍ଷତ୍ର ଅବସରରେ ଧରିତ୍ରୀ ପରିବାରକୁ ଅଭିନନ୍ଦନ ସହ ଖରିଆ ପ୍ରାଥମିକ କୃଷି ସମବାୟ ଅଧୀନରେ ଥିବା ସମସ୍ତ କୃଷକ ଭାଇମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ।
**ସମୀର କୁମାର ମଲ୍ଲିକ**
ସମ୍ପାଦକ, ଖରିଆ ପ୍ରାଥମିକ କୃଷି ସମବାୟ ସମିତି ଲିଃ. ମାଁସଡା, ବିଞ୍ଝାରପୁର



୪୬ତମ ସ୍ୱନକ୍ଷତ୍ର ଅବସରରେ ଧରିତ୍ରୀ ପରିବାରକୁ ଅଭିନନ୍ଦନ ସହ ବିଞ୍ଝାରପୁର ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ଅଭିନନ୍ଦନ।
**ରମେଶ ଚନ୍ଦ୍ର ରାଉତ**
ସମିତିସଭ୍ୟ, କଲ୍ୟାଣପୁର ଗ୍ରାପ, ବିଞ୍ଝାରପୁର



ଧରିତ୍ରୀ ଦୈନିକ ଓଡ଼ିଆ ଖବରକାଗଜର ୪୬ତମ ସ୍ୱନକ୍ଷତ୍ର ଅବସରରେ ଧରିତ୍ରୀ ନିରପେକ୍ଷ ଖବର ପରିବେଷଣ କରୁଥିବାରୁ ଧରିତ୍ରୀ ପରିବାରକୁ ଧନ୍ୟବାଦ ଦେବା ସହ ବିଞ୍ଝାରପୁର ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ଅଭିନନ୍ଦନ।
**ରାମଚନ୍ଦ୍ର ବେହେରା**
ସରପଞ୍ଚ ତଥା ବରିଷ୍ଠ ବିଜେଡି ନେତା, ବିଞ୍ଝାରପୁର



ଧରିତ୍ରୀ ଦୈନିକ ଓଡ଼ିଆ ଖବରକାଗଜର ୪୬ତମ ସ୍ୱନକ୍ଷତ୍ର ଅବସରରେ ଧରିତ୍ରୀ ପରିବାରକୁ ଶୁଭକାମନା ସହିତ ବିଞ୍ଝାରପୁର ଅଞ୍ଚଳର ଧରିତ୍ରୀ ପାଠକ ପାଠିକାମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି।
**ଲେଲିନ ଦାସ**
ଛାତ୍ର ନେତା, ବିଜେଡ଼ି, ବିଞ୍ଝାରପୁର

ଧରିତ୍ରୀର ୪୬ତମ 'ସ୍ୱନକ୍ଷତ୍ର' ଉପଲକ୍ଷେ ସାଲେପୁର ଅଞ୍ଚଳ ସମେତ ରାଜ୍ୟର ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକାମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି। ଏଥିସହ ସାବିତ୍ରୀ ଦେବୀ ବିଜ୍ଞାନ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଓ ଅଭିଭାବକମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି।




ଆପଣଙ୍କର
**ଉମାକାନ୍ତ ଓଝା**
ନିର୍ଦ୍ଦେଶକ, ସାବିତ୍ରୀ ଦେବୀ ବିଜ୍ଞାନ ମହାବିଦ୍ୟାଳୟ, ଶିଶୁଆ, ସାଲେପୁର, କଟକ

ଓଡ଼ିଆ ଦୈନିକ ଧରିତ୍ରୀ ଖବରକାଗଜର ୪୬ତମ ସ୍ୱନକ୍ଷତ୍ର ଅବସରରେ ଧରିତ୍ରୀ ପରିବାରକୁ ଅଭିନନ୍ଦନ ଜଣାଇବା ସହିତ ରାଜ୍ୟର ସମସ୍ତ ଜନସାଧାରଣଙ୍କୁ ବ୍ୟାପକ ବୃକ୍ଷରୋପଣ କରିବା ପାଇଁ ଅନୁରୋଧ କରୁଛି।



**ଶ୍ରୀମତୀ ପ୍ରମିଳା ମଲ୍ଲିକ**
ବିଧାୟିକା ତଥା ମୁଖ୍ୟ ସଚେତକ ସରକାରୀ ଦଳ, ଓଡ଼ିଶା ବିଧାନସଭା, ଭୁବନେଶ୍ୱର

SALIPUR AUTONOMOUS COLLEGE SALIPUR Estd - 1964

ଦୈନିକ ଖବରକାଗଜ 'ଧରିତ୍ରୀ'ର ୪୬ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି କଳ୍ପେ ପ୍ରୟାସି ପରିଚାଳନା ସମିତି, ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ, ଛାତ୍ରଛାତ୍ରୀ ଓ ସାଲେପୁର ଅଞ୍ଚଳର ଶିକ୍ଷାପ୍ରେମୀ ନାଗରିକମାନଙ୍କୁ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ଅଭିନନ୍ଦନ ସହ ଶୁଭେଚ୍ଛା ଜଣାଉଛୁ।




**ପ୍ରଫେସର ବସନ୍ତ କୁମାର ରାଉତ**
ଅଧ୍ୟକ୍ଷ, ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ



“ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ନେଇ ରିଜର୍ଭ ବ୍ୟାଙ୍କ ପୁଣି ଥରେ ଏହାର ସୁଧହାର ହ୍ରାସ କରିବା ନେଇ ଆଶାବାଦୀ।
– ରାଜୀବ ବିଶ୍ୱାସ, ଅର୍ଥନୀତିଜ୍ଞ



“ଅର୍ଥ ବ୍ୟବସ୍ଥା ଏବେ ସଙ୍କଟ ସମୟ ଦେଇ ଗତି କରୁଛି। ସରକାର ଲୋକଙ୍କୁ ବୋକା ବନାଉଛନ୍ତି।
– ଯଶୱନ୍ତ ସିହ୍ନା, ପୂର୍ବତନ ଅର୍ଥମନ୍ତ୍ରୀ

**ସଂକ୍ଷେପରେ**

## ଜିଏସ୍‌ଟି ଆଦାୟ ୧ ଲକ୍ଷ କୋଟି ଟଙ୍କା ଟପିଲା

**ନୂଆଦିଲ୍ଲୀ, ୧-୧୨:** ଚଳିତ ଆର୍ଥିକ ବର୍ଷରେ ଲଗାତର ଭାବେ ୩ ମାସ ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) ସଂଗ୍ରହ ହ୍ରାସ ହେବା ପରେ ନଭେମ୍ବରରେ ୬% ବୃଦ୍ଧି ଘଟି ୧ ଲକ୍ଷ କୋଟି ଟଙ୍କା ଟପିଛି। ପାର୍ବଣ ଚାହିଦା ଯୋଗୁ ଜିଏସ୍‌ଟିରେ ଏଭଳି ଉନ୍ନତି ପରିଲକ୍ଷିତ ହୋଇଛି। ଗତ ବର୍ଷ ଏହି ସମୟରେ ୯୭,୬୩୭ କୋଟି ଟଙ୍କାର ଜିଏସ୍‌ଟି ଆଦାୟ କରିବାକୁ ସରକାର ସକ୍ଷମ ହୋଇଥିଲେ। ଅକ୍ଟୋବରରେ ୯୫,୩୮୦ କୋଟି ଟଙ୍କା ଜିଏସ୍‌ଟି ରାଜକୋଷକୁ ଆସିଥିଲା। ପରୋକ୍ଷ ଟିକସ ସଂଗ୍ରହରେ ୨ ମାସ ନକରାତ୍ମକ ଅଭିବୃଦ୍ଧି ପରେ ନଭେମ୍ବରରେ ୬% ଉନ୍ନତି ହୋଇଥିବା ସରକାରଙ୍କ ପକ୍ଷରୁ ଏକ ବିବୃତ୍ତିରେ କୁହାଯାଇଛି। ପାର୍ବଣ ଚାହିଦା ଏବଂ ଅନୁପାଳନରେ ଉନ୍ନତି ଯୋଗୁ ଟିକସ ସଂଗ୍ରହ ବଢ଼ିଛି। ସଂଗ୍ରହ କରାଯାଇଥିବା ମୋଟ ୧,୦୩,୪୯୨ କୋଟିର ଜିଏସ୍‌ଟି ମଧ୍ୟରୁ କେନ୍ଦ୍ର ଜିଏସ୍‌ଟି ବା ସିଜିଏସ୍‌ଟି ବାବଦ ୧୯,୫୯୨ କୋଟି, ରାଜ୍ୟ ଜିଏସ୍‌ଟି ବା ଏସ୍‌ଜିଏସ୍‌ଟି ବାବଦ ୨୭,୧୪୪ କୋଟି, ସମନ୍ୱିତ ଜିଏସ୍‌ଟି ବାବଦ ୪୯,୦୨୮ କୋଟି, ସେସ ବାବଦ ୭୭୨୭ କୋଟି ଟଙ୍କା ରହିଛି। ଜିଏସ୍‌ଟି ଆରମ୍ଭ ହେବା ପରଠାରୁ ଏହା ୮ମ ଥର ଲାଗି ସଂଗ୍ରହ ୧ ଲକ୍ଷ କୋଟି ଟଙ୍କା ପଡିଛି।

# ରାମଦାସପୁରରେ ରୁଚି ସ୍ଥାପନ କରିବ ନୂଆ ପ୍ଲାଣ୍ଟ

■ ଭିଡିଓ କନ୍‌ଫରେନ୍ସିଂ ଯୋଗେ ମୁଖ୍ୟମନ୍ତ୍ରୀ କଲେ ଶିଳାନ୍ୟାସ
■ ନିବେଶ ହେବ ୧୦୦ କୋଟି

**କଟକ, ୧-୧୨**

ରୁଚି ମସଲା ଉଦ୍ୟୋଗର ନୂଆ ଅତ୍ୟାଧୁନିକ ପ୍ଲାଣ୍ଟର ଭୂମିପୂଜନ ବାରଙ୍ଗ ବ୍ଲକସ୍ଥିତ ରାମଦାସପୁର ଶିଳ୍ପାଞ୍ଚଳରେ ଅନୁଷ୍ଠିତ ହୋଇଯାଇଛି। ୧୦୦ କୋଟି ଟଙ୍କା ବ୍ୟୟରେ ସ୍ଥାପନ ହେବାକୁ ଥିବା ପ୍ରସ୍ତାବିତ ଉକ୍ତ ୟୁନିଟ୍‌କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଖାରବେଳ ଭବନଠାରେ ଭିଡିଓ କନ୍‌ଫରେନ୍ସିଂ ଯୋଗେ ଶିଳାନ୍ୟାସ କରିଛନ୍ତି। ରୁଚି ଶିଳ୍ପୋଦ୍ୟୋଗ ପକ୍ଷରୁ ବୈଦେଶିକ ଜ୍ଞାନକୌଶଳ ସହାୟତାରେ ଏହି ପ୍ଲାଣ୍ଟ ପ୍ରତିଷ୍ଠା ହେବାକୁ ଯାଉଛି। ଏହାଦ୍ୱାରା ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପକ୍ଷେତ୍ରରେ କର୍ମନିଯୁକ୍ତି ସୁଯୋଗ ସୃଷ୍ଟି, ପ୍ରକ୍ରିୟାକୃତ ସୁଷମ ଓ ସ୍ୱାସ୍ଥ୍ୟପ୍ରଦ ଖାଦ୍ୟ ପ୍ରସ୍ତୁତ ହୋଇପାରିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।




ଉଦ୍‌ଘାଟନୀ ସମାରୋହରେ ରାଜ୍ୟ ଶିଳ୍ପମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ, ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର, ଇଡ୍‌କୋ ଅଧ୍ୟକ୍ଷ ସଞ୍ଜୟ କୁମାର ସିଂହ, ରୁଚି ଉଦ୍ୟୋଗର ପରିଚାଳନା ନିର୍ଦ୍ଦେଶକ ଡକ୍ଟର ଶରତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ ଦ୍ୱାରା ଆୟୋଜିତ ମେକ୍ ଇନ୍ ଓଡ଼ିଶାର ସ୍ୱତନ୍ତ୍ର ଅଧିବେଶନରେ ଦେଶର ବିଶିଷ୍ଟ ଶିଳ୍ପୋଦ୍ୟୋଗୀଙ୍କ ସହ ରୁଚିର ପରିଚାଳନା ନିର୍ଦ୍ଦେଶକଙ୍କୁ ଆମନ୍ତ୍ରିତ କରାଯାଇଥିଲା ଓ ଏଥିରେ ରୁଚି ଉଦ୍ୟୋଗ ପକ୍ଷରୁ ୧୦୦ କୋଟି ଟଙ୍କାର ପୁଞ୍ଜିନିବେଶ କରାଯିବ ବୋଲି ଡକ୍ଟର ସାହୁ ଘୋଷଣା କରିଥିଲେ। ରାମଦାସପୁର ପ୍ଲାଣ୍ଟ ପରିସରରେ ଇଡ୍‌କୋର ଅଧିକାରୀ ରବୀନ୍ଦ୍ର କୁମାର ମହାପାତ୍ର, ଇପିକଲ୍‌ର ଦେବପ୍ରସାଦ ମିଶ୍ର, ବାରଙ୍ଗ ତହସିଲଦାର ରମେଶ ଚନ୍ଦ୍ର ଜେନା, ରୁଚି ନିର୍ଦ୍ଦେଶିକା ସଂଗୀତା ସାହୁ, ନିର୍ଦ୍ଦେଶକ ଅରବିନ୍ଦ ସାହୁ, ନିର୍ଦ୍ଦେଶିକା ରଶ୍ମି ସାହୁ, ନିର୍ଦ୍ଦେଶିକା ଶ୍ରୀମତୀ ସଲିନା ସାହୁ, ମୁଖ୍ୟ ମହାପ୍ରବନ୍ଧକ ମହେନ୍ଦ୍ର ଷଡ଼ଙ୍ଗୀ ପ୍ରମୁଖ ଏହି ଭୂମିପୂଜନ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।



# ବଜାରରେ ପ୍ୟାଟ୍ରିଅଟର ନୂଆ ପ୍ରଡକ୍ଟ

**ଭୁବନେଶ୍ୱର, ୧-୧୨**

ପ୍ୟାଟ୍ରିଅଟ୍ ଷ୍ଟାବିଲାଇଜର, ଏୟାରକୁଲର, ଫର୍ନିଚର ଏବଂ ଏଲ୍‌ଇଡି ଉତ୍ପାଦ ନିର୍ମାଣ କରୁଥିବା ପୁରାତନ କମ୍ପାନୀ ରାଜପଥ ଗ୍ରୁପ ପକ୍ଷରୁ ନୂତନ ସିରିଜ ପ୍ୟାଟ୍ରିଅଟ୍ ଫାରାଟା ଏୟାରକୁଲରର ବଜାର ପ୍ରବେଶ କରାଯାଇଛି। ଏହା ଆପ୍ଲାଏନ୍ସ ବଜାରରେ ନ୍ୟୁମେରୋ ୟୁନୋ ଭାବେ କାର୍ଯ୍ୟ କରିବ। ଗ୍ରାହକଙ୍କୁ ସୁଲଭ ମୂଲ୍ୟରେ ପ୍ରଡକ୍ଟ ଯୋଗାଇବା ଲାଗି କମ୍ପାନୀ ପକ୍ଷରୁ ପଦକ୍ଷେପ ହାତକୁ ନିଆଯାଇଛି। 'କୁଲର ଫର କମନ-କୁଲର ଫର ଏଭ୍ରିୱାନ' ଭଳି ପ୍ରସଙ୍ଗକୁ ଧ୍ୟାନରେ ରଖାଯାଇଛି। ଏହାର ପ୍ରଡକ୍ଟ ମୂଲ୍ୟ ଏକ ଫ୍ୟାନ ମୂଲ୍ୟ ସହ ସମାନ ହେବ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଗ୍ରାହକଙ୍କ ବିଶ୍ୱାସକୁ ଅକ୍ଷୁଣ୍ଣ ରଖିବା ସହ ସର୍ବୋତ୍ତମ ସେବା ଯୋଗାଣ ଧାରା ଜାରି ରଖିବାକୁ ଉଦ୍ୟମ ହେଉଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

# ବୁଧବାର ଏ.ବି. ସିଂଙ୍କ ଜିତ୍ ଜିନ୍ଦେଗୀ କାର୍ଯ୍ୟକ୍ରମ

**ଭୁବନେଶ୍ୱର, ୧-୧୨**

ବିଶିଷ୍ଟ ଏଣ୍ଟ୍ରେପ୍ରିନ୍ୟୁଅର ଏବଂ ମୋଟିଭେଶନାଲ ସ୍ପିକର ଅଜୟ ବାହାଦୁର ସିଂ ଙ୍କର ଜିତ୍ ଜିନ୍ଦେଗୀ କାର୍ଯ୍ୟକ୍ରମ ଚଳିତ ମାସ ୪ ତାରିଖ(ବୁଧବାର) ସ୍ଥାନୀୟ ରେଳ ଅଡିଟୋରିୟମ ଠାରେ ଅନୁଷ୍ଠିତ ହେବ। ବିଭିନ୍ନ ପ୍ରତିଯୋଗିତା ପରୀକ୍ଷା ଲାଗି ପ୍ରସ୍ତୁତ ହେଉଥିବା ଛାତ୍ରୀଛାତ୍ରଙ୍କ ପାଇଁ ଏହା ଉଦ୍ଦିଷ୍ଟ। ଛାତ୍ରୀଛାତ୍ରଙ୍କୁ ସେମାନଙ୍କ କ୍ୟାରିୟର ଏବଂ ଭବିଷ୍ୟତ ବିଷୟରେ ସଚେତନ ଏବଂ ସଜାଗ କରାଇବା ଲାଗି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ସିଂ କହିଛନ୍ତି। ସେ କହିଛନ୍ତି, ପ୍ରତିଯୋଗିତାର ଏହି ଯୁଗରେ ସମସ୍ତେ ନିଜର ଶ୍ରେଷ୍ଠ ସଫଳତା ଲାଗି ଚେଷ୍ଟାରତ। ସମସ୍ତଙ୍କ ନିକଟରେ ଦୌଡିବାର



କ୍ଷମତା ରହିଛି। ନିଜର କ୍ଷମତା, ପରିଶ୍ରମ ଓ ବିଚକ୍ଷଣତା ମାଧ୍ୟମରେ ସଫଳତା ହାସଲ କରିବା ଲାଗି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରାଯାଉଥିବା ସେ କହିଛନ୍ତି। ଏହି କାର୍ଯ୍ୟକ୍ରମ ୨ଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ଏ.ବି.ସିଂଙ୍କୁ ତାଙ୍କର ଜିନ୍ଦେଗୀ ଫାଉଣ୍ଡେସନ ଲାଗି ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରୁ ଅନେକ ସମ୍ବର୍ଦ୍ଧନା ମିଳିଛି। ଏହା ଦ୍ୱାରା ଗରିବ ମେଧାବୀଙ୍କୁ ନିଃଶୁଳ୍କ ଶିକ୍ଷା ସହ ରହିବା ଏବଂ ଖାଇବାର ସୁବିଧା ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମ ଲାଗି ସେ ଦୁବାଇ ଏବଂ କାନାଡାରେ ସମ୍ବର୍ଦ୍ଧିତ ହୋଇଛନ୍ତି। ସେ ଆଦ୍ୟାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ଆକାଶ ଇନଷ୍ଟିଚ୍ୟୁଟ ଭୁବନେଶ୍ୱର ଓ କଟକର ଶାଖା ନିର୍ଦ୍ଦେଶକ ଭାବେ ଏବେ ଅବସ୍ଥାପିତ।

# ଟାଟାର 'ଇଣ୍ଡିଆକି ଦୁସରୀ ଦିୱାଲି କ୍ୟାମ୍ପେନ' ବିଜେତା

**ଭୁବନେଶ୍ୱର, ୧-୧୨**

ଟାଟା ମୋଟର୍ସ ପକ୍ଷରୁ ଇଣ୍ଡିଆକି ଦୁସରୀ ଦିୱାଲି କ୍ୟାମ୍ପେନର ବିଜେତାଙ୍କ ନାମ ଘୋଷଣା କରାଯାଇଛି। ଏଥିରେ ପୁରୀ ଜିଲାର ସତ୍ୟଜିତ ସାହୁ ୩ ଲକ୍ଷ ଟଙ୍କାର ଗୋଲ୍ଡ ଭାଉଚର ଲାଭ କରିଛନ୍ତି। ଅନ୍ୟ ଭାଗ୍ୟଶାଳୀ ବିଜେତାମାନେ ଏଲ୍‌ଇଡି ଟିଭି, ୱାଶିଂମେଶିନ, ମୋବାଇଲ ଫୋନ, ଜୁସର ମିକ୍ସର, ଫୁଏଲ କୁପନ ଜିତିବାକୁ



ସକ୍ଷମ ହୋଇଛନ୍ତି। କମ୍ପାନୀ ଏହାର କ୍ଷୁଦ୍ର ବାଣିଜ୍ୟିକ ଯାନ ବର୍ଗରେ ପ୍ରମୁଖ ମଡେଲ ଟାଟା ଏସ୍‌ର ୨୨ ଲକ୍ଷ ୟୁନିଟ ଯାନର ସଫଳତା ଅବସରରେ ଏହି କଣ୍ଟେଷ୍ଟ ଆରମ୍ଭ କରିଛି। ଏହା କ୍ଷୁଦ୍ର ବାଣିଜ୍ୟିକ ଯାନ, ପିକଅପ ଏବଂ କାର୍ଗୋ ଯାନ ଗ୍ରାହକଙ୍କ ଲାଗି ଉଦ୍ଦିଷ୍ଟ। ଏହି ବର୍ଗରେ ଯାନଗୁଡିକୁ ନିରାପତ୍ତା, ପରଫରମାନ୍ସ ଏବଂ ସୁଲଭତା ଭଳି ପ୍ରସଙ୍ଗକୁ ଧ୍ୟାନରେ ରଖି ପ୍ରସ୍ତୁତ କରାଯାଉଥିବା ଟାଟା ମୋଟର୍ସର ସେଲ୍‌ସ ଆଣ୍ଡ ମାର୍କେଟିଂ ମୁଖ୍ୟ ରାଜେଶ କୌଲ ସୂଚନା ଦେଇଛନ୍ତି।

'ଧରିତ୍ରୀ'ର ୪୬ତମ ଜନ୍ମବାର୍ଷିକ ଉତ୍ସବ ଉପଲକ୍ଷେ ଶୁଭେଚ୍ଛା ଓ ଶୁଭକାମନା
ବନଜା ଜେନା
ଅଧ୍ୟକ୍ଷା, ଜଟଣୀ ବ୍ଲକ

'ଧରିତ୍ରୀ'ର ୪୬ତମ ଜନ୍ମ ବାର୍ଷିକୀ ଅବସରରେ ସମସ୍ତ ଗୁରୁଜନ, ମା', ଭଉଣୀ, ଭାଇ ଓ ଯୁବସାଥୀମାନଙ୍କୁ ମୋର ଅଭିନନ୍ଦନ।
ALL INDIA LOCO RUNNING STAFF ASSOCIATION / KUR DIV/ ECOR
Regd. No. - 17903
All Loco Pilot & Asst. Loco Pilot
Khurda Road Division
Com. J. P. Dandapat, Div. Scretary / AILRSA, KUR Div./ECoR
Com. S. N. Pattnaik, Div. Wkg President, KUR Div./ECoR

ଧରିତ୍ରୀର ୪୫ତମ ଜନ୍ମ ବାର୍ଷିକ ଅବସରରେ ଅନେକ ଶୁଭେଚ୍ଛା ଓ ଶୁଭକାମନା।
ସୁରେଶ କୁମାର ପ୍ରଧାନ
ସାମାଜିକ କର୍ମୀ, ଝାଁଳା, ଜଟଣୀ

Deals with : Rakhi, Diwali, Marriage Crackers, Seasons Greetings, Post Cards, Calendar, Marriage Card, Marriage Envelope, Holi Itmes
PRAMOD SEASON CENTRE
SEASONAL WHOLESALER
Rly. Market, Jatni (Near Matador Stand), Khordha (Odisha)
Mob : 9861415461, 9437849719

MANOJ SEASON CENTRE
Deals in : Rakhi, Diwali Crackers, Season Greetings, Calendar, Diary, Calendar, Marriage Card & Holi Itmes
Rly. Market, Jatni, Khordha (Odisha)
Mob : 0674-2491107 (S), 2491636 (R), 9437091636

Specialists in : DIARY, CALENDAR, GREETING CARD, WEDDING CARD, RAKHI & HOLI ITEMS, CRACKERS, DISPLAY FIREWORKS
MAHAVEER BHANDAR
Railway Market, Jatni-752050
Mob : 9437060610, 9861341229
Email : mahaveerbhandar@gmail.com

Deals with : Rakhi, Crackers, Greetings, Post Card, Diary, Calendars, Holyitems, etc.
LALIT BHANDAR
Railway Market, Jatni-752050
Mob : 9853205815, 9439582001

'ଧରିତ୍ରୀ'ର ୪୬ତମ ଜନ୍ମବାର୍ଷିକ ଉତ୍ସବ ଉପଲକ୍ଷେ ଶୁଭେଚ୍ଛା ଓ ଶୁଭକାମନା
All India Guard Council, East Coast Railway
ଅଲିମ୍ ଖାନ୍, ଜୋନାଲ ଭାଇସ୍ ପ୍ରେସିଡେଂଟ, ଭୁବନେଶ୍ୱର
ସନ୍ତୋଷ ନିଶଙ୍କ, ଜୋନାଲ ସେକ୍ରେଟାରୀ, ଭୁବନେଶ୍ୱର

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ପାଠକପାଠିକା, ଲେଖକ ଏବଂ ମୋ ଅଞ୍ଚଳବାସୀଙ୍କୁ ଶୁଭେଚ୍ଛା ଓ ଶୁଭକାମନା।
ଆସନ୍ତା ନବବର୍ଷ-୨୦୨୦ ସମସ୍ତଙ୍କ ପାଇଁ ମଙ୍ଗଳମୟ ହେଉ, ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି।
ଦିଲ୍ଲୀପ କୁମାର ଜେନା
ସମାଜସେବୀ
ଝାରପଡ଼ା

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଏହାର ସମସ୍ତ କର୍ମକର୍ତ୍ତା ତଥା ପାଠିକା/ପାଠକମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ।
ନବବର୍ଷ-୨୦୨୦ ସମସ୍ତଙ୍କ ପାଇଁ ମଙ୍ଗଳମୟ ହେଉ, ଭଗବାନଙ୍କ ନିକଟରେ ମୋର ପ୍ରାର୍ଥନା।
ସୁରେଶ ଚନ୍ଦ୍ର ଜେନା
ପୂର୍ବତନ କର୍ପୋରେଟର
ୱାର୍ଡ଼ ନଂ.୩୩, ଝାରପଡ଼ା

ପ୍ରଭୁ ଶ୍ରୀଜଗନ୍ନାଥ ସମସ୍ତଙ୍କର ସୁଖସମୃଦ୍ଧି କରନ୍ତୁ, ଏତିକି ପ୍ରାର୍ଥନା।
ଜନପ୍ରିୟ ଖବରକାଗଜ 'ଧରିତ୍ରୀ'ର ସ୍ୱନକ୍ଷତ୍ର ଦିବସରେ ଶୁଭକାମନା ସହ
ନବକିଶୋର ବେହେରା
ପୂର୍ବତନ ଯୋଜନା ଓ ସମନ୍ୱୟ କମିଟି ଅଧ୍ୟକ୍ଷ ତଥା ପୂର୍ବତନ କର୍ପୋରେଟର
ୱାର୍ଡ଼ ନଂ. ୩୭, ବିଏମ୍‌ସି, ନୟାପଲ୍ଲୀ

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଉତ୍ସବ ଶୁଭ ଅବସରରେ
ଯାଜପୁର ଜିଲ୍ଲା କ୍ରସର ମାଲିକ ସଂଘ
ଚଣ୍ଡିଖୋଲ, ଯାଜପୁର
ଯାଜପୁରର ସମସ୍ତ ସଭ୍ୟ ଓ ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଇବା ସହ ସୁଖ ସମୃଦ୍ଧି କାମନା କରୁଛି।
ଦିଲ୍ଲୀପ କୁମାର ବଳ, ସମ୍ପାଦକ
ଚନ୍ଦନ କୁମାର ନାୟକ, ସଭାପତି

## ସଂକ୍ଷେପରେ

### ଓଡ଼ିଶାରେ ପ୍ରଥମଥର ଜାତୀୟ ସବ୍‌ଜୁନିୟର ବ୍ୟାଡ୍‌ମିଣ୍ଟନ

ଭୁବନେଶ୍ୱର, ୧।୧୨(କ୍ରୀଡ଼ା ପ୍ରତିନିଧି): ଓଡ଼ିଶାରେ ପ୍ରଥମଥର ପାଇଁ ଜାତୀୟ ସବ୍‌ଜୁନିୟର(୧୫ ଓ ୧୭ ବର୍ଷରୁ କମ୍) ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବାକୁ ଯାଉଛି। ଏହା ଭୁବନେଶ୍ୱରରେ ଚଳିତମାସ ୧୭ରୁ ୨୨ ପର୍ଯ୍ୟନ୍ତ ଆୟୋଜିତ ହେବ। ରବିବାର ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ(ଓଏସବିଏ)ର କର୍ମକର୍ତ୍ତା ନିର୍ବାଚନ ହେବାପରେ ଏହା ଘୋଷଣା କରାଯାଇଛି। ଉପମୁଖ୍ୟ ସଚେତକ ରୋହିତ ପୂଜାରୀ ସଭାପତି, ମିହିର ରାୟ କାର୍ଯ୍ୟକାରୀ ସଭାପତି, ପ୍ରଦୀପ କୁମାର ପଟ୍ଟନାୟକ ଉପସଭାପତି, ନଳିନୀ କୁମାର ସମ୍ପାଦକ, ସୁଶାନ୍ତ ବଳ, ସନ୍ଦୀପ ମିଶ୍ର ଯୁଗ୍ମ ସମ୍ପାଦକ, ପ୍ରଦୀପ କୁମାର ମହାନ୍ତି କୋଷାଧ୍ୟକ୍ଷ ଏବଂ ମନୋରଞ୍ଜନ ଦାସ, ମହମ୍ମଦ ଫିଆଜ ଜାଫର, ବିଶ୍ୱରଞ୍ଜନ ଦଳାଇ କାଉନସିଲ ସଦସ୍ୟଭାବେ ନିର୍ବାଚିତ ହୋଇଛନ୍ତି। ନିତ୍ୟାନନ୍ଦ ବେହୁରିଆ ପ୍ରିଜାଇଡିଂ ଅଫିସର ଏବଂ ଅନନ୍ତ ନାରାୟଣ ପଟ୍ଟନାୟକ ନିର୍ବାଚନ ଅଧିକାରୀ ଦାୟିତ୍ୱ ନିର୍ବାହ କରିଥିଲେ। ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଅଫ୍ ଇଣ୍ଡିଆ(ବିଏଆଇ) ପକ୍ଷରୁ ଓମାର ରଶିଦ, କେ.ଏନ. ଜୟୱାଲ, କେ. ପ୍ରଭାକର ରାଓ ପର୍ଯ୍ୟବେକ୍ଷକ ରହିଥିଲେ। ଓଡ଼ିଶା ସ୍ପୋର୍ଟ୍ସ କାଉନ୍‌ସିଲ ପକ୍ଷରୁ ଟେକ୍ନିକାଲ ସେଲ୍ ସଦସ୍ୟ ରାଜେନ୍ଦ୍ର ପ୍ରସାଦ ପାଣି ଉପସ୍ଥିତ ଥିଲେ।

### କୁଚ୍ ବିହାର ଟ୍ରଫି: ଓଡ଼ିଶାର ଇନିଂସ ପରାଜୟ

ବଲାଙ୍ଗୀର ଅଫିସ, ୧।୧୨: ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମରେ ୧୯ ବର୍ଷରୁ କମ୍ କୁଚ୍ ବିହାର ଟ୍ରଫିରେ ଭ୍ରମଣକାରୀ ବରୋଦା ଦଳ ଘରୋଇ ଓଡ଼ିଶା ଦଳକୁ ବୃହତ୍ ବ୍ୟବଧାନରେ ପରାଜିତ କରିଛି । ଓଡିଶା ଦଳ ଏକ ଇନିଂସ ୩୨୬ ରନ୍‌ରେ ପରାଜିତ ହୋଇଛି । ଦ୍ୱିତୀୟ ଦିନର ଅସମାପ୍ତ ଖେଳ ୧୬/୨ ରୁ ଓଡିଶା ରବିବାର ତୃତୀୟ ଦିନ ଖେଳ ଆରମ୍ଭ କରିଥିଲା । ତେବେ ବରୋଦା ବୋଲରଙ୍କ ଘାତକ ବୋଲିଂର ସମ୍ମୁଖୀନ ହୋଇ ନ ପାରି ଓଡିଶା ମାତ୍ର ୫୮ ରନ୍ ଯୋଗକରି ୭୪ ରନ୍ ସ୍କୋରରେ ଅଲଆଉଟ ହୋଇ ଯାଇଥିଲା। ବରୋଦା ତରଫରୁ ମହେଶ ପିଥିଆ ୪, ମହ୍ଲାର ଘେବେରିଆ ୩ ଏବଂ ଆଶୁତୋଷ ଦାସ ୨ଟି ଉଇକେଟ ଅକ୍ତିଆର କରିଥିଲେ । ଶୁକ୍ରବାର ପ୍ରଥମ ଦିନ ଓଡିଶା ଦଳ ପ୍ରଥମେ ବ୍ୟାଟିଂ କରି ୧୦୯ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲେ । ଜବାବରେ ବରୋଦା ଦଳ ୯ ଉଇକେଟ୍ ବିନିମୟରେ ୫୦୯ ରନ୍‌ର ବିଶାଳ ସ୍କୋର ଛିଡା କରି ଶନିବାର ପାଳି ଘୋଷଣା କରିଥିଲା । ଅପରାହ୍ଣରେ ବଲାଙ୍ଗୀର କ୍ରୀଡା ସଂସଦ କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ରଙ୍କ ଅଧକ୍ଷତାରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା ।

### କ୍ୱାର୍ଟରରେ ଓଡ଼ିଶା

ଭୁବନେଶ୍ୱର,୧।୧୨(ସ୍ପୋର୍ଟ୍ସ ବ୍ୟୁରୋ): ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ୍ ଦଳ ଚଳିତ ନାଗେଶ ଟ୍ରଫି ଜାତୀୟ କ୍ରିକେଟ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଫରିଦାବାଦ୍‌ରରେ ଅନୁଷ୍ଠିତ ମ୍ୟାଚ୍‌ରେ ଓଡ଼ିଶା ହରିୟାଣାକୁ ୭ ଉଇକେଟରେ ହରାଇ ଦେଇଛି। ପ୍ରଥମେ ବ୍ୟାଟିଂ କରିଥିବା ହରିୟାଣା ଧାର୍ଯ୍ୟ ୨୦ ଓଭରରେ ୮ ଉଇକେଟ ହରାଇ ୧୫୨ ରନ୍ କରିଥିଲା। ଜବାବରେ ଓଡ଼ିଶା ୧୪.୪ ଓଭରରେ ୩ ଉଇକେଟ ହରାଇ ୧୫୫ ରନ୍ କରି ବିଜୟ ହାସଲ କରିଥିଲା। ସୁଖରାମ ୬୮ ଓ ପଙ୍କଜ ୩୪ ରନ୍ କରିଥିଲେ।

## ନଳିନୀକାନ୍ତ ସ୍ମାରକୀ ରାଜ୍ୟ ବ୍ୟାଡ୍‌ମିଣ୍ଟନ ଉଦ୍‌ଯାପିତ

# ଶ୍ରୁତି, ସ୍ୱାଧୀନ ଚାମ୍ପିୟନ

ଭୁବନେଶ୍ୱର, ୧।୧୨ (କ୍ରୀଡ଼ା ପ୍ରତିନିଧି)

ଆମେଚର ବ୍ୟାଡ୍‌ମିଣ୍ଟନ କ୍ଲବ ଆନୁକୂଲ୍ୟରେ ଇଷ୍ଟକୋଷ୍ଟ ରେଲୱେ ଇନ୍‌ଡୋର ଷ୍ଟାଡିୟମରେ ୬ଷ୍ଠ ନଳିନୀକାନ୍ତ ମହାନ୍ତି ସ୍ମାରକୀ ରାଜ୍ୟ ଓପନ ର୍‍ୟାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଏହାର ମହିଳା ସିଙ୍ଗଲ୍ସରେ କଟକର ଶ୍ରୁତି ସ୍ୱାଇଁ ଏବଂ ପୁରୁଷରେ ଭୁବନେଶ୍ୱରର ସ୍ୱାଧୀନ ଗୌଡ଼ା ଚାମ୍ପିୟନ ହୋଇଛନ୍ତି। ଫାଇନାଲରେ ଶ୍ରୁତି ୨୧-୯, ୨୧-୧୨ ପଏଣ୍ଟରେ ସମ୍ବଲପୁରର ପ୍ରସନ୍ନା ଦାସଙ୍କୁ ପରାସ୍ତ କରିଥିଲେ। ସେହିପରି ସ୍ୱାଧୀନ ଟାଇଟଲ ମୁକାବିଲାରେ କେ. ମୁରଲୀକ୍ରିଷ୍ଣାଙ୍କୁ ୨୧-୧୭, ୨୧-୧୩ ପଏଣ୍ଟରେ ହରାଇଥିଲେ। ଅନ୍ୟ ବିଭାଗ ଗୁଡ଼ିକ ମଧ୍ୟରେ ୧୫ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସରେ ବାଲେଶ୍ୱରର ଆର୍ଯ୍ୟା ମାଝି, ବାଳିକାରେ ସମ୍ବଲପୁରର



ରାଜ୍ୟପାଳ ଗଣେଶୀ ଲାଲ୍‌ଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ଶ୍ରୁତି ସ୍ୱାଇଁ ।

ଶ୍ରେୟା ବିଶ୍ୱାଳ, ୧୭ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସରେ ସମ୍ବଲପୁରର ତୌସିଫ ଖାଁ, ବାଳିକାରେ ଶ୍ରୁତି, ବାଳକ ଡବଲ୍ସରେ ଭୁବନେଶ୍ୱରର ଅଭିଜିତ ମହାରଣା ଓ ଅମୃତ ମହାନ୍ତି ଚାମ୍ପିୟନ ହୋଇଛନ୍ତି। ୧୯ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସରେ ସମ୍ବଲପୁରର ନନ୍ଦିଶ ପୋଦାର, ଡବଲ୍ସରେ ଅବିନାଶ ମହାନ୍ତି-ନନ୍ଦିଶ ପୋଦ୍ଦାର, ପୁରୁଷ ଡବଲ୍ସରେ ଜ୍ଞାନ ଚାନ୍ଦ- ମାନସ ରାଉତରାୟ, ମହିଳା ଡବଲ୍ସରେ କ୍ରିଷ୍ଟିକା ବିରୋକ-ଶ୍ୱେତପର୍ଣ୍ଣା ପଣ୍ଡା ଟାଇଟଲ ହାସଲ କରିଛନ୍ତି। ମିକ୍ସଡ ଡବଲ୍ସରେ ଅନୁଜ ଦାସମହାପାତ୍ର- ଅବିନାଶ ମହାନ୍ତି ଏବଂ ୪୫ ବର୍ଷରୁ ଉର୍ଦ୍ଧ୍ୱ ଭେଟେରାନ ଡବଲ୍ସରେ ଗୁରୁଙ୍ଗ ତେଜ-ପ୍ରଶାନ୍ତ କୁମାର ବେହେରା ଯୋଡ଼ି ଚାମ୍ପିୟନ ହୋଇଛନ୍ତି। ଚାମ୍ପିୟନ ଓ ରନର୍ସଅପ୍ ପ୍ରତିଯୋଗୀଙ୍କ ବ୍ୟତୀତ ୩ ବାଳକ ତୌସିକ ଖାଁ, ଆୟୁଷ ଦାସ, ପାର୍ଥ ସାରଥି ମିଶ୍ର ଏବଂ ଜଣେ ବାଳିକା ପ୍ରସନ୍ନା ଦାସଙ୍କୁ ଉଦୀୟମାନ ଖେଳାଳି ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ବିଶ୍ୱ ପାରାବ୍ୟାଡ୍‌ମିଣ୍ଟନ ଚାମ୍ପିୟନ ତଥା ଅର୍ଜ୍ଜୁନ ପୁରସ୍କାରପ୍ରାପ୍ତ ପ୍ରମୋଦ ଭଗତଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ଉପମୁଖ୍ୟ ସଚେତକ ତଥା ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ସଭାପତି ରୋହିତ ପୂଜାରୀ, ଅନୁଗୋଳ- ସୁକିନ୍ଦା ରେଲୱେ ପ୍ରକଳ୍ପ ଏମ୍‌ଡି ଦିଲୀପ କୁମାର ସାମନ୍ତରାୟ, ଇଷ୍ଟକୋଷ୍ଟ ରେଲୱେ ଜିଏମ୍ ବିଦ୍ୟା ଭୂଷଣ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଆୟୋଜକ ଆମେଚର ବ୍ୟାଡ୍‌ମିଣ୍ଟନ କ୍ଲବର ସଭାପତି ପୃଥ୍ୱୀ ବଲ୍ଲଭ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ବିବେକାନନ୍ଦ ମିଶ୍ର, ସମ୍ପାଦକ ଚଣ୍ଡି ପ୍ରସାଦ ଦାସ ଓ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

ପ୍ରଥମ ଜନ୍ମଦିନ ଶୁଭେଚ୍ଛା



ସାଇ ସ୍ୱୟମ୍ ସୌମ୍ୟଦୀପ (ଜୋଜୋ)
ପିତା: ସୌମ୍ୟକାନ୍ତ ଜେନା,
ମା: ଦିପ୍ତୀମୟୀ ପ୍ରଧାନ
ଜଗତସିଂହପୁର, ରାଢ଼ଙ୍ଗ
ଆଜି ତୋର ପ୍ରଥମ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଏତିକି ଗୁହାରୀ, ପ୍ରଭୁ ତୋତେ ଦୀର୍ଘାୟୁ କରନ୍ତୁ, ନିରୋଗ ରଖନ୍ତୁ ଏବଂ ତୋର ଚଳାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛାସହ:
ଜେଜେବାପା, ଜେଜେମା', ବାପା, ମା, ମଉସା, ମାଉସୀ, ଅଜା, ଆଇ, ପିଉସୀ, ପିଉସା, ମାମୁ, ବନ୍ଧୁ ଓ ପରିବାରବର୍ଗ ।
ଧ-୧୫୪୩୦

### ଫାଇନାଲରେ ହାରିଲେ ସୌରଭ

ଲକ୍ଷ୍ନୌ, ୧।୧୨(ପି.ଟି.)- ଏଠାରେ ଅନୁଷ୍ଠିତ ସୟଦ ମୋଦି ଇଣ୍ଟରନ୍ୟାଶନାଲ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର ପୁରୁଷ ସିଙ୍ଗଲ୍ସରେ ଭାରତର ସୌରଭ ବର୍ମା ରନର୍ସଅପ୍ ହୋଇଛନ୍ତି। ସେମିଫାଇନାଲ ପର୍ଯ୍ୟନ୍ତ ଦମ୍‌ଦାର ଅଭିଯାନ ଜାରି ରଖିଥିବା ସୌରଭ ଫାଇନାଲରେ କିନ୍ତୁ ନିରାଶ କରିଥିଲେ। ୨୬ ବର୍ଷୀୟ ସୌରଭ ଫାଇନାଲରେ ୧୫-୨୧, ୧୭-୨୧ ସିଧାସଳଖ ଗେମ୍‌ରେ ଚାଇନିଜ୍ ତାଇପେଇର ୱାଙ୍ଗ୍ ଜୁ ୱି'ଙ୍କ ନିକଟରୁ ହାରିଯାଇଥିଲେ।

## ବିସିସିଆଇ ଏଜିଏମ୍

# ଗାଙ୍ଗୁଲିଙ୍କ କାର୍ଯ୍ୟକାଳ ବଢ଼ାଇବାକୁ ନିଷ୍ପତ୍ତି

- ସୁପ୍ରିମ୍‌କୋର୍ଟଙ୍କ ଅନୁମୋଦନ ଲାଗି ପ୍ରସ୍ତାବ ପଠାଯିବ
- ଆଇସିସି ସିଇସିରେ ଜୟ ଶାହା ପ୍ରତିନିଧିତ୍ୱ କରିବେ

ମୁମ୍ବାଇ,୧।୧୨(ପି.ଟି.)

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ବାର୍ଷିକ ସାଧାରଣ ବୈଠକ (ଏଜିଏମ୍) ରବିବାର ମୁମ୍ବାଇରେ ଅନୁଷ୍ଠିତ ହୋଇଛି। ବିସିସିଆଇ ନବ ନିର୍ବାଚିତ ସଭାପତି ସୌରଭ ଗାଙ୍ଗୁଲିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କେତୋଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବହୁ ଚର୍ଚ୍ଚିତ ଜଷ୍ଟିସ ଆର.ଏମ୍. ଲୋଧା ପ୍ୟାନେଲ ଦ୍ୱାରା ଦିଆଯାଇଥିବା କେତୋଟି ସଂସ୍କାରମୂଳକ ପ୍ରସ୍ତାବ ତଥା କେତେକ ପ୍ରଶାସନିକ ରିଫର୍ମ ବା ସୁଧାରକୁ କୋହଳ କରିବା ପାଇଁ ଏହି ବୈଠକରେ ସହମତି ପ୍ରକାଶ ପାଇଛି। ଖାସ୍ କରି ବୋର୍ଡ ପଦାଧିକାରୀଙ୍କ କାର୍ଯ୍ୟକାଳ ବଢ଼ାଇବାକୁ ପ୍ରସ୍ତାବ ଗୃହୀତ ହୋଇଛି। ଏହାର ସଫଳ ରୂପାୟନ ପାଇଁ ସୁପ୍ରିମକୋର୍ଟଙ୍କ ଅନୁମୋଦନର ଆବଶ୍ୟକତା ରହିଛି। ତେଣୁ ସୁପ୍ରିମକୋର୍ଟଙ୍କ ନିକଟକୁ ଏନେଇ ପ୍ରସ୍ତାବ ପଠାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏହା ହୋଇପାରିଲେ ଗାଙ୍ଗୁଲିଙ୍କ କାର୍ଯ୍ୟକାଳ ବଢ଼ିବା ନେଇ ପଥ ପରିଷ୍କାର ହେବ। ଗତ ଅକ୍ଟୋବର ୨୩ରେ ଗାଙ୍ଗୁଲି ବୋର୍ଡ ସଭାପତି ନିଯୁକ୍ତ ହୋଇଥିଲେ। କୁଲିଂ ଅଫ୍ ପିରିୟଡ ପାଇଁ ସେ ପଦରେ ମାତ୍ର ୯ମାସ ରହିପାରିବେ। ଅର୍ଥାତ ତାଙ୍କ କାର୍ଯ୍ୟକାଳ ଆସନ୍ତାବର୍ଷ ଜୁଲାଇରେ ଶେଷ ହେବ। ଯଦି ଏହି ପ୍ରସ୍ତାବକୁ ସୁପ୍ରିମକୋର୍ଟ ଅନୁମୋଦନ କରିନ୍ତି ତା'ହେଲେ ଗାଙ୍ଗୁଲି ୨୦୨୪ ପର୍ଯ୍ୟନ୍ତ ପଦରେ ରହିପାରିବେ। ଏଥିସହିତ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି)ରେ ବୋର୍ଡ ସମ୍ପାଦକ ଜୟ ଶାହା ବିସିସିଆଇ ତରଫରୁ ପ୍ରତିନିଧିତ୍ୱ କରିବେ ବୋଲି ବୈଠକରେ ସହମତି ପ୍ରକାଶ ପାଇଛି। ନିର୍ବାଚନ ପୂର୍ବରୁ ବିସିସିଆଇ ମୁଖ୍ୟ କାର୍ଯ୍ୟନିର୍ବାହୀ ରାହୁଲ ଜୋହରି ଆଇସିସି ମୁଖ୍ୟ କାର୍ଯ୍ୟ ନିର୍ବାହୀ କମିଟି (ସିଇସି)ରେ ପ୍ରତିନିଧିତ୍ୱ କରିଆସୁଥିଲେ।

ଏବେକାର ବୋର୍ଡ ସମ୍ବିଧାନ ଅନୁସାରେ ଯେଉଁ ପଦାଧିକାରୀ ଦୁଇ ଥର ୩ ବର୍ଷିଆ କାର୍ଯ୍ୟକାଳ ବିସିସିଆଇ କିମ୍ବା ରାଜ୍ୟ ଆସୋସିଏଶନ ପାଇଁ ପୂରା କରିଥିବେ, ସମ୍ପୃକ୍ତ ବ୍ୟକ୍ତି ବାଧ୍ୟତାମୂଳକ ଭାବେ ୩ ବର୍ଷିଆ କୁଲିଂ ଅଫ୍ ପିରିୟଡରେ ଯିବେ। ଏବେ ବୋର୍ଡ କିମ୍ବା ଆସୋସିଏଶନରେ ପୃଥକ୍ ଭାବେ ଦୁଇଟି କାର୍ଯ୍ୟକାଳ ବା ୬ ବର୍ଷ ପୂରା କରିଥିଲେ କୁଲିଂ ଅଫ୍ ପିରୟଡ ଲାଗୁ କରିବାକୁ ସହମତି ପ୍ରକାଶ ପାଇଛି। ଯଦି ସୁପ୍ରିମକୋର୍ଟ ଅନୁମୋଦନ ଦିଅନ୍ତି ତା'ହେଲେ ଜୟ ଶାହାଙ୍କ କାର୍ଯ୍ୟକାଳ ମଧ୍ୟ ବୃଦ୍ଧି ପାଇବ। କାରଣ ତାଙ୍କ କାର୍ଯ୍ୟକାଳ ଆଉମାତ୍ର ଗୋଟିଏ ବର୍ଷଠାରୁ କମ୍ ରହିଛି।

ଆଇସିସି ସିଇସିରେ ବୋର୍ଡ ସମ୍ପାଦକ ମାନେ ପ୍ରତିନିଧିତ୍ୱ କରିବାର ନିୟମ ରହିଛି। ତେଣୁ ଏଥିରେ ଜୟ ବିସିସିଆଇ ତରଫରୁ ଅଂଶଗ୍ରହଣ କରିବେ ବୋଲି ଗାଙ୍ଗୁଲି କହିଛନ୍ତି। ତେବେ ଆଇସିସି ବୋର୍ଡ ବୈଠକରେ କିଏ ପ୍ରତିନିଧିତ୍ୱ କରିବ ଏନେଇ ବିସିସିଆଇ ନିଷ୍ପତ୍ତି ନେଇ ପାରିନାହିଁ। ସେହିପରି ବିବାଦୀୟ ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ ନିୟମ ପାଇଁ କ୍ରିକେଟ ଉପଦେଷ୍ଟା କମିଟି (ସିଏସି) ଗଠନ ପାଇଁ ନିଷ୍ପତ୍ତି ନିଆଯାଇପାରିନାହିଁ। ଉଲ୍ଲେଖଥାଉ କି, ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ ପାଇଁ ସିଏସିରୁ ସଚିନ ତେନ୍ଦୁଲକର, ଭିଭିଏସ୍ ଲକ୍ଷ୍ମଣ ଓ ଗାଙ୍ଗୁଲି ଓହରିଯାଇଥିଲେ। ଫଳରେ କପିଳଦେବ, ଶାନ୍ତା ରଙ୍ଗାସ୍ୱାମୀ ଓ ଅଂଶୁମାନ ଗାଏକ୍‌ୱାଡଙ୍କୁ ନେଇ ଗଠିତ କମିଟି ପୁରୁଷ ହେଡ କୋଚ୍ ନିଯୁକ୍ତ କରିଥିଲା।

ପୁଣି ଭବିଷ୍ୟତରେ ଏଜିଏମ୍‌ରେ ତିନି ଚତୁର୍ଥାଂଶ ବହୁମତରେ ସମ୍ବିଧାନ ସଂଶୋଧନ କରିବାର କ୍ଷମତା ପାଇଁ ସୁପ୍ରିମକୋର୍ଟଙ୍କଠାରୁ ଅନୁମତି ଲୋଡ଼ାଯିବ। ପ୍ରତ୍ୟେକ ସଂଶୋଧନରେ ସୁପ୍ରିମ୍‌କୋର୍ଟଙ୍କ ଅନୁମତି ନେବା ଅବାସ୍ତବ ବା ବ୍ୟବହାରିକ ନୁହଁ ବୋଲି ବୋର୍ଡ ଅଧିକାରୀମାନେ ସହମତି ପ୍ରକାଶ କରିଛନ୍ତି। ଏବେ ସୁପ୍ରିମକୋର୍ଟଙ୍କ ଅନୁମୋଦନ ଉପରେ ସବୁକିଛି ନିର୍ଭର କରୁଛି।

# ଓଡ଼ିଶା ରଣ୍‌ଜୀ ଦଳ ଘୋଷିତ

କଟକ ଅଫିସ,୧।୧୨

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ଆନୁକୂଲ୍ୟରେ ହେବାକୁ ଥିବା ଦେଶର ପ୍ରମୁଖ ଘରୋଇ କ୍ରିକେଟ ଟୁର୍ନାମେଣ୍ଟ ରଣଜୀ ଟ୍ରଫି ନିମନ୍ତେ ରବିବାର ରାଜ୍ୟ ଦଳ ଘୋଷଣା କରାଯାଇଛି। ଘୋଷିତ ଚୂଡ଼ାନ୍ତ ଦଳରେ ୧୫ଜଣ ବଦଳରେ ଚଳିତବର୍ଷ ୧୬ଜଣଙ୍କ ନାମ ରହିଛି। ଦଳରେ ୨ଜଣ ଉଇକେଟ କିପରଙ୍କୁ ସ୍ଥାନ ମିଳିଛି। ଶୁଭ୍ରାଂଶୁ ଶେଖର ସେନାପତିଙ୍କୁ ନେତୃତ୍ୱ ଦିଆଯାଇଥିବା ବେଳେ କୌଣସି ନବାଗତଙ୍କୁ ସାମିଲ କରାଯାଇନି। ଟି୨୦ ଓ ଲିଷ୍ଟ-ଏରେ ରାଜ୍ୟ ପକ୍ଷରୁ ଅନେକ ମ୍ୟାଚ୍ ପ୍ରତିନିଧିତ୍ୱ କରିଥିବା ଅଲରାଉଣ୍ଡର ଅଙ୍କିତ ଯାଦବ ପ୍ରଥମଶ୍ରେଣୀ ଫର୍ମାଟରେ ପଦାର୍ପଣ କରିବାର ସୁଯୋଗ ପାଇବେ। ଅଭିଜ୍ଞ ଖେଳାଳିଙ୍କୁ ନେଇ ଚଳିତ ସଂସ୍କରଣରେ ରଣଜୀ ଅଭିଯାନ ଆରମ୍ଭ କରିବ ଓଡ଼ିଶା ଦଳ। ଛତିଶଗଡ଼ର ରାୟପୁରସ୍ଥିତ ଶହୀଦ ବୀର ନାରାୟଣ ସିଂ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ୯ ତାରିଖରେ ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚ୍ ଓଡ଼ିଶା ଘରୋଇ ଛତିଶଗଡ଼ ବିପକ୍ଷରେ ଖେଳିବ। ରାଜ୍ୟ ସିନିୟର ଦଳ ଚୟନ କମିଟି ଅଧ୍ୟକ୍ଷ ବିଷ୍ଣୁଦେବ ମହାନ୍ତି କୁହନ୍ତି, ସନ୍ତୁଳିତ ଦଳ ଚୟନ ହୋଇଛି। ବ୍ୟାଟିଂ କ୍ରମକୁ ନେଇ ଦଳ ଚୟନ ବୈଠକରେ ଆଲୋଚନା ହୋଇଥିଲା। ତେବେ ଖେଳାଳିମାନଙ୍କ ଭିତରେ ସମନ୍ୱୟକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ମ୍ୟାଚ୍‌ରେ ଚୂଡ଼ାନ୍ତ ଏକାଦଶ ବଛାଯିବ ବୋଲି ସେ କହିଛନ୍ତି। ଅଧିନାୟକ ଶୁଭ୍ରାଂଶୁ ଦଳ ଚୟନରେ ସନ୍ତୁଷ୍ଟ ଥିବା କହିଛନ୍ତି। ପ୍ରତ୍ୟେକ ମ୍ୟାଚ୍‌ରେ ଭଲ ପ୍ରଦର୍ଶନ କରି ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ ଲକ୍ଷ୍ୟ ରଖିଛି ବୋଲି ସେ କହିଛନ୍ତି।

**ଓଡ଼ିଶା ଦଳ:** ଶୁଭ୍ରାଂଶୁ ସେନାପତି (ଅଧିନାୟକ), ବିପ୍ଲବ ସାମନ୍ତରାୟ (ଉପଅଧିନାୟକ), ଗୋବିନ୍ଦ ପୋଦ୍ଦାର, ଦେବାଶିଷ ସାମନ୍ତରାୟ, ଅନୁରାଗ ଷଡ଼ଙ୍ଗୀ, ଅଭିଷେକ ରାଉତ, ଶାନ୍ତନୁ ମିଶ୍ର, ସନ୍ଦୀପ ପଟ୍ଟନାୟକ, ବସନ୍ତ ମହାନ୍ତି, ସୂର୍ଯ୍ୟକାନ୍ତ ପ୍ରଧାନ, ରାଜେଶ ମହାନ୍ତି, ଦେବବ୍ରତ ପ୍ରଧାନ, ସୁଜିତ ଲେଙ୍କା(ଉଇକେଟ କିପର), ରାଜେଶ ଧୂପର(ଉଇକେଟ କିପର), ଅଙ୍କିତ ଯାଦବ, ପପୁ ରାୟ। କୋଚ୍: ରଶ୍ମୀ ରଞ୍ଜନ ପରିଡ଼ା, ଫିଜିଓ: ଶୁଭକାନ୍ତ ସାହୁ, ଟ୍ରେନର: ମନୋଜ କୁମାର ବିଶ୍ୱାଳ।

# ବର୍ନ୍ସ, ରୁଟ୍‌ଙ୍କ ଶତକ

ହାମିଲଟନ,୧।୧୨

ସ୍ଥାନୀୟ ସେଡନ୍ ପାର୍କରେ ଚାଲିଥିବା ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ଭ୍ରମଣକାରୀ ଇଂଲଣ୍ଡ ଓପ୍‌ନର ରୋରି ବର୍ନ୍ସ ଓ ଅଧିନାୟକ ଜୋ ରୁଟ୍‌ଙ୍କ ଶତକ ସହାୟତାରେ ଦୃଢ଼ ଜବାବ ଦେଇଛି। ତେବେ ଶସ୍ତାରେ କେତୋଟି ଉଇକେଟ ହରାଇବା ଫଳରେ ଇଂଲଣ୍ଡ ନ୍ୟୁଜିଲାଣ୍ଡକୁ ପ୍ରତ୍ୟାବର୍ତ୍ତନ କରିବାର ସୁଯୋଗ ଦେଇଛି। ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସରେ ଓପ୍‌ନର ଟମ୍ ଲଥାମଙ୍କ ଶତକ, ରସ୍ ଟେଲର, ବିଜେ ୱାଟଲିଂ ଓ ଡାରିଲ ମିଚେଲଙ୍କ ଅର୍ଦ୍ଧଶତକ ସହାୟତାରେ ୧୨୯.୧ ଓଭରରେ ୩୭୫ ରନ୍ କରି ଅଲ୍‌ଆଉଟ ହୋଇଥିଲା। ଜବାବରେ ପ୍ରଥମ ଇନିଂସ୍ ଆରମ୍ଭ କରି ଇଂଲଣ୍ଡ ରବିବାର ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ୯୯.୪ ଓଭରରେ ୫ ଉଇକେଟ ହରାଇ ୨୬୯ ରନ୍ ସଂଗ୍ରହ କରିଛି। ମ୍ୟାଚ୍ ଆଉ ଦୁଇଦିନ ବାକିଥିବା ବେଳେ ଇଂଲଣ୍ଡ ୫ ଉଇକେଟ ହାତରେ ରଖି ୧୦୬ ରନ୍ ପଛରେ ରହିଛି। ଷ୍ଟମ୍ପ ଅପସାରଣ ବେଳକୁ ରୁଟ୍ ୧୧୪ ରନ୍‌ର ଶତକୀୟ ପାଳି ଖେଳି ଓ ଉଇକେଟକିପର ବ୍ୟାଟ୍ସମ୍ୟାନ ଓଲି ପୋପ୍ ୪ ରନ୍ କରି ଅପରାଜିତ ରହିଛନ୍ତି। ଅନ୍ତିମ ସେସନରେ ଅବଶ୍ୟ ବର୍ଷା ଯୋଗୁ ଖେଳ ବାଧାପ୍ରାପ୍ତ ହୋଇଥିଲା।

# ପାକିସ୍ତାନର ସଂଘର୍ଷ ଜାରି

**ଦିବାରାତ୍ର ଟେଷ୍ଟ**

ଆଡିଲେଡ୍, ୧।୧୨(ଏଏଫ୍‌ପି)

ଆଡିଲେଡ୍ ଓଭାଲ ଗ୍ରାଉଣ୍ଡରେ ଚାଲିଥିବା ଅଷ୍ଟ୍ରେଲିଆ ବିପକ୍ଷ ଦିବାରାତ୍ରଭିତ୍ତିକ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ଭ୍ରମଣକାରୀ ପାକିସ୍ତାନ ଇନିଂସ୍ ପରାଜୟ ଏଡ଼ାଇବା ପାଇଁ ସଂଘର୍ଷ ଜାରି ରଖିଛି। ଅଷ୍ଟ୍ରେଲିଆ ଡେଭିଡ୍ ୱାର୍ନରଙ୍କ ତ୍ରିଶତକ ସହାୟତାରେ ପ୍ରଥମ ଇନିଂସ୍‌ରେ ଉଇକେଟ ହରାଇ ୫୮୯ ରନ୍ କରି ଇନିଂସ୍ ଘୋଷଣା କରିଥିଲା। ଜବାବରେ ପ୍ରଥମ ଇନିଂସ୍ ଆରମ୍ଭ କରି ପାକିସ୍ତାନ ବାବର ଆଜାମ ୯୭ ଓ ୟାସିର ଶାହାଙ୍କ ୧୧୩ ରନ୍‌ର ଶତକୀୟ ପାଳି ବଳରେ ୯୪.୪ ଓଭରରେ ୩୦୨ ରନ୍ କରି ଅଲଆଉଟ ହୋଇଥିଲା। ଫଳରେ ପ୍ରଥମ ଇନିଂସ୍‌ରେ ପାକିସ୍ତାନ ୨୮୭ ରନ୍ ପଛରେ ପଡ଼ିଥିଲା। ଏହାପରେ ପାକିସ୍ତାନକୁ ଅଷ୍ଟ୍ରେଲିଆ ଫଲୋଅନ୍ ଦେଇଥିଲା।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ- ୧୨୭ ଓଭରରେ ୫୮୯/୩ (ଇନିଂସ ଘୋଷଣା)। ପାକିସ୍ତାନ ପ୍ରଥମ ଇନିଂସ- ୯୪.୪ ଓଭରରେ ୩୦୨ ଅଲଆଉଟ (ୟାସିର ଶାହ- ୧୧୩, ବାବର ଆଜମ- ୯୭, ଆବାସ- ୨୯, ମିଚେଲ ଷ୍ଟାର୍କ- ୬/୬୬, ପ୍ୟାଟ କୁମିନ୍ସ- ୩/୮୩)। ପାକିସ୍ତାନ ଦ୍ୱିତୀୟ ଇନିଂସ- ୧୬.୫ ଓଭରରେ ୩୯/୩ (ଫଲୋଅନ୍) (ଶାନ୍ ମାସୁଦ- ୧୪*, ହାଜେଲଉଡ- ୨/୧୫)।

## ଦର୍ଶକ ବିଶୃଙ୍ଖଳା

**ବାରବାଟୀ ଦିନିକିଆ**

**ଆଉ ୨୦ ଦିନ**

କଟକ ଅଫିସ,୧।୧୨

୨୦୧୫ ଅକ୍ଟୋବର ୫ ତାରିଖ ବାରବାଟୀ ଷ୍ଟାଡିୟମ ପାଇଁ ଏକ ଖରାପ ଦିବସ ଥିଲା। ଏହି ଦିନ ଭାରତ-ଦକ୍ଷିଣଆଫ୍ରିକା ମଧ୍ୟରେ ଏଠାରେ ଖେଳାଯାଉଥିବା ଟି୨୦ ମ୍ୟାଚ୍‌ରେ ଘରୋଇ ଭାରତ ୬ ଉଇକେଟରେ ପରାସ୍ତ ହୋଇଥିଲା। ଭାରତୀୟ ଦଳର ଦୁର୍ବଳ ବ୍ୟାଟିଂ ଦେଖିବାକୁ ମିଳିଥିଲା। ଉକ୍ତ ମ୍ୟାଚ୍‌ରେ ଦର୍ଶକଙ୍କ ବିଶୃଙ୍ଖଳିତ ଆଚରଣ ବାରବାଟୀକୁ ବିଶ୍ୱସ୍ତରରେ ନିନ୍ଦିତ କରିଥିଲା। ଗ୍ୟାଲେରୀ ନଂ-୪ରୁ ଦର୍ଶକମାନେ ପାଣି ବୋତଲ ଫିଙ୍ଗିବା ଯୋଗୁଁ ଖେଳ ଅଧାରୁ ବନ୍ଦ ହୋଇଥିଲା। ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ)ର ପଦାଧିକାରୀମାନେ ଦର୍ଶକଙ୍କୁ ହାତଯୋଡ଼ି ନିବେଦନ କରିଥିଲେ ମଧ୍ୟ ବିଶୃଙ୍ଖଳା ବନ୍ଦ ହୋଇ ନ ଥିଲା। ଏପରିକି ଭାରତୀୟ ଦଳର କିମ୍ବଦନ୍ତୀ ଖେଳାଳି ହରଭଜନ ସିଂ ହାତଯୋଡ଼ି ଗ୍ୟାଲେରୀ ସମ୍ମୁଖରେ ନିବେଦନ କରୁଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା। ଏହା ପରଠାରୁ ବାରବାଟୀରେ ପାଣି ବୋତଲ ସବୁଦିନ ନିମନ୍ତେ ନିଷେଧ ହୋଇ ଯାଇଛି।

# ଟାଟା ଫ୍ରେଣ୍ଡଶିପ୍ କ୍ରିକେଟ: ବ୍ୟୁରୋକ୍ରାଟ୍ସ ଏକାଦଶ ଚାମ୍ପିୟନ

ଭୁବନେଶ୍ୱର, ୧।୧୨(କ୍ରୀଡ଼ା ପ୍ରତିନିଧି)

ମଞ୍ଚେଶ୍ୱରସ୍ଥିତ ରେଲ୍‌ୱେ ଷ୍ଟାଡିୟମରେ ରବିବାର ଟାଟା ଫ୍ରେଣ୍ଡଶିପ୍ କପ୍ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହାର ଫାଇନାଲରେ ଟାଟା ଷ୍ଟିଲ୍ ଏକାଦଶକୁ ୧୬ ରନ୍‌ରେ ହରାଇ ବ୍ୟୁରୋକ୍ରାଟ୍ସ ଏକାଦଶ ଚାମ୍ପିୟନ ହୋଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ବ୍ୟୁରୋକ୍ରାଟ୍ସ ୧୦ ଓଭରରେ ୬ ଉଇକେଟ ହରାଇ ୮୫ ରନ୍ କରିଥିଲା। ଦଳ ପକ୍ଷରୁ ଦେବୀ ବିଶ୍ୱାଳ ସର୍ବାଧିକ ୧୮ ରନ୍ କରିଥିଲେ। ପ୍ରତିପକ୍ଷ ଦଳର ପି.ପି. ଥୋମାସ୍ ଓ ବିଦ୍ୟୁତ୍ ମହାଲିକ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଟାଟା ଷ୍ଟିଲ୍ ଦଳ ପୂରା ୧୦ ଓଭର ଖେଳିଥିଲେ ହେଁ ୮ ଉଇକେଟ ହରାଇ ୬୯ ରନ୍ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ଯଶପ୍ରୀତ ସିଂ ସର୍ବାଧିକ ୧୬ ରନ୍ କରିଥିବାବେଳେ ବିଜୟୀ ଦଳର ଦେବୀପ୍ରିୟ ବିଶ୍ୱାଳ ଓ ଅନିରୁଦ୍ଧ ସିଂ ୨ଟି ଲେଖାଏ ଉଇକେଟ ନେଇଥିଲେ। ୧୦ ବଲ୍‌ରୁ ୧୬ ରନ୍ କରି ଅପରାଜିତ ରହିଥିବା ଏବଂ ୨ ଓଭରରେ ମାତ୍ର ୨ ରନ୍ ଦେଇ ୨ଟି ଉଇକେଟ ନେଇଥିବା ଅନିରୁଦ୍ଧ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

ପୂର୍ବରୁ ପ୍ରଥମ ମ୍ୟାଚ୍‌ରେ ବ୍ୟୁରୋକ୍ରାଟ୍ସ ଏକାଦଶ ୯ ଉଇକେଟରେ ଲିଡର୍ସ ଏକାଦଶକୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଲିଡର୍ସ ଏକାଦଶ ୧୦ ଓଭରରେ ୫ ଉଇକେଟ ହରାଇ ୫୨ ରନ୍ କରିଥିଲା। ଦଳ ପକ୍ଷରୁ ପ୍ରକାଶ ଚନ୍ଦ୍ର ମାଝି ସର୍ବାଧିକ ୧୭ ଓ ଅଧିନାୟକ ଅରୁଣ ସାହୁ ୧୫ ରନ୍ କରିଥିଲେ। ଜବାବରେ ବ୍ୟୁରୋକ୍ରାଟ୍ସ ଦଳ ୪.୨ ଓଭରରେ ୧ ଉଇକେଟ ହରାଇ ୫୪ ରନ୍ ସଂଗ୍ରହ କରିନେଇଥିଲା। ବିବେକ ସର୍ବାନନ ୧୬ ବଲ୍‌ରୁ ୨୪ ରନ୍ କରି ଦଳକୁ ସହଜ ବିଜୟ ପ୍ରଦାନ କରିଥିବାରୁ ସେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ସଂଘର୍ଷପୂର୍ଣ୍ଣ ଦ୍ୱିତୀୟ ମ୍ୟାଚ୍‌ରେ ଟାଟା ଷ୍ଟିଲ୍ ଏକାଦଶ ୪ ରନ୍‌ରେ ମିଡିଆ ଏକାଦଶକୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରି ଟାଟା ଏକାଦଶ ୧୦ ଓଭରରେ ୫ ଉଇକେଟ ହରାଇ ୧୦୨ ରନ୍ କରିଥିଲା। ଦଳ ପକ୍ଷରୁ ଦୀପକ ନାୟକ ୩୪, ସମ୍ବିତ୍ କୁମାର ଦାସ ୩୨ ଓ ତାପସ ଲେଙ୍କା



ଟ୍ରଫି ସହ ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳିମାନେ।

୨୭ ରନ୍ କରିଥିଲେ। ପ୍ରତିପକ୍ଷ ଦଳର ସନ୍ଦୀପ ମିଶ୍ରଙ୍କୁ ୨ଟି ଉଇକେଟ ମିଳିଥିଲା। ୧୦୩ ରନ୍ ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ମିଡିଆ ଏକାଦଶ ୪ ଉଇକେଟ ହରାଇ ୯୮ ରନ୍‌ରେ ସୀମିତ ରହିଯାଇଥିଲା। ମନୋଜ ମହାରଣା ୬୬ ରନ୍ କରି ଅପରାଜିତ ରହିଥିଲେ ହେଁ ଦଳକୁ ପରାଜୟର ମୁହଁ ଦେଖିବାକୁ ପଡ଼ିଥିଲା। ବିଜୟୀ ଦଳର ବୀରେନ୍ଦ୍ର ରଣା ଓ ବିଦ୍ୟୁତ୍ ମହାଲିକ ୨ଟି ଲେଖାଏ ଉଇକେଟ ନେଇଥିଲେ। ବୀରେନ୍ଦ୍ର ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

ମିଡିଆ ଏକାଦଶର ମନୋଜ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଓ ଫିଲ୍ଡର, ବ୍ୟୁରୋକ୍ରାଟ୍ସ ଏକାଦଶର ଦେବୀପ୍ରିୟ ଶ୍ରେଷ୍ଠ ଉଇକେଟକିପର ଏବଂ ଟାଟା ଷ୍ଟିଲ ଏକାଦଶର ବିଦ୍ୟୁତ୍ ଶ୍ରେଷ୍ଠ ବୋଲର ଏବଂ ଦୀପକ ନାୟକ ଶ୍ରେଷ୍ଠ ଅଲ୍‌ରାଉଣ୍ଡର ପୁରସ୍କାର ପାଇଥିଲେ। ଟାଟା ଷ୍ଟିଲ୍ କର୍ପୋରେଟ ସର୍ଭିସ ଭାଇସ୍ ପ୍ରେସିଡେଣ୍ଟ ଚାଣକ୍ୟ ଚୌଧୁରୀ, ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ, ଓଡ଼ିଶା ରାଜ୍ୟ ପଲ୍ୟୁଶନ ବୋର୍ଡ ସଦସ୍ୟ ସଚିବ ଦେବୀଦତ୍ତ ବିଶ୍ୱାଳ, କେବିକେର ମୁଖ୍ୟ ପ୍ରଶାସନିକ ଅଧିକାରୀ ଏସ୍.ପି. ଠାକୁର, ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆସୋସିଏଶନର କାର୍ଯ୍ୟକାରୀ ସଭାପତି କେ. ରବି, ସିନିୟର ଜର୍ନାଲିଷ୍ଟ ଦିଲୀପ ବିଷୋଇ, ପୋଲିସ ଆଇଜି (ଅପରେଶନ୍ସ) ଅମିତାଭ ଠାକୁର, ଟାଟା ଷ୍ଟିଲ୍ ସିଆର୍‌ଇ(ଭୁବନେଶ୍ୱର) ଦେବାଶିଷ ଜେନା, ଟାଟା ଷ୍ଟିଲ୍ ବିଏସ୍‌ଏଲ ସିଓଓ ସୁବୋଧ ପାଣ୍ଡେ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ, କୃଷିମନ୍ତ୍ରୀ ଅରୁଣ ସାହୁ, କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା, ଟିଏସ୍‌ବିଏସ୍‌ଏଲ (ଚିଫ୍ କର୍ପୋରେଟ ସର୍ଭିସ) ମଣିକାନ୍ତ ନାଏକ ପ୍ରମୁଖ ଉଦ୍‌ଘାଟନୀ ଉତ୍ସବରେ ଅତିଥି ଥିଲେ।

ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ



ସମାଜସେବୀ ସ୍ୱର୍ଗତ ଗଙ୍ଗାଧର ସାହୁ
ଶର୍ମା,ପଦ୍ମିନୀନିବାସ, ମଙ୍ଗଳାମୁଣ୍ଡିଲେନ୍, ବାଲିସାହି, ପୁରୀ
ଆବିର୍ଭାବ: ୩୧।୧୨।୧୯୬୬
ତିରୋଧାନ: ୧୩।୧୨।୨୦୧୮
ଆଗକୁ ଠିକ୍ ବର୍ଷକ ତଳେ ଆମକୁ ଶୋକସାଗରରେ ଭସାଇ ଦେଇ ସ୍ୱର୍ଗବାସୀ ହେଲ। ଯେଉଁଠିବି ଥାଅ ପ୍ରଭୁ ଶ୍ରୀଜଗନ୍ନାଙ୍କ ଅପାର କରୁଣାରୁ ଖୁସିରେ ଥାଅ।
ଶ୍ରଦ୍ଧାଞ୍ଜଳି ସହ:
ଆପଣଙ୍କର ହତଭାଗ୍ୟ ପତ୍ନୀ: ପଦ୍ମିନୀ, ପୁତ୍ର: ଜଗନ୍ନାଥ, କନ୍ୟା: ଅନୁସୂୟା, ସାନଭାଇ: ଭାବାତିତ, ହରିହର, ପୁତୁରା- ଝିଆରୀ ଶୁଭେଚ୍ଛୁ ଓ ନୃସିଂହ ସୁଇଟସ୍‌ର ସମସ୍ତ କର୍ମଚାରୀ।
ଧ-୬୮୮୦୪

ପ୍ରଥମ ଶ୍ରାଦ୍ଧ ବାର୍ଷିକୀ



✓ କାଳୀ ପ୍ରସାଦ ଦାସ
ଆବିର୍ଭାବ - ୦୮-୦୩-୧୯୩୯
ତିରୋଧାନ - ୧୩-୧୨-୨୦୧୮
ଆପଣଙ୍କ ଅଗାଧ ସ୍ନେହ, ତ୍ୟାଗ, କର୍ତ୍ତବ୍ୟନିଷ୍ଠା, ଶ୍ରଦ୍ଧା, ଆଦର୍ଶ ଓ ଦିଗ୍-ଦର୍ଶନ ଆମ୍ଭମାନଙ୍କ ପାଇଁ ସର୍ବଦା ପ୍ରେରଣାର ଉତ୍ସ ହେଉ।
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଚରଣରେ ଆମ୍ଭ ମାନଙ୍କର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:
ପୁଅ ଓ ବୋହୂ, ଝିଅ ଓ ଜ୍ୱାଇଁ, ନାତି ଓ ନାତୁଣୀ, ବନ୍ଧୁ ଓ ପରିବାର ବର୍ଗ
ଧ-୧୫୪୦୫

# ଅନିଶ୍ଚିତତାରେ ବସଷ୍ଟାଣ୍ଡ ସମ୍ମୁଖ ଏନ୍‌ଏଚ୍ ଅଣ୍ଡରପାସ୍

ଛତ୍ରପୁର,୧।୧୨(ଡି.ଏନ.ଏ)

ଛତ୍ରପୁର ନୂଆବସଷ୍ଟାଣ୍ଡ ସମ୍ମୁଖ ୧୬ନଂ. ଜାତୀୟ ରାଜପଥରେ ଅଣ୍ଡରପାସ୍ ନିର୍ମାଣ ନେଇ ଅନିଶ୍ଚିତତା ଦେଖାଦେଇଛି । ଏହି ଅଣ୍ଡରପାସ୍ ନିର୍ମାଣ ପାଇଁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ଜରିଆରେ ନୂଆଦିଲ୍ଲୀସ୍ଥିତ ଏନ୍‌ଏଚଏଆଇ ହେଡକ୍ୱାର୍ଟରକୁ ପ୍ରସ୍ତାବ ପଠାଇବାକୁ ବିଶାଖାପାଟଣାସ୍ଥିତ ଏନ୍‌ଏଚଏଆଇ ପିଡିଙ୍କ ପକ୍ଷରୁ ଜିଲାପାଳଙ୍କୁ ପରାମର୍ଶ ଦିଆଯାଇଛି। ବିଶାଖାପାଟଣାରୁ ଏ ସମ୍ପର୍କିତ ଚିଠି ଗତ ୨୮ ତାରିଖରେ ଗଞ୍ଜାମ ଆରଟିଓଙ୍କ ନିକଟକୁ ଆସିଛି । ଛତ୍ରପୁର ନୂଆ ବସଷ୍ଟାଣ୍ଡ ସମ୍ମୁଖ ଜାତୀୟ ରାଜପଥରେ ଅଣ୍ଡର ପାସ୍ ନିର୍ମାଣ ନିମନ୍ତେ ଜିଲା ସଡ଼କ ସୁରକ୍ଷା କମିଟି ଅଧ୍ୟକ୍ଷ ତଥା ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ପକ୍ଷରୁ ଏକ ପ୍ରସ୍ତାବ ସେପ୍ଟେମ୍ବର ୨୩ରେ ଏନ୍‌ଏଚଏଆଇ ଅଧ୍ୟକ୍ଷଙ୍କୁ ପଠାଯାଇଥିଲା । ଅକ୍ଟୋବର ୩୦ରେ ଅନୁଷ୍ଠିତ ଜିଲା ସଡ଼କ ସୁରକ୍ଷା କମିଟି ବୈଠକରେ ମଧ୍ୟ ଜିଲାପାଳ ଏ ସମ୍ପର୍କରେ ଏନ୍‌ଏଚଏଆଇ ପିଡିଙ୍କୁ ଜଣାଇଥିଲେ । ଜାତୀୟ ରାଜପଥରେ କେବଳ ସର୍ଭିସ୍ ରୋଡ୍ ନିର୍ମାଣ ପାଇଁ ଏଷ୍ଟିମେଟ୍ ହୋଇଥିବା ଏନଏଚଏଆଇ ପିଡି ସୂଚନା ଦେଇଥିଲେ। ତେବେ ଅଣ୍ଡରପାସ୍ ନିହାତି ଆବଶ୍ୟକ ଏବଂ ଏଥିପାଇଁ ପଦକ୍ଷେପ ନେବାକୁ ଜିଲାପାଳ କହିଥିଲେ। ଏହା ହେଲେ ଟ୍ରାଫିକ୍ ସମସ୍ୟା ସୁଧୁରିବ ବୋଲି କୁହାଯାଇଥିଲା ।

ସୂଚନାଯୋଗ୍ୟ, ଏନଏଚ୍-୧୬କୁ ୬ ଲେନ୍ ବିଶିଷ୍ଟ କରିବା ପାଇଁ ଏନ୍‌ଏଚଏଆଇ ନିଷ୍ପତ୍ତି ନେଇଥିଲେ । ଛତ୍ରପୁର କଲେଜ ଛକ, ଡିଆରଡିଏ ଛକରେ ଫ୍ଲାଇ ଓଭର, ହଳଦିଆପଦରଠାରୁ ନାରାୟଣୀ ଛକ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଅଣ୍ଡରପାସ୍ ଓ ସର୍ଭିସ ରୋଡ୍ ନିର୍ମାଣ କରିବା ପାଇଁ ତତ୍କାଳୀନ ଜିଲାପାଳ ପ୍ରେମଚନ୍ଦ୍ର ଚୌଧୁରୀ ଏନଏଏଚଏଆଇ କର୍ତ୍ତୃପକ୍ଷଙ୍କୁ ଏକ ପ୍ରସ୍ତାବ ପଠାଇବା ସହ ୬ ଲେନ୍ ଏଷ୍ଟିମେଟ୍‌ରେ ଏସବୁ ବ୍ୟବସ୍ଥା ରଖିବାକୁ ଜଣାଇଥିଲେ। ମାତ୍ର ପରେ ଭୁବନେଶ୍ୱର ଏନଏଚଏଆଇ ଡିଭିଜନ ଅଧୀନ ପୁଇଁତଳା ଠାରୁ ହଳଦିଆପଦର ପର୍ଯ୍ୟନ୍ତ ଏନଏଚ୍ ବିଶାଖାପାଟଣା ଏନଏଚଏଆଇ ଡିଭିଜନ ଅଧୀନକୁ ଚାଲିଯାଇଥିଲା । ଏପରିକି ବିଶାଖାପାଟଣା ଏନଏଚଏଆଇ ଡିଭିଜନ ଅଧୀନରେ ଥିବା ହଳଦିଆପଦର ଠାରୁ ପୁଇଁତଳା ପର୍ଯ୍ୟନ୍ତ ଏନଏଚ୍‌କୁ ୬ ଲେନ୍ ନ କରି କେବଳ ସର୍ଭିସ ରୋଡ୍ ନିର୍ମାଣ ପାଇଁ ସ୍ଥିର ହୋଇଛି । ଅନ୍ୟପକ୍ଷରେ ପୁଇଁତଳା ଠାରୁ ନାରାୟଣୀ ଛକ ପର୍ଯ୍ୟନ୍ତ ଏନଏଚ୍ ଭୁବନେଶ୍ୱର ଏନଏଚ୍‌ଏଆଇ ଡିଭିଜନ ଅଧୀନରେ ରହିଛି ଏବଂ ଏହା ୬ ଲେନ୍ ହେବ ବୋଲି ସ୍ଥିର ହୋଇଛି ।

## କାର୍ ଧକ୍କାରେ ସ୍କୁଟି ଚାଳକ ଗୁରୁତର

ଚିକିଟି,୧।୧୨(ଡି.ଏନ.ଏ.): କେ.ନୂଆଗାଁ ଥାନା ଚିକିଟି ଫାଣ୍ଡି ଅନ୍ତର୍ଗତ ଓଳପୁର ଗ୍ରାମ ନିକଟରେ ରବିବାର କାର୍ ଓ ସ୍କୁଟି ମୁହାଁମୁହିଁ ଧକ୍କା ହେବାରୁ ଜଣେ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ସୁବର୍ଣ୍ଣପୁର ଗ୍ରାମର ସଚିନ କୁମାର ପାତ୍ର (୨୦)। ସଚିନ ଚିକିଟିରୁ ସ୍କୁଟି ଯୋଗେ ଗାଁକୁ ଫେରୁଥିବା ବେଳେ ଓଳପୁର ନିକଟରେ ବ୍ରହ୍ମପୁରରୁ ଚିକିଟି ଆସୁଥିବା କାର୍ ଧକ୍କା ଦେଇଥିଲା । ଫଳରେ ଗାଡିରୁ ପଡ଼ି ସଚିନ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଚିକିଟି ଡାକ୍ତରଖାନାକୁ ନେଇଥିଲେ । ସେଠାରୁ ଅଧିକ ଚିକିତ୍ସା ପାଇଁ ସଚିନଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି ।

# ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ, ଅଭିଯୁକ୍ତ ଗିରଫ

ପାଟପୁର,୧।୧୨

ପାଟପୁର ଥାନା ଅଞ୍ଚଳରେ ଘରୁ ଟେକି ନେଇ ଜଣେ ପଞ୍ଚମ ଶ୍ରେଣୀ ଛାତ୍ରୀଙ୍କୁ ବଳାତ୍କାର ଉଦ୍ୟମରେ ଶନିବାର ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଉକ୍ତ ଥାନା ଅଞ୍ଚଳର ଅକ୍ଷୟ ନାଇକ। ନାବାଳିକାଙ୍କ ମା'ଙ୍କ ଅଭିଯୋଗକୁ ଭିତ୍ତି କରି ପାଟପୁର ଥାନାରେ ନଂ. ୨୫୭/୧୯ରେ ଦଫା ୩୬୩/୩୨୩/୨୫୪ବି/୨୯୪/୫୦୬/ ଶିଶୁ ଯୌନ ନିର୍ଯାତନା ନିରୋଧ ଆଇନର ଧାରା ୧୦ ଅନୁଯାୟୀ ମକଦ୍ଦମା ରୁଜୁ କରାଯାଇଛି ।

ପ୍ରକାଶ ଯେ, ଶନିବାର ଅପରାହ୍ନରେ ଛାତ୍ରୀଙ୍କ ଘରେ କେହି ନ ଥିବାର ସୁଯୋଗ ନେଇ ଅଭିଯୁକ୍ତ ତାଙ୍କୁ ନିକଟସ୍ଥ ଏକ ଗୁହାଳ ଘରକୁ ନେଇ ବଳାତ୍କାର ଉଦ୍ୟମ କରିଥିଲେ। ଛାତ୍ରୀ ପାଟି କରିବାରୁ ସେ ତାଙ୍କୁ ମାଡ ମାରିଥିଲେ। ପରେ ଛାତ୍ରୀଙ୍କ ପାଟି ଶୁଣି ଜଣେ ମହିଳା ଘଟଣାସ୍ଥଳରେ ଯାଇ ତାଙ୍କୁ ଉଦ୍ଧାର କରିଥିଲେ। ଏ ନେଇ ଛାତ୍ରୀଙ୍କ ମା ଅଭିଯୁକ୍ତଙ୍କୁ ପଚାରିବାରୁ ପୋଲିସକୁ କହିଲେ ତୁମ ପରିବାରର ସମସ୍ତଙ୍କୁ ମାରିଦେବି ବୋଲି ଧମକ ଦେଇଥିଲେ। ଏତଲା ପାଇ ତଦନ୍ତକାରୀ ଏସ୍‌ଆଇ ପ୍ରୀତିମୟୀ ଗଡନାୟକ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ ଧରିଥିଲେ।

## କନିଷ୍ଠ ଶିକ୍ଷକ ସଂଘର ବୈଠକ, କର୍ମକର୍ତ୍ତା ଚୟନ

ପୁରୁଷୋତ୍ତମପୁର,୧।୧୨(ଡି.ଏନ.ଏ.): ପୁରୁଷୋତ୍ତମପୁର ବ୍ଲକ ପ୍ରାଥମିକ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ କନିଷ୍ଠ ଶିକ୍ଷକ ସଂଘର ବୈଠକ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ସଭାପତି ହେମନ୍ତ କୁମାର ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ବିଭିନ୍ନ ବିଷୟ ସମ୍ପର୍କରେ ଆଲୋଚନା କରାଯିବା ସହ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଉପ-ସଭାପତି ପ୍ରଦୀପ କୁମାର ବେହେରା, ସମ୍ପାଦକ ସନାତନ ବେହେରା, କୋଷାଧ୍ୟକ୍ଷ ଭାବେ ମନୋଜ କୁମାର ସାହୁଙ୍କ ସମେତ ୧୩ ଜଣ ସକ୍ରିୟ ସଭ୍ୟଙ୍କୁ ମନୋନୀତ କରାଯାଇଥିଲା।

# ୨ ମଦ ଭାଟିରେ ଚଢ଼ାଉ, ୮ ଗିରଫ

## ୧୦୦୦ ଲିଟର ମଦ, ରନ୍ଧା ସାମଗ୍ରୀ ଜବତ



ପୋଲିସ ପକ୍ଷରୁ ଜବତ କରାଯାଇଥିବା ମଦ ଓ ମଦରନ୍ଧା ସରଞ୍ଜାମ।

ଆସିକା,୧।୧୨(ଡି.ଏନ୍.ଏ.)

ଆସିକା ଥାନା ଅନ୍ତର୍ଗତ ବାଲିସିରା ଓ ଭାଲିଆପଲ୍ଲୀ ଗ୍ରାମ ଉପକଣ୍ଠରେ ଚାଲିଥିବା ଚୋରା ମଦ ଭାଟି ଉପରେ ପୋଲିସ ରବିବାର ସକାଳେ ଚଢାଉ କର ୮ ଜଣଙ୍କୁ ଗିରଫ କରିଛି। ଏଥିସହ ୧ ହଜାର ଲିଟର ରନ୍ଧାମଦ, ୧୦ ହଜାର ଲିଟର ମୋଲାସିସ ସହିତ ବହୁ ପରିମାଣର ମଦରନ୍ଧା ସାମଗ୍ରୀ ଜବତ କରାଯାଇଛି । ଗିରଫ ଅଭିଯୁକ୍ତମାନେ ହେଲେ ବାଲିସିରା ଗ୍ରାମର ତରୁଣ ପାତ୍ର, କିଶୋର କୁମାର ନାୟକ, ଖଲିଆ ନାୟକ, ଭୀମସେନ ନାୟକ ଏବଂ ଧରାକୋଟ ଥାନା ତିଳୋତ୍ତମାଦେଈପୁର ଗ୍ରାମର ବାପୁଜୀ ନାଇକ, ଲବ ନାଇକ, କୃତ୍ତିବାସ ନାଇକ ଓ ପ୍ରକାଶ ନାଇକ । ଏ ନେଇ ଆସିକା ଥାନାରେ ପୃଥକ ୮ ମାମଲା (ନଂ.୪୫୬, ୪୫୭, ୪୫୮, ୪୫୯, ୪୬୦, ୪୬୧, ୪୬୨ ଓ ୪୬୩/୧୯) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି । ଥାନା ଅଧିକାରୀ ସାହୁଙ୍କ ସମେତ ଆସିକା ଏସଡିପିଓ ସୂର୍ଯ୍ୟମଣି ପ୍ରଧାନ, ଡିଏସପି ସଞ୍ଜୟ ମହାପାତ୍ରଙ୍କ ସମେତ ୨ ପ୍ଲାଟୁନ ସଶସ୍ତ୍ର ପୋଲିସ ଓ ଦୁଇ ସେକ୍ସନ ଏପିଆର ଫୋର୍ସ ସାମିଲ ଥିଲେ ।

## ଜିଲାସ୍ତରୀୟ ଖୋଖୋ ଚାମ୍ପିୟନଶିପ
# ପୁରୁଷରେ କୁକୁଡାଖଣ୍ଡି, ମହିଳାରେ ଗିରିଶୋଲା ଚାମ୍ପିୟନ

ଛତ୍ରପୁର,୧।୧୨(ଡି.ଏନ.ଏ)

ଛତ୍ରପୁର ଆଥଲେଟିକ୍ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ଷ୍ଟାଡିୟମ ଠାରେ ରବିବାର ଗଞ୍ଜାମ ଜିଲାସ୍ତରୀୟ ଖୋଖୋ ଚାମ୍ପିୟନଶିପ ଆୟୋଜନ ହୋଇଥିଲା । ଏଥିରେ ପୁରୁଷ ବର୍ଗ ଫାଇନାଲରେ ଗିରିଶୋଲା ଟିମ୍‌କୁ ହରାଇ କୁକୁଡାଖଣ୍ଡି ଟିମ୍ ବିଜୟୀ ହୋଇ ଚାମ୍ପିୟନ ହୋଇଛି। ସେହିପରି ମହିଳା ବର୍ଗ ଫାଇନାଲରେ ବରିଡାକୁ ହରାଇ ଗିରିଶୋଲା ଟିମ୍ ଚାମ୍ପିୟନ ହୋଇଛି । ଏହି ଜିଲାସ୍ତରୀୟ ଟୁର୍ନାମେଣ୍ଟରେ ୮ ଟିମ୍ ଭାଗ ନେଇଥିଲେ । ମୁଖ୍ୟଅତିଥି ଭାବେ ଡିଏସପି ଉତ୍କଳ କେଶରୀ ଦାଶ ଯୋଗଦେଇ ବିଜୟୀ ଟିମ୍‌କୁ ପୁରସ୍କୃତ କରିଥିଲେ ।






# ପାଚକ ପାଚିକା ମହାସଂଘ ବୈଠକ

ପାଟପୁର,୧।୧୨

ସାନଖେମୁଣ୍ଡି ବ୍ଲକ ସ୍କୁଲର ପାଚକ ପାଚିକା ମହାସଂଘ ବୈଠକ ରବିବାର କଙ୍କୋରଡା ନାରାୟଣୀ ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମହାସଂଘ ରାଜ୍ୟ ସଭାପତି ଯୋଗେନ୍ଦ୍ର ସ୍ୱାଇଁ ଯୋଗ ଦେଇଥିଲେ। ସଂଘର ପ୍ରସ୍ତାବିତ ୭ ଦଫା ଦାବି ଯାହା ସମସ୍ତ ସ୍କୁଲ ରୋଷେୟା ସହାୟିକାଙ୍କୁ ଦୈନିକ ୪୪ଟଙ୍କା ୬୬ ପଇସା ପରିବର୍ତ୍ତେ ସରକାରଙ୍କ ଧାର୍ଯ୍ୟ ଦୈନିକ ସର୍ବନିମ୍ନ ମଜୁରି ୨ଶହ ୭୫ ଟଙ୍କା ସଙ୍ଗେ ସରକାରୀ ଚତୁର୍ଥ ଶ୍ରେଣୀ କର୍ମଚାରୀ ମାନ୍ୟତା, ପେନ୍‌ସନ ଜୀବନ ବୀମା ସୁବିଧା ସମେତ ବକେୟା ପାରିଶ୍ରମିକ ଟଙ୍କା ଶୀଘ୍ର ଦେବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯାଇ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ବୈଠକରେ ସଂଘର ନର୍ମଦା ସାହୁ, ସାବିତ୍ରୀ ମହାରଣା, ରୁନୁ କୁମାରୀ ସାହୁ, ଲକ୍ଷ୍ମୀ ମଲିକ, ଶୈଳ ପ୍ରଧାନଙ୍କ ସମେତ ବହୁ ପଞ୍ଚାୟତର ପାଚକ ପାଚିକା କର୍ମୀ ଉପସ୍ଥିତ ଥିଲେ।

## ବ୍ଲକସ୍ତରୀୟ ଶକ୍ତି ପ୍ରଦର୍ଶନ କୁଇଜ୍ ପ୍ରତିଯୋଗିତା



ଆର.ଉଦୟଗିରି, ୧।୧୨ (ଡି.ଏନ.ଏ.): ଆର.ଉଦୟଗିରି ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ଶକ୍ତି ପ୍ରଦର୍ଶନ କୁଇଜ୍ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଥିଲା। ଏଥିରେ ୮ ସ୍କୁଲର ୧୯୮ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଶକ୍ତି ପ୍ରଦର୍ଶନର କୁଇଜ୍ ପ୍ରତିଯୋଗିତାରେ ଆର.ଉଦୟଗିରି ଉଚ୍ଚ ବିଦ୍ୟାଳୟର ସରସ୍ୱତୀ ଦଳେଇ ପ୍ରଥମ, କୈଳାସ ରଇତ ଦ୍ୱିତୀୟ ଓ ଅନିତା ମଣ୍ଡଳ ତୃତୀୟ ସ୍ଥାନରେ ଉତ୍ତୀର୍ଣ୍ଣ ହୋଇ ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସରୋଜ କୁମାର ସିଂ ଓ ଅନ୍ୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନେ ପ୍ରତିଯୋଗିତା ପରିଚାଳନା କରିଥିଲେ ।

# ଜିଲାସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ବେଗୁନିଆପଡ଼ା,୧।୧୨(ଡି.ଏନ.ଏ.)

ବେଗୁନିଆପଡ଼ା ବ୍ଲକ ବାପୁଜୀ ଷ୍ଟାଡିୟମରେ ରବିବାର ଜିଲାସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟକୁ କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ଉଦ୍‌ଘାଟନ କରିଛନ୍ତି। ବ୍ଲକ ବିଜେଡି ସଭାପତି ବିଜୟ କୁମାର ଦୋରା, ପୂର୍ବତନ ଜିଲା ପରିଷଦ ସଦସ୍ୟ ତ୍ରିନାଥ ଭୂୟାଁ ଯୋଗଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚରେ ହିଞ୍ଜିଳିକାଟୁ ଦଳ ବଡ଼ଗଡ଼କୁ ହରାଇ ବିଜୟୀ ହୋଇଥିଲା। ଟୁକୁ ମହାରଣାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ଏହି ମ୍ୟାଚ ପାୟୋନିୟର ଦଳ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେଉଛି। ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଉପଦେଷ୍ଟା ସନ୍ତୋଷ କୁମାର ପଣ୍ଡା କହିଛନ୍ତି।

## ଆକ୍ରମଣ ମାମଲା
# ଜେଲ ଗଲେ ୨ ଅଭିଯୁକ୍ତ

ଦିଗପହଣ୍ଡି,୧।୧୨(ଡି.ଏନ.ଏ.)

ଆକ୍ରମଣ ମାମଲାରେ ଦିଗପହଣ୍ଡି ପୋଲିସ ରବିବାର ବଡ଼ଡୁମୁଲା ଗ୍ରାମର ପିଙ୍କୁ ସେଠୀଙ୍କୁ ମାମଲା ନଂ.୨୫୩/୧୯ରେ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଦିଗପହଣ୍ଡି ସବ୍‌ଜେଲକୁ ପଠାଯାଇଛି। ମଙ୍ଗଳବାର ବିଳମ୍ବିତ ରାତିରେ ଶିବଶଙ୍କର ସେଠୀଙ୍କୁ ପିଙ୍କୁ ଆକ୍ରମଣ କରିଥିଲେ। ଘଟଣାର ୫ ଦିନ ପରେ ଶନିବାର ସନ୍ଧ୍ୟାରେ ଶିବ ଥାନାରେ ଏତଲା ଦେଇଥିଲେ। ସେହିପରି ବୃଦ୍ଧାଙ୍କୁ ଆକ୍ରମଣ, ଅସଦାଚରଣ ମାମଲାରେ ଦିଗପହଣ୍ଡି ପୋଲିସ ଶନିବାର ସନ୍ଧ୍ୟାରେ ସଞ୍ଜୟ କୁମାର ହୋତାଙ୍କୁ ମାମଲା ନଂ. ୨୫୨/୧୯ରେ କୋର୍ଟ ଚାଲାଣ କରିଥିଲେ। ଜାମିନ ନାମଞ୍ଜୁର ହେବାରୁ ଦିଗପହଣ୍ଡି ସବଜେଲକୁ ପଠାଇଯାଇଛି। ପାଣି ନେବାକୁ କେନ୍ଦ୍ରକରି ଜଣେ ବୃଦ୍ଧାଙ୍କୁ ସଞ୍ଜୟ ଶୁକ୍ରବାର ଘରେ ପଶି ଠେଙ୍ଗାରେ ଆକ୍ରମଣ କରିବା ସହ ଅସଦାଚରଣ କରିଥିବା ବୃଦ୍ଧାଙ୍କ ପୁଅ ଥାନାରେ ଏତଲା ଦେଇଥିଲେ।

# ପୋଖରୀରୁ ଚାଷୀଙ୍କ ମୃତଦେହ ଉଦ୍ଧାର

ଦିଗପହଣ୍ଡି,୧।୧୨(ଡି.ଏନ.ଏ.)

ଦିଗପହଣ୍ଡି କୁଶପଡ଼ା ପଞ୍ଚାୟତ କେଦାରପୁର ଗାଁ ପୋଖରୀରୁ ରବିବାର ଜଣେ ଚାଷୀଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସେ ହେଲେ ସିଦ୍ଧେଶ୍ୱର ଗାଁ ମାଳିସାହିର ରୂପାଙ୍ଗ ବେହେରା। ସକାଳେ ରୂପାଙ୍ଗ ନିଜ ଜମିକୁ ଧାନ କାଟିବାକୁ ଯାଇଥିଲେ। କାମ ସାରି ପୋଖରୀରେ ଗାଧୋଇବା ବେଳେ ଅସାବଧାନତା କାରଣରୁ ପାଣିରେ ବୁଡିଯାଇଥିଲେ। ଆଖପାଖରେ ଥିବା ଲୋକେ ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟାକରି ବିଫଳ ହୋଇଥିଲେ। ଦିଗପହଣ୍ଡି ଭାରପ୍ରାପ୍ତ ଅଗ୍ନିଶମ ଅଧିକାରୀ ସଦଳବଳ ପହଞ୍ଚି ତାଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦିଗପହଣ୍ଡି ପୋଲିସ ପହଞ୍ଚି ନଂ. ୧୩/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ଡାକ୍ତରଖାନା ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।






1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ